

‘ରାଧେ ଶ୍ୟାମ’ ଯୋଡ଼ିଙ୍କ ମଧ୍ୟରେ ଫାଟ ପୃଷ୍ଠା ୨

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 90 ◆ BHUBANESWAR ◆ THURSDAY ◆ 23 SEPTEMBER 2021 ◆ PAGE- 16 ◆ ₹ 5.00

•ବର୍ଷ-୧୯ •ସଂଖ୍ୟା- ୯୦ •ଭୁବନେଶ୍ୱର •ଗୁରୁବାର •୨୩ ସେପ୍ଟେମ୍ବର ୨୦୨୧ •ପୃଷ୍ଠା- ୧୬ •ଟ.୫.୦୦

## ମା’ ଓ ଦୁଇ ଝିଅଙ୍କୁ ହତ୍ୟା
### ଘର ଭିତରୁ ମୃତଦେହ ଉଦ୍ଧାର

■ ବ୍ରଜରାଜନଗର, ୨୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗଙ୍ଗାନଗର ଫାଟକପଡ଼ାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଏକ ଘର ଭିତରୁ ମା’ ଓ ୨ ଝିଅଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ୩ ଜଣ ହେଲେ ୨୮ ବର୍ଷୀୟା ସୋନି ପୋଦାର, ଝିଅ ମୁସ୍କାନ (୫) ଓ ରାଧିକା (୩)। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ପୋଦାର ଫେରାର ଥିବାରୁ ପରିବାରର ୩ ଜଣଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ମୃତ ମହିଳାଙ୍କ ମାଆଙ୍କ ଏତଲା କ୍ରମେ ପୁଲିସ ଥାନା କେସ୍ ନମ୍ବର ୨୬୯/୨୧, ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୦୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ନାରାୟଣ ଓ ସୋନି ନିଜ ୨ ଝିଅଙ୍କ ସହ ଗଙ୍ଗାନଗର ▶ପୃଷ୍ଠା-୧୦

**ସ୍ୱାମୀ ଫେରାର୍**
**ହତ୍ୟା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ମାଆ**

## ଆଜି ‘ଅଗ୍ନି-୫’ର ପରୀକ୍ଷଣ



■ ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଭାରତ ଗୁରୁବାର ଅଗ୍ନି-୫ କ୍ଷେପଣାସ୍ତ୍ରର ପରୀକ୍ଷଣ କରିପାରେ। ପରମାଣୁ ଅସ୍ତ୍ରଶସ୍ତ୍ର ବହନ କରିପାରୁଥିବା ଏହି କ୍ଷେପଣାସ୍ତ୍ରର ଏହା ଅଷ୍ଟମ ପରୀକ୍ଷଣ ହେବ। ୫ ହଜାର କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଅଗ୍ନି-୫ର ପରିସର ମଧ୍ୟରେ ଚୀନର ଅନେକ ସହର ଆସୁଛି। ମିଡିଆରେ ଏହି ଖବର ପ୍ରକାଶିତ ହେବା ପରେ ବିସ୍ତାରବାଦ ନୀତି ପାଇଁ ପ୍ରସିଦ୍ଧ ଚୀନ ଭୟଭୀତ ହୋଇ ଶାନ୍ତି ଏବଂ ସୁରକ୍ଷା ପ୍ରସଙ୍ଗ ଉଠାଇଛି। ଏହା ପୂର୍ବରୁ ଚଳିତ ବର୍ଷ ଜୁନ ମାସରେ ଭାରତ ଅଗ୍ନି ପ୍ରାଇମର ପରୀକ୍ଷଣ କରିଥିଲା। ଅଗ୍ନି-୬ ଉପରେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଏହା ସେନାରେ ସାମିଲ ▶ପୃଷ୍ଠା-୧୦

■ ସୀମା ଲଙ୍ଘିଲା ବର୍ବରତା; ଦୋକାନୀ ଗିରଫ

## ଖାଦ୍ୟରେ ବିଷ ଦେଇ ୨୦ କୁକୁରଙ୍କୁ ହତ୍ୟା



■ ଚୌଦ୍ୱାର, ୨୨।୯ (ସମିସ): ଜଳଖିଆ ଦୋକାନ ଆଗରେ କୁକୁରମାନେ ସବୁଦିନ ଗହଳି କରୁଥିଲେ। ମଳତ୍ୟାଗ କରିବା ସହ କୋଇଲା ଆଞ୍ଚ କାଢ଼ି ଦେଉଥିଲେ। ପ୍ରତ୍ୟହ ଦୋକାନୀ ହଇରାଣ ହରକତ ହେଉଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନଙ୍କୁ ମାରିଦେବାକୁ ନିଷ୍ପତ୍ତି ନେଲେ। ଏଭଳି ଏକ ବର୍ବରୋଚିତ ଘଟଣା ଘଟିଛି ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ। ଫଳରେ ପୁଲିସ ଅଭିଯୁକ୍ତ ▶ପୃଷ୍ଠା-୧୦

# ବଲାଙ୍ଗିରରେ ବିକାଶର ବିସ୍ତାର

- ସ୍ମାର୍ଟ ହେଲ୍ଥ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଜିଲ୍ଲାରେ ସାଢ଼େ ଚାରି ଲକ୍ଷ ପରିବାର ପାଇବେ ହେଲ୍ଥ କାର୍ଡ
- ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଅନ୍ୟ ବିଶ୍ୱବିଦ୍ୟାଳୟ ଲାଗି ଆଦର୍ଶ ହେବ ରାଜେନ୍ଦ୍ର




■ ଭୁବନେଶ୍ୱର, ୨୨।୯ (ସମିସ): ମାଲକାନଗିରି ଏବଂ ରାଉରକେଲା ପରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀରବାସୀଙ୍କୁ ଉପହାର ଦେଇଛନ୍ତି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼। ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ଼ ବଣ୍ଟନ କରିଛନ୍ତି। ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାର ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱାସ୍ଥ୍ୟ କାର୍ଡ଼ଗ୍ରହଣ କରିଥିଲେ। ଅନୁରୂପ ଭାବରେ ଟିଟିଲାଗଡ଼, ପାଟଣାଗଡ଼ରେ ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି। ଏହି ସ୍ୱାସ୍ଥ୍ୟ କାର୍ଡ଼ ଯୋଗୁଁ ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ସିଧାସଳଖ ଭାବେ ଉପକୃତ ହେବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ସେହିପରି ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖିଥିଲେ।

“ଉତ୍ତମ ଚିକିତ୍ସା ସୁବିଧାରୁ କେହି ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ”

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଭିଙ୍କୁ ନୂଆଖାଇ ଜୁହାର କରିବା ସହ ବଲାଙ୍ଗୀର ଗସ୍ତ କରିଥିବାରୁ ନିଜର ଆନନ୍ଦବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସ୍ମାର୍ଟ ହେଲ୍ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ। ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ▶ପୃଷ୍ଠା-୧୦

## ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ନରସିଂହ-ସାଲୁଜା

■ ବଲାଙ୍ଗିର, ୨୨।୯ (ସମିସ): କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଆୟୁଷ୍ମାନ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁତ ଭଲ। ରାଜ୍ୟବାସୀଙ୍କ ହିତ ଲାଗି ମୁଖ୍ୟମନ୍ତ୍ରୀ ଯେଉଁ ସ୍ମାର୍ଟ ହେଲ୍ଥ କାର୍ଡ଼ ପ୍ରଚଳନ କରିଛନ୍ତି ତାହା ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଛନ୍ତି ବଲଙ୍ଗିରର ଦୁଇ ବିଧାୟକ ନରସିଂହ ମିଶ୍ର ଓ ସନ୍ତୋଷ ସିଂହ ସାଲୁଜା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବଲାଙ୍ଗିର ଗସ୍ତ ଅବସରରେ ଶ୍ରୀ ସାଲୁଜା କହିଛନ୍ତି ଯେ ଆୟୁଷ୍ମାନ ଯୋଜନା ପରିବର୍ତ୍ତେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ସ୍ମାର୍ଟ କାର୍ଡ଼ ବାଣ୍ଟୁଛନ୍ତି ତାହା ସାଧାରଣ ଲୋକଙ୍କ କାମରେ ଆସିବ। ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଯିବାର କୌଣସି ଆବଶ୍ୟକତା ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ▶ପୃଷ୍ଠା-୧୦

**ଆୟୁଷ୍ମାନଠାରୁ ଭଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

▶▶ ପ୍ରତ୍ୟେକ କୋଭିଡ୍ ମୃତକଙ୍କ ପରିବାରକୁ ମିଳିବ କ୍ଷତିପୂରଣ

## ସହାୟତା ରାଶି ୫୦ ହଜାର

■ ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ ପ୍ରତ୍ୟେକ କରୋନା ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାର ସୁପ୍ରିମକୋର୍ଟରେ ଜବାବ ଦାଖଲ କରି ଏହି ସୂଚନା ଦେଇଛନ୍ତି। ତେବେ ଏହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସଡିଆରଏଫ)ରୁ ଦିଆଯିବ ଏବଂ ରାଜ୍ୟ ସରକାର ଏହାକୁ ବହନ କରିବେ। ଉଦ୍ଧାରକାର୍ଯ୍ୟରେ ସାମିଲ ଥିବା ଲୋକଙ୍କ ପରିଜନଙ୍କୁ ମଧ୍ୟ ଏହି ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ପୂର୍ବରୁ ମୃତ୍ୟୁବରଣ କରିଥିବା ଏବଂ ଭବିଷ୍ୟତରେ ମୃତ୍ୟୁ ପାଇଁ ମଧ୍ୟ ଏହି ଅର୍ଥ ଦିଆଯିବ ବୋଲି କୁହାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏନଡିଏମଏ ଅନୁକମ୍ପାମୂଳକ ସହାୟତା ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି।

ସୂଚନାଯୋଗ୍ୟ ଯେ କରୋନାରେ ଏ ପର୍ଯ୍ୟନ୍ତ ୪୪୫୭୬୮ ଲୋକ ପ୍ରାଣ ହରାଇଲେଣି। ଏହି ଲୋକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବା ଲାଗି ଦୀର୍ଘଦିନରୁ ଦାବି କରାଯାଉଛି। ପରିଶେଷରେ କେନ୍ଦ୍ର ଏ ନେଇ ରାଜି ହୋଇଛି। ଗତ ଶୁଣାଣିରେ କରୋନା ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବାକୁ ସରକାର ମନା କରିଦେଇଥିଲେ। ଏହାକୁ କୋର୍ଟ ମଧ୍ୟ ସ୍ୱୀକାର କରିନେଇଥିଲେ। କିନ୍ତୁ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁଯାୟୀ କ୍ଷତିପୂରଣ ଦେବା ନିମନ୍ତେ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା କୋର୍ଟଙ୍କୁ ତଥ୍ୟ ଦିଆଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ସେହିପରି ଗତ ସୋମବାର କରୋନାରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନା ମୃତ୍ୟୁ ଧରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ଏ ନେଇ ରାଜ୍ୟସରକାରମାନଙ୍କୁ ନୂଆ ମାର୍ଗଦର୍ଶିକା ଜାରି କରାଯାଉ। କରୋନା ଯୋଗୁଁ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନାଜନିତ ନ ମାନିବା ଗ୍ରହଣଯୋଗ୍ୟ ନୁହେଁ। ସେମାନଙ୍କୁ କରୋନା ମୃତ୍ୟୁ ପ୍ରମାଣପତ୍ର ମିଳିବା ଉଚିତ। ଚଳିତ ବର୍ଷ ଜୁନ ମାସରେ କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା।

**ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେନ୍ଦ୍ର ସରକାର**



**ଭିତର ପୃଷ୍ଠାରେ...**
ବୁଥ୍‌ରେ ନୁହେଁ; ବ୍ଲକ୍‌ରେ ଗଣତି

www.flyusha.in
USHA TRAVELS
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| CHENNAI | 3433/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| AHMEDABAD | 3833/-* |
| PUNE | 4533/-* |
| ABUDHABI | 10,333/-* |
| DUBAI | 10,333/-* |

T&C Apply*
Mob. : 9937438896
TOLL FREE 1800 890 3566

■ ନିୟମ ପରିବର୍ତ୍ତନ କଲା ସ୍ୱାସ୍ଥ୍ୟ ବିଭାଗ

## ଡାକ୍ତର ନ ଥିଲେ ରୋଗୀ ଚିକିତ୍ସା କରିବେ ଫାର୍ମାସିଷ୍ଟ

■ ଭୁବନେଶ୍ୱର,୨୨।୯ (ସମିସ): ବିଭିନ୍ନ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ରହିଥିବା ବେଳେ ରୋଗୀ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ଏପରିସ୍ଥଳେ ଫାର୍ମାସିଷ୍ଟ ମାନଙ୍କୁ ଚିକିତ୍ସାରେ ନିୟୋଜିତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଡାକ୍ତର ନ ଥିବା ଚିକିତ୍ସାଳୟରେ ନିୟୋଜିତ ଫାର୍ମାସିଷ୍ଟ ମାନେ ରୋଗୀଙ୍କୁ ଔଷଧ ଏବଂ ଇଞ୍ଜେକ୍ସନ୍ ଦେଇ ପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ଫାର୍ମାସିଷ୍ଟଙ୍କ ଚିକିତ୍ସା ଏବଂ ଔଷଧ ପ୍ରଦାନ କିଛି ନିର୍ଦ୍ଦିଷ୍ଟ ରୋଗୀଙ୍କ ମଧ୍ୟରେ ସୀମିତ ରହିବ। ମ୍ୟାଲେରିଆ, ଜ୍ୱର, ଚର୍ମ ରୋଗ, କୃମି, ଡାଇରିଆ, ସାଧାରଣ କ୍ଷତ, ସ୍ୱଳ୍ପ ପୋଡ଼ା ଜଳା ଭଳି ୧୨ ପ୍ରକାର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦିଆଯାଇ ପାରିବ। ବିଭାଗ ପକ୍ଷରୁ କୁହାଯାଇଛି ଯେ ବିଭିନ୍ନ କାରଣ ପାଇଁ ଅନେକ ଡାକ୍ତରଖାନାରେ ଡାକ୍ତର ନାହାନ୍ତି ଏବଂ ସେହି ଡାକ୍ତରଖାନା ଗୁଡ଼ିକ ଫାର୍ମାସିଷ୍ଟଙ୍କ ଦ୍ୱାରା ପରିଚାଳିତ ହେଉଛି। କିନ୍ତୁ ବିଭାଗ ପକ୍ଷରୁ ଏ ନେଇ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ନଥିବାରୁ ରୋଗୀଙ୍କ ଚିକିତ୍ସା ସମ୍ଭବପର ହେଉ ନଥିଲା। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିୟମରେ ପରିବର୍ତ୍ତନ କରାଯିବା ସହ ଫାର୍ମାସିଷ୍ଟ ମାନଙ୍କୁ ସାଧାରଣ ରୋଗୀଙ୍କ ଚିକିତ୍ସା ସହିତ ଔଷଧ ପ୍ରଦାନ ପାଇଁ ଅନୁମତି ଦିଆଯାଉଛି।

**ଉତ୍ତର ଓଡ଼ିଶାରୁ ଟଳୁନି ବନ୍ୟା ଭୟ**

## ବଢୁଛି ନଦୀ; ୨୪ରେ ପୁଣି ଲଘୁଚାପ

■ ଭୁବନେଶ୍ୱର,୨୨।୯ (ସମିସ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାପ୍ରଭାବରେ ଝାଡ଼ଖଣ୍ଡ ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବିଶେଷ କରି ଜଳକା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳରେ ପାଣି ମାଡ଼ିବାରେ ଲାଗିଛି। ଜଳକା ନଦୀ ମଥାନୀଠାରେ ବିପଦ ସଙ୍କେତ ୫.୫୦ ମିଟର ରହିଥିବା ବେଳେ ବର୍ତ୍ତମାନ ଏହା ୭ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଜଳେଶ୍ୱର ଓ ବସ୍ତା ବ୍ଲକର ବହୁ ଗାଁ ଜଳମଗ୍ନ ହୋଇଛି। ସେହିପରି ବୈତରଣୀ ନଦୀ ମଧ୍ୟ ପୁଣି ସତର୍କ ସଙ୍କେତ ପାର କରିଛି। ଆଖୁଆପଦା ନିକଟରେ ବୈତରଣୀ ସତର୍କ ସଙ୍କେତ ଟପି ୧୭.୩୪ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ମଧ୍ୟ ରାଜଘାଟଠାରେ ସତର୍କ ସଙ୍କେତ ପାର୍ କରିସାରିଛି। ଏବେ ନଦୀରେ ଜଳସ୍ତର ବଢୁଥିବାରୁ ନଦୀକୂଳିଆ ଲୋକେ ଆତଙ୍କିତ ଅଛନ୍ତି। ଅନ୍ୟପଟେ ୨୪ ତାରିଖରେ ପୁଣି ଏକ ଲଘୁଚାପ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହା ପ୍ରଭାବରେ ୨୬ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେବ। ▶ପୃଷ୍ଠା-୧୦




- ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ଜଳକା
- ସତର୍କ ସଙ୍କେତ ଡେଇଁଲା ବୈତରଣୀ-ସୁବର୍ଣ୍ଣରେଖା
- ବସ୍ତା, ଜଳେଶ୍ୱର ବ୍ଲକର ବହୁ ଗାଁରେ ପଶିଲା ପାଣି
- ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା
- ମ୍ୟାଁମାର ଉପକୂଳରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ

### ଲୋକକଥା



ବନ୍ୟା, ବାତ୍ୟା, ବଢ଼ି ମରୁଡ଼ିରେ ରାଜ୍ୟ
କଲବଲ ହଉଥାଇ,
କେନ୍ଦ୍ର ସରକାର ଦେଖି ଶୁଣି ସବୁ
ବଲବଲ ଛନ୍ତି ଚାହିଁ।
ଆମର ପ୍ରାପ୍ୟ ନ ଦେଇ
ହଟ ଦେଖୁଛନ୍ତି କୁଟ କପଟିଆ,
ପଦୁଅଁ ଫୁଲିଆ ସାଇଁ... ॥

**‘ସିଡ୍ୟୁଲ-୧’ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ପଦକ୍ଷେପ**

## ପୁରୀ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ

■ ପୁରୀ, ୨୨।୯ (ସମିସ): ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ। କିନ୍ତୁ ସଚେତନତା ଅଭାବ ଏବଂ ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣି ନ ଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି। ରାଜ୍ୟର ୪୮୦ କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ ହେଉଛି। ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ଏ ନେଇ ‘ସକାଳ’ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପରେ ଓଡ଼ିଶା ବନ ବିଭାଗ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ଜବତ କରିବା ଦିଗରେ ଆଗ୍ରହ ଦେଖାଇଛି। ପ୍ରଥମଥର ପାଇଁ ପୁରୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପି. ରାମାସ୍ୱାମୀ ଏ ଦିଗରେ ତତ୍ପରତା ଦେଖାଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବୁଧବାର ପୁରୀ ବନ୍ୟପ୍ରାଣୀ ଡିଭିଜନ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ କରିଛି। ତେବେ କେଉଁଠାରୁ ବ୍ୟବସାୟୀମାନେ କୋରାଲ ପାଉଛନ୍ତି ଏ ଦିଗରେ ଅନୁସନ୍ଧାନ ଚାଲିଛି ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ▶ପୃଷ୍ଠା-୧୦







**‘ସକାଳ’ ପ୍ରଭାବ**

**ଭିଜିଲାନ୍ସ ଜାଲରେ ମୋଟୁ ଥାନା ଆଇଆଇସି**

## କାର୍‌ରୁ ୨.୮ ଲକ୍ଷ ଟଙ୍କା ଜବତ



■ କଟକ, ୨୨।୯ (ସମିସ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁ। ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ ମୋଟୁରୁ ଏକ କାର୍ ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା ନିକଟରେ ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା। ଶ୍ରୀ ସାହୁ ବିପୁଳ ଅର୍ଥ ନେଇଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା। ଭିଜିଲାନ୍ସ ଟିମ କାର୍‌କୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷ ଟଙ୍କା ଥିବା ଜଣାପଡ଼ିଥିଲା। ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଛି। ଏଥିସହ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ପଚରାଉଚରା ଚଳାଇଥିବା ବେଳେ ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନଗିରିରେ ଚଢ଼ଉ ଜାରି ରଖିଛି।

# 'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଓ ପୂଜା ହେଗଡ଼େ ବହୁତ ଜଲଦି ରୋମାଣ୍ଟିକ୍ ଡ୍ରାମା 'ରାଧେ ଶ୍ୟାମ'ରେ ନଜର ଆସିବେ। 'ରାଧେ ଶ୍ୟାମ'ର ଏହି ଯୋଡ଼ିଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ପ୍ରଭାସ, ପୂଜାଙ୍କ ଅଣ ପେସାଦାର ମନୋବୃତ୍ତିକୁ ନେଇ କ୍ଷୁବ୍ଧ ଥିବା ଜଣାପଡ଼ିଛି। ପ୍ରତିଦିନ ସେଟ୍‌କୁ ପୂଜା ବିଳମ୍ବରେ ଆସିବା ନୀତିକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି ପ୍ରଭାସ। ସେ ପୂଜାଙ୍କ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ କରି ଦେଇଥିବା ଖବର ପ୍ରକାଶ ପାଇଛି। ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରଯୋଜନା ସଂସ୍ଥା 'ୟୁଭି କ୍ରିଏସନ୍' ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ୟୁଭି କ୍ରିଏସନ୍ ପକ୍ଷରୁ କୁହାଯାଇଛି ଯେ, 'ଏସବୁ ଖବରରେ କୌଣସି ସତ୍ୟତା ନାହିଁ। ପ୍ରଭାସ ଓ ପୂଜା ପରସ୍ପରକୁ ବହୁତ ସମ୍ମାନ ଦିଅନ୍ତି। ପରଦା ପଛରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ଯେଉଁଥିପାଇଁ ସେମାନେ ପରଦା ଉପରେ ବେଶ୍ ଭଲ ଅଭିନୟ କରିପାରିଛନ୍ତି। ପୂଜା ଠିକ୍ ସମୟରେ ସେଟ୍‌କୁ ଆସନ୍ତି। ଏଭଳି ଖବର କେବଳ କାହାରି କାଳ୍ପନିକ ଚିନ୍ତାଧାରା। ଫିଲ୍ମର ନାୟକ ନାୟିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ପୂରା ଟିମ୍ ଏହି ଫିଲ୍ମକୁ ଦର୍ଶକଙ୍କ ନିକଟକୁ ଆଣିବାକୁ ଆଶାବାଦୀ।'

ରାଧାକୃଷ୍ଣ କୁମାରଙ୍କ ନିର୍ଦ୍ଦେଶିତ ଏହି ପ୍ରେମ କାହାଣୀ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲାମ ଭାଷାରେ ରିଲିଜ୍ ହେବ।


# ଦୁଇଟି ଚେହେରା ଥିବା ବ୍ୟକ୍ତି



କେବେକେବେ ଆମେ କଥା ଛଳରେ କହିଦେଉ ଯେ, ସବୁ ମଣିଷଙ୍କର ଦୁଇଟି ଚେହେରା। ମନ ଭିତରେ କିଛି ଥାଏ ଓ ବାହାରକୁ କିଛି ଦେଖାନ୍ତି। କିନ୍ତୁ ଏହି ଉକ୍ତିଟି ଏକଦା ବାସ୍ତବ ରୂପ ନେଇଥିଲା। ୧୮୦୦ ଶତାବ୍ଦୀରେ ଏଡୱର୍ଡ ମୋରଡ୍ରାକେ ନାମକ ଜଣେ ବ୍ୟକ୍ତିଙ୍କର ବାସ୍ତବରେ ଦୁଇଟି ଚେହେରା ଥିଲା। ସାମନାରେ ଗୋଟିଏ ଚେହେରା ଓ ମୁଣ୍ଡ ପଛପଟେ ଆଉ ଏକ ଚେହେରା। ଇଂଲଣ୍ଡର ଅଧିବାସୀ ଏଡୱର୍ଡ ଏକ୍ଷେତ୍ରରେ ବିଶ୍ୱର ଏକମାତ୍ର ବିରଳ ବ୍ୟକ୍ତି, ଯାହାଙ୍କର ଦୁଇଟି ଚେହେରା ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କର ପଛ ପାଖ ଚେହେରାଟି ଦିନସାରା ନିଷ୍କ୍ରିୟ ଥାଏ। କିନ୍ତୁ ଯେତେବେଳେ ସେ ଶୋଇବାକୁ ଚେଷ୍ଟା କରନ୍ତି ଏହା ସକ୍ରିୟ ହୋଇଉଠେ ଏବଂ ରାତିସାରା ସେହି ପଛପାଖ ଚେହେରାଟି ଗୁଣୁଗୁଣୁ ହୋଇ କିଛି କହିଥାଏ। ଏହି କାରଣରୁ ଏଡୱାର୍ଡ ଅନେକ ଦିନ ପର୍ଯ୍ୟନ୍ତ ଶୋଇ ପାରୁନଥିଲେ। ସେ ଏହାକୁ ନେଇ ଅତ୍ୟନ୍ତ ଚିନ୍ତିତ ହୋଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। କିନ୍ତୁ ସେ ସମୟରେ ବିଜ୍ଞାନର ଏତେଟା ଅଗ୍ରଗତି ହୋଇ ନଥିବାରୁ ତାଙ୍କର ଚିକିତ୍ସା ହୋଇପାରିନଥିଲା। ତେଣୁ ସେ ଅସହାୟ ହୋଇ ଆତ୍ମହତ୍ୟା କରିଥିଲେ।

## ଜଣା ଅଜଣା

- ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚେହେରା ମନେ ରଖିପାରନ୍ତି।
- ବିଶ୍ୱରେ ଶରଣାର୍ଥୀ ଓ ବିସ୍ଥାପିତଙ୍କ ମଧ୍ୟରେ ୮୦% ମହିଳା ଅଛନ୍ତି।
- ଡଲଫିନ୍ ଖାଦ୍ୟକୁ ନ ଚୋବାଇ ସିଧା ଗିଳି ଦେଇଥାଏ।



# ପେଣ୍ଡାଏ ଅଙ୍ଗୁରର ଦାମ୍ ୩୩ ହଜାର !



ଭାରତୀୟ ବଜାରରେ ବିକ୍ରି ହେଉଥିବା ଅଙ୍ଗୁର କେଜି ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥାଏ। କିନ୍ତୁ ପେଣ୍ଡାଏ ଅଙ୍ଗୁରର ଦାମ୍ ୩୩ ହଜାର ଟଙ୍କା ଶୁଣି ଯେକେହି ଆଶ୍ଚର୍ଯ୍ୟ ହେବେ। 'ରୁବି ରୋମାନ' ନାମକ ଏହି ପ୍ରଜାତିର ଅଙ୍ଗୁର ପେଣ୍ଡାର ଦାମ୍ ୩୩ ହଜାର ଟଙ୍କା। ଏହି ଅଙ୍ଗୁର କେବଳ ଜାପାନରେ ହିଁ ଚାଷ କରାଯାଏ। ସାଧାରଣ ଅଙ୍ଗୁର ତୁଳନାରେ ରୁବି ରୋମାନର ଆକାର ଚାରିଗୁଣ ବଡ଼ ଓ ସ୍ୱାଦ ମଧ୍ୟ ପୂରାପୂରି ନିଆରା। ଅବଶ୍ୟ ଅଙ୍ଗୁରର ଏଭଳି ଆକାଶଛୁଆଁ ଦରକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ଏହାକୁ ବିଶ୍ୱର ସବୁଠୁ ବଡ଼ ତଥା ନାଲି ରଙ୍ଗର ଅଙ୍ଗୁର ବୋଲି କହିଛନ୍ତି ଜାପାନର ଜଣେ ଗବେଷକ। ରୁବି ରୋମାନ ଅଙ୍ଗୁରକୁ ପ୍ରଥମଥର ପାଇଁ ୧୯୯୫ ମସିହାରେ ବିକଶିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ରୁବି ରୋମାନ ଅଙ୍ଗୁରର ମାତ୍ର ୨୪୦୦ ଗୁଚ୍ଛା ଉତ୍ପନ୍ନ କରାଯାଇଥିଲା। ଏହାର ଆକାର ଓ ରଙ୍ଗ ଯୋଗୁଁ ଦାମ୍ ଅଧିକ ହୋଇଥିବା କୁହାଯାଉଛି। ଅନ୍ୟପଟେ ଏହି ଅଙ୍ଗୁରଗୁଡ଼ିକ ଟମାଟୋ ଆକୃତିର ହୋଇଥାନ୍ତି। ସାଧାରଣ ଅଙ୍ଗୁର ତୁଳନାରେ ଏହାର ସ୍ୱାଦ ୧୮ ଗୁଣ ଅଧିକ। ସୁପରିୟର, ସ୍ପେସାଲ ସୁପରିୟର ଓ ପ୍ରିମିୟମ୍ ତିନିଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ଏହି ଅଙ୍ଗୁରଗୁଡ଼ିକ ବଜାରରେ ଉପଲବ୍ଧ ହୋଇନଥାଏ। ଏହା କେବଳ ନିଲାମ ପାଇଁ ଉଦ୍ଦିଷ୍ଟ। ଏହି ଅଙ୍ଗୁରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ଅଜବ ବିଶ୍ୱାସ

# ବିବାହ ପାଇଁ ଅଶୁଭ ନଭେମ୍ବର

ଜାତି- ବର୍ଣ୍ଣ-ଧର୍ମକୁ ନେଇ ବିବାହ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳିଥାଏ। ପୁଣି ଅନେକ ବିଶ୍ୱାସ-ଅନ୍ଧବିଶ୍ୱାସ କଥା ମଧ୍ୟ ରହିଛି। କିନ୍ତୁ ଜିମ୍ବାୱେରେ ଏହାକୁ ନେଇ ଏକ ଅଜବ ବିଶ୍ୱାସ ରହିଛି। ଏଠାରେ ନଭେମ୍ବର ମାସରେ କେହି ମଧ୍ୟ ବିବାହ କରନ୍ତି ନାହିଁ। ନଭେମ୍ବର ମାସରେ ବିବାହ କଲେ ବିବାହ ବିଚ୍ଛେଦ ସହ ଗର୍ଭଧାରଣ କ୍ଷେତ୍ରରେ ନାନା ସମସ୍ୟା ଦେଖାଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ତେଣୁ ଜିମ୍ବାୱେରେ ନଭେମ୍ବର ମାସରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇନଥାଏ। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ରହୁଥିବା ସୋନା ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କାହିଁ କେତେକାଳରୁ ଏଭଳି ଏକ ବିଶ୍ୱାସ ପ୍ରଚଳିତ । କିଛି ଲୋକଙ୍କର ମତାନୁସାରେ, ନଭେମ୍ବର ମାସରେ ଏଠାରେ ଅଧିକ ବର୍ଷା ହୋଇଥାଏ , ଯାହାକି ଜୀବଜନ୍ତୁ ଓ ବନସ୍ପତିର ବିକାଶ ଦିଗରେ ସହାୟକ ହୋଇଥାଏ। ତେଣୁ ଏହି ମାସ ଅତ୍ୟନ୍ତ ପବିତ୍ର ମାସ। ଏହି ସମୟରେ ହୋହାଲ୍ଲା କଲା ଭଳି କିଛି ସାମାଜିକ ସମାରୋହର ଆୟୋଜନ କରାଯିବା ଅନୁଚିତ। କିଛି ବ୍ୟକ୍ତି ଏହି ପ୍ରତିବନ୍ଧକକୁ ମାନୁ ନଥିବାବେଳେ ଏଠାକାର ରଢ଼ିବାଦୀ ଲୋକେ ଏହାକୁ 'କଳା ନଭେମ୍ବର'ର ଆଖ୍ୟା ଦେଇ ପରମ୍ପରାକୁ ଜାବୁଡ଼ି ଧରିଛନ୍ତି। ପ୍ରକୃତି ବିରୋଧରେ ଯାଇ ବିବାହ କଲେ ଅନିଷ୍ଟ ଘଟେ ବୋଲି ସେମାନେ ବିଶ୍ୱାସ କରନ୍ତି।



# 'ଭାଇରସ୍' ଚରିତ୍ରକୁ ନକଲ କରୁଛନ୍ତି ଛାତ୍ରୀ





ପ୍ରତିଭାଧାରୀ ବ୍ୟକ୍ତିମାନେ ତାଙ୍କର ଅନନ୍ୟ କଳା ନୈପୁଣ୍ୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ର ରାଜଧାନୀ ରାୟପୁରରେ। କାବ୍ୟା ଚାୱଡ଼ା ନାମକ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ବଲିଉଡ୍‌ର ବ୍ଲକ୍‌ବଷ୍ଟର୍ ଚଳଚ୍ଚିତ୍ର 'ଥ୍ରି ଇଡିଅଟସ୍'ର 'ଭାଇରସ୍' ଚରିତ୍ରରୁ ପ୍ରେରଣା ପାଇ ଦୁଇ ହାତରେ ଏକା ସାଙ୍ଗରେ ଲେଖିବାର ଏକ ନିଆରା କୌଶଳକୁ ଆପଣାଇ ନେଇଛନ୍ତି। ସେ ଡାହାଣ ହାତରେ ଯେଉଁ ଶବ୍ଦ ଲେଖନ୍ତି ବାମ ହାତରେ ତାକୁ ଓଲଟା କରି ଲେଖିଥାନ୍ତି (ମିରର୍ ଇମେଜ୍ ଭଳି)। କାବ୍ୟା ପ୍ରାୟ ୩-୪ ବର୍ଷ ହେଲା ଏହିଭଳି ଲେଖା ଅଭ୍ୟାସ କରୁଛନ୍ତି। ଏ ସମ୍ପର୍କରେ କାବ୍ୟାଙ୍କ ମା' ନେହା ଚାୱାଡା କହିଛନ୍ତି ଯେ, ପାଠପଢ଼ା ସରିବା ପରେ ସେ କାୟାଙ୍କୁ ଆରାମ କରିବାକୁ କହନ୍ତି। କିନ୍ତୁ ସେ ଆରାମ ନ କରି ତାଙ୍କର ଲେଖା ଅଭ୍ୟାସ କଳାରେ ଲାଗିଯାନ୍ତି। ସେ ନିଜେ ଛଅମାସ ପୂର୍ବରୁ ତାଙ୍କ ଝିଅର ଏହି ପ୍ରତିଭା ବିଷୟରେ ଅବଗତ ହୋଇଥିବା କଥା କହିଛନ୍ତି।

## ଆଜିର ଦିନରେ

- ୧୯୨୯- ବାଲ୍ୟ ବିବାହ ନିରୋଧ ବିଧେୟକ ପାରିତ।
- ୧୯୫୫- ପାକିସ୍ତାନ ବାଗଦାଦ୍ ଚୁକ୍ତିରେ ସ୍ୱାକ୍ଷର କଲା।
- ୧୯୭୯- ସୋମାଲିଆ ସମ୍ବିଧାନକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଲେ।
- ୨୦୦୨- ମୋଜିଲା ଫାୟାର ଫକ୍ସ ତା'ର ପ୍ରଥମ ଭର୍ସନ୍ ଲଞ୍ଚ କଲା।
- ୨୦୦୪- ହାଇତିରେ ତୋଫାନ ପରେ ଆସିଥିବା ବନ୍ୟା ଯୋଗୁଁ ପାଖାପାଖି ୧୦୭୦ ଜଣଙ୍କ ମୃତ୍ୟୁ।

# ମଝି ରାସ୍ତାରେ ପାହାଚ

ଆଜିକାଲି ସୋସିଆଲ୍ ମିଡିଆରେ ପ୍ରାଙ୍କ୍ ଭିଡିଓ ଅଧିକ ଟ୍ରେଣ୍ଡରେ ଅଛି। ବିଭିନ୍ନ ପ୍ରକାର ମନୋରଞ୍ଜନ ଭିତ୍ତିକ କୌଶଳରେ ଲୋକମାନଙ୍କୁ ସହଜରେ ବୋକା ବନାଇ ଦିଆଯାଇପାରୁଛି। ଏବେ ସେଭଳି ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ରାସ୍ତା ଉପରେ ଥ୍ରୀ-ଡି ପେଣ୍ଟିଙ୍ଗ୍ ସାହାଯ୍ୟରେ ପାହାଚ ଭଳି ଏକ ଚିତ୍ରକଳା ତିଆରି କରିଛନ୍ତି। ଏହା ରାସ୍ତା ଉପରେ ପାହାଚ ତିଆରି ହୋଇଥିବା ଭଳି ମନେ ହେଉଛି। ରାସ୍ତାରେ ଯାଉଥିବା ଲୋକ ଦୁର୍ଘଟଣା ଆଶଙ୍କାରେ ଏଠାରେ ଅଟକି ଯାଉଛନ୍ତି। ସେମାନଙ୍କ ମନରେ କ୍ଷଣକ ପାଇଁ ଭୟ ମଧ୍ୟ ଉଦ୍ରେକ ହେଉଛି। ଏହି ଭିଡିଓ ହେପଗୁଲ୍ ୫ ନାମକ ଏକ ଇନଷ୍ଟାଗ୍ରାମ୍ ମାଧ୍ୟମରେ ସେୟାର୍ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ପ୍ରଥମେ ଜଣେ ବାଇକ୍ ରାଇଡର୍ ରାସ୍ତା ଉପରେ ଥ୍ରିଡି ଆର୍ଟକୁ ଦେଖିବା ପରେ ଏହାକୁ ପାହାଚ ବୋଲି ଭାବି ରାସ୍ତା କଡ଼ରେ କଡ଼ରେ ବାଇକ୍ ଚଳାଇ ଯାଇଥିଲେ। ଏହାପରେ ସ୍କୁଟି ଚଳାଇ ଆସୁଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ଠିକ୍ ଏଭଳି କରିଥିଲେ। ଶେଷରେ କାର୍‌ଟିଏ ଆସି ଏହି ସ୍ଥାନରେ ଅଟକି ଯାଉଛି। ଏହି ଭିଡିଓ ଦେଖିବାକୁ ବେଶ୍ ମଜାଦାର ଲାଗୁଛି ଏବଂ ଏହାକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖି ସାରିଛନ୍ତି।



# ରିଅଲ୍ ଲାଇଫ୍‌ର 'ପିକେ'

ଲୋକକଳା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମୟକ୍ରମରେ ଏହି ଲୋକକଳା ଲୋପ ପାଇବାରେ ଲାଗିଛି। ଲୋପ ପାଇ ଯାଉଥିବା ଲୋକକଳା ମଧ୍ୟରୁ ଗୋଟିଏ ହେଉଛି ବହୁରୂପିଆ। ଏହା ବିହାରର ମୁଜଫରପୁରରେ ବହୁଳ ଭାବେ ପ୍ରଚଳିତ। ବିଭିନ୍ନ ପର୍ବପର୍ବାଣି ଅନୁଯାୟୀ, ଏହି ବହୁରୂପୀମାନେ ନିଜକୁ ସଜେଇ ଲୋକମାନଙ୍କୁ ଘରଘର ବୁଲି ହସାନ୍ତି ଏବଂ ମନୋରଞ୍ଜନ କରନ୍ତି। ଏହାର ପ୍ରତିବଦଳରେ ତାଙ୍କୁ କିଛି ଟଙ୍କା ମଧ୍ୟ ଦିଆଯାଇଥାଏ। ଲୋପ ପାଇଯାଉଥିବା ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ମୁଜଫରପୁର ଜଣେ ବହୁରୂପୀଆ। ମଧୁବାଣୀ ଅଞ୍ଚଳରେ ଏହି ବହୁରୂପୀଆ ଜଣକ ପି.କେ. ଚଳଚ୍ଚିତ୍ରର ପି.କେ. ଚରିତ୍ରକୁ ଧାରଣ କରିଛନ୍ତି। ମୁଣ୍ଡରେ ହଳଦିଆ ହେଲମେଟ୍, ଗଳାରେ ରେଡ଼ିଓ ଓ ମାଳା ଆଦି ପିନ୍ଧି ମନୋରଞ୍ଜନ କରୁଛନ୍ତି। ଲୋକମାନଙ୍କୁ ସେ ଏହି ଚଳଚ୍ଚିତ୍ରର ଡାଇଲଗ୍ କହି ମଧ୍ୟ ହସାଉଛନ୍ତି। ଏହାପୂର୍ବରୁ ସେ ନାରଦ ମୁନି, ଭଗବାନ ଶିବ ଶଙ୍କର, ବିଭିନ୍ନ ବଲିଉଡ୍ ଅଭିନେତାଙ୍କ ବେଶ ଧାରଣ କରୁଥିଲେ। ଏହି ବହୁରୂପୀଆ ଜଣକ କହିଛନ୍ତି ଯେ, ପୂର୍ବପୁରୁଷଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ଏପରି ବହୁରୂପିଆ ବେଶ ଧାରଣ କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** କିଛିଟା ଟେନସନ୍ ଭିତରେ ଆଗେଇ ଚାଲିବେ। ଚାକିରିରେ ଚଳଚଞ୍ଚଳ ରହିବେ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଭ୍ରମଣପ୍ରିୟ ହେବେ। **ଶୁଭ ଅଙ୍କ-୯, ଶୁଭ ରଙ୍ଗ-ମେରୁନ୍**

**ବୃଷ:** ଅନେକ ଚେଷ୍ଟା କରି ସଫଳ ପାଇବେ। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ଧଳା**

**ମିଥୁନ:** ଦିନଟି ସୁଖସମୃଦ୍ଧି ପ୍ରାପ୍ତି ହେବ। ଉଭୟ ପ୍ରେମ ଓ ଦାମ୍ପତ୍ୟ ସୁଖମୟ ରହିବ। ପ୍ରଶାସନିକ ସକ୍ରିୟ ରହିବେ। ବାଣିଜ୍ୟରେ ଉତ୍ତମ ଲାଭ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ଆକାଶୀ**

**କର୍କଟ:** ଦିନଟିରେ ଆବଶ୍ୟକତା ପୂରଣ ହେବ। କୌଣସି ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଚାକିରିରେ ଧନସମ୍ମାନ ମିଳିବ। ବାଣିଜ୍ୟରେ ଉନ୍ନତି ହେବ। ଶିକ୍ଷାର୍ଥୀ ଅଧ୍ୟୟନପ୍ରିୟ ହେବେ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ପିଙ୍କ୍**

**ସିଂହ:** ଦିନଟି ଅସ୍ତବ୍ୟସ୍ତ ଭିତରେ କଟିବ। ଚାକିରିରେ ଅବହେଳା ରହିବ। ପ୍ରଶାସନିକ ଅସହଯୋଗ ମିଳିବ। ପରିବହନ ଓ ବାଣିଜ୍ୟ ମନ୍ଥର ରହିବ। ଶିକ୍ଷାର୍ଥୀ ଆଳସ୍ୟ ରହିବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**କନ୍ୟା:** କେତେକ ସମସ୍ୟାକୁ ନେଇ ବିବ୍ରତ ରହିବେ। ଚାକିରିରେ ସ୍ଥାନାନ୍ତର ହୋଇପାରେ। ରାଜନୀତିରେ ଜଟିଳସ୍ଥିତି ରହିବ। ବାଣିଜ୍ୟରେ ହାନି ହୋଇପାରେ। ଶିକ୍ଷାର୍ଥୀ ଭ୍ରମରେ ପଡ଼ିବେ। **ଶୁଭ ଅଙ୍କ-୭, ଶୁଭ ରଙ୍ଗ-ସିଲଭର୍**

**ତୁଳା:** ବନ୍ଧୁ ସହଯୋଗ ପାଇ ଆଗେଇବେ। ମହିଳାମାନେ ସୁଖୀ ରହିବେ। ରାଜନୀତିରେ ସୁନାମ ପାଇବେ। ବାଣିଜ୍ୟ ଉତ୍ସାହଜନକ ରହିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ବିଛା:** ଦିନଟି କର୍ମତତ୍ପର ରହିବେ। ଚାକିରିରେ ନିଷ୍ଠାପର ରହିବେ। ମହିଳାମାନେ ପରିଶ୍ରମୀ ହେବେ। ପରିବହନ ଓ ବାଣିଜ୍ୟରେ ଲାଭାନ୍ୱିତ ହେବେ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୭, ଶୁଭ ରଙ୍ଗ-କପି**

**ଧନୁ:** କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ। ସନ୍ତାନସନ୍ତତିମାନେ ଅବାଧ୍ୟ ହୋଇପାରନ୍ତି। ଚାକିରିରେ ଚାପ ରହିବ। ବାଣିଜ୍ୟରେ ମନ୍ଥର ରହିବ। ଶିକ୍ଷାର୍ଥୀ ଅନ୍ୟମନସ୍କ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**ମକର:** ପରିଶ୍ରମର ଫଳ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଚଞ୍ଚଳ ରହିବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-ହଳଦିଆ**

**କୁମ୍ଭ:** ପ୍ରତିଟି କାର୍ଯ୍ୟରେ ସଫଳତା ପାଇବେ। ମହିଳାମାନେ ଆଦର ସମ୍ମାନ ପାଇବେ। ଚାକିରିରେ ନିଷ୍ଠା ରହିବ। ବାଣିଜ୍ୟରେ ଉତ୍ତମ ହେବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ମୀନ:** ଆର୍ଥିକ କଥାକୁ କେନ୍ଦ୍ର କରି ଅଶାନ୍ତି ଉପୁଜିପାରେ। ଚାକିରିରେ କାର୍ଯ୍ୟ ବହୁଳ ରହିବ। ରାଜନୀତିରେ ବିରୋଧ ବୃଦ୍ଧି ପାଇବ। ବାଣିଜ୍ୟ ମାନ୍ଦା ରହିବ। ଶିକ୍ଷାର୍ଥୀ ଆଳସ୍ୟ ହେବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-କ୍ରିମ୍**

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୭୭୭୨୦






■ ଚାନ୍ଦିପୁର ପ୍ରତିରକ୍ଷା ଘାଟି ଗୁପ୍ତଚରୀ

# ଚାଳକବିହୀନ ବିମାନ ଡାଟା ଚୋରି ସନ୍ଦେହ

ଭୁବନେଶ୍ୱର/କଟକ,୨୨।୯ (ସମିସ): ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ଘଟଣାରେ ପଦାକୁ ଆସିଛି ଆଉ କିଛି ସଂଘାତିକ ତଥ୍ୟ। ପାଇଲଟ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ସଂକ୍ରାନ୍ତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଲିକ୍ ହୋଇଥିବା ସନ୍ଦେହରେ ତନାଘନା କରୁଛି ଏୟାରଫୋର୍ସର ଏକ ସ୍ୱତନ୍ତ୍ର ଟିମ୍। ୫ ଅଭିଯୁକ୍ତଙ୍କୁ ଏୟାରଫୋର୍ସର ଦୁଇ ଜଣିଆ ତଦନ୍ତକାରୀ ଟିମ୍ ଜେରା କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁଡେଇ ତୁଡେଇ ପଚରାଉଚରା କରାଯାଉଛି। କାରଣ ପାଇଲଟ୍ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ନିମନ୍ତେ ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ କାର୍ଯ୍ୟକ୍ରମ ଚାଲୁଥିଲା। ଯଦି ଏଭଳି ସୁରାକ୍ ଶତ୍ରୁ ରାଷ୍ଟ୍ରର ଗୁଇନ୍ଦା ହାତରେ ପଡ଼ିଲେ, ଭାରତୀୟ ବାୟୁସେନା ଏୟାରକ୍ରାଫ୍ଟର ସୂଚନା ପ୍ରଘଟ ହେବାର ଆଶଙ୍କା ରହିଛି। ତେଣୁ ବାୟୁସେନାର ତଦନ୍ତକାରୀ ଟିମ୍ ଅଧିକ ଖୋଳତାଡ କରୁଛି।

ସେହିପରି ଅଭିଯୁକ୍ତଙ୍କ 'ହନିଟ୍ରାପ' ଗୁମର ଧିରେ ଧିରେ ଫିଟୁଛି। ୨୦୨୦ ଫେବୃଆରୀ ମାସରୁ ଜଣେ ଅଭିଯୁକ୍ତ ସୁନ୍ଦରୀ ଯୁବତୀଙ୍କ ଯୋଗସୂତ୍ରରେ ଆସିଥିଲେ। ଏହାପରେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପରେ ଆଉ ୪ ଅଭିଯୁକ୍ତ ଯୁବତୀଙ୍କ ଜାଲରେ ପଡ଼ିଥିଲେ। ଏଭଳି ଭାବେ ପ୍ରାୟ ଦେଢ଼ବର୍ଷ ହେବ ସୁନ୍ଦରୀ ଯୁବତୀଙ୍କ ସହ ୫ ଅଭିଯୁକ୍ତ ସମ୍ପର୍କରେ ରହିଥିଲେ। ସେମାନଙ୍କ ବିଭିନ୍ନ ପରିଚୟ ଦେଇ ଯୋଗାଯୋଗରେ ରହୁଥିଲେ ସୁନ୍ଦରୀ ଯୁବତୀ। କେତେବେଳେ ସୁନ୍ଦରୀ ତରୁଣୀ ଜଣକ ନିଜକୁ ରାଜସ୍ଥାନର ପ୍ରେସ ଟ୍ରଷ୍ଟ ବ୍ୟୁରୋରେ କର୍ମଚାରୀ ତ ଆଉ କାହାକୁ ପୋର୍ଟବ୍ଲେୟାରରେ ନର୍ସ ଭାବରେ କାର୍ଯ୍ୟ କରୁଥିବା କହୁଥିଲେ। ଅନ୍ୟମାନଙ୍କୁ ସେ ଯଥାକ୍ରମେ ବ୍ରିଟେନ ଲିଭରପୁଲରେ ମିଜାଇଲର ରିସର୍ଚ୍ଚ କରୁଥିବା, ଚଣ୍ଡିଗଡ଼ର ସେନାର ଲୋୟର ଡିଭିଜନ କ୍ଲର୍କ କାମ କରୁଥିବା କହି ବାର୍ତ୍ତାଳାପ କରୁଥିଲେ। ସବୁଠାରୁ ବଡ଼ କଥା ହେଲା ଯୁବତୀ ଜଣକ ୫ଜଣଙ୍କ ସହ ସମ୍ପର୍କ ରଖୁଥିଲେ ମଧ ପରସ୍ପର ଜାଣିପାରୁନଥିଲେ। ଏଭଳିଭାବେ ଯୁବତୀ ମାୟାଜାଲ ବିଛାଇ ଅଭିଯୁକ୍ତଙ୍କ ଠାରୁ ଗୋପନୀୟ ତଥ୍ୟ ନେଉଥିଲେ। ସେପଟେ ନିୟମିତ ସୁନ୍ଦରୀ ଯୁବତୀ ଅଭିଯୁକ୍ତଙ୍କ ସହ ସମ୍ପର୍କରେ ରଖିବା ସହ ବାରମ୍ବାର କଥା ହେଉଥିଲେ। ଦିନରେ ଜଣେ ଅଭିଯୁକ୍ତଙ୍କୁ ୧୦ରୁ ଉର୍ଦ୍ଧ୍ୱ ଥର ଫେସ୍‌ବୁକ୍ କଲ, ଭିଡ଼ିଓ କଲ୍, ମେସେଜ ଓ ମେସେଞ୍ଜର ଜରିଆରେ କରି କଥା ହେଉଥିଲେ। ଏମିତିକି ଯୁବତୀ ଜଣକ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଯୁକ୍ତଙ୍କ ସହ କଥା ହେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଯୁବତୀ ଜଣକ ଅଭିଯୁକ୍ତଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଅଭିଯୁକ୍ତଙ୍କ ସହ ଯୁବତୀ ଅଶ୍ଳୀଳ ଭିଡ଼ିଓ ଚାଟିଂ କରୁଥିଲେ। ଟଙ୍କା ଲୋଭ, ବିବାହ ପ୍ରଲୋଭନ ଓ ଲଙ୍ଗଳା ଦେହ ଦେଖାଇ ଏହି କର୍ମଚାରୀମାନଙ୍କୁ ଚକ୍ରବ୍ୟୁହରେ ଫସାଇଥିଲେ ମାୟାବିନୀ ଯୁବତୀ। ଯୁବତୀଜଣକ ଇଂଲଣ୍ଡର ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ତେଣୁ ୟୁକେ ସରକାରଙ୍କୁ ହ୍ୱାଟ୍ସଆପ୍ ନମ୍ବରର ଡିଟେଲ୍ସ ମଗାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସେହିପରି କେଉଁଠାରୁ ଆଇପି ଆଡ୍ରେସ୍ ବ୍ୟବହାର ହେଉଥିଲା ସେନେଇ ଖୋଳତାଡ କରାଯାଉଛି। ଏଥିସହି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌ରେ ଅଭିଯୁକ୍ତମାନେ କି ତଥ୍ୟ ଦେଇଛନ୍ତି। ସେସବୁକୁ ଜାଣିବା ଲାଗି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌କୁ ଚିଠି ଲେଖିବ କ୍ରାଇମ୍‌ବ୍ରାଞ୍ଚ୍।

ଅନ୍ୟପକ୍ଷରେ ଦୁବାଇରୁ ଜଣେ ଅଭିଯୁକ୍ତର ଜମାଖାତାକୁ ୨ଟି କିସ୍ତିରେ ଦୁବାଇରୁ ୩୮ ହଜାର ଟଙ୍କା ଆସୁଛି। ତେଣୁ ଉକ୍ତ ଟଙ୍କା କିଏ ପଠାଇଛି ଖୋଳତାଡ କରୁଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଜଣେ ଯୁବତୀ ଏହାକୁ ଅପରେଟ୍ କରୁଥିଲେ ନା ଏଥିରେ ଆଉ କିଛି ଯୁବତୀଙ୍କ ସମ୍ପୃକ୍ତି ରହିଛି, ଏସବୁକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନାଘନା କରୁଛି। ସେଭଳି ରିମାଣ୍ଡର ୪ର୍ଥ ଦିନରେ ଅଭିଯୁକ୍ତଙ୍କ ଠାରୁ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତେଇଛି। ୭ଦିନିଆ ରିମାଣ୍ଡର ଆଉ ୩ଦିନ ବାକି ଥିବାରୁ ଅଭିଯୁକ୍ତଙ୍କ ଠାରୁ ଆଉ କିଛି ରୋଚକତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାସଲ କରିବ ବୋଲି ଆଶା ରଖିଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

● ମାୟାବିନୀ ସୁନ୍ଦରୀଙ୍କ ସମ୍ପର୍କରେ ଥିଲେ ସମସ୍ତ ଅଭିଯୁକ୍ତ
● ବିବାହର ପ୍ରଲୋଭନ ଦେଇ ଅଭିଯୁକ୍ତଙ୍କୁ ଫସାଇଥିଲେ

# ଧୋକାଦେଲା ଛତିଶଗଡ଼; ସମ୍ଭାଳିନେଲା ଓଡ଼ିଶା

ସମ୍ବଲପୁର,୨୨।୯ (ସମିସ) : ଏଥର ବେଶ୍ ସତର୍କତାର ସହ ମହାନଦୀ ବନ୍ୟାକୁ ରାଜ୍ୟ ସରକାର ପରିଚାଳନା କରିଛନ୍ତି। ଛତିଶଗଡ଼ ସରକାର ରୁଲ୍ କର୍ଭକୁ ବେଖାତିର କରି ହଠାତ ପାଣି ଛାଡ଼ିଦେଇଥିବାରୁ ଓଡ଼ିଶା ପାଇଁ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଆଗୁଆ ପ୍ରସ୍ତୁତି ଓ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ଠିକ୍ ସମୟରେ ପଦକ୍ଷେପ ଯୋଗୁ ମହାନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଟାଳିଦିଆଯାଇପାରିଛି।

ଗତ କିଛି ଦିନ ପୂର୍ବରୁ ଓଡ଼ିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। ଏପରିକି ଡ୍ୟାମର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ରେ ମଧ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିଲା। ତେବେ ବିନା ଆଗୁଆ ସୂଚନାରେ ଛତିଶଗଡ଼ ତିଆରି କରିଥିବା ବ୍ୟାରେଜର ଗେଟ୍ ଖୋଲି ଥିଲା। ଏହା ଫଳରେ ଏକ ସଙ୍ଗରେ ବନ୍ୟା ପାଣି ହୀରାକୁଦ ଡ୍ୟାମ ମଧ୍ୟକୁ ପ୍ରବେଶ କରିଥିଲା। ଲକ୍ଷାଧିକ କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ବିଚଳିତ ନ ହୋଇ ସୁପରିଚାଳନା କରିଥିଲେ। ଫଳରେ ଏକ ବଡ ଧରଣର ବନ୍ୟା ଟଳିଥିଲା। ପୂର୍ବରୁ ଏସଆରସି ଏକ ମଧ୍ୟମ ଧରଣର ବନ୍ୟା ହେବ ବୋଲି ସୂଚନା ଦେଇଥିଲେ।

ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ଭଲ ବର୍ଷା ହେଲା ନାହିଁ। ରୁଲ କର୍ଭ ଅନୁଯାୟୀ ହୀରାକୁଦ ଜଳସ୍ତର ତଳେ ରହିଥିଲା। ତେବେ ସେପ୍ଟେମ୍ବର ମଧ ଭାଗରେ ଭଲ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ଅଗଷ୍ଟ ମାସରେ ୭୦ ପ୍ରତିଶତ ବର୍ଷା ହୋଇଥିଲେ ସୁଦ୍ଧା ଉପରମୁଣ୍ଡରୁ ମାତ୍ର ୩୧ ପ୍ରତିଶତ ପାଣି ଜଳଭଣ୍ଡାରରେ ପ୍ରବେଶ କରିଥିଲା। ଶେଷ ସମୟରେ ଜଳଭଣ୍ଡାରକୁ ଉପରମୁଣ୍ଡରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ କରିଥିଲା। ଗତ ୧୯ ତାରିଖ ମଧ୍ୟାହ୍ନ ୧୨ଟାରେ ସର୍ବାଧିକ ୩ ଲକ୍ଷ ୧୯ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରିଥିଲା। ରୁଲ କର୍ଭ ଅନୁଯାୟୀ ଗେଟ୍ ଖୋଲା ଯାଇଥିଲା। ଚଳିତ ବର୍ଷ ୟୁନିକ ହାଇଡ୍ରୋ ମେଟ୍ରୋଲିଜିକାଲ ଇୟର ଭାବେ ବିବେଚନା କରାଯାଇଛି। ହୀରାକୁଦ ନଦୀବନ୍ଧର ଜଳକୁ ନିୟନ୍ତ୍ରଣ କରାଯାଇ ପାରୁଛି। ତେଲ ନଦୀର ଜଳକୁ ନିୟନ୍ତ୍ରଣ ପାଇଁ ସେଭଳି ବ୍ୟବସ୍ଥା ରହିନାହିଁ। ତେଲ ନଦୀ ଅବବାହିକାରେ ବର୍ଷା ହେଲେ ଜଳସ୍ତର ବୃଦ୍ଧି ପାଇଥାଏ। ଏଭଳି ସ୍ଥଳେ ତେଲ ନଦୀରେ ଭଲ ବର୍ଷା ହୋଇଥିଲା। ସେହି ବର୍ଷା ଜଳ ନିଷ୍କାସନ ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରିଥିଲେ ବୋଲି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ ଇଂ. ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

● ରୁଲ୍ କର୍ଭକୁ ବେଖାତିର
● ଏକାଥରକେ ଖୋଲିଦେଲା ଗେଟ୍



## ପଞ୍ଚାୟତ ନିର୍ବାଚନ
# ବୁଥ୍‌ରେ ନୁହେଁ; ବ୍ଲକରେ ଗଣତି

ଭୁବନେଶ୍ୱର,୨୨।୯ (ସମିସ): ପଞ୍ଚାୟତ ନିର୍ବାଚନ ଠିକ୍ ସମୟରେ କରିବା ଲାଗି ରାଜ୍ୟ ସରକାର ପାଗ ଭିଡିଛନ୍ତି। ଏଥିପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ପଞ୍ଚାୟତିରାଜ ବିଭାଗ ନେଇଚାଲିଛି। କେତେ ଶୀଘ୍ର ରାଜ୍ୟ ନିର୍ବାଚନ କମିସନଙ୍କୁ ନିର୍ବାଚନ ପାଇଁ ସରକାର ସଙ୍କେତ ଦେବେ ସେଥିଲାଗି ବିଭାଗରେ ଏବେ ଜୋରଦାର କସରତ ଚାଲିଛି। ଏହି କ୍ରମରେ ଆଜି ବିଭାଗ ଆଉ ପାଦେ ଆଗେଇଛି।

ଭୋଟ ଗଣତି ଏଣିକି ବୁଥ୍‌ରେ ନୁହେଁ ବରଂ ବ୍ଲକ କାର୍ଯ୍ୟାଳୟରେ କରାଯିବ। ଏ ସଂକ୍ରାନ୍ତରେ ଆଇନରେ ସଂଶୋଧନ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ପରେ ଭୋଟ ବାକ୍ସକୁ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ତୁରନ୍ତ ସିଲ୍ କରାଯିବ



ଓ ଏହାକୁ ଅଧିକାରୀମାନେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିର୍ଦ୍ଧାରିତ ଭୋଟ ଗଣତି ଦିନ ଏହା ଖୋଲାଯିବ। ସେହିଦିନ ଭୋଟଗଣତି କେନ୍ଦ୍ରରେ ସିଲ୍ ଖୋଲାଯିବା ପୂର୍ବରୁ କେତେ ବ୍ୟକ୍ତି ଭୋଟ ଦେଇଛନ୍ତି ଓ ବାକ୍ସରେ କେତେ ବାଲଟ୍ ଅଛି, ତାହାର ମେଳ ହେବ। ଏହା ପରେ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଗଣତି ଆରମ୍ଭ ହେବ। ଯଦି ଗଣତି ବେଳେ କୌଣସି ବିବାଦ ନ ଥାଏ, ତେବେ ସର୍ବାଧିକ ଭୋଟ ପାଇଥିବା ୱାର୍ଡମେମ୍ବର, ସରପଞ୍ଚ,ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ଘୋଷଣା କରିଦିଆଯିବ।

ଅନ୍ୟପଟରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ସଂକ୍ରାନ୍ତ ବିଲ୍ ବିଧାନସଭାରେ ଅନୁମୋଦନ ପରେ ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଗେଜେଟ୍ ବିଜ୍ଞପ୍ତି ଏଯାଏ ପ୍ରକାଶ ପାଇନାହିଁ। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତ ପ୍ରକ୍ରିୟା ଶେଷ ହେବ। ଏହା ପରେ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ପ୍ରକ୍ରିୟା ତତ୍କାଳ ପଞ୍ଚାୟତିରାଜ ବିଭାଗ ପଦକ୍ଷେପ ନେବେ। ସରକାର ଜିଲ୍ଲା ପରିଷଦ ଆସନ ସଂରକ୍ଷଣ କରିବେ ଓ ଅନ୍ୟ ସବୁ ପଦବି ଲାଗି ଜିଲ୍ଲାସ୍ତରରେ ସଂରକ୍ଷଣ ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବ। ଏସବୁ ସରିବା ପରେ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିସନଙ୍କୁ ସରକାର ଜଣାଇଦେବେ।

**ସଂଶୋଧନ ପରେ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି**

# ଆଇଏଏସ୍ ଚାକିରି ଛାଡୁଛନ୍ତି ମନୀଷ

ଭୁବନେଶ୍ୱର,୨୨।୯ (ସମିସ): ୨୦୦୦ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ମନୀଷ କୁମାର ବର୍ମା ସରକାରୀ ଚାକିରିକୁ ବାଏ ବାଏ କରିବାକୁ ଯାଉଛନ୍ତି। ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ତିନିମାସିଆ ନୋଟିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଅତି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟ ସରକାର ଏହି ସମୟ ସୀମା ମଧ୍ୟରେ ଶ୍ରୀ ବର୍ମାଙ୍କ ଆବେଦନ ଉପରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ସରକାରଙ୍କ ଅନୁମତି ପରେ ତାଙ୍କୁ ସରକାରୀ ଚାକିରିରୁ ଅବ୍ୟାହତି ମିଳିବ।



ମାଲକାନଗିରି, ବାଲେଶ୍ୱର ଆଦି ଜିଲ୍ଲାରେ ଜିଲ୍ଲାପାଳ ଥିବା ଶ୍ରୀ ବର୍ମା ପରବର୍ତ୍ତୀ ସମୟରେ ଆନ୍ତଃ ରାଜ୍ୟ ଡେପୁଟେସନରେ ନିଜ ରାଜ୍ୟ ବିହାରକୁ ଯାଇଥଲେ। ସେଠାରେ ସେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆସ୍ଥାଭାଜନ ହେବା ସହିତ ଢେର୍ ସମୟ ଧରି ତାଙ୍କର ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନୀତିଶଙ୍କ ସହିତ ତାଙ୍କର ଘନିଷ୍ଠତା ନେଇ ଅନେକ ଖବର ପୂର୍ବରୁ ଆସିଛି। ଏପରିକି ଶ୍ରୀ ବର୍ମାଙ୍କର ଡେପୁଟେସନ ମିଆଦ ପୂରିଯାଇଥିଲେ ବି କେନ୍ଦ୍ର ସରକାର ନିୟମ କୋହଳ କରି ତାଙ୍କୁ ବିହାରରେ କାମ କରିବା ଲାଗି ସୁଯୋଗ ଦେଇଥିଲେ।

ଇତିମଧ୍ୟରେ ଶ୍ରୀ ବର୍ମା ଓଡ଼ିଶାକୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ କୌଣସି ଗୁରୁ ଦାୟିତ୍ୱ ହାତେଇବା ପୂର୍ବରୁ ଗତ ମେ' ୨୧ ତାରିଖରୁ ଛୁଟିରେ ଚାଲିଯାଇଥିଲେ। ମିଳିଥିବା ଖବର ଅନୁସାରେ, ଶ୍ରୀ ବର୍ମା ଓଡ଼ିଶା ଆସିଛନ୍ତି। ହେଲେ ଏଥର ପୂରା ଛୁଟିରେ ଯିବା ପାଇଁ। ଅର୍ଥାତ୍ ସେ ଆଇଏଏସ୍ ଚାକିରି ଛାଡି ଚାଲିଯାଉଥିବା ସୂଚନା ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ସେ ଭେଟି ସାରିଲେଣି ଓ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ସେ ବିହାରରେ ସକ୍ରିୟ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଓଡ଼ିଶା କ୍ୟାଡରରୁ ଅତିରିକ୍ତ ମୁଖ୍ୟସଚିବ ପାହ୍ୟାର ଅଫିସର ଡ. ୟୁ ଶରତଚନ୍ଦ୍ରନ୍, ଗଗନ ଧଳ ଏବଂ ଅଶ୍ୱିନୀ ବୈଷ୍ଣବ, ଅପରାଜିତା ଷଡଙ୍ଗୀ, ଡିଏନ୍ ଗୁପ୍ତା ଚାକିରି ଥାଇ ଅବ୍ୟାହତି ନେଇଥିଲେ। ସେମାନଙ୍କ ପୂର୍ବରୁ ଜେ ପି ଦାଶ ମଧ ଆଇଏଏସ ଚାକିରି ମୋହ ତୁଟାଇ ଛାଡି ଚାଲିଯାଇଥିଲେ। ଏମାନଙ୍କ ମଧ୍ୟରୁ ଶ୍ରୀ ବୈଷ୍ଣବ ନିକଟରେ ଓଡ଼ିଶାରୁ ରାଜ୍ୟସଭାକୁ ଓ ଅପରାଜିତା ଭୁବନେଶ୍ୱର ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

# ଆଦିବାସୀ ଅଞ୍ଚଳର ଲୋକଙ୍କୁ ମିଳିବ ଶୀତଳ ଗୃହ

● ମିଳିବ ୮.୨୫ ଲକ୍ଷ ଓ ୧୦.୫୦ ଲକ୍ଷ ଟଙ୍କାର ସବ୍‌ସିଡି
● କୃଷି ଓ ଜଙ୍ଗଲ ଉତ୍ପାଦ ସଂରକ୍ଷଣ ହେବ ସହଜ

ଭୁବନେଶ୍ୱର,୨୨।୯ (ସମିସ): ଆଦିବାସୀ ଅଞ୍ଚଳର ବାସିନ୍ଦା ନିଜ କୃଷି ଏବଂ ଅନ୍ୟ ଉତ୍ପାଦ ସଂରକ୍ଷିତ ରଖିବା ପାଇଁ ସମର୍ଥ ହେବେ। ସେମାନଙ୍କୁ ସୌର ଏବଂ ବିଦ୍ୟୁତ ଚାଳିତ ଶୀତଳ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ (ଓଟିଇଏଲ୍‌ପି) ଅଧୀନରେ ଥିବା ୭ଟି ଆଦିବାସୀ ବହୁଳ ଜିଲ୍ଲାର ଚାଷୀଙ୍କୁ ଏହି ସୁବିଧା ମିଳିବ। ଆଠ ମେଟ୍ରିକ୍ ଟନ୍ କ୍ଷମତାର ଶୀଳ ଗୃହ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ସେହିପରି ଉକ୍ତ ଅଞ୍ଚଳରେ ଥିବା ସରକାରୀ ଅନୁଷ୍ଠାନ ମଧ ନିଜ ଭାଗର ଖର୍ଚ୍ଚ ବହନ ସର୍ତ୍ତରେ ଏହି ସୁବିଧା ପାଇପାରିବେ। ଉଭୟ ସାଧାରଣ ଓ ଅନୁସୂଚିତ ଅଞ୍ଚଳର ବାସିନ୍ଦାଙ୍କୁ ଏହାର ଲାଭ ମିଳିବ। ତେବେ ସବ୍‌ସିଡି ପରିମାଣ ଭିନ୍ନ ହେବ। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ନେଇ ପ୍ରସ୍ତାବ ପଠାଇବା ପାଇଁ ଓଟିଇଏଲ୍‌ପି କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କୁ କୁହାଯାଇଛି।

ହସ୍ତଗତ ସୂଚନା ଅନୁସାରେ ମିଶନ୍ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଅଫ୍ ହର୍ଟିକଲ୍‌ଚର୍ (ଏମ୍‌ଆଇଡିଏଚ୍) ଅଧୀନସ୍ଥ ହିତାଧିକାରୀଙ୍କୁ ଶୀଳତ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସାଧାରଣ ଅଞ୍ଚଳରେ ଶୀତଳ ଗୃହ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ଭାବେ ୫୫ ପ୍ରତିଶତ ଅବା ସର୍ବାଧିକ ୮ ଲକ୍ଷ ୨୫ ହଜାର ଟଙ୍କା ଏବଂ ଅନୁସୂଚିତ ଅଞ୍ଚଳ ପାଇଁ ୭୦ ପ୍ରତିଶତ ସବ୍‌ସିଡି ଅବା ୧୦ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ସରକାରୀ ପ୍ରତିଷ୍ଠାନ ମଧ ଏହି ସବ୍‌ସିଡି ସୁବିଧା ପାଇପାରିବେ। କିନ୍ତୁ ସେମାନେ ପ୍ରକଳ୍ପର ମୂଲ୍ୟର ନିଜ ଭାଗର ଖର୍ଚ୍ଚ ବହନ କରିବା ଜରୁରୀ। ଏ ନେଇ ଏମ୍‌ଆଇଡିଏଚ୍ ଅନୁଯାୟୀ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଓଟିଇଏଲ୍‌ପିକୁ କୁହାଯାଇଛି। ଏହି ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ମିଶନ କମିଟି (ଡିଏମ୍‌ସି)ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଏବଂ ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟକୁ ପଠାଯିବ। ତେଣୁ ଜିଲ୍ଲା ସ୍ତରରେ ପ୍ରସ୍ତାବ ପ୍ରସ୍ତୁତ କରି ଦାଖଲ କରିବା ପାଇଁ କୁହାଯାଇଛି। ଓଟିଇଏଲ୍‌ପି ଅଧୀନରେ ଏବେ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୩୦ଟି ପଛୁଆ ଆଦିବାସୀ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି।

## ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ପ୍ରଥମ ଓଡ଼ିଆ ସିଏମ୍‌ଡି
# ସତ୍ୟଜିତ ତ୍ରିପାଠୀ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ ମୁଖ୍ୟ

ଭୁବନେଶ୍ୱର,୨୨।୯ (ସମିସ): ଦେଶର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ମୁଖିଆ ପଦରେ ବସିଛନ୍ତି ଜଣେ ଓଡ଼ିଆ ପୁଅ। ଦେଶର ଦ୍ୱିତୀୟ ବୃହତ୍ ସାଧାରଣ ବୀମା କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବରେ ନିଯୁକ୍ତି ପାଇଛନ୍ତି ସତ୍ୟଜିତ ତ୍ରିପାଠୀ। ଶ୍ରୀ ତ୍ରିପାଠୀ ହେଉଛନ୍ତି ପ୍ରଥମ ଓଡିଆ ଅଧିକାରୀ ଯିଏକି ଏଭଳି ଏକ ଉଚ୍ଚ ପଦରେ ଅଭିଷିକ୍ତ ହୋଇଛନ୍ତି। ଶ୍ରୀ ତ୍ରିପାଠୀ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସିଏମ୍‌ଓ ତଥା ପୂର୍ବତନ ନିର୍ଦ୍ଦେଶକ ଇଏସ୍‌ଆଇ ସ୍ୱର୍ଗତ ଡ. ସୁରେନ୍ଦ୍ର ପ୍ରସାଦ ତ୍ରିପାଠୀ ଏବଂ ସ୍ୱନାମଧନ୍ୟା କ୍ଷୁଦ୍ରଗଳ୍ପ ଲେଖିକା ଭାରତୀ ତ୍ରିପାଠୀଙ୍କ ସୁପୁତ୍ର। ସେ ଏନ୍‌ଆଇଟି ରାଉରକେଲା ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ପି କେ ଦାସ ଏବଂ ସ୍ୱର୍ଗତ ଜ୍ୟୋତି ଦାସଙ୍କ ଜାମାତା। ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତିରେ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ମହଲରେ ଉତ୍ସାହ ଓ ଆନନ୍ଦ



ପ୍ରକାଶ ପାଇଛି। ସେ ଓୟୁଏଟିରୁ ସ୍ନାତକ ଏବଂ ଏକ୍ସଆଇଏମ୍‌ବିରୁ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୮୮ ରେ ଜେନେରାଲ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଜିଆଇସି) ରେ ପ୍ରତ୍ୟକ୍ଷ ଅଧିକାରୀ ଭାବରେ ଯୋଗ ଦେଇଥିଲେ । ଶ୍ରୀ ତ୍ରିପାଠୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଜିଆଇସିରେ ମୁଖ୍ୟ ବିନିଯୋଗ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ଚଳିତବର୍ଷ ଅଗଷ୍ଟରେ ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତ ହୋଇଥିଲେ। ସେ ତାଙ୍କର ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଦେଶର ପୂର୍ବ, ଉତ୍ତର ଏବଂ ପଶ୍ଚିମ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ଓଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୯ (ସମିସ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସୀତାରାମ ପଟେଲଙ୍କୁ ଅତିରିକ୍ତ ଆଇ.ଜି ପ୍ରିଜନ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଭୁବନେଶ୍ୱରସ୍ଥିତ କାରାଗାର ନିର୍ଦ୍ଦେଶାଳୟରେ ଅବସ୍ଥାପିତ ହେବେ। ସେହିପରି ଅନିରୁଦ୍ଧ ପ୍ରଧାନଙ୍କୁ ସମ୍ବଲପୁରସ୍ଥିତ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରାର, ଏଲଏଆର ଏଣ୍ଡ ଆର ଭାବେ କାର୍ଯ୍ୟ କରିବେ। ଅନୁରୂପ ଭାବେ ଡକ୍ଟର ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ମାଲକାନଗିରି ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ସମସ୍ତ ନିଯୁକ୍ତି ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଇଏସ୍ଏଲ୍ ହାତେଇଲା ଦ୍ୱିତୀୟ ଖଣି

ଭୁବନେଶ୍ୱର,୨୨।୯ (ସମିସ): ଇଏସ୍ଏଲ ଷ୍ଟିଲ୍ ଲିଃ ଲଗାତାର ଦ୍ୱିତୀୟ ଖଣି ହାତେଇଛି। ଲୁହାପଥର ଓ ମାଙ୍ଗାନିଜ୍ ଥିବା ନାଦିଡିହ (ଫ୍ରିଗ୍ରେଜ) ଖଣିକୁ ଇଏସ୍ଏଲ୍ ୯୨.୩% ପ୍ରିମିୟମ୍ ମୂଲ୍ୟରେ ହାତେଇଛି। ଏହା ପୂର୍ବରୁ ଏହି କମ୍ପାନୀ ନାଦିଡିହ ଲୁହାପଥର ବ୍ଲକ (ବିକୋ)କୁ ମଧ ୯୫.୭% ପ୍ରିମିୟମ୍ ମୂଲ୍ୟରେ ହାତେଇସାରିଛି। ନାଦିଡିହ(ଫ୍ରିଗ୍ରେଡ୍) ଲୁହାପଥର ଓ ମାଙ୍ଗାନିଜ୍ ଖଣି ପ୍ରାୟ ୧୫.୦୬ ମିଲିୟନ୍ ଟନ୍ ଲୁହାପଥର ଏବଂ ୦.୦୫୯ ମିଲିୟନ୍ ଟନ୍ ମାଙ୍ଗାନିଜ୍ ରହିଥିବା କୁହାଯାଉଛି। ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସ୍ଥିତ କର୍ଲାପାଟ ବକ୍ସାଇଟ୍ ବ୍ଲକ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

## ସୀମା ବିବାଦ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି
# ପଦକ୍ଷେପ ସ୍ୱାଗତଯୋଗ୍ୟ; ସନ୍ତୋଷଜନକ ନୁହେଁ

ଭୁବନେଶ୍ୱର,୨୨।୯ (ସମିସ): ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ସମାଧାନ ପରିବର୍ତ୍ତେ ଅଧିକ ବିବାଦୀୟ ହୋଇପଡ଼ିଛି। ଏପରିକି ସୀମାନ୍ତବର୍ତ୍ତୀ ଗଞ୍ଜେଇପଦର, ଫଗୁଣସେନେରୀ ଓ ଫାଟୁସେନେରୀରେ ପୂର୍ବରୁ ଆନ୍ଧ୍ର ନିର୍ବାଚନ କରାଇଥିବା ବେଳେ ଗତ ୧୯ ତାରିଖରେ ଫଳାଫଳ ଆସିଥିବା ନେଇ ଖବର ଆସିଥିଲା। ତେବେ କୋରାପୁଟ ଜିଲ୍ଲାପାଳ ଖବରକୁ ଖଣ୍ଡନ କରିବା ସହ ଆନ୍ଧ୍ର ନିଜ ସୀମାରେ ନିର୍ବାଚନ କରିଥିବା ନେଇ ସ୍ପଷ୍ଟ କରିବା ପରେ ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। ଏପରିକି ଆଗାମୀ ଦିନରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଓଡ଼ିଶା ପକ୍ଷରୁ ତ୍ରୀ-ସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର୍ କହିଥିଲେ। ତେବେ ନିକଟ ଅତୀତରେ ଆନ୍ଧ୍ରର ବାରମ୍ବାର ଓଡ଼ିଶା ସୀମା ଅତିକ୍ରମଣ ଏବଂ ବେଆଇନ ନିର୍ମାଣ କାର୍ଯ୍ୟ କରିବାର ମସୁଧା ଦୁଇରାଜ୍ୟ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଛି। କୋରାପୁଟ ଜିଲ୍ଲା ପ୍ରଶାସନ ପରିସ୍ଥିତିର ଧୈର୍ଯ୍ୟପୂର୍ଣ୍ଣ ମୁକାବିଲା କରୁଥିବା ବେଳେ କୋଟିଆ ପ୍ରସଙ୍ଗକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ଗତ ଅଗଷ୍ଟରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରି ରାଜନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଏଥିପାଇଁ ସୁପ୍ରିମକୋର୍ଟ ଦୁଇରାଜ୍ୟକୁ ୬ ସପ୍ତାହର ମହଲତ୍ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ରାଜନୈତିକ ସ୍ତରରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିବା ବେଳେ ଠିକ୍ ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖିବା ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଧର୍ମେନ୍ଦ୍ର ଦୁଇରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ନେଇ ରାଜନୈତିକ ମହଲରେ ସରଗରମ୍ ଆଲୋଚନା ଆରମ୍ଭ ହୋଇଛି। ଧର୍ମେନ୍ଦ୍ରଙ୍କ ଜଗନଙ୍କୁ ଲେଖିଥିବା ଚିଠି ସ୍ୱାଗତଯୋଗ୍ୟ; କିନ୍ତୁ ସମସ୍ୟାର ସମାଧାନ ପାଇଁ ଏହା ଯଥେଷ୍ଟ ନୁହେଁ। କେନ୍ଦ୍ରମନ୍ତ୍ରୀ ଉକ୍ତ ପ୍ରସଙ୍ଗଙ୍କୁ ପ୍ରସଙ୍ଗଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟକୁ ନିଅନ୍ତୁ। କାରଣ କେନ୍ଦ୍ର ସରକାର ଦୁଇରାଜ୍ୟ ମଧ୍ୟରେ ଉପୁଯିଥିବା ବିବୌଦର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଏପରିସ୍ଥଳରେ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରାଳୟ ଯଦି ମଧ୍ୟସ୍ଥତା କରି ଆପୋଷ ବୁଝାମଣା ପାଇଁ ଆଗଭର ହେବ ତାହେଲେ ମାମଲାର ସହଜରେ ସମାଧାନ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ମୌସୁମୀ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆନ୍ତଃରାଜ୍ୟ ସୀମା ବିବାଦକୁ ନେଇ ଲୋକସଭାରେ ଏକ ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଦେଶରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ମୋଟ ୭ଟି ବିବାଦ ରହିଛି। ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ମନ୍ତ୍ରୀ ପ୍ରଦତ୍ତ ତାଲିକାରେ ଓଡ଼ିଶା ସହ ପଡ଼ୋଶୀଙ୍କ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଦୀର୍ଘଦିନ ହେବ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ପଡ଼ୋଶୀ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ସୀମା ବିବାଦକୁ ନେଇ ସନ୍ତୁଳି ହେଉଛି। ଏହାର ନିରାକରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ତାଙ୍କ ନିକଟରେ ଏନେଇ ତଥ୍ୟ ଉପଲବ୍ଧ ନଥିବା କଥା କହିବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅନ୍ୟ ୭ଟି ବିବାଦର ସମାଧାନ ପାଇଁ ଯଦି କେନ୍ଦ୍ର ଗୃହ ମନ୍ତ୍ରାଳୟ ନିଜଆଡୁ ପଦକ୍ଷେପ ନେଇପାରୁଛି ତାହେଲେ ଓଡ଼ିଶାର କ୍ଷେତ୍ରରେ କେନ୍ଦ୍ର କାହିଁକି ପଛଘୁଞ୍ଚା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଧର୍ମେନ୍ଦ୍ର ଯଦି ପ୍ରକୃତରେ ବିବାଦର ସମାଧାନ ପାଇଁ ଉତ୍ସୁକ ଅଛନ୍ତି ତେବେ ଏହି ପ୍ରସଙ୍ଗକୁ ନିଜ ଆଡୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ନିକଟରେ ଉପସ୍ଥାପିତ କରନ୍ତୁ। କେନ୍ଦ୍ର ଗୃହମନ୍ତ୍ରୀ ଘଟଣାରେ ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକି ଆଲୋଚନା କରି ଯଦି ଆପୋସ ବୁଝାମଣା କରନ୍ତି ତାହେଲେ ସମାଧାନର ରାସ୍ତା ବାହାରିପାରିବାର ସମ୍ଭାବନା ରହିଛି। ଓଡ଼ିଶା ସରକାର ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିଜ ନିଜ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଧର୍ମେନ୍ଦ୍ର ଠିକଣା ସମୟରେ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଧର୍ମେନ୍ଦ୍ର ନିଜଆଡୁ ଏହା କରିପାରନ୍ତି ତାହା ଅଧିକ ଫଳପ୍ରଦ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

● ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ଧର୍ମେନ୍ଦ୍ର

## ଧର୍ମେନ୍ଦ୍ରଙ୍କ ୪ ସୂତ୍ରୀ ପ୍ରସ୍ତାବ

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଚିଠି ଲେଖି ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଉପରେ ଜୋର୍ ଦେଇଛନ୍ତି। ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ। ଦ୍ୱିତୀୟତଃ ଗ୍ରାମାଞ୍ଚଳର ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢାଞ୍ଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ତୃତୀୟ ପ୍ରସ୍ତାବ ସ୍ୱରୂପ ଏହି ବିବାଦରେ ଆଗାମୀ ଦିନର ରୋଡମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଣ୍ଟ ଓ୍ୱାର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।

ସକାଳ
THE SAKALA



# ମହାରଥୀଙ୍କୁ ମନେପକାଇ ରୁଦ୍ରଙ୍କ ସହିତ କାନ୍ଦିଲେ ମହିଳା

**ପିପିଲି,୨୨।୯ (ସମିସ)**

ପିପିଲି ଉପ ନିର୍ବାଚନ ସମୟ ଯେତେ ପାଖେଇ ଆସୁଛି ଦଳୀୟ କର୍ମୀ ଏବଂ ନେତାମାନେ



ସେମାନଙ୍କ ପ୍ରଚାର ସେତେ ଜୋରଦାର କରୁଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ ପ୍ରଚାର ଜାରି ରଖିବା ସହିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଉଛନ୍ତି। ସୋମବାର ଥିଲା ପ୍ରଦୀପ ମହାରଥୀଙ୍କ ତିଥି ଅନୁସାରେ ଶ୍ରାଦ୍ଧ ଦିବସ। ଭୁବନେଶ୍ୱରସ୍ଥିତ ବାସଭବନରେ ପୁଅ ରୁଦ୍ର ବାପାଙ୍କୁ ପିଣ୍ଡଦାନ କରିଥିଲେ। ଏହାପରେ ପୁବାଶାସନ ପଞ୍ଚାୟତର ଦୁଲାଦେଇ ମନ୍ଦିର ପରିସରରେ ପଞ୍ଚାୟତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଯୁବ ବିଜେଡ଼ି ସଭାପତି ମନୋଜ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୁରୀ ସାଂସଦ ପିନାକୀ ମିଶ୍ର, ବିଜେଡ଼ି ନେତା ସଞ୍ଜୟ ଦାସବର୍ମା, ବ୍ଲକ ଅଧ୍ୟକ୍ଷା କଳ୍ପନା ସାମନ୍ତରାୟ, ବିଜେଡ଼ି ନେତ୍ରୀ ପଲ୍ଲୀଶ୍ରୀ ମହାନ୍ତି, ଆର୍ତ୍ତବନ୍ଧୁ ସାମନ୍ତରାୟ ଯୋଗ ଦେଇ ରାଜ୍ୟରେ ନବୀନ ସରକାରର ବିକାଶମୂଳକ ଯୋଜନା ସମ୍ପର୍କରେ କହିଥିଲେ। ରାଜ୍ୟରେ ଯାହା ବିକାଶ ହୋଇଛି ତାହା ନବୀନ ବାବୁଙ୍କ ସମୟରେ ହିଁ ହୋଇଛି। ବିଜୁ ସ୍ୱାସ୍ଥ୍ୟ କାର୍ଡ଼ଠାରୁ ଆରମ୍ଭ କରିବ ବିଭିନ୍ନ ଯୋଜନାରେ ଗ୍ରାମାଞ୍ଚଳର ମହିଳାମାନେ ସାମିଲ ହୋଇ ପାରିଛନ୍ତି। ତେଣୁ ରୁଦ୍ର ହିଁ ଆସନ୍ତା ପାଇଁ ଉପଯୁକ୍ତ ପ୍ରାର୍ଥୀ ବୋଲି ସାଂସଦ ପିନାକୀ ମିଶ୍ର କହିବା ସହିତ ତାଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ତେବେ କାର୍ଯ୍ୟକାରୀଣଇ ବୈଠକର ଶେଷ ପର୍ଯ୍ୟାୟରେ ପ୍ରାର୍ଥୀ ରୁଦ୍ର ପ୍ରତାପ ପହଞ୍ଚି ବାପା ତଥା ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କୁ ମନେ ପକାଇବା ସହିତ ଅନ୍ତିମ ସମୟରେ ବି ନିଜ ମାଟି ପାଇଁ କିଭଳି ଚିନ୍ତା କରୁଥିଲେ ସେ ସମ୍ପର୍କରେ କହିବା ସମୟରେ କାନ୍ଦି ପକାଇଥିଲେ। ଉପସ୍ଥିତ ଥିବା ପୁବାଶାସନ ପଞ୍ଚାୟତର ମା'ମାନଙ୍କ ଆଖିରେ ମଧ୍ୟ ଲୁହ ଆସିଯାଇଥିଲା ତାଙ୍କର ପ୍ରିୟନେତା ସ୍ୱର୍ଗତ ମହାରଥୀଙ୍କୁ ସ୍ମୃତିରେ। ଆଜି ସିନା ମହାରଥୀ ନାହାଁନ୍ତି ତେବେ ତାଙ୍କ ଅବର୍ତ୍ତମାନରେ ତାଙ୍କ ପୁଅ ରୁଦ୍ରଙ୍କୁ ନିଶ୍ଚିତ ରୂପେ ବିଜୟର ଟିକା ପିନ୍ଧାଇବେ ବୋଲି ଉପସ୍ଥିତ ଶତାଧିକ ମହିଳାମାନେ କହିଥିଲେ।

## କେକ୍ କାଟି ପ୍ରଚାର କଲେ ଆଶ୍ରିତ

ବିଜେପି ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ବୁଧବାର ଥିଲା ଜନ୍ମ ଦିନ। ବିଜେପି କର୍ମୀମାନେ ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତର କର୍ମୀମାନେ କେକ୍ କାଟି ଆଶ୍ରିତଙ୍କ ଜନ୍ମଦିନ ପାଳନ କରିଥିଲେ। ଏହା ସହିତ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଦ୍ୱିତୀୟ ଦିନ ପ୍ରଚାରର ମଙ୍ଗ ଧରିଥିଲେ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର। ବିଧାୟକ ପ୍ରାର୍ଥୀ ଆଶ୍ରିତଙ୍କୁ ସାଥିରେ ନେଇ ପିପିଲି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ପ୍ରଚାର ଆରମ୍ଭ କରିଥିଲେ। ସରପଞ୍ଚ ଶୁଭାଶିଷ ରଥ, ମଣ୍ଡଳ ସଭାପତି ପର୍ଶୁରାମ ମହାପାତ୍ର, ବିଜେପି ନେତା ସୁବୋଧ ମହାନ୍ତି, ଉପ ସଭାପତି କସ୍ତୁରୀ ମିଶ୍ର, ଅନିତା ଶୁଭଦର୍ଶନୀ ପଟ୍ଟନାୟକ ଦଳୀୟ କର୍ମୀମାନଙ୍କୁ ସାଥିରେ ନେଇ କାର୍ଯ୍ୟକାରୀଣି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶ୍ରିତଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଉପସ୍ଥିତ ଲୋକମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ କହିଥିଲେ। ଏହାପରେ ପ୍ରତିଟି ୱାର୍ଡ଼କୁ ୱାର୍ଡ଼ ପରିକ୍ରମା କରି ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହିତ ଭାଜପାକୁ ଏଥର ସୁଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରଚାର ପଦଯାତ୍ରା ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ତେବେ କିଛି ହାତଗଣତି କର୍ମୀମାନଙ୍କୁ ସାଥିରେ ନେଇ ପ୍ରଚାର କରିଥିଲେ।



## କଂଗ୍ରେସର ପ୍ରଚାର ମଙ୍ଗ ଧରିଲେ ପ୍ରଦୀପ ମାଝୀ

ପିପିଲି,୨୨।୯ (ସମିସ): କଂଗ୍ରେସ ପକ୍ଷରୁ ଦ୍ୱିତୀୟ ଦିନରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ ଦଳୀୟ ପ୍ରାର୍ଥୀ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର। ଡ଼େଲାଙ୍ଗ ବ୍ଲକର ବେରବୋଇ ପଞ୍ଚାୟତରେ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି। ଏହାପରେ ପଞ୍ଚାୟତର ବିଭିନ୍ନ ଗାଁକୁ ଗାଁ ବୁଲି ଲୋକମାନଙ୍କୁ କଂଗ୍ରେସକୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ତେବେ ବୁଧବାର ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପିସିସି କାଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, ରାଜ୍ୟ କଂଗ୍ରେସ ସମ୍ପାଦିକା ନିରୁପମା ପାତ୍ର ପ୍ରମୁଖ। ପିପିଲି ଏନଏସି କାର୍ଯ୍ୟାଳୟରେ ପହଞ୍ଚି କଂଗ୍ରେସ କର୍ମୀମାନଙ୍କ ସହିତ ଆଲୋଚନା କରି ସଂଗଠନକୁ ଅଧିକ ସଂଗଠିତ କରିବା ପାଇଁ ନେତାମାନେ କହିଥିଲେ। ଏହାପରେ ଲକ୍ଷ୍ମୀନାରାୟପୁର ପଞ୍ଚାୟତ ଡିଗିରିଆ ଗ୍ରାମରେ ପ୍ରମୋଦ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ପିସିସି କାଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ପୁବାଶାସନ ସରପଞ୍ଚ ବିଜୟ ଦାସ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ଏକଜୁଟ ହୋଇ ଉପ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କୁ ଅଧିକରୁ ଅଧିକ ଭୋଟ ଦେଇ ବିଜୟୀ କରାଇବା ପାଇଁ କହିଛନ୍ତି। ତେବେ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇ କଂଗ୍ରେସ ତାହାର ପୁରୁଣା ସ୍ଥିତିକୁ ପୁଣି ଥରେ ଫେରିବ। ସେପଟେ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ହିଂସା ଠାରୁ ଦୂରେଇ ରହି ଏକ ହିଂସାମୁକ୍ତ ନିର୍ବାଚନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ବିଧାୟକ ପ୍ରାର୍ଥୀ ବିଶ୍ୱକେଶସନ।



## ମା' ଜାଗେଶ୍ୱରୀଙ୍କ କାଠିଯାତ୍ରା



ସାକ୍ଷୀଗୋପାଳ,୨୨।୯ (ସମିସ): ସତ୍ୟବାଦୀ ବ୍ଲକ ଅଳଗୁମ ଗ୍ରାମସ୍ଥିତ ମା' ଜାଗୁଲେଇଙ୍କ ପାରମ୍ପରିକ କାଠିଯାତ୍ରା ମଙ୍ଗଳବାର ପାଳିତ ହୋଇଯାଇଛି। ୧୨ଟି ପଡ଼ାରେ ଦୁଆରୀ ଭୋଗ ଖାଇ ମା'ଙ୍କର ବିଜେ ପ୍ରତିମା ଆଜି ମଧ୍ୟାହ୍ନରେ ମନ୍ଦିରକୁ ଫେରିବା ପରେ କାଠିଯାତ୍ରା ଆରମ୍ଭ ହୋଇଥିଲା। ଘଣ୍ଟ, କାହାଳୀ, ଢୋଲ, ମହୁରୀ, ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ମା'ଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଅଣାଯାଇ ୨୨ ହାତ ୨୨ ଅଙ୍ଗୁଳ ଲମ୍ବ ବିଶିଷ୍ଟ ଏକ ଶାଳ ଗଣ୍ଡ କାଠର ଅଗ୍ର ଭାଗରେ ଫୁଲମାଳ ବନ୍ଧା ଯାଇଥିଲା। ଶ୍ରଦ୍ଧାଳୁ ଓ ମାନସିକଧାରୀ ମାନେ ମା'ଙ୍କୁ ଅର୍ପଣ କରିଥିବା ଶହ ଶହ ସଂଖ୍ୟାରେ ଶାଢ଼ୀ ଗୁଡିକୁ ମହାରଣା ସେବକମାନେ ସେହି କାଠିରେ ବାନ୍ଧିଥିଲେ। ଗ୍ରାମର ରଜକ ସେବକ ମାନେ ଶାଢୀ ବାନ୍ଧିବାରେ ସହଯୋଗ କରିଥିଲେ। ଶାଢୀ ବନ୍ଧା ପର୍ବ ସରିବା ପରେ ସୁସଜ୍ଜିତ କାଠି ମା'ଙ୍କ ଶ୍ରୀଅଙ୍ଗରେ ଲଗାଯାଇ ବେଢ଼ା ପରିକ୍ରମା କରାଯାଇଥିଲା। ଭକ୍ତମାନଙ୍କ ଗହଣରେ କାଠିଟିକୁ ମନ୍ଦିର ଠାରୁ ଏକ କିଲୋମିଟର ଦୂର ବାରବାଟୀ ପଡ଼ିଆକୁ ବିରାଟ ପଟୁଆରରେ ନିଆଯାଇଥିଲା। ପଡ଼ିଆରେ କାଠିଯାତ୍ରା ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳ ଏକାଠି ହୋଇଥିଲେ। ସନ୍ଧ୍ୟାରେ କାଠି ବାରବାଟି ପଡ଼ିଆରୁ ମନ୍ଦିରକୁ ଫେରିଥିଲା। ମନ୍ଦିରରେ ମାଙ୍କର ନୀତିକାନ୍ତି ସରିବା ପରେ ସେବକ ସଚ୍ଚିକାନ୍ତ ବାରାଳ ମା'ଙ୍କ ବିଜେ ପ୍ରତିମା ସୁରାଲାଗି ନିମନ୍ତେ ସୁରାଲାଗି ବରଗଛ ମୂଳରେ ରାତ୍ରି ଯାପନ କରାଇଥିଲେ। ଏହି ଅବସରରେ ଅଳଗୁମ ଗ୍ରାମ ଉତ୍ସବମୁଖର ହୋଇପଡ଼ିଥିଲା।

## ଭାଗବତ ସପ୍ତାହ ପାରାୟଣ

ସାକ୍ଷୀଗୋପାଳ,୨୨।୯ (ସମିସ): ସତ୍ୟବାଦୀ ବ୍ଲକ ସାଣ୍ଡରା ପଞ୍ଚାୟତ ଉତ୍ତରପଡ଼ା ଶାଖା ପରିସରରେ ଭାଗବତ ସପ୍ତାହ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ, ଜ୍ୟୋତି ଆଶ୍ରମ ସ୍ୱନକ୍ଷତ୍ର, ମାହାଙ୍ଗା ଆନୁକୂଲ୍ୟରେ ଭାଗବତ ଜନ୍ମ, ଇନ୍ଦ୍ରୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁସ୍ୱାମୀଙ୍କର ୬୭ତମ ମର୍ଯ୍ୟାବତରଣ ତିଥି ମହୋତ୍ସବ ପାଳିତ ହୋଇଯାଇଛି। ଠାକୁରଙ୍କ ପୂଜାର୍ଚ୍ଚନା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ବାଳଗୋପାଳ ସେବାର ମଧ୍ୟ ଆୟୋଜନ କରାଯାଇଥିଲା। କାହ୍ନା ବାବା, ସୁନିଲ ବାବା ଉକ୍ତ ମହୋତ୍ସବରେ ଯୋଗଦେଇ ଭାଗବତ ମାହାତ୍ମ୍ୟ ସମ୍ପର୍କରେ ଶ୍ରଦ୍ଧାଳୁମାନଙ୍କୁ ବୁଝାଇଥିଲେ। କିଶୋର ଭାଇ ଓ ଆନନ୍ଦ ଭାଇ ଭଜନ ଗାନ କରିଥିଲେ।

## କରୋନା ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଚାନ୍ଦପୁର,୨୨।୯ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ପଟିଆ ପଞ୍ଚାୟତରେ ଗତ ମଙ୍ଗଳବାର ଦିନ ଗାଁ କଲ୍ୟାଣ ସମିତି ତରଫରୁ କରୋନା ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ରଣପୁର ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଦଳବେହେରା, ବିଜୟ କେତନ ସାହୁ, ସାଂସଦଙ୍କ ପ୍ରତିନିଧି ପାଣ୍ଡବ ସେଠୀ, ବିଜୁ ଜନତା ଦଳ ସଭାପତି ବିଜୟ କୁମାର ପ୍ରଧାନ, ରାଜ୍ୟ ସଂଯୋଜକ ଏକତା ପରିଷଦ ଡ. ବିଶ୍ୱଜିତ୍ ମହାପାତ୍ର, ପଟିଆ ବନସଂରକ୍ଷକ ଭୁବନେଶ୍ୱର ନାୟକ, ପୂର୍ବତନ ସରପଞ୍ଚ କାଳୁଚରଣ ବଳିୟାରସିଂ, ରାଇପଡ଼ା ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ମିଶ୍ର, ସ୍ୱାସ୍ଥ୍ୟକର୍ମୀ ମୃତ୍ୟୁଞ୍ଜୟ ବେହେରା, ଏଏନ୍ଏମ୍ ଶୁଭଶ୍ରୀ ପ୍ରଧାନଙ୍କ ସମେତ ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତିର ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କୁ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଗାଇଡ୍ସ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଶେଷରେ ପଞ୍ଚାୟତ ସରପଞ୍ଚ ଓ ବିଧାୟକଙ୍କ ତରଫରୁ ଡ. ବିଶ୍ୱଜିତ୍ ମହାପାତ୍ର, ରାଜ୍ୟ ସଂଯୋଜକ ରବୀନ୍ଦ୍ର ନାୟକ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନଙ୍କୁ ସମ୍ମାନିତ କରିଥିଲେ।

## ବୌଦ୍ଧ ଦର୍ଶନ ମାନବ ସମାଜ ପାଇଁ ଆଲୋକବର୍ତ୍ତିକା

ପୁରୀ,୨୨।୯ (ସମିସ): ଭାଦ୍ରବ ପୂର୍ଣ୍ଣିମା ଅବସରରେ ପୁରୀର ଅଗ୍ରଗଣ୍ୟ ବୌଦ୍ଧିକ ଅନୁଷ୍ଠାନ ବୋଧିଚକ୍ରର ମାସିକ ଅଧିବେଶନ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବୁଦ୍ଧ ବନ୍ଦନା, ସମୂହ ଧ୍ୟାନ ଓ ତ୍ରିଶରଣ ଅବୃତି ପରେ ସମ୍ପାଦକ ରମାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଦେବରାଜ ପ୍ରଧାନ ଧର୍ମପଦର ଆତ୍ମବର୍ଗରୁ କୋଡ଼ୋଟି ଗାଥା ପାଠ କରି ବିଶଦ୍ ବ୍ୟାଖ୍ୟାପୂର୍ବକ ବୌଦ୍ଧଧର୍ମର ସାରାଂଶ ସଂକ୍ଷେପରେ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ବାସନ୍ତି ମିଶ୍ର ଭାଗବତ ଜନ୍ମର ମାହାତ୍ମ୍ୟ ପ୍ରସଙ୍ଗରେ କଳିର ପରାଭବକୁ ସମାଜକୁ ମୁକ୍ତ କରି ଯୁବବର୍ଗ ପଞ୍ଚଶୀଳ ନୀତିର ଅନୁପାଳନ କରି ଏକ ଶାନ୍ତିପୂର୍ଣ୍ଣର୍ ସମାଜ ଗଠନରେ ସହାୟକ ହେବାକୁ କହିଥିଲେ।

## ଜିଲ୍ଲା କିଷାନ କଂଗ୍ରେସ ସଭାପତି ହେଲେ ଦେବେନ୍

ସାକ୍ଷୀଗୋପାଳ,୨୨।୯ (ସମିସ): ସତ୍ୟବାଦୀ ବ୍ଲକ ଶୁକଳ ଗ୍ରାମ ପଞ୍ଚାୟତର ବାଁ ବରଡା ଗ୍ରାମର ଦେବେନ୍ ଦେବ୍ ଲୋଭାନ ପୁରୀ ଜିଲ୍ଲା କିଷାନ କଂଗ୍ରେସର ନୂଆ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ଅନୁମୋଦନ ଦେଇଛନ୍ତି। ଜିଲ୍ଲାର ୧୧ଗୋଟି ବ୍ଲକ ୪ଟି ନଗରାଞ୍ଚଳରେ କିଷାନ କଂଗ୍ରେସ ସଂଗଠନକୁ ପଞ୍ଚାୟତ ଓ ୱାର୍ଡସ୍ତରରୁ ସୁଦୃଢ଼କରାଯିବା ସଙ୍ଗେ ସଙ୍ଗେ ଜିଲ୍ଲାର ଚାଷ ଓ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରୀସ୍ତରରେ ଦୃଢ଼ ଦାବି କରାଯିବ ବୋଲି ନବ ନିଯୁକ୍ତି ସଭାପତି ଲୋଭାନ କହିଛନ୍ତି।

## କୃଷ୍ଣପ୍ରସାଦରେ ପୋଷଣ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୨।୯ (ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ କୃଷ୍ଣପ୍ରସାଦ ସେକ୍ଟରର ସିଆଣ୍ଡି ପଞ୍ଚାୟତ ଅଣୁଆଁ ଅଙ୍ଗନବାଡି କେନ୍ଦ୍ରଠାରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହିଳା ଶିଶୁ



ବିକାଶ ଅଧିକାରିଣୀ ମନୋରମା ଦେବୀ ଉଦ୍‌ଘାଟନ କରିଥିଲେ। ସିଆଣ୍ଡୀ ପଞ୍ଚାୟତ ସରପଞ୍ଚ ଅନୀତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ସେବିକା ଦିପ୍ତୀରାଣୀ ଦଣ୍ଡପାଟ, ଗ୍ରାମ୍ୟ କମିଟ ମୁଖିଆ ରାମଚନ୍ଦ୍ର ବିଶ୍ୱାଳ, ଦଳିତ ସେବା ସଂଗଠନ ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ସମେତ ଗର୍ଭବତୀ, ପ୍ରସୂତି ମା, ସ୍ୱଙ୍ଗ ସହାୟକ ସଂଗଠନର ମହିଳାମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ଟିକର ଖାଦ୍ୟର ଉପକାରିତା ଦିଗରେ ସଚେତନତା ସହ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ସିଆଣ୍ଡୀ ଅଙ୍ଗନବାଡି କର୍ମୀ କବିତାରାଣୀ ବିଶ୍ୱାଳ, ଅଣୁଆଁ ଅଙ୍ଗନବାଡି କର୍ମୀ ଜାନକୀ ମିସ୍ତ୍ରୀ, ଗୋପାଳପୁର ଅଙ୍ଗନବାଡି କର୍ମୀ ଅହଲ୍ୟା ପଲେଇ, ଓରା/ପାଟପୁର ଅଙ୍ଗନବାଡି କର୍ମୀ ସଂଯୁକ୍ତା ଦଳେଇ ପ୍ରମୁଖ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରି ପ୍ରଶଂସା ସାଉଁଟିଥିଲେ। କୃଷ୍ଣପ୍ରସାଦ ବ୍ଲକର ୧୩୪ ଅଙ୍ଗନବାଡି କେନ୍ଦ୍ର ଏବଂ ୨ଟି ମିନି କେନ୍ଦ୍ରରରେ ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ଉଦ୍ଦେଶ୍ୟରେ ପୁଷ୍ଟିକର ଖାଦ୍ୟ ପାଇଁ ପୋଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସିଡିପିଓ ମନୋରମା ଦେବୀ ପ୍ରକାଶ କରିଛନ୍ତି।

## ମହେଶଙ୍କ ପ୍ରଥମ ଶ୍ରାଦ୍ଧସଭା

ବ୍ରହ୍ମଗିରି,୨୨।୯ (ସମିସ): ଅକ୍ଷୟପାତ୍ର ଫାଉଣ୍ଡେସନର ପୂର୍ବତନ ରାଜ୍ୟମୁଖ୍ୟ ମହେଶ ପ୍ରଧାନ (୪୦) ଗତ ବର୍ଷ କରୋନାରେ ଆକ୍ରାନ୍ତ ହୋଇ ଅକାଳରେ ପରଲୋକ ଘଟିଥିଲା। ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଗୋରୁଆଳ ବଜାରରେ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଛି। କଂଗ୍ରେସ ନେତା ନିରଞ୍ଜନ ମିଶ୍ର, ମକୁ ଜେନା, ପ୍ରଦୀପ୍ତ କୁମାର ପରିଡ଼ା, ଭାଗିରଥି ମହାରଣା, ଗୋପାଳ ଚନ୍ଦ୍ର ସ୍ୱାଇଁ, ଭଗବାନ ଭୋଇ, ସୁକାନ୍ତ କୁମାର ସାହୁ, ଧାଡିଆ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ତପନ କୁମାର ସ୍ୱାଇଁ, ଦୈତାରୀ ମହାରଣା ,ଦୁର୍ଯ୍ୟୋଧନ ବିଶ୍ୱାଳ ଓ ସନାତନ ମଲିକ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୀପଦାନ କରାଯାଇଥିଲା।

## ଅସ୍ତରଙ୍ଗରେ କଂଗ୍ରେସ କର୍ମୀଙ୍କ ବୈଠକ

**ଅସ୍ତରଙ୍ଗ,୨୨।୯ (ସମିସ)**

ଅସ୍ତରଙ୍ଗ ବ୍ଲକରେ କଂଗ୍ରେସର ପଞ୍ଚାୟତସ୍ତରୀୟ କର୍ମୀ ବୈଠକ ବୁଧବାର ନଇଗୁଆଁ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ନଇଗୁଆଁ ଗ୍ରାମ ପଞ୍ଚାୟତ ସଭାପତି ଗୌତମ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି ଯୋଗଦେଇ ଆଗାମୀ ଗ୍ରାମ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ କିପରି ବିଜୟ ହେବ ସେନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ବିଜେପି ସରକାର ସମୟରେ ସାଧାରଣ ଲୋକ କିପରି ଅତିଷ୍ଠ ସେନେଇ ବ୍ଲକ ସଭାପତି ମହାନ୍ତି କର୍ମୀଙ୍କୁ ବୁଝାଇବା ସହ ଏ ଦିଗରେ ସାଧାରଣ ଭୋଟରଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ସାଧାରଣ କଂଗ୍ରେସ କର୍ମୀ କିଭଳି ଉପେକ୍ଷିତ ହେଉଛନ୍ତି ତାହା ଉପସ୍ଥାପନ କରିଥିଲେ। ବିଗତ ଦିନରେ କଂଗ୍ରେସ ଛାଡିଥିବା ଅନେକ କର୍ମୀ ପୁନର୍ବାର କଂଗ୍ରେସକୁ ଫେରିଆସି ଏହି ବୈଠକରେ ସାମିଲ ହୋଇଥିଲେ। ବୈଠକରେ ପଞ୍ଚାୟତ ସଭାପତି ଭାବେ ସର୍ବସମ୍ମତି କ୍ରମେ ଗୌତମ ମୁଦୁଲି ସଭାପତି, ସନ୍ତୋଷ କୁମାର ଦାସ ଯୁବ କଂଗ୍ରେସ ସଭାପତି, ପ୍ରଣତି ସ୍ୱାଇଁ ମହିଳା କଂଗ୍ରେସ ସଭାପତି, ଅକ୍ଷୟ କୁମାର ମୁଦୁଲି ଓବିସି ସେଲ୍‌ଫ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ସମେତ ଜୋନ୍ ସଭାପତି ବିକାଶ ବାରିକ, ପ୍ରଶାନ୍ତ କୁମାର ଭୋଳ, ବରିଷ୍ଠ କଂଗ୍ରେସ ନେତା ପ୍ରତାପ ଲେଙ୍କା, ପୁରୀ ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରତାପ ଖୁଣ୍ଟିଆ, ଆର୍ତ୍ତ ବିହାରୀ ମୁଦୁଲି, ଦୀପ୍ତି ରଞ୍ଜନ ସେନାପତି, ଯୁବନେତା ନିହାର ପଟ୍ଟନାୟକ, ସୁବାସ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ବର୍ଷାଜଳ ନିଷ୍କାସନ ଦାବିରେ ବ୍ଲକ ଘେରାଉ

ସାକ୍ଷୀଗୋପାଳ,୨୨।୯ (ସମିସ): ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତରେ ଲଗାଣ ବର୍ଷା ପରେ ପାଣି ନିଷ୍କାସନ ହୋଇ ନପାରିବାରୁ ଶହ ଶହ ଏକର ଧାନ



ଫସଲ ନଷ୍ଟ ହେବା ସହ ମାଛ, ପନିପରିବା ଚାଷ ନଷ୍ଟ ହୋଇଛି। ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଦାବିରେ ଦୁଗଲ ଗ୍ରାମବାସୀ ବୁଧବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଠାଇଶ, ପଞ୍ଚୁକେରା, ଅନ୍ତରପଛ, ବୁଢ଼ାମରା ଦକ୍ଷିଣସାହି ପ୍ରମୁଖ ଗ୍ରାମ ଗୁଡିକରେ ପାଣି ରାସ୍ତା ଉପରେ ଚାଲିବା ସହ ବିଲ ବାରିରେ ବର୍ଷା ଜଳ ଲହଡି ଭାଙ୍ଗୁଛି। ପ୍ରଶାସନ ଏଯାଏ ନିଷ୍କାସନ ବ୍ୟବସ୍ଥା କରୁ ନଥିବା ଅଭିଯୋଗ କରିଛନ୍ତି ଚାଷୀମାନେ। ବିଶେଷ କରି ୩୧୬ନଂ. ଜାତୀୟ ରାଜପଥ ଦୋହରୀକରଣ ହେବା ସମୟରେ ବିରଗୋବିନ୍ଦପୁର ଶଙ୍ଖ, ବୁଢ଼ାମରା ଶଙ୍ଖ, ପଞ୍ଚୁକେରା ଶଙ୍ଖରେ ପାଣି ନିଷ୍କାସନ ବାଟକୁ ସଙ୍କୁଚିତ କରାଯାଇଥିବାରୁ ସଠିକ୍ ଭାବେ ଜଳ ନିଷ୍କାସନ ହେଉନାହିଁ। ଫଳରେ ଦୁଗଲ ଗ୍ରାମ ପଞ୍ଚାୟତର ଅନେକ ଗ୍ରାମ ଗହିର ଗୁଡିକରେ ଧାନ ଫସଲ ନଷ୍ଟ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଶେଷରେ ବିଡିଓ କ୍ଷୀରୋଦ କୁମାର ବେହେରା ଅଭିଯୋଗ ଅନୁଯାୟୀ ସମସ୍ତ ଗ୍ରାମ ଗୁଡିକ ତଦନ୍ତ କରିବା ପରେ ଯାହା କିଛି ପଦକ୍ଷେପନେବେ ବୋଲି କହିବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା।

## ଜଟେଶ୍ୱର ଦେବ କଲେଜ ବନ୍ଦ ପାଇଁ ଶିକ୍ଷା ବିଭାଗର ନିର୍ଦ୍ଦେଶ

- ଚାକିରି ଦେବା ଆଳରେ ଅର୍ଥ ଠକେଇ ଅଭିଯୋଗ
- ଅଧ୍ୟକ୍ଷଙ୍କ ନାମରେ ମାମଲା ରୁଜୁ

ନିମାପଡ଼ା,୨୨।୯ (ସମିସ): ନିମାପଡ଼ା ବ୍ଲକ ଶଗଡ଼ା ପଞ୍ଚାୟତ ଜଟେଶ୍ୱର ଦେବ କଲେଜ ଅଫ୍ ଏଜୁକେସନ୍ ଆଣ୍ଡ ଭୋକେସନାଲ୍ (+୨ କଲେଜ)କୁ ବନ୍ଦ କରିବା ପାଇଁ ଶିକ୍ଷା ବିଭାଗ ନୋଟିସ ଦେଇଛି। ୧୯୯୩ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି +୨ କଲେଜ ପରିଚାଳନା କମିଟି ସଦସ୍ୟ ମାନଙ୍କ ମଧ୍ୟରେ ବିବାଦ ଦେଖାଦେଇ ସେମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ଦିଗକୁ ନଜରକୁ ନେଇ ଶିକ୍ଷା ବିଭାଗ ଏହି କଲେଜକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ତେବେ କଲେଜର ଅଧ୍ୟକ୍ଷ ବିଚିତ୍ରାନନ୍ଦ ସେନାପତି ଚାକିରି ପାଇଁ ଅର୍ଥ ନେଇଥିବା ସନ୍ତୋଷ ପଣ୍ଡା, ମହେନ୍ଦ୍ର ନାୟକ, କାର୍ତ୍ତିକେଶ୍ୱର ସେଠୀ, ଛବିନ୍ଦ୍ର ବରାଳ, ରମେଶ ମହାନ୍ତି ପ୍ରମୁଖ କର୍ମଚାରୀ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏହି ଅଭିଯୋଗ ଆଧାରରେ ଅଧ୍ୟକ୍ଷଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଜଳ ଜୀବନ ମିଶନ ସଚେତନତା ଶିବିର

ସାକ୍ଷୀଗୋପାଳ,୨୨।୯ (ସମିସ): ସତ୍ୟବାଦୀ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଦର ଆନୁକୁଲ୍ୟରେ ଜଳ ଜୀବନ ମିଶନ କାର୍ଯ୍ୟକାରିତା ଉପରେ ଗ୍ରାମ ସଂଗଠକମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷିରୋଧ କୁମାର ବେହେରା ଓ ଗ୍ରାମ୍ୟ ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଜାତା ପରିଡ଼ା ଓ ସ୍ୱାଦର ସମ୍ପାଦିକା ବୀଣାପାଣି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ସ୍ୱେଚ୍ଛାସେବୀ ସଂଗଠକମାନଙ୍କୁ ଜଳ ଜୀବନ ମିଶନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତଭାବେ ଆଲେଚନା କରାଯାଇଥିଲା। ପରେ ପରେ କିପରି ପାନୀୟ ଜଳ ସମସ୍ତଙ୍କ ପାଖରେ ପହଞ୍ଚିବ, ସଂରକ୍ଷଣ କିପରି କରାଯିବ ଓ ତାହାର ଯୋଜନା ପ୍ରସ୍ତୁତ କରାଯିବ ସେ ବିଷୟରେ ଟ୍ରେନର ମାନସ ରଞ୍ଜନ ମିଶ୍ର, ଶ୍ରୀକୃଷ୍ଣ ମହାପାତ୍ର ବୁଝାଇଥିଲେ। ପ୍ରକଳ୍ପ ସଂଯୋଜକ ଶିଶିର କୁମାର ମିଶ୍ର ଶିବିର ପରିଚାଳନା କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମଗିରି,୨୨।୯ (ସମିସ): ସାତପଡ଼ା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳର ରତ୍ନାକର ସ୍ୱାଇଁ (୪୫) ବୋଲି ସାତପଡ଼ା ଫାଣ୍ଡି ପୁଲିସ ସୂଚନା ଦେଇଛି। ରତ୍ନାକର ଗତ କିଛିଦିନ ହେବ ସାତପଡ଼ା ଅଞ୍ଚଳକୁ ଆସି ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଦିନରେ କାମ ସାରିବା ପରେ ରାତିରେ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିଲେ। ମଙ୍ଗଳବାର ରାତିରେ ଶୋଇଥିବାବେଳେ ବୁଧବାର ସକାଳୁ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ସାତପଡ଼ା ଫାଣ୍ଡିକୁ ଖବର ଦେଇଥିଲେ। ରତ୍ନାକରଙ୍କ ମୁଣ୍ଡ ଓ ନାକରୁ ପ୍ରବଳ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ରତ୍ନାକରଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହକୁ ପୁଲିସ ହସ୍ତାନ୍ତର କରିଥିଲା। ଏନେଇ ସାତପଡ଼ା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଛି।

## ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ପାଇଁ ପ୍ରସ୍ତୁତି

ବ୍ରହ୍ମଗିରି,୨୨।୯ (ସମିସ): ବ୍ରହ୍ମଗିରି ତହସିଲ ଅଧିନରେ ରହିଥିବା ବାହ୍ୟ ଚିଲିକାରୁ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ବୁଧବାର ସୁନାମୁହିଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଅଧିନରେ ରହିଥିବା କେଉଟିକୁଦି ମୌଜାର କଣ୍ଟେଇ ଜାଣକୁ ଉଚ୍ଛେଦ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ରହ୍ମଗିରି ତହସିଲଦାର କାହ୍ନୁ ଚରଣ ଘଡାଇଙ୍କ ନେତୃତ୍ୱରେ ଚିଲିକାର ବେଆଇନ ଘେରି ଉଚ୍ଛେଦ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁନାମୁହିଁ ଛକ ନିକଟରେ ରହିଥିବା ପ୍ରାୟ ହଜାର ହଜାର ଏକର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଜେସିବି ମେସିନ ସାହାର୍ଯ୍ୟରେ ଚିଙ୍ଗୁଡି ବନ୍ଧରେ ଡିନାମାଇଟ ଲଗାଯାଇଛି। ଗୁରୁବାର ବ୍ଲାଷ୍ଟିଂ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମହାନ୍ତି, ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀଙ୍କ ସମେତ ମତ୍ସ୍ୟବିଭାଗ ଅଧିକାରୀ ଓ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିଥିଲେ।

# ଅଧିକାରୀ ବଦଳିଲେ ବଦଳୁଛି ଯୋଜନାର ପରିଚୟ

## ନୂଆରୂପ, ନୂଆନାମରେ ଆତ୍ମପ୍ରକାଶ କରିଛି ଏକାଧିକ ଯୋଜନା



**ପୁରୀ,୨୨।୯ (ସମିସ):** ଅଧିକାରୀ ବଦଳିଗଲେ, ବଦଳିଯାଉଛି ଯୋଜନାର ପରିଚୟ। କେବଳ ପରିଚୟ ବଦଳୁନି ରୂପରେଖରେ ବି ଆସୁଛି ପରିବର୍ତ୍ତନ। ନୂଆ ଅଧିକାରୀ ପୁରୁଣା ଯୋଜନାକୁ ଦେଉଛନ୍ତି ନୂଆ ପରିଚୟ। ଏଭଳି ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲାରେ। ଜିଲ୍ଲାର ମୁଖିଆ ପଦରୁ ବଲୱନ୍ତ ସିଂଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଆସିଛନ୍ତି ସମର୍ଥ ବର୍ମା। ତେବେ ପୂର୍ବତନ ଜିଲ୍ଲାପାଳ ବଲୱନ୍ତଙ୍କ ସମୟରେ ପୁରୀ ପାଇଁ କେତେକ ଯୋଜନା ଆରମ୍ଭ କରାଯାଇଥିଲା। ଯେଉଁ ଯୋଜନା ଆରମ୍ଭ କରିବାରେ ବଲୱନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ବିଶେଷକରି ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା, ଦିବ୍ୟାଙ୍ଗମାନଙ୍କ ଜୀବନ ଜୀବିକାକୁ ସଜାଡ଼ିବା, ନିରାଶ୍ରୟଙ୍କୁ ଆଶ୍ରୟ ଦେବା ପାଇଁ ନିଆଯାଇଥିଲା ଅନେକ ପଦକ୍ଷେପ। ସେଥିମଧ୍ୟରୁ ଅନେକ ଯୋଜନା ଏବେ ବି ବଳବତ୍ତର ରହିଛି। କିନ୍ତୁ କିଛି ଯୋଜନାର ପରିଚୟ ବଦଳିଯାଇଛି। ଏହିଭଳି କିଛି ଯୋଜନା ମଧ୍ୟରେ ରହିଛି ପ୍ରଫୁଲ୍ଲ, ବଡ଼ଦାଣ୍ଡରେ ବଡ଼ସେବା, ମୋ ସହର ମୋ ଭବିଷ୍ୟତ ଇତ୍ୟାଦି... ଯେଉଁମାନେ କି ନୂଆ ପରିଚୟ ପାଇଛନ୍ତି।

୨୦୧୯ ମେ' ୩ ତାରିଖ ବାତ୍ୟା ଫାନି ପୁରୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଫାନି କ୍ଷତିଗ୍ରସ୍ତ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ଯୋଗାଇଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିଲା ପ୍ରଫୁଲ୍ଲ ଯୋଜନା। ୨୨ ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ଓ ସାମାଜିକ ସୁରକ୍ଷା ତଥା ଜୀବନ ଜୀବିକା ଯୋଗାଇଦେବା ଲକ୍ଷ୍ୟରେ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଥିପାଇଁ ଜିଲ୍ଲା ପ୍ରଶାସନ ଅନେକ କାର୍ଯ୍ୟକ୍ରମ ଏବଂ ପଦକ୍ଷେପ ହାତକୁ ନେଇଛି। ବହୁ ଦିବ୍ୟାଙ୍ଗଙ୍କୁ ମଧ୍ୟ ସହଯୋଗ ମିଳିଛି। ତେବେ ୨୦୨୧ ଜାନୁଆରୀ ପହିଲାରେ ପୁରୀ ଜିଲ୍ଲାପାଳ ପଦବୀରୁ ବଲୱନ୍ତ ସିଂଙ୍କ ବଦଳି ଏବଂ କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁଁ ଏହି ଯୋଜନାରେ ଶିଥିଳତା ଦେଖାଦେଇଥିଲା। ମାତ୍ର ପ୍ରଫୁଲ୍ଲ ଏବେ ନୂଆନାମ 'ଫୁଲ' (ପିଡବ୍ଲ୍ୟୁଡି ହଲିଷ୍ଟିକ୍ ଅପଲିଫ୍ଟମେଣ୍ଟ ଆଣ୍ଡ ଲାଇଭ୍‌ଲିହୁଡ୍ ଆସିଷ୍ଟାନ୍ସ) ମାଧ୍ୟମରେ ପୁଣି ମୁଣ୍ଡ ଟେକିବାକୁ ଯାଉଛି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍‌ଏସ୍‌ଇପିଡି), ଓଡ଼ିଶା ଡାଇରେକ୍ଟୋରେଟ୍ ଅଫ୍ ଏମ୍ପ୍ଲୟମେଣ୍ଟ ଆଣ୍ଡ ଓଏସ୍‌ଡିଏ, ଭୁବନେଶ୍ୱରସ୍ଥିତ ଏନ୍‌ସିଏସ୍‌ସିଡିଏ, ଏସ୍‌ବିଆଇ ପୁରୀଙ୍କ ମିଳିତ ସହଯୋଗରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିଲାଗି ଜିଲ୍ଲାର ୧ ହଜାର ଦିବ୍ୟାଙ୍ଗଙ୍କୁ ଚୟନ କରାଯାଇଛି। ଏମାନଙ୍କୁ ସ୍ୱାବଲମ୍ବୀ ହେବା ଲାଗି ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ବ୍ୟାଙ୍କ୍‌ଠାରୁ ଋଣ ନେଇ ପରିବା ଦୋକାନ, ଚା' ଦୋକାନ, ମୋବାଇଲ ମରାମତି ଦୋକାନ, ବିୟୁଟି ପାର୍ଲର ପ୍ରଭୃତି ବ୍ୟବସାୟ କରିପାରିବେ। ଠିକ୍ ସମୟରେ ଋଣ ପରିଶୋଧ କରି ଅଧିକ ଋଣ ନେବାର ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି।

ସେହିପରି ବଲୱନ୍ତ ସିଂଙ୍କ 'ମୋ ସହର ମୋ ଭବିଷ୍ୟତ' ଯୋଜନା ସମର୍ଥ ବର୍ମାଙ୍କ ସମୟରେ 'ହେରିଟେଜ ୱାକ୍ ଆଣ୍ଡ ରାଇଡ୍' ଭାବେ ନୂଆନାମ ପାଇଛି। କେବଳ ଆଧ୍ୟାତ୍ମିକ କିମ୍ବା ଐତିହାସିକ ନୁହେଁ ସାଂସ୍କୃତିକ ଦୃଷ୍ଟିରୁ ପୁରୀର ପରିଚୟ ଅନନ୍ୟ। ଶ୍ରୀମନ୍ଦିର ଓ ମହୋଦଧି ବ୍ୟତୀତ ସହରରେ ଅନେକ ପ୍ରାଚୀନ ମଠ, ମନ୍ଦିର ଓ ଆଶ୍ରମ ବିଷୟରେ ତଥ୍ୟଭିତ୍ତିକ ଅବଗତ କରିବା ପାଇଁ ରବିବାର ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମଠ, ମନ୍ଦିର, ଆଶ୍ରମ ଏବଂ ଅନୁଷ୍ଠାନ ସାଇକଲରେ ବୁଲିବାକୁ ନିଆଯାଉଛି। ଗତ ୫ ତାରିଖରେ 'ହେରିଟେଜ୍ ୱାକ୍ ଆଣ୍ଡ ରାଇଡ୍'ର ଶୁଭାରମ୍ଭ ହୋଇଥିଲା। ମାତ୍ର ଗତ ଦୁଇଟି ରବିବାର ପାଗ ଖରାପ ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା। ସେହିପରି ପୁରୀ ସହର ଏବଂ ବଡ଼ଦାଣ୍ଡକୁ ସ୍ୱଚ୍ଛ ରଖିବା ଲାଗି ବଲୱନ୍ତଙ୍କ ସମୟରେ ଆରମ୍ଭ କରାଯାଇଥିଲା 'ବଡ଼ଦାଣ୍ଡରେ ବଡ଼ ସେବା'। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟୀ, ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ସ୍ୱଚ୍ଛତା ନେଇ ସଚେତନ କରିବା ଥିଲା ଏହାର ମୂଳ ଲକ୍ଷ୍ୟ। ଗତ ଜାନୁଆରୀ ୧ ତାରିଖରେ ଏହାର ଶୁଭାରମ୍ଭ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସହିତ ଜିଲ୍ଲାପାଳ ବଲୱନ୍ତ ସିଂ ସିଂହଦ୍ୱାରରେ ଝାଡୁମାରି ଏହି ସେବାକୁ ଆରମ୍ଭ କରିଥିଲେ। ମାତ୍ର ସେହିଦିନ ହିଁ ବଲୱନ୍ତଙ୍କ ବଦଳି ଖବର ବାହାରିଥିଲା। ଏହାପରେ ଏହି ସେବା ବନ୍ଦ ରହିଥିବାବେଳେ ପୁନଶ୍ଚ ଏହାକୁ ଆରମ୍ଭ କରିବା ଲାଗି ଜିଲ୍ଲାପାଳ ସମର୍ଥ ବର୍ମା ଚାହିଁଥିଲେ। ଗତ ମାର୍ଚ୍ଚ ୫ ତାରିଖରେ ଏହି ଯୋଜନା 'ବଡ଼ଦାଣ୍ଡ ସେବା' ନାମରେ ପୁଣି ଉଜ୍ଜୀବିତ ହୋଇଥିଲା। ସମର୍ଥ ବର୍ମାଙ୍କ ସମୟରେ ଏହାର ରୂପରେଖରେ କିଛିଟା ପରିବର୍ତ୍ତନ କରାଯାଇଥିଲା। ବଡ଼ଦାଣ୍ଡ ସେବାରେ ୧ କିଗ୍ରାରୁ ଅଧିକ ପ୍ଲାଷ୍ଟିକ୍ ଦେଲେ ଗୋଟିଏ ଟି-ଶାର୍ଟ ମଧ୍ୟ ମିଳୁଥିଲା। ସପ୍ତାହକୁ ଗୋଟିଏ ଦିନ ସକାଳେ ୨ ଘଣ୍ଟା ଏହାର ସମୟ ଅବଧି ଥିଲା। ଏଥିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଥିଲା। ମାତ୍ର ୪/୫ ସପ୍ତାହ ପରେ ପୁଣି କରୋନାର ଦ୍ୱିତୀୟ ଲହର ଯୋଗୁଁ ଏହା ବନ୍ଦ କରାଯାଇଛି। କେବଳ ଏହି ତିନୋଟି ଯୋଜନା ନୁହେଁ, ଆଉ କିଛି ଯୋଜନା ନୂଆରୂପ ଏବଂ ନୂଆନାମରେ କାର୍ଯ୍ୟକାରୀ କରାଯିବା ପାଇଁ ଆଲୋଚନା ହେଉଥିବା ଜଣାପଡ଼ିଛି।

## ସିଂହଦ୍ୱାର ସମ୍ମୁଖରେ ଦୀପ ଷ୍ଟାଣ୍ଡ ବ୍ୟବସ୍ଥା ଦାବି



**ପୁରୀ,୨୨।୯ (ସମିସ):** ଦୈନିକ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରିଥାନ୍ତି। ଦର୍ଶନ ବନ୍ଦ ଥିବା ଦିନମାନଙ୍କରେ ଅନେକ ଭକ୍ତ ସିଂହଦ୍ୱାର ସମ୍ମୁଖରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପ ଜାଳି ମୁଣ୍ଡିଆ ମାରିଥାନ୍ତି। ସେମିତି କେହି କେହି ମନ୍ଦିର ଭିତରକୁ ନ ଯାଇ ସିଂହଦ୍ୱାର ସମ୍ମୁଖରେ ଦୀପଟିଏ ଜାଳିଥାନ୍ତି। ମାତ୍ର ସିଂହଦ୍ୱାର ସମ୍ମୁଖରେ କୌଣସି ଦୀପ ଷ୍ଟାଣ୍ଡ ନ ଥିବାରୁ ଅନେକ ସମୟରେ ଭକ୍ତମାନେ ପଥର ଉପରେ କିମ୍ବା ତଳେ ଦୀପ ଥୋଉଛନ୍ତି। ଦୀପ ଜଳିସାରିବା ପରେ ତଳେ ଗଦା ହୋଇରହୁଛି। ତେଣୁ ନୂତନ ଦୀପଷ୍ଟାଣ୍ଡ ବ୍ୟବସ୍ଥା କରିବା ପାଇଁ ଦାବି କରିଛି ଉର୍ଜାବାନ ଓଡ଼ିଶା। ଏ ନେଇ ବୁଧବାର ଅନୁଷ୍ଠାନ ପକ୍ଷରୁ ଜିଲ୍ଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ସିଂହଦ୍ୱାର ସମ୍ମୁଖରେ ଦୀପ ଷ୍ଟାଣ୍ଡଟିଏ ରହିଲେ ତଳେ ଏଣେତେଣେ ଦୀପ ପଡ଼ିବନି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ସୀତାରାମ ସେନାପତି, ଅନୀଲ କୁମାର ସାହୁ, ଦେବଜିତ ଦାସ, ଜଗନ୍ନାଥ ପଣ୍ଡା, ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟା ସମାଧାନ ପାଇଁ ବୈଠକ

## ଟେଷ୍ଟିଂ ସାର୍ଟିଫିକେଟ ଥିବା ମିଟର ଲଗାଯିବ

### ମନଇଚ୍ଛା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବନି



**ପୁରୀ,୨୨।୯ (ସମିସ):** ପୁରୀ ସହର ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଘରେ ଟେଷ୍ଟିଂ ସାର୍ଟିଫିକେଟ ଥିବା ମିଟର ଲଗାଯିବ। ମନଇଚ୍ଛା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ। ବିଦ୍ୟୁତ୍ ବ୍ୟବହାର ଏବଂ ପରିଚାଳନା ସମ୍ପର୍କରେ ଉପଭୋକ୍ତାମାନଙ୍କୁ ସଚେତନ କରାଯିବ। ଟାଟା ପାୱାର ପକ୍ଷରୁ ଲଗାଯାଇଥିବା ମିଟରରେ ବ୍ୟାପକ ଅନିୟମିତତା ଅଭିଯୋଗ ପରେ ବୁଧବାର ଉପଭୋକ୍ତା ପ୍ରତିନିଧିଙ୍କ ସହ ଟାଟା ପାୱାର ଅଧିକାରୀଙ୍କ ମିଳିତ ବୈଠକରେ ଏମିତି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରେଡକ୍ରସ ରୋଡସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଉପଭୋକ୍ତଙ୍କୁ ଠିକ୍ ସମୟରେ ବିଲ୍ ଦିଆଯାଉନି। ଏପରି କି ଦୁଇମାସ ବି ଗଡ଼ିଯାଉଛି। ଏଣିକି ପ୍ରତି ମାସରେ ଅପ୍ ଟୁ ଡେଟ୍ ବିଲ୍ ପ୍ରଦାନ କରାଯିବ। ରେଗୁଲାର ଉପଭୋକ୍ତା ଏବଂ ଇରେଗୁଲାର ଉପଭୋକ୍ତାଙ୍କ ତାଲିକା ପ୍ରସ୍ତୁତ ହେବ। ଯେଉଁମାନଙ୍କର ବକେୟା ରହିଛି ସେମାନେ କରେଣ୍ଟ ବିଲ୍ ସହ କିଛି କିଛି ବକେୟା ଅର୍ଥ ପଇଠ କରିବେ। ପୌରସଂସ୍ଥାର ୩୨ଟି ଯାକ ୱାର୍ଡରେ ସେଫ୍ଟି କମିଟି ଗଠନ କରାଯିବ। ପ୍ରତି ମାସରେ କମିଟି ବୈଠକ ବସି ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବ। ଅନେକ ସମୟରେ ଉପଭୋକ୍ତା କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ତେଣୁ କୁଇକ୍ ଆକ୍ସନ ଟିମ୍ ଗଠନ କରାଯାଇ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ସମସ୍ୟାର ସମାଧାନ କରାଯିବ। ଗ୍ରାହକ ସେବା କେନ୍ଦ୍ର ଠିକ୍ ଭାବେ କାର୍ଯ୍ୟକ୍ଷମ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ପ୍ରବୀଣ ଶର୍ମା, ପୁରୀ ଡିଭିଜନର ନିର୍ବାହୀ ଅଧିକାରୀ ଶିବପ୍ରସାଦ ସ୍ୱାଇଁଙ୍କ ସମେତ ଉପଭୋକ୍ତାଙ୍କ ପ୍ରତିନିଧି ଭାବେ ବିରେନ୍ଦ୍ର ଭୂଷଣ ହୋତା, ବିନାୟକ ଦାସମହାପାତ୍ର, ଆଇନଜୀବୀ ପୁଷ୍କର ମହାପାତ୍ର, ରାଜେଶ ମିଶ୍ର, ଛବିନ୍ଦ୍ର ପଢ଼ିଆରୀ, ନିରଞ୍ଜନ ରଥ, ପ୍ରଦ୍ୟୁମ୍ନ ସାଥୁଆ, ମଧୁସୂଦନ ମିଶ୍ର, ସୌଭାଗ୍ୟ ପଟ୍ଟନାୟକ, ଅମରେନ୍ଦ୍ର ପାଇକରାୟ, ଅଭିମନ୍ୟୁ ଜେନା, ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗତ ୧୮ ତାରିଖରେ ଉପଭୋକ୍ତା ପ୍ରତିନିଧିମାନେ ଟାଟା ପାୱାର ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲ୍ଲାପାଳ ସମର୍ଥ ବର୍ମା ବୁଧବାରକୁ ବୈଠକ ରଖି ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



**ପୁରୀ,୨୨।୯ (ସମିସ):** ଚଳିତବର୍ଷ ଦୁର୍ଗାପୂଜା ପାଇଁ ଜନ ସାଧାରଣଙ୍କ ସହଯୋଗ ଲୋଡ଼ି ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସମସ୍ତ ପୂଜା କମିଟି କାର୍ଯ୍ୟକର୍ତ୍ତାଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଭଳି ଚଳିତବର୍ଷ ସହଯୋଗ ଜାରି ରଖିବାକୁ ଜିଲ୍ଲାପାଳ ସମସ୍ତ କମିଟି ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି। ନିଷ୍ପତି ମୁତାବକ ପୂଜା ମଣ୍ଡପର ୩ ପାର୍ଶ୍ୱ ବନ୍ଦ ରଖାଯିବା ସହ ସମ୍ମୁଖ ପାର୍ଶ୍ୱ ପରଦା ଦ୍ୱାରା ଢଙ୍କାଯିବ। କୌଣସି ଡାକବାଜି ଯନ୍ତ୍ର, ଶୋଭାଯାତ୍ରା, ଭୋଜିଭାତ, ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ଭକ୍ତଙ୍କୁ ମଣ୍ଡପ ନିକଟରେ ପୂଜା ଓ ଦର୍ଶନ ଉପରେ କଟକଣା ଲଗାଯାଇଛି। ସେହିଭଳି ମୂର୍ତ୍ତି ଉଚ୍ଚତା ୪ଫୁଟ ମଧ୍ୟରେ ସୀମିତ ରଖିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂଜକଙ୍କ ସମେତ କେବଳ ୭ଜଣ କର୍ମକର୍ତ୍ତାଙ୍କୁ ପୂଜା ମଣ୍ଡପ ନିକଟରେ ରହିବାକୁ ଅନୁମତି ଦିଆଯିବ। ପ୍ରତ୍ୟେକଙ୍କୁ ପରିଚୟପତ୍ର ସହ ମଣ୍ଡପ ନିକଟରେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଡ. କନୱର ବିଶାଲ ସିଂ କହିଛନ୍ତି। ସମ୍ପୃକ୍ତ ଥାନାଧିକାରୀ ଏବଂ ପୂଜା କମିଟି ସହ ପରାମର୍ଶ ପରେ ପରିଚୟପତ୍ର ପ୍ରଦାନ କରାଯିବ। ମଙ୍ଗଳାଘାଟ ନିକଟରେ ବିସର୍ଜନ ପାଇଁ କୃତ୍ରିମ ପୋଖରୀ ପାଖରେ ଆବଶ୍ୟକୀୟ ବନ୍ଦୋବସ୍ତ କରାଯିବ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ପରମ୍ପରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ସମ୍ମୁଖରେ ଗୋଷାଣୀ ଯାତ୍ରା ବେଳେ ଦେବ ସଭାକୁ ଅନୁମତି ଦିଆଯାଇଛି। ପ୍ରତ୍ୟେକ ପୂଜା ମଣ୍ଡପ ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ରୀୟ ରିପୋର୍ଟ ପ୍ରଦାନ କରିବାକୁ ସମ୍ପୃକ୍ତ ଥାନାଧିକାରୀମାନଙ୍କୁ ସୂଚନା ଦିଆଯାଇଛି। ପୂଜା ମଣ୍ଡପ ପାଇଁ ପୌରସଂସ୍ଥା ଅଞ୍ଚଳରେ ଉପ ଜିଲ୍ଲାପାଳ ଏବଂ ଅନ୍ୟ ଅଞ୍ଚଳରେ ତହସିଲଦାର ଅନୁମତି ପ୍ରଦାନ କରିବେ।

## ୨୫ ନିଶାସକ୍ତଙ୍କୁ ଉଠାଇନେଲା ପୁଲିସ

**ପୁରୀ,୨୨।୯ (ସମିସ):** ପୁରୀ ପୁଲିସ ପକ୍ଷରୁ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀଙ୍କ ନେତୃତ୍ୱରେ ସନ୍ଧ୍ୟା ଏବଂ ବିଳମ୍ବିତ ରାତିରେ ମାଦକ ଦ୍ରବ୍ୟ ସେବନ କରି ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହୁଥିବା ୨୫ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୁଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ସହରକୁ ସରସ, ସୁନ୍ଦର ଏବଂ ଅପରାଧମୁକ୍ତ କରିବାକୁ ପୁରୀ ପୁଲିସ ପକ୍ଷରୁ ଟାଉନ, କୁମ୍ଭାରପଡ଼ା ଏବଂ ସମୁଦ୍ରକୂଳ ଥାନାର କର୍ମଚାରୀଙ୍କୁ ନେଇ ଏହି ସ୍ୱତନ୍ତ୍ର ଅଭିଯାନ ପାଇଁ ଏକ ଦଳ ଗଠନ କରାଯାଇଛି। ସନ୍ଧ୍ୟା ଏବଂ ବିଳମ୍ବିତ ରାତିରେ ଏହି ଟିମ୍ ନିଶାଖୋର ଆଡ୍ଡା ଜମାଉଥିବା ସ୍ଥାନରେ ଚଢଉ କରି ନିଶା ସେବନ କରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବ। ନିଶାସକ୍ତ ଅବସ୍ଥାରେ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରେ ଅସାମାଜିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବା ଅଭିଯୋଗ ଆସିବା ପରେ ପୁରୀ ପୁଲିସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ସୂଚନା ଦେଇଛନ୍ତି।

## ୨ ଚୋରକୁ ଧରିଲା ହାଇୱେ ପାଟ୍ରୋଲିଂ ଟିମ୍

**ପୁରୀ,୨୨।୯ (ସମିସ):** ବିଳମ୍ବିତ ରାତିରେ ୨ଜଣ ଚୋର ୩୧୬ନଂ. ଜାତୀୟ ରାଜପଥ ଟ୍ରକ ଆସୋସିଏସନ ନିକଟରେ ଲୁହା ସାମଗ୍ରୀ ସାଇକେଲରେ ଲଦି ନେଉଥିବା ବେଳେ ହାଇୱେ ପାଟ୍ରୋଲିଂ ପୁଲିସ ହାବୁଡରେ ପଡ଼ିଥିଲେ। ପୁଲିସ ଉଭୟଙ୍କୁ ଅଟକାଇ ବିଭିନ୍ନ ଲୁହାଛାଞ୍ଚ ଜବତ କରି ଚନ୍ଦନପୁର ପୁଲିସକୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତ ୨ଜଣ ହେଲେ ଜାନକାଦେଇପୁରର ରାଜା ବେହେରା(୧୯) ଏବଂ ଚନ୍ଦନପୁରର ଚଣ୍ଟୁ ବେହେରା। ମଙ୍ଗଳବାର ରାତି ପ୍ରାୟ ୨ଟାରେ ଏମାନେ କିଛି ସିମେଣ୍ଟ ଲୁହାଛାଞ୍ଚ ସାଇକେଲରେ ଲଦି ଯାଉଥିବା ବେଳେ ହାଇୱେ ପାଟ୍ରୋଲିଂ ପୁଲିସ ସର୍ବେଶ୍ୱର ପ୍ରଧାନ, ରମାକାନ୍ତ ମିଶ୍ର ଏବଂ ମାନସ କୁମାର ରଥଙ୍କ ହାବୁଡରେ ପଡ଼ିଥିଲେ। ପୋଲାଙ୍ଗ ତୋଟାରେ ଥିବା ଏକ ସିମେଣ୍ଟ ନନ୍ଦ ଫ୍ୟାକ୍ଟ୍ରୀରୁ ଉକ୍ତ ଜିନିଷ ଚୋରି କରିଥିବାର ସୂଚନା ମିଳିଛି। ଫ୍ୟାକ୍ଟରୀ ମାଲିକ ଦୀପକ ପ୍ରଧାନ(୨୬) ଚନ୍ଦନପୁର ଥାନାରେ ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

**ପୁରୀ,୨୨।୯ (ସମିସ):** ସମୁଦ୍ରକୂଳ ଥାନା ପୁଲିସ ଜଣେ ଯୁବକଙ୍କ ଠାରୁ ୬.୫ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ତାକୁ ଗିରଫ କରିଛି। ସେ ହେଲେ ଭିଆପି ରୋଡସ୍ଥିତ ଜଗନ୍ନାଥ କଲୋନୀର ରଞ୍ଜନ ପ୍ରଧାନ(୩୨)। ବୁଧବାର ମଧ୍ୟାହ୍ନରେ ସମୁଦ୍ରକୂଳ ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଜଣେ ଯୁବକ ସର୍ବସାଧାରଣରେ ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ପୁଲିସ ଚଢଉ କରି ସମ୍ପୃକ୍ତ ଯୁବକ ଠାରୁ ୬.୫ଗ୍ରାମ ବ୍ରାଉନ୍‌ସୁଗର ସହ ନଗଦ ଟଙ୍କା ଜବତ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ବ୍ରାଉ୍‌ସୁଗର ବିକ୍ରି କରୁଥିବା ସ୍ୱୀକାର କରିଥିଲା। ପୁଲିସ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରି ରଞ୍ଜନକୁ କୋର୍ଟ ଚାଲାଣ କରିଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

**ପୁରୀ,୨୨।୯ (ସମିସ):** ଜିଲ୍ଲାପାଳ ସମର୍ଥ ବର୍ମା ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସମସ୍ତ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ବିର୍ହିଃବିଭାଗରେ ନିର୍ମାଣାଧୀନ କୋଠରୀଗୁଡିକୁ ବୁଲି ଦେଖିଥିଲେ। ରୋଗୀ ସେବା ସମ୍ପର୍କରେ ଡାକ୍ତର ଏବଂ ରୋଗୀଙ୍କୁ ପଚାରି ବୁଝିଥିଲେ। ପରେ ରୋଗୀ ନାମ ପଞ୍ଜୀକରଣ ଏବଂ ନିରାମୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଅବ୍ୟବସ୍ଥିତ ଗାଡିପାର୍କିଂ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ପାର୍କିଂ ବ୍ୟବସ୍ଥା ବ୍ୟବସ୍ଥିତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟଚିକିତ୍ସାଳୟ ସାମ୍ନାରେ ଥିବା ଘରୋଇ ଆମ୍ବୁଲାନ୍ସଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ କହିଥିଲେ। ଅନ୍ୟପକ୍ଷରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଥିବା ଖୋଲା ସ୍ଥାନରେ ମେଡିକାଲ କର୍ମଚାରୀଙ୍କ ପାଇଁ ପାର୍କିଂ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ଏବଂ ଗତମାସରେ ମେଡିକାଲରେ ହୋଇଥିବା ବିଭିନ୍ନ ସମସ୍ୟା ଏବଂ ଅଭିଯୋଗ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ଏବଂ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ପ୍ରକାଶ ଦାସଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ନିର୍ମାଣକାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ସମର୍ଥ ବର୍ମା ଗୁରୁତ୍ୱାରୋପ କରିଥିଲେ।

## ଠିକାଦାରଙ୍କ ସନ୍ଦେହଜନକ ମୃତ୍ୟୁ

**ପୁରୀ,୨୨।୯ (ସମିସ):** ସମୁଦ୍ରକୂଳ ଥାନା ପୁରୀ ଆଇଟିଆଇ ସାମ୍ନା ନିର୍ମାଣାଧୀନ ପାଣି ଟାଙ୍କି ପରିସରରେ ଥିବା ଅସ୍ଥାୟୀ ଘରୁ ଜଣେ ଠିକାଦାରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। କିନ୍ତୁ ଏହା ଆତ୍ମହତ୍ୟା ନା ହତ୍ୟା ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ମୃତକ ହେଲେ ଭୁବନେଶ୍ୱରର ସହିଦ ନଗରର ଗୌତମ ଚକ୍ରବର୍ତ୍ତୀ(୫୫)। ବୁଧବାର ଅପରାହ୍ନରେ ଗୌତମ ନିଜର ଅସ୍ଥାୟୀ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସାଥୀମାନେ ଦେଖିଥିଲେ। ଏ ନେଇ ମୁଖ୍ୟ ଠିକାଦାର ଏବଂ ଗୌତମଙ୍କ ପରିବାରକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ସେମାନେ ପହଞ୍ଚିବା ପରେ ଶବକୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶ ଥାଉକି, ଗୌତମ ଦୀର୍ଘ ୨ବର୍ଷ ହେଲା ପିଏଚଡି ବିଭାଗର ଏକ ପ୍ରକଳ୍ପରେ ଲେବର ଯୋଗାଇବା ପାଇଁ ଠିକାଦାର ଭାବେ କାର୍ଯ୍ୟ କରୁଥିଲେ।

### ପିପିଲି ଉପନିର୍ବାଚନ

## କଡ଼ାକଡ଼ି ହେବ ମାର୍ଗଦର୍ଶିକା

### ନିର୍ବାଚନରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଓ ପ୍ରାର୍ଥୀ ୨ ଡୋଜ୍ ଟିକା ନେଇଥିବା ବାଧ୍ୟତାମୂଳକ

**ପୁରୀ,୨୨।୯ (ସମିସ):** ଆସନ୍ତା ୩୦ରେ ପିପିଲି ଉପନିର୍ବାଚନ। ଅକ୍ଟୋବର ୩ ତାରିଖରେ ଭୋଟ ଗଣତି କରାଯିବ। ଏଥିପାଇଁ ଚଳଚଞ୍ଚଳ ହୋଇଛି ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ। ବିଭିନ୍ନ ଦଳ ପକ୍ଷରୁ ଚାଲିଛି ପ୍ରଚାର।

ଘରକୁ ଘର ବୁଲି ଭୋଟରଙ୍କୁ ମନାଉଛନ୍ତି ପ୍ରାର୍ଥୀ। ଏପଟେ ପ୍ରଶାସନିକ ପ୍ରସ୍ତୁତି ବି ଜୋର୍ ଧରିଛି। କୋଭିଡ଼ ସଂକ୍ରମଣ ସମୟରେ ଏହି ଉପନିର୍ବାଚନ ହେଉଥିବାରୁ ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ଼ଲାଇନ ଜାରି କରାଯାଇଛି। ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ତଥା ଉପନିର୍ବାଚନର ରିଟର୍ଣ୍ଣି ଅଫିସର ପ୍ରଦୀପ କୁମାର ସାହୁ। ବୁଧବାର ଏ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି, ଇସିଆଇଙ୍କ ମାର୍ଗଦର୍ଶିକା ସମସ୍ତେ କଡ଼ାକଡ଼ି ଭାବେ ପାଳନ କରିବା। ଇସିଆଇଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ପ୍ରାର୍ଥୀ, ପୋଲିଂ ପାର୍ଟି, ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ, ଷ୍ଟାଫ୍ ଏବଂ ଡ୍ରାଇଭର ସମସ୍ତେ ଡବଲ ଡୋଜ ଟିକା ନେବା ଆବଶ୍ୟକ। ଏହି ସୁବିଧା ଉପଲବ୍ଧ କରାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଅନୁରୋଧ କରାଯାଇଥିବା ବେଳେ ଦୁଇଡୋଜ ଟିକାକରଣରେ ସହଯୋଗ କରିବା ନିମନ୍ତେ ଡେଲାଙ୍ଗ ଏବଂ ପିପିଲି ବିଡ଼ିଓଙ୍କୁ କୁହାଯାଇଛି। ତେଣୁ ଯେଉଁମାନଙ୍କର ସମୟ ହୋଇଥିଲେ ବି ଦ୍ୱିତୀୟ ଡୋଜ ଟିକା ନେଇନାହାନ୍ତି ସେମାନେ ଆସନ୍ତା ୨୫ ଓ ୨୬ ତାରିଖରେ ସ୍ୱତନ୍ତ୍ର ଟିକାଦାନ କେନ୍ଦ୍ରରେ ଟିକା ନିଅନ୍ତୁ। ସମସ୍ତେ କୋଭିଡ଼ ନିୟମ ମାନି ପ୍ରଶାସନକୁ ସହଯୋଗ କରିବା ଲାଗି ଅତିରିକ୍ତ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

ସେହିପରି ସକାଳ ୭ଟାରେ ଭୋଟିଂ ଆରମ୍ଭ ହେବ। ଏହାର ଦେଢଘଣ୍ଟା ପୂର୍ବରୁ ଅର୍ଥାତ୍ ସାଢେ ୫ଟା ସୁଦ୍ଧା ପୋଲିଂ ଏଜେଣ୍ଟମାନେ ସେମାନଙ୍କ ଦୁଇଡୋଜ ଟିକା ପ୍ରମାଣପତ୍ର ପ୍ରିଜାଇଡିଂ ଅଫିସରଙ୍କୁ ଦେଖାଇବେ। ଅକ୍ଟୋବର ୩ ତାରିଖ ସକାଳ ୮ଟାରୁ ଭୋଟ ଗଣତି ହେବ। କାଉଣ୍ଟିଂ ଏଜେଣ୍ଟମାନେ ମଧ୍ୟ ଦୁଇଡୋଜ ଟିକା ନେଇଥିବାର ପ୍ରମାଣପତ୍ର ଦେଖାଇବା ବାଧ୍ୟତାମୂଳକ ବୋଲି କହିଛନ୍ତି ରିଟର୍ଣ୍ଣି ଅଫିସର ସାହୁ।

## ଟ୍ରେନରୁ ଉଦ୍ଧାର ଲାପ୍‌ଟପ୍ ଯାତ୍ରୀଙ୍କୁ ଫେରାଗଲା

**ପୁରୀ,୨୨।୯ (ସମିସ):** ଅନୁଗୁଳ-ପୁରୀ ଏକ୍ସପ୍ରେସ୍‌ରୁ ମିଳିଥିବା ଲାପ୍‌ଟପ୍‌କୁ ଆର୍‌ପିଏଫ୍ ପକ୍ଷରୁ ବୁଧବାର ପ୍ରକୃତ ମାଲିକକୁ ହସ୍ତାନ୍ତର କରାଯାଇଛି। ଆରପିଏଫ ଅଧିକାରୀ ମୋହନ ଏବଂ ଯୋଗିନାଥ ଏକ୍ସପ୍ରେସରେ ତନଖି କରୁଥିବା ବେଳେ ଲାପଟପ ପାଇ କାର୍ଯ୍ୟାଳୟରେ ଜିମା ଦେଇଥିଲେ। ସାକ୍ଷୀଗୋପାଳ ଷ୍ଟେସନରେ ଲାପଟପ ହଜିଥିବା ନେଇ ସ୍ଥାନୀୟ ଅଞ୍ଚଳର ସର୍ବେଶ୍ୱର ପ୍ରଧାନ ଅଭିଯୋଗ କରିବା ପରେ ଆର୍‌ପିଏଫ୍ ଥାନାଧିକାରୀ ଅନିଲ ସିଂଙ୍କ ନିର୍ଦ୍ଦେଶକ୍ରମେ ସର୍ବେଶ୍ୱର ପୁରୀ ଷ୍ଟେସନରେ ହାଜର ହୋଇ ସମସ୍ତ କାଗଜପତ୍ର ଦେଖାଇ ଲାପ୍‌ଟପ୍ ନେଇଥିଲେ।



# ମଉଳିଯିବ କି ଶୀତଳାପଲ୍ଲୀ ରେଳ ୱାଗନ କାରଖାନା ଆଶା!

ବ୍ରହ୍ମପୁର,୨୨।୯ (ସମିସ): ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀଠାରେ ନିର୍ମାଣ ହେବାକୁ ଥିବା ୱାଗନ କାରଖାନା ଆଶା ମଉଳିବ। ଏଠାରେ ବିକଳ୍ପ କାରଖାନା ପାଇଁ ଚିନ୍ତା କରୁଛି ରେଳବିଭାଗ। ଆଜି ଖୋର୍ଦ୍ଧାରୋଡ୍ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଶୀତଳାପଲ୍ଲୀ ଆସି ପରିଦର୍ଶନ କରିଛନ୍ତି। ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ଜଗନ୍ନାଥପୁରଠାରେ ଓହ୍ଲାଇବା ସହ ସେଠାରୁ ଶୀତଳାପଲ୍ଲୀ ଯାତ୍ରା କରିଥିଲେ।

- ବିକଳ୍ପ ପାଇଁ ଚିନ୍ତା କରୁଛି ରେଳ ବିଭାଗ
- ପରିଦର୍ଶନ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ
- ଲକ୍ଷ୍ୟ ରଖି ଭଲ ଯାଗା ଦେଇଛନ୍ତି ରାଜ୍ୟ ସରକାର



ତାଙ୍କ ସହିତ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ ସାମିଲ ଥିଲେ। ସେ ଏଠାକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୀତଳାପଲ୍ଲୀ ଠାରେ ୱାଗନ ଫେକ୍ଟ୍ରି ତିଆରି କରିବା ପାଇଁ ବହୁବର୍ଷ ପୂର୍ବରୁ ଓଡ଼ିଶା ସରକାରଙ୍କୁ ଜାଗା ମାଗିଥିଲା ରେଳ ବିଭାଗ। ସେତେବେଳର ଚିନ୍ତାଧାରାରକୁ ଦୃଷ୍ଟିରେ ରଖି ୱାଗନ୍ ଫେକ୍ଟ୍ରି କରିବା ପାଇଁ ନିଷ୍ପତି ହୋଇଥିଲା। ଯେ କୌଣସି ଘରୋଇ ଅନୁଷ୍ଠାନକୁ ଧରି ୱାଗନ୍ ଏଠାରେ ତିଆରି କରିବାକୁ ପ୍ରସ୍ତୁତି କରାଯାଇଥିଲା। ବର୍ତ୍ତମାନ ରେଳ ବିଭାଗର ସମସ୍ତ ୱାଗନ ଘରୋଇ କମ୍ପାନୀମାନଙ୍କ ଠାରୁ ହିଁ କିଣାଯାଉଛି। କିନ୍ତୁ ଉକ୍ତ ମଡେ଼ଲ୍ କାର୍ଯ୍ୟ ନ କରିବା ଫଳରେ ଏଠାରେ କେଉଁ ଘରୋଇ କମ୍ପାନୀ କାମ କରିବାକୁ ପ୍ରସ୍ତୁତ ହୋଇ ନ ଥିଲେ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଛନ୍ତି। ତେଣୁ ଦୀର୍ଘଦିନ ଧରି ଏହି ଯାଗା ଖାଲିରେ ପଡ଼ିରିହିଛି। ବର୍ତ୍ତମାନ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଏହି ସ୍ଥାନରେ ବିକଳ୍ପ କିଛି କରିବା ପାଇଁ ଚିନ୍ତା କରାଯାଉଛି। ମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାରୁ ରାଜ୍ୟର ବିକାଶକୁ ସେ ପ୍ରାଥମିକତା ଦେଇଛନ୍ତି ବୋଲି ମହାପ୍ରବନ୍ଧକ କହିଛନ୍ତି। ବର୍ତ୍ତମାନ ଏଠାକୁ ଆସି ପରିଦର୍ଶନ କରିବା ପରେ ଶୀତଳାପଲ୍ଲୀରେ କ'ଣ ସୁବିଧା କରାଯାଇପାରିବ ସେ ଉପରେ ପରବର୍ତ୍ତୀ ସମୟରେ ଚିନ୍ତା କରାଯିବ। ରେଳ ବିଭାଗର କିଛି ଯଦି ଫେକ୍ଟ୍ରି ହେଉ ଅଥବା ଯେଉଁ ସାମଗ୍ରୀ ଗୁଡ଼ିକ ରେଳ ବିଭାଗ ବିଭିନ୍ନ ଘରୋଇ କମ୍ପାନୀ ମାନଙ୍କଠାରୁ କ୍ରୟ କରୁଛି ସେଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯିବ। ଏଠାକୁ ଯେ କୌଣସି କମ୍ପାନୀକୁ ଆମନ୍ତ୍ରଣ କରି ଫେକ୍ଟ୍ରି ବସାଇବାକୁ ଚେଷ୍ଟା କରାଯିବ ଓ ସେଥିରୁ ତିଆରି ସାମଗ୍ରୀ ରେଳ ବିଭାଗ କ୍ରୟ କରିବ। ବର୍ତ୍ତମାନ ଏଠାରେ କ'ଣ କରାଗଲେ ସ୍ଥାନୀୟ ବାସିନ୍ଦାକୁ ଜୀବିକା ମିଳିପାରିବ ସେ ଉପରେ ଗୁରୁତ୍ୱ ଦିଆଯିବ। ଏଠାରେ ଫେକ୍ଟ୍ରି ହେଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରିବେ। ଏହି ଇଲାକାରେ କୃଷିକୁ ଅଧିକା ପ୍ରାଧାନ୍ୟ ଦିଆଯାଉଛି। ଉଦ୍ୟୋଗ ଗଢ଼ିଉଠିଲେ ଗାଁ ଲୋକେ ନିକଟରେ ଜୀବିକା ପାଇପାରିବେ। ବର୍ତ୍ତମାନ ଏଠାରେ ୯୯ ଏକର ଯାଗା ସରକାରଙ୍କ ଅଧୀନରେ ରହିଛି। ଏଥିପାଇଁ ଲ୍ୟାଣ୍ଡମାର୍କ ପ୍ରକ୍ରିୟା ସରିବା ସହ ରେଳ ବିଭାଗକୁ ଦିଆଯାଇଛି। ଏଥିନିମନ୍ତେ ପେପର ୱାର୍କ ବାକି ରହିଛି। ୱାଗନ୍ ଫେକ୍ଟ୍ରି ହେବାର ସମ୍ଭାବନା କମ୍ ରହିଥିବା ବେଳେ ମେଣ୍ଟେନାନ୍ସ ଫେକ୍ଟ୍ରି ଅଥବା ଗୁଡ୍ସ୍ କାରଖାନା ତିଆରି ପାଇଁ ଯୋଜନା କରାଯାଉଛି ବୋଲି ବିଦ୍ୟାଭୂଷଣ କହିଛନ୍ତି। ରେଳ ବିଭାଗର କମ୍ପନେଣ୍ଟ ପାଇଁ ମଧ ଚିନ୍ତା କରାଯିବା ସହ ଏଠାରେ କେଉଁ କାରଖାନା ହେବ ଆସନ୍ତା ୬ମାସ ମଧ୍ୟରେ ଜଣାପଡ଼ିବ ବୋଲି ମହାପ୍ରବନ୍ଧକ କହିଛନ୍ତି। ଆସନ୍ତା ୨୦୨୪ ମସିହା ମାର୍ଚ୍ଚ ମାସ ଭିତରେ ଏଠାରେ ଯେ କୌଣସି ପ୍ରକଳ୍ପ ହେବାର ଥୟ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଥିଲେ। ତେବେ ଏଠାରେ କେଉଁ ପ୍ରକଳ୍ପ ତାହା ଆଗାମୀ ୬ମାସ ମଧ୍ୟରେ ଜଣାପଡ଼ିବାକୁ ଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ବହୁଦିନରୁ ଏହି ଜାଗା ପଡ଼ିଥିବା ବେଳେ ସ୍ଥାନୀୟ ଯେ କୌଣସି ପ୍ରକଳ୍ପ ହେଲେ ସ୍ଥାନୀୟ ଲୋକଙ୍କ ରୋଜଗାର ଉପରେ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୀର୍ଘଦିନ ହେବ ଏହି ଜମି ସରକାରଙ୍କ ଅଧିନରେ ପତିତ କିସମରେ ରହିଛି। ମହାପ୍ରବନ୍ଧଙ୍କ ଏହି ଗସ୍ତରେ ଖୋର୍ଦ୍ଧାରୋଡ ଡିଭିଜିନାଲ୍ ରେଳ ପ୍ରବନ୍ଧକ ରିଙ୍କେଶ ରାୟ, ପିସିଓଏମ୍ ପିକେ ଜେନା, ପିସିଇ ଏନ୍ଏସ୍ ଉକେଙ୍କ ସହବହୁ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଭୂମିହୀନ କୁଷ୍ଠ ରୋଗୀଙ୍କୁ ମିଳିବ ଘର ଡିହ

ଭୁବନେଶ୍ୱର,୨୨।୯ (ସମିସ): କୁଷ୍ଠ ରୋଗୀ କଲୋନୀରେ ରହୁଥିବା ଭୂମିହୀନ ପରିବାର ଗୁଡ଼ିକୁ ବସୁନ୍ଧରା ଯୋଜନାରେ ଘର ଡିହ ଯୋଗାଇ ଦିଆଯିବ। ସେଥିପାଇଁ ରାଜସ୍ୱ ବିଭାଗ ତରଫରୁ ଆଶ୍ୟକୀୟ ବିଜ୍ଞପ୍ତି ଜାରି କରିବାକୁ ସମ୍ପୃକ୍ତ ବିଭାଗକୁ ନିବଦେନ କରାଯାଇଛି। ସାମାଜିକ ସୁରକ୍ଷା ବିଭାଗ ତରଫରୁ କୁଷ୍ଠ ରୋଗୀଙ୍କୁ ଗ୍ରେଡ୍-୨ ଏମସିଆର୍ ଚପଲ ଦେବାକୁ ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମ୍ବଲପୁର ଓ ଭଦ୍ରକକୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଥିବା ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକିରଣ ବିଭାଗ, ରାଜ୍ୟ ବୈଷୟିକ କମିଟିର ୩ୟ ବୈଠକରେ ଆଲୋଚନା ହୋଇଛି। ବିଭାଗର ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ କୁଷ୍ଠ ରୋଗୀ ମୁକ୍ତ ବ୍ୟକ୍ତି ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଥଇଥାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନ ହୋଇଥିଲା।

ବିଭାଗର ଅତିରିକ୍ତ ଶାସନସଚିବ ଅଭୟ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୁଗ୍ମ ନିର୍ଦ୍ଦେଶକ ଡ. ନିରୋଜ କୁମାର ସାହୁ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା କୁଷ୍ଠରୋଗ ବିଭାଗର ସଞ୍ଚାଳକ ଡ. ରାଜେନ୍ଦ୍ର ପତି, ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମର ପରାମର୍ଶଦାତା ଡ. ଡମ୍ବରୁଧର ଭୂୟାଁ ଯୋଗଦେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୁଷ୍ଠରୋଗ ବ୍ୟକ୍ତିମାନଙ୍କ କଲ୍ୟାଣ, ଥଇଥାନ ଓ ଚିକତ୍ସା ନିମନ୍ତେ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନସଚିବ ସୁଶାନ୍ତ ମିଶ୍ର ଯୋଗଦେଇ କୁଷ୍ଠ କଲୋନୀ ମାନଙ୍କରେ ପାନୀୟ ଜଳ ଓ ପାଇଖାନା ବନ୍ଦୋବସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ

- ବସୁନ୍ଧରା ଯୋଜନାରେ ବ୍ୟବସ୍ଥା
- ରାଜ୍ୟ ବୈଷୟିକ କମିଟିରେ ସର୍ବମତ

ବିଭାଗ ଉପ ଶାସନସଚିବ ଗୃହ ନିର୍ମାଣ ଯୋଜନାରୁ ଗ୍ରାମାଞ୍ଚଳରେ ଯେଉଁ କୁଷ୍ଠରୋଗୀ ପରିବାର ବାସଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଆଗ୍ରାଧିକାର ଭିତ୍ତିରେ ବାସଗୃହ ଯୋଗାଇ ଦେବାକୁ ରାଜ୍ୟ ପଞ୍ଚାୟତରାଜ ବିଭାଗ ଉଦ୍ୟମ କରିବ ବୋଲି କହିଥିଲେ। ତାଲିମପ୍ରାପ୍ତ କୁଷ୍ଠ କର୍ମୀମାନଙ୍କୁ ପ୍ରତ୍ୟେକ ବ୍ଲକ ଓ ନଗରପାଳିକାରେ ଥିବା ଡାକ୍ତରଖାନା ମାନଙ୍କରେ ନିଯୁକ୍ତି ଦେଇ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ କୁଷ୍ଠରୋଗୀଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଦିଲ୍ଲୀ ଓ ହରିୟାଣା ସରକାରଙ୍କ ପରି ମାସିକ ୫ଶହରୁ ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ ରାଜ୍ୟ ସଭାପତି ଉମେଶ ଚନ୍ଦ୍ର ନାୟକ ଦାବି କରିଥିଲେ। ବୈଠକରେ କମିଟିର ଆବାହକ ତଥା ସାମାଜିକ ସୁରକ୍ଷା ଅଧିକାରୀ ମୁଖ୍ୟାଳୟ, ସନ୍ନ୍ୟାସୀ ବେହେରାଙ୍କ ସମେତ କଟକ, ସମ୍ବଲପୁର, ବାରିପଦା, ବରଗଡ଼, ବାଲେଶ୍ୱର, ମୟୁରଭଞ୍ଜ, ଖୋର୍ଦ୍ଧା ଆଦି ଜିଲ୍ଲାର କୁଷ୍ଠ କଲୋନୀ ପ୍ରତିନିଧିମାନେ ଯୋଗଦେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ତ୍ୱରାନ୍ୱିତ ହେବ ଆକାଂକ୍ଷୀ ଜିଲ୍ଲାର ବିକାଶ

ଭୁବନେଶ୍ୱର,୨୨।୯ (ସମିସ): ଆକାଂକ୍ଷୀ ଜିଲ୍ଲାର ବିକାଶ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇ ଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନାଙ୍କୁ ମୁଖ୍ୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ମୀନା ସାମଗ୍ରୀକ ଭାବେ ଆକାଂକ୍ଷୀ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବେ। ନିଜ ବିଭାଗର ସହିତ ଆକାଂକ୍ଷୀ ଜିଲ୍ଲାର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶ୍ରୀ ମୀନା ରାଜ୍ୟ ସରକାର, ନୀତି ଆୟୋଗ ଏବଂ ସମ୍ପୃକ୍ତ ୧୦ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗ ରାଜ୍ୟ ନୋଡାଲ ଅଧିକାରୀ ଶ୍ରୀ ମୀନାଙ୍କୁ ସହାୟତା ପ୍ରଦାନ କରିବ। ଭାରତ ସରକାରଙ୍କ ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ବଲାଙ୍ଗିର, ରାୟଗଡ଼ା, କୋରାପୁଟ, ଗଜପତି, ନୂଆପଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ଢେ଼ଙ୍କାନାଳ ଓ ମାଲକାନଗିରି ଜିଲ୍ଲା ରହିଛି।

# 'ଓଡ଼ିଶା-ମୋ ପରିବାର'ର ମହନୀୟତା

## ନୂଆଦିଲ୍ଲୀରୁ ଆସିଲା ଶ୍ରମିକଙ୍କ ପାର୍ଥିବ ଶରୀର

ଭୁବନେଶ୍ୱର,୨୨।୯ (ସମିସ): ଏକ ଦୁର୍ଘଟଣାର ଶିକାର ହୋଇ ନୂଆଦିଲ୍ଲୀରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକଙ୍କ ମୃତ ଦେହକୁ ଫେରାଇ ଆଣିବାରେ ସହଯୋଗ କରିଛି 'ଓଡ଼ିଶା-ମୋ ପରିବାର'। ହସ୍ତଗତ ସୂଚନା ଅନୁସାରେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ତନୁପୁର ଗ୍ରାମର ୫୮ ବର୍ଷୀୟ ବିଚିତ୍ରାନନ୍ଦ ପାତ୍ର ନୂଆଦିଲ୍ଲୀରେ ରହି ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗତ ୨୦ ତାରିଖରେ ଘରେ ପୂଜା କରୁଥିବା ସମୟରେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ସେଠାରେ ଆଇନଗତ ପ୍ରକ୍ରିୟା ଶେଷ କରି ମୃତଦେହକୁ ଓଡ଼ିଶା ଫେରାଇ ଆଣିବା ପାଇଁ ବିଚିତ୍ରନନ୍ଦଙ୍କ ପରିବାର ଲୋକ ଅସମର୍ଥ ଥିଲେ। ଏହି ଖବର ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟକୁ ଆସିବା ପରେ ଏ ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ଅବଗତ କରାଯାଇ ସହାୟତା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆଦିଲ୍ଲୀ ଓଡ଼ିଆ ମହାମଞ୍ଚର ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ ଏବଂ ସେଠାରେ ଓଡ଼ିଶା-ମୋ ପରିବାରର ସଦସ୍ୟ ଅକ୍ଷୟ ସାମଲଙ୍କ ସହ ସମନ୍ୱୟ ରକ୍ଷା କରି ସ୍ୱର୍ଗତ ବିଚିତ୍ରନନ୍ଦଙ୍କର ନୂଆଦିଲ୍ଲୀ ଏମ୍ସରେ ଶବ ବ୍ୟବଚ୍ଛେଦ



କରାଇଥିଲେ। ଓଡ଼ିଶା-ମୋ ପରିବାର ସମସ୍ତ ଖର୍ଚ୍ଚ ବହନ କରି ବିମାନରେ ମୃତଦେହ ଓଡ଼ିଶାକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ନୂଆଦିଲ୍ଲୀରୁ ବିମାନରେ ମୃତଦେହ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲା। ଏଠାରେ ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ଉପଦେଷ୍ଟା ସତ୍ୟଜିତ ଦାଶ, ସିଇଓ ଆଦିତ୍ୟ ଦାସ ପ୍ରମୁଖ ଉପସ୍ଥିତ ରହି ମୃତଦେହ ଗ୍ରହଣ କରିବା ସହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ବିଚିତ୍ରାନନ୍ଦଙ୍କ ଅନ୍ତିମ ସଂସ୍କାର ପାଇଁ ପରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇଥିଲା।

## ଓମାନରୁ ଫେରିଲା ଓଡ଼ିଆ ଯୁବକଙ୍କ ମୃତଦେହ

ଭୁବନେଶ୍ୱର,୨୨।୯ (ସମିସ): ସୁଦୂର ଓମାନରେ ଫସିଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ତାଙ୍କ ଜନ୍ମ ମାଟିକୁ ଫେରାଇ ଆଣିବାରେ ସହାୟତାର ହାତ ବଢ଼ାଇଛି ଓଡ଼ିଶା-ମୋ ପରିବାର। ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅନ୍ତର୍ଗତ କମଳାପଦର ଗ୍ରାମର ପ୍ରଦୀପ ପାହନ ଓମାନ୍‌ର ରାଜଧାନୀ ମସ୍କାଟ୍‌ରେ ଏକ କମ୍ପାନୀରେ କାମ କରୁଥିଲେ। ତେବେ ଗତ ୧୪ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ ପରେ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ବାହାରିନ ଓଡ଼ିଶା-ମୋ ପରିବାର ସ୍ପକ୍ (ସିଙ୍ଗଲ୍ ପଏଣ୍ଟ ଅଫ୍ କଣ୍ଟାକ୍ଟ) ଡ଼ ଅରୁଣ ପ୍ରହରାଜ ଭାରତୀୟ ଦୂତାବାସ, ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରାଯାଇଥିଲା। ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଏହି ସୂଚନା ପାଇବା ପରେ ମୃତଦେହ ଆଣିବା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସହଯୋଗ ଲୋଡ଼ିଥିଲେ। ପରେ ପ୍ରଦୀପଙ୍କ



ପାର୍ଥିବ ଶରୀର ଓମାନରୁ ଭାୟା ମୁମ୍ବାଇ ଦେଇ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା-ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ବରିଷ୍ଠ ବିଜେଡି ନେତା ଭରଦ୍ୱାଜ ମିଶ୍ର, ଓଡ଼ିଶା-ମୋ ପରିବାରର ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ରହି ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ପ୍ରଦୀପଙ୍କ ମୃତଦେହ ଗ୍ରହଣ କରିଥିଲେ। ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବା ପରେ ଏକ ଆମ୍ବୁଲାନ୍ସ ଯୋଗାଡ଼ କରାଯାଇ ତାଙ୍କ ଗ୍ରାମକୁ ପଠା ଯାଇଥିଲା।

## କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା

ଅତାବିରା,୨୨।୯ (ସମିସ): ଅତାବିରା ବ୍ଲକ ଅନ୍ତର୍ଗତ ହିଲ୍ଲିପାଲି ପଞ୍ଚାୟତ ଟାଙ୍ଗରଟିକ୍ରାର ଚାଷୀ ବୃନ୍ଦାବନ ଭୁଏ (୬୨) ମଙ୍ଗଳବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ଗୋଡଭଗା ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଥିଲା; ହେଲେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ମଝିଆ ପୁଅ ଗଣନାଥ ଭୁଏ କହିଛନ୍ତି। ଗତ ଖରିଫ ଋତୁରେ ପ୍ରାୟ ୧୦ ଏକର ନିଜ ଜମିରେ ଧାନ ଚାଷ କରିଥିଲେ। ଟୋକନ ସମସ୍ୟା କାରଣରୁ ତାଙ୍କର ୧୦୦ ବସ୍ତା ଧାନ ଆଜିଯାଏଁ ବିକ୍ରି ନ ହୋଇ ଖଳାରେ ପଡ଼ିରହିଛି। ଚାଷ ପାଇଁ ସୋସାଇଟିରୁ ୩ ଲକ୍ଷ ଟଙ୍କା ଋଣ ଏବଂ ମହାଜନୀ ଋଣକୁ ନେଇ ସେ ସର୍ବଦା ଚିନ୍ତିତ ଥିଲେ। ତେଣୁ ସେ କିପରି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପୁଅ ପ୍ରକାଶ କରିଛନ୍ତି। ତାଙ୍କର ୩ ପୁଅ ଓ ଦୁଇ ଝିଅ ଅଛନ୍ତି। ବଡପୁଅ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିବାବେଳେ ସାନପୁଅ ମାଟ୍ରିକ ପଢ଼ି ଘରେ ରହିଛନ୍ତି।

## ନବରଙ୍ଗପୁର ଜିଲ୍ଲା ବିଜେଡି କମିଟି କର୍ମକର୍ତ୍ତା ମନୋନୀତ

ଭୁବନେଶ୍ୱର,୨୨।୯ (ସମିସ): ବିଜୁ ଜନତା ଦଳ ନବରଙ୍ଗପୁର ଜିଲ୍ଲା କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲ୍ଲା ସଭାପତି ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଥିବା ଦଳର ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି। ଜିଲ୍ଲା କମିଟିରେ ୧୨ ଜଣ ଉପସଭାପତି, ୧୩ ଜଣ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିଛି।

ହସ୍ତଗତ ସୂଚନା ଅନୁସାରେ ନବରଙ୍ଗପୁର ବିଜେଡି ଜିଲ୍ଲା କମିଟିରେ ଉପ ସଭାପତି ଭାବେ ବଦ୍ରିନାରାୟଣ ସିଂହ, ଝାଡ଼େଶ୍ୱର ମହାନ୍ତି, ମୋତିରାମ ନାୟକ, ରବି ପଟ୍ଟନାୟକ, ସ୍ୱାଧୀନ ପଟ୍ଟନାୟକ, ମଧୁସୂଦନ ନାଗେଶ ଦାୟିତ୍ୱ ପାଇଛନ୍ତି। ସେହିପରି ଶୁକଦେବ ଗୋଣ୍ଡ, ରମେଶ ସାହୁ, ରଜନୀକାନ୍ତ ପଟ୍ଟନାୟକ, ଉଦ୍ଧବ ନାୟକ, ଇନ୍ଦ୍ର ଭତ୍ରା ଏବଂ ଦିବ୍ୟାନନ୍ଦ ସୁନାଙ୍କୁ ଉପ ସଭାପତି ଦାୟିତ୍ୱ ମିଳିଛି। ଜିଲ୍ଲା କମିଟିରେ ସାଧାରଣ ସମ୍ପାଦକ ଭାବେ ଆଶିଷ ରଞ୍ଜନ ପଟ୍ଟନାୟକ, ପଦମ ମାଳି, ପ୍ରଫୁଲ୍ଲ ପଣ୍ଡା, ଏମ୍ ବୁଲୁ ରାଓ, ଅବ୍ଦୁଲ ତାଜୁଦ୍ଦିନ୍, ମୋହନ ମାଝୀ, ଡମ୍ବରୁ ଭତ୍ରା, ଜତୀନ୍ଦ୍ର ଗୋଣ୍ଡ, ମୋହନ ପ୍ରଧାନୀ, ସୁବୋଧ ଚନ୍ଦ୍ର ବେନିଆ, ବୀରସିଂ ମାଝୀ, ମୃତ୍ୟୁଞ୍ଜୟ ସିଂହ ଏବଂ ସାରସ ଚନ୍ଦ୍ର ଜାଲଙ୍କୁ ନିଯୁକ୍ତି ମିଳିଛି। ଅପରପକ୍ଷେ ନବ ନିଯୁକ୍ତ ସମ୍ପାଦକ ମାନଙ୍କ ମଧ୍ୟରେ ତ୍ରିନାଥ ପ୍ରଧାନ, ତାରିକ୍ ହୁସେନ୍ ଖାନ୍, ସୁଧୀର ଖୁରା, ଯୁଗେଶ୍ୱର ନାଗ, ପ୍ରଶାନ୍ତ ସାହୁ, ସନ୍ତୋଷ ଷଡ଼ଙ୍ଗୀ, କମଳ ବଛର, ପ୍ରଣବ ଭୂୟାଁ, ଜଗା ଗୋଣ୍ଡ, ସହଦେବ ସାହୁ, ସନ୍ତୋଷ ମିଶ୍ର, ସନ୍ତୋଷ ପରିଛା, ତ୍ରିନାଥ ଭଟ୍ଟ ଏବଂ ପଦ୍ମନ ସନ୍ତ ରହିଛନ୍ତି। ଚିତ୍ତ ରଞ୍ଜନ ଗୋଣ୍ଡ ଜିଲ୍ଲା କମିଟିରେ କୋଷାଧକ୍ଷ ଦାୟିତ୍ୱରେ ରହିବେ ବୋଲି ଦଳ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ଚୂଡ଼ାନ୍ତ ତାରିଖରେ ହଠାତ ପରିବର୍ତ୍ତନ

## ପ୍ରଫେସର ପଦ ପାଇଁ ଆବେଦନରୁ ବଞ୍ଚିତହେଲେ ପ୍ରାର୍ଥୀ

କଟକ,୨୨।୯ (ସମିସ): ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ର ବିଚିତ୍ର ନିଷ୍ପତ୍ତି ଯୋଗୁଁ ବହୁ ପ୍ରାର୍ଥୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଇଁ ଥିବା ପ୍ରଫେସର ପଦରେ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡ଼ାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ବଦଳରେ ସେପ୍ଟେମ୍ବର ୨୧ ତାରିଖକୁ ହ୍ରାସ କରାଯାଇଥିଲା। ଏ ସମ୍ପର୍କରେ ବହୁ ପ୍ରାର୍ଥୀ ଜାଣି ନଥିବା କହିଛନ୍ତି। ଏହି ପଦ ପାଇଁ ସେମାନେ ଆବେଦନ କରିଥିଲେ ମଧ ଆବେଦନ ପତ୍ରକୁ ଚୂଡ଼ାନ୍ତ ଦାଖଲ କରିନାହାନ୍ତି। କିଛି ମଧ ଫି' ଦେଇନାହାନ୍ତି। ଓପିଏସସିର ଏଭଳି ନିଷ୍ପତ୍ତି ଯୋଗୁଁ ପ୍ରଫେସର ପଦ ପାଇଁ ପରୀକ୍ଷା ଦେବାରୁ ଶତାଧିକ ପ୍ରାର୍ଥୀ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। କିଛି ପ୍ରାର୍ଥୀ ଓପିଏସ୍‌ସିର ଚେୟାରମ୍ୟାନ ସତ୍ୟଜିତ ମହାନ୍ତିଙ୍କୁ ଟୁଇଟ କରି ଅଭିଯୋଗ ଜଣାଇଛନ୍ତି। ଏନେଇ ଓପିଏସସି ସଚିବ ଅଶୋକ କୁମାର ଦାଶଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

ମିଳିଥିବା ସୂଚନା ମୁତାବକ, ଓପିଏସସି ପକ୍ଷରୁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ବିଷୟରେ ପ୍ରାୟ ୧୮୩ଟି ପ୍ରଫେସର ପଦ ପାଇଁ ଗତ ଜୁନ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ୩୬ଟି ପ୍ରଫେସର ପଦ ରହିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୩ଟି ପଦ ରହିଥିଲା। ସେହିଭଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୨ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୨ଟି, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୧୫ଟି, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨୬ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୯ଟି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୯ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୮ଟି, କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୧୬ଟି, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୭ଟି ପ୍ରଫେସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାର୍ଥୀମାନେ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ, ପଞ୍ଜୀକରଣ ଏବଂ ଫି' ପ୍ରଦାନ କରିପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡ଼ାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଓପିଏସସି ପକ୍ଷରୁ ହଠାତ ତାରିଖରେ ପରିବର୍ତ୍ତନ କରାଯାଇଥିଲା।

## ମିଶନ ଶକ୍ତି ବଦଳାଇଦେଲା ଭାଗ୍ୟ

# ଅଣ୍ଡାଦିଆ କୁକୁଡ଼ା ଚାଷକରି ସ୍ୱାବଲମ୍ବୀ ମହିଳା ଗୋଷ୍ଠୀ

ମୋହନା, ୨୨।୯ (ସମିସ): ଦିନ ଥିଲା ଚୁଲି ମୁଣ୍ଡରେ ଜୀବନ ବିତୁଥିଲା; କିନ୍ତୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସେମାନଙ୍କୁ ଗାଁ ଦାଣ୍ଡକୁ ବାହାର କରିଛି। ମିଶନଶକ୍ତିର ସହଯୋଗ ଓ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳା ଗୋଷ୍ଠୀ। ଏବେ କୁକୁଡ଼ା ଏବଂ ଅଣ୍ଡା ବିକ୍ରି କରି ରୋଜଗାରକ୍ଷମ ହେବା ସହ ପରିବାର ପ୍ରତିପୋଷଣ ମଧ କରିପାରୁଛନ୍ତି। କ୍ଷେତ ମଝିରେ କୁକୁଡ଼ା ଫାର୍ମ ଏବଂ ଫାର୍ମଟିକୁ ଚଳାଉଛନ୍ତି କିଛି ମହିଳା।

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲା ଅନ୍ତର୍ଗତ ଉପାନ୍ତ ମୋହନା ବ୍ଲକର ପିଣ୍ଡିକି ଗ୍ରାମର ମା' ସିଦ୍ଧେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ମିଶନଶକ୍ତି ଜରିଆରେ ଏବଂ ବ୍ଲକ ପ୍ରାଣୀସମ୍ପଦ ବିକାଶ ବିଭାଗର ସହାୟତାରେ ଏହି ସଫଳତା ପାଇପାରିଛନ୍ତି ମହିଳାମାନେ। କୁକୁଡ଼ା ଫାର୍ମ ଟି ନିର୍ମାଣ କରିବା ପାଇଁ ଖର୍ଚ୍ଚ ହୋଇଛି ଦୁଇ ଲକ୍ଷ ଟଙ୍କା। ସେଥିରୁ ଏକ ଲକ୍ଷ ଟଙ୍କାର ସରକାରୀ ରିଆତି ମିଳିଥିବା ବେଳେ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କାର ଲୋନ୍ ଆଣିଛନ୍ତି ମହିଳା ଗୋଷ୍ଠୀ। ଏଥି





ନିମନ୍ତେ ରାଜ୍ୟ ସରକାରଙ୍କ ଭୁବନେଶ୍ୱରସ୍ଥିତ ଓଡ଼ିଶା ପୋଲ୍‌ଟ୍ରି ଫେଡରେସନ୍ ଲିମିଟେଡ଼, ରୋଡ୍ ଆଇଲାଣ୍ଡ ରେଡ୍ (ଆରଆଇଆର) ପ୍ରଜାତିର କୁକୁଡ଼ା ଯୋଗାଇ ଦେଇଛି। ସ୍ଥାନୀୟ ପ୍ରାଣୀ ସମ୍ପଦ ବିଭାଗ ପ୍ରତିଦିନ କୁକୁଡ଼ା ଗୁଡିକର ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକୀୟ ଔଷଧ ଏବଂ ଟିକା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ଫାର୍ମରେ ୧୫୦ରୁ ଊର୍ଦ୍ଧ୍ୱ କୁକୁଡ଼ା ରହିଛନ୍ତି। ପ୍ରତ୍ୟେକ ଦିନ ୬୦ରୁ ୭୦ ଅଣ୍ଡା ଉତ୍ପାଦନ ହେଉଛି। ଅଣ୍ଡା ଗୁଡିକ ଦେଖିବା ପାଇଁ ଅବିକଳ ଦେଶୀ କୁକୁଡ଼ାର ଅଣ୍ଡା ଭଳି। ତେଣୁ ଏହାର ବଜାର ଚାହିଦା ମଧ ଭଲ ରହିଛି। ଗୋଟିଏ ଅଣ୍ଡା ୬ରୁ ୭ ଟଙ୍କାରେ ବିକ୍ରି କରାଯାଉଛି। ଏହାସହ ଗଞ୍ଜା କୁକୁଡ଼ାକୁ ଗୋଟା ପିଛା ୫୦୦ରୁ ୬୦୦ ଟଙ୍କାରେ ବିକ୍ରି କରାଯାଉଛି। ମୋହନା ସମେତ ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼ ଏବଂ ବ୍ରହ୍ମପୁର ବଜାରକୁ ବିକ୍ରି ପାଇଁ ପଠାଯାଉଛି ଅଣ୍ଡା। ମହିଳା ସଙ୍ଘର ସଦସ୍ୟାମାନେ ପ୍ରତ୍ୟେକ ଦିନ ପାଳିକରି କୁକୁଡ଼ା ଫାର୍ମକୁ ସଫାସୁତରା କରିବା ସହ କୁକୁଡ଼ାଗୁଡିକୁ ଦାନା ଏବଂ ପାଣି ଦେଇ ସେମାନଙ୍କ ଲାଳନପାଳନ କରୁଛନ୍ତି। ଦିନେ ଘର ଖର୍ଚ୍ଚ ପାଇଁ ମୁରବିଙ୍କ ହାତକୁ ଚାହିଁ ରହୁଥିବା ମହିଳାମାନେ ଏବେ ଅଣ୍ଡା ଏବଂ କୁକୁଡ଼ା ବିକ୍ରି କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିବାରେ ମୁଖ୍ୟ ଭୂମିକା ତୁଲାଉଛନ୍ତି। ସିଦ୍ଧେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀର ଏସବୁ ସମ୍ଭବ ହୋଇପାରିଛି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପାଇଁ। ଆଗକୁ କିଭଳି ଅଧିକରୁ ଅଧିକ ଏହି ଅଣ୍ଡାଦିଆ କୁକୁଡ଼ା ଚାଷ କରି ମହିଳାମାନଙ୍କୁ ଆର୍ଥିକ ରୋଜଗାରକ୍ଷମ କରାଯାଇପାରିବ ସେଥିନିମନ୍ତେ ପ୍ରୟାସ ଚାଲିଥିବା ସୂଚନା ଦେଇଛନ୍ତି ମୋହନା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର ପଣ୍ଡା। ଆଗାମୀ ଦିନରେ ଏହାର ସଫଳ ରୂପାୟନ ହୋଇପାରିଲେ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମହିଳାମାନେ ନିଶ୍ଚିତ ଭାବେ ଉପକୃତ ହୋଇପାରିବେ।



## ପ୍ରଫେସର ଯୋଗେଶ ସିଂହ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ପ୍ରଫେସର ଯୋଗେଶ ସିଂହ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନୂଆ କୁଳପତି(ଭିସି) ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନ ଦିଲ୍ଲୀ ଟେକ୍ନୋଲୋଜିକାଲ ୟୁନିଭର୍ସିଟି(ଡିଟିୟୁ)ର ଭିସି ଅଛନ୍ତି। ସେ ୨୦୧୪-୧୭ ଯାଏଁ ନେତାଜୀ ସୁବାଷ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ନିର୍ଦ୍ଦେଶ ଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ତାଙ୍କ ନିଯୁକ୍ତିକୁ ମଞ୍ଜୁରି ଦେଇଛନ୍ତି। ଏହା ସହିତ ପ୍ରଫେସର ନୀଳିମା ଗୁପ୍ତା ମଧ୍ୟପ୍ରଦେଶ ସାଗର ସ୍ଥିତି ଡ. ହରି ସିଂହ ଗୌର ବିଶ୍ୱବିଦ୍ୟାଳୟର ଭିସି ନିଯୁକ୍ତ ହୋଇଛନ୍ତି। ପ୍ର. ନୀଳିମା ଗୁପ୍ତା ଏହା ପୂର୍ବରୁ ତୀଲକା ମାଞ୍ଝୀ ଭାଗଲପୁର ବିଶ୍ୱବିଦ୍ୟାଳୟର ଭିସି ଥିଲେ। ଯୋଗେଶ ସିଂହ ହେଉଛନ୍ତି ଏମ. ଟେକ ଗ୍ରାଜୁଏଟ। ସେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏବଂ ଏନଆଇଟି କୁରୁକ୍ଷେତ୍ରରୁ ଡକ୍ଟରେଟ ଲାଭ କରିଛନ୍ତି।

## ଗହନା ବଶିଷ୍ଠଙ୍କ ଗିରଫ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପର୍ଣ୍ଣ ଫିଲ୍ମ(ଅଶ୍ଳୀଳ ଚଳଚ୍ଚିତ୍ର) ମାମଲାରେ ଅଭିନେତ୍ରୀ ଗହନା ବଶିଷ୍ଠଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ତାଙ୍କ ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଗହନାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି ଏବଂ ତଦନ୍ତରେ ସହଯୋଗ କରିବାକୁ ଅଭିନେତ୍ରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଏକ ୱେବସାଇଟରେ ଅଶ୍ଳୀଳ ଭିଡିଓ ଅପଲୋଡ ଏବଂ ସୁଟିଂ ଅଭିଯୋଗରେ ଗହନାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ମାଲୱାନୀ ଥାନାରେ ରୁଜୁ ମାମଲାକୁ ମୁମ୍ବଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ପର୍ଣ୍ଣ ଭିଡିଓ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବ୍ୟବସାୟୀ ପତି ରାଜ କୁନ୍ଦ୍ରାଙ୍କ ସହିତ ତାଙ୍କ କମ୍ପାନୀର ୩ରୁ ୪ ଫିଲ୍ମ ନିର୍ମାତାଙ୍କ ବିରୋଧରେ ଜଣେ ମଡେଲ ଏଫଆଇଆର ରୁଜୁ କରିଥିଲେ।

## ଜମ୍ମୁ-କାଶ୍ମୀରରେ ୬ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର,୨୨।୯(ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରିଦିଆଯାଇଛି । ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କରେ ଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ୬ କର୍ମଚାରୀଙ୍କ ମଧ୍ୟରେ ଜମ୍ମୁ-କାଶ୍ମୀର ପୁଲିସର ଦୁଇ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଲିଙ୍କର ତଦନ୍ତ ଲାଗି କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଦ୍ୱାରା ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା।

## ଆବେଦନ ଖାରଜ କରି ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

# ନଭେମ୍ବରରୁ ମହିଳାଙ୍କୁ ଏନ୍‌ଡିଏରେ ସାମିଲ କର

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି)**

ଚଳିତ ବର୍ଷ ନ୍ୟାସନାଲ ଡିଫେନ୍ସ ଏକାଡେମି(ଏନଡିଏ) ପ୍ରବେଶିକା ପରୀକ୍ଷାରେ ମହିଳାଙ୍କୁ ଅନୁମତି ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏବେ ଆସନ୍ତା ନଭେମ୍ବର ମାସରୁ ମହିଳା ଏନଡିଏ ପ୍ରବେଶିକା ପରୀକ୍ଷା ଦେଇପାରିବେ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ। ତେଣୁ ଆମେ ମହିଳାଙ୍କୁ ଏନଡିଏରେ ପ୍ରବେଶ କରାଇବା ସମୟକୁ ଏକ ବର୍ଷ ପାଇଁ ସ୍ଥଗିତ ରଖିପାରିବୁ ନାହିଁ। ଏହା କହି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟର ଜଷ୍ଟିସ ଏସକେ କାଉଲଙ୍କ ନେତୃତ୍ୱାଧିନ ଖଣ୍ଡପୀଠଙ୍କ ନିକଟରେ ସରକାର ଚଳିତ ବର୍ଷ ଏନଡିଏ ପରୀକ୍ଷାରେ ମହିଳାଙ୍କୁ ପ୍ରବେଶ କରାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ନିବେଦନ କରିଥିଲେ। ନଭେମ୍ବର ୧୪ରେ ଆଗାମୀ ପ୍ରବେଶିକା ପରୀକ୍ଷା ହେବାକୁ ଯାଉଛି। ଏଥିରେ ମହିଳାଙ୍କୁ ଅନୁମତି ଦିଆ ନଯିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। କାରଣ ଏବେ ପ୍ରଶିକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇନାହିଁ। ଏହା ପ୍ରସ୍ତୁତ କରିବାକୁ ୨୦୨୨ ମେ ପର୍ଯ୍ୟନ୍ତ ସମୟ ଲାଗିବ। ତେବେ ସୁପ୍ରିମକୋର୍ଟ ଝିଅମାନଙ୍କୁ ଚଳିତ ବର୍ଷରୁ ଏହି ପରୀକ୍ଷାରେ ସାମିଲ କରାଇବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ୨୦୨୧ ନଭେମ୍ବରରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଆବଶ୍ୟକ। ଗୋଟିଏ ବର୍ଷ ପାଇଁ ଏହାକୁ ସ୍ଥଗିତ କରିହେବ ନାହିଁ। ଡାକ୍ତରୀ ମାନକକୁ ପରୀକ୍ଷାମୂଳକ ଭାବରେ ସୂଚିତ କରାଯିବା ଉଚିତ୍। ୟୁପିଏସସି ନଭେମ୍ବରରେ ହେବାକୁ ଥିବା ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତି ଜାରି କରୁ। ସୂଚନା ମୁତାବକ ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରାଳୟ ୨୦୨୨ରେ ହେବାକୁ ଥିବା ଏନ୍‌ଡିଏ ପରୀକ୍ଷାରେ ଝିଅମାନଙ୍କୁ ସାମିଲ କରାଇବା ପାଇଁ କୋର୍ଟକୁ କହିଥିଲା। ଏନେଇ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ମଧ ଦାଖଲ କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ ଯୋଗ୍ୟତା ପର୍ଯ୍ୟାୟରେ ଶାରୀରିକ ପରୀକ୍ଷଣର ମାନଦଣ୍ଡ



ରହିବା ସହ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ବିଶେଷକରି ମେଡିକାଲ୍ ଫିଟ୍ ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ। ପୁରୁଷ ପ୍ରାର୍ଥୀଙ୍କ ପରି ମହିଳାଙ୍କ ପାଇଁ ଉପଯୁକ୍ତ ମାନକ ପ୍ରସ୍ତୁତ କରାଯିବ। ସବୁ ମହିଳାଙ୍କ ପାଇଁ ଏକ ସମାନ୍ତରାଳ ଶାରୀରିକ ମାନଦଣ୍ଡ ରହିବ ନାହିଁ ଏବଂ ସେଥିପ୍ରତି ମଧ ଧ୍ୟାନ ଦିଆଯିବ। ତେବେ ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହା ଲିଙ୍ଗଗତ ତାରତମ୍ୟ ଉପରେ ଆଧାରିତ। ଚଳିତ ବର୍ଷଠାରୁ ଝିଅମାନେ ଏହି ପରୀକ୍ଷାରେ ସାମିଲ ହେବେ। ପରୀକ୍ଷା ପରେ ଯଦି କୌଣସି ସମସ୍ୟା ଆସୁଛି ତେବେ କେନ୍ଦ୍ର ସରକାର କୋର୍ଟକୁ ଜଣାଇବେ। ଏକ ବର୍ଷ ବିଳମ୍ବ ହେବା ଅର୍ଥ ସବୁକିଛି ଶେଷ କରିଦେବା। 'ଆଜି କୌଣସି ପରୀକ୍ଷା ନାହିଁ, କାଲି ପରୀକ୍ଷା ହେବା' ଏହା ମହିଳାଙ୍କ ଆକାଂକ୍ଷା ବିରୋଧରେ ଯିବ। ମହିଳାଙ୍କ ଅଧିକାରକୁ ସ୍ଥଗିତ ରଖାଯାଇପାରିବ ନାହିଁ। ସରକାର ଏହା ଭାବିବା ଉଚିତ। ପରୀକ୍ଷାକୁ ସ୍ଥଗିତ ରଖିବା କିମ୍ବା ସ୍ଥଗିତ ରଖିବା ଭଲ ସଙ୍କେତ ହେବ ନାହିଁ। ନଭେମ୍ବରରୁ ପ୍ରବେଶିକା ପରୀକ୍ଷା ଦେବାର ଭରଷା ଦେଇ ଏହାକୁ ମିଥ୍ୟା ସାବ୍ୟସ୍ତ କରିବାକୁ ଚାହୁଁନାହୁଁ। ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିର ମଧ ମୁକାବିଲା କରୁଛି। ଏହି ମାମଲାରେ ମଧ ସମାଧାନର ରାସ୍ତା ବାହାରିବ ବୋଲି ଆମର ବିଶ୍ୱସା ଅଛନ୍ତି। ଏହା ସହିତ ଚଳିତ ବର୍ଷଠାରୁ ଆରମ୍ଭ କରିବାକୁ କୋର୍ଟ କେନ୍ଦ୍ରକୁ କହିଛନ୍ତି। ୨ ମାସ ମଧ୍ୟରେ ପରୀକ୍ଷାର ଫଳାଫଳ ବାହାରିବ। ତେଣୁ ସେ ପର୍ଯ୍ୟନ୍ତ ଶୁଣାଣିକୁ କୋର୍ଟ ସ୍ଥଗିତ ରଖିଛନ୍ତି।

# କୋଭିସିଲ୍ଡକୁ ମଞ୍ଜୁରି; ପ୍ରମାଣପତ୍ରକୁ ନା

**ଲଣ୍ଡନ,୨୨।୯(ଏଜେନ୍ସି):** ଭାରତର ଚେତାବନୀ ପରେ ବ୍ରିଟେନ ନିଜର ଟିକା ନୀତିରେ ପରିବର୍ତ୍ତନ କରିଛି। ଏବେ ସଂଶୋଧିତ ଯାତ୍ରା ନିୟମରେ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କରୋନା ଟିକା 'କୋଭିଶିଲ୍ଡ' କୁ ବ୍ରିଟେନ ମଞ୍ଜୁରି ଦେଇଛି। ତେବେ ଭାରତର ଟିକା ପ୍ରମାଣପତ୍ରକୁ ସ୍ୱୀକୃତି ମିଳିନାହିଁ । ଏହା ଉପରେ ଭରଷା କରାଯାଇପାରିବ ନାହିଁ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ବ୍ରିଟେନ ଗସ୍ତ କରୁଥିବା ଭାରତୀୟମାନଙ୍କୁ ସେଠାରେ ୧୦ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପଡିବ ଏବଂ ପରୀକ୍ଷା କରାଇବାକୁ ହେବ। ବ୍ରିଟେନର ଏହି ନିଷ୍ପତ୍ତି ବର୍ଣ୍ଣବୈଷମ୍ୟ ଆଧାରିତ ବୋଲି ଭାରତୀୟ ନାଗରିକ କହିଥିଲେ। ଭାରତ ସରକାର ମଧ ବ୍ରିଟେନର ନୂଆ ଟିକା ନୀତିକୁ ତୀବ୍ର ବିରୋଧରେ କରିଥିଲେ ଏବଂ 'ଯେସାକୁ ତେସା' ନୀତି ଗ୍ରହଣ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଚେତାବନୀ ଦେଇଥିଲେ। ବ୍ରିଟେନର ସଂଶୋଧିତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି ଯେ ଅକ୍ଟୋବର ୪ରୁ ବ୍ରିଟେନ, ୟୁରୋପ, ଆମେରିକା ତଥା ଅନ୍ୟ କିଛି ଦେଶ ଦ୍ୱାରା ଅନୁମତି ପାଇଥିବା ଟିକାର ଦୁଇଟି ଡୋଜ୍ ନେଇଥିବା ଲୋକଙ୍କୁ ଦେଶରେ ପ୍ରବେଶ ପାଇଁ ଅନୁମତି ମିଳିବ। ଏବେ ଆଉ କିଛି ଟିକାକୁ ସ୍ୱୀକୃତିପ୍ରାପ୍ତ ତାଲିକାରେ ସାମିଲ କରାଯାଉଛି। ସେଗୁଡିକ ମଧ୍ୟରେ ଅଷ୍ଟ୍ରାଜେନେକା କୋଭିସିଲ୍ଡ, ଅଷ୍ଟ୍ରାଜେନେକା ଭାକ୍ସଜେଭରିଆ ଓ ମଡର୍ଣ୍ଣା ଟାକେଟା ସାମିଲ ରହିଛି। ଏହି ଟିକାର ଉଭୟ ଡୋଜ୍ ନେଇଥିଲେ ବ୍ରିଟେନରେ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ମାର୍ଗଦର୍ଶିକାରେ କୁହାଯାଇଛି ଯେ କୋଭିସିଲ୍ଡର ଉଭୟ ଡୋଜ୍

**ସୁଧୁରୁନି ବ୍ରିଟେନ୍**

ନେଇଥିଲେ ମଧ ଭାରତୀୟଙ୍କୁ ସଙ୍ଗରୋଧରେ ରହିବାକୁ ପଡ଼ିବ। କୋଭିସିଲ୍ଡକୁ ନେଇ ଆମର କୌଣସି ଅସୁବିଧା ନାହିଁ। କିନ୍ତୁ ଭାରତରେ ଦିଆଯାଉଥିବା ଟିକା ପ୍ରମାଣପତ୍ର ଉପରେ ସନ୍ଦେହ ରହିଛି। ଭାରତ ସରକାରଙ୍କ ସହ ଟିକା ପ୍ରମାଣପତ୍ରର ମାନ୍ୟତାର ସୀମା ବୃଦ୍ଧି କରିବାକୁ କାର୍ଯ୍ୟ କରୁଛୁ।

# ମହନ୍ତ ନରେନ୍ଦ୍ର ଗିରିଙ୍କ ମୃତ୍ୟୁର ତଦନ୍ତ କରିବ ସିବିଆଇ

**ପ୍ରୟାଗରାଜ, ୨୨।୯(ଏଜେନ୍ସି):** ଅଖିଳ ଭାରତୀୟ ଆଖଡା ପରିଷଦର ଅଧ୍ୟକ୍ଷ ତଥା ବାଘମ୍ବରୀ ଆଖଡାର ମହନ୍ତ ନରେନ୍ଦ୍ର ଗିରିଙ୍କ ସନ୍ଦିଗ୍ଧ ମୃତ୍ୟୁର ସିବିଆଇ ତଦନ୍ତ ଲାଗି ସୁପାରିସ କରିଛନ୍ତି ଉତ୍ତରପ୍ରଦେଶ ସରକାର । ସରକାରଙ୍କ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ଅନେକ ମଠର ସାଧୁସନ୍ଥ ଏବଂ ରାଜନୈତି ଦଳ ମହନ୍ତଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି କରିଥିଲେ। ଏବେ ଏସଆଇଟି ଏହି ମାମଲାର ତଦନ୍ତ କରୁଛି। କେନ୍ଦ୍ର ସରକାରଙ୍କ ଅନୁମତି



ମିଳିବା ପରେ ସିବିଆଇ ତଦନ୍ତ ଆରମ୍ଭ କରିପାରେ। ବୁଧବାର ମହନ୍ତଙ୍କୁ ଭୂ-ସମାଧି ଦିଆଯାଇଛି। ମହନ୍ତଙ୍କ ସୁଇସାଇଡ ନୋଟରେ ଘୋଷିତ ଉତ୍ତରାଧିକାରୀ ବଲବୀର ଅନ୍ତିମ ସଂସ୍କାର କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସ୍ୱରୂପ ରାଣୀ ନେହେରୁ ହସ୍ପିଟାଲରେ ତାଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲା। ଏହି ରିପୋର୍ଟ ମୁଦ ଲଫାପାରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ପ୍ରାରମ୍ଭିକ ରିପୋର୍ଟରେ ଫାଶୀ ଦେଇଥିବା ଯୋଗୁଁ ମୃତ୍ୟୁ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଆନନ୍ଦ ଗିରି ଏବଂ ଆଦ୍ୟାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି। କୋର୍ଟରେ ପହଞ୍ଚିବା ସମୟରେ ଉଭୟେ ମାଡପିଟ କରିଥିଲେ। ଏଥିଯୋଗୁଁ ପୁଲିସ ସେମାନଙ୍କୁ ନୈନି ସେଣ୍ଟ୍ରାଲ ଜେଲକୁ ପଠାଇ ଦେଇଛି।

## ■ ସବୁଠାରୁ ବଡ଼ ଧର୍ମାନ୍ତରୀକରଣ ରାକେଟର ପର୍ଦ୍ଦାଫାସ

# ଗ୍ଲୋବାଲ ପିସ୍ ସେଣ୍ଟର୍‌ର ଅଧ୍ୟକ୍ଷ ଗିରଫ

**ଲକ୍ଷ୍ନୌ,୨୨।୯(ଏଜେନ୍ସି):** ଉତ୍ତରପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ(ଏଟିଏସ) ଭାରତର ସବୁଠାରୁ ବଡ ବେଆଇନ ଧର୍ମାନ୍ତରୀକରଣ ରାକେଟର ପର୍ଦ୍ଦାଫାସ କରିଥିବା ଦାବି କରିଛି। ଏହି ମାମଲାରେ ମିରଟରୁ ମୌଲାନା କଲିମ ସିଦ୍ଦିକୁଙ୍କୁ ଗିରଫ କରାଯାଇଛି। ସେ ଗ୍ଲୋବାଲ ପିସ୍ ସେଣ୍ଟର୍ ଆଣ୍ଡ ପିସ୍ ମିଶନ୍ ଏବଂ ଜମିୟତ-ଇ-ୱଲିଉଲ୍ଲାହର ଅଧ୍ୟକ୍ଷ ଅଛନ୍ତି। ଏଟିଏସ ଅନୁଯାୟୀ ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗରେ ମୌଲାନା କଲିମଙ୍କୁ ଗିରଫ କରାଯାଇଛି। ଉମର



ଗୌତମ କେସର ଯାଞ୍ଚ ବେଳେ ତାଙ୍କ ନାମ ସାମ୍ନାକୁ ଆସିଥିଲା। ଧର୍ମାନ୍ତରୀକରଣ ରାକେଟ ଚଳାଉଥିବା ଯୋଗୁଁ ଚଳିତ ବର୍ଷ ଜୁନ ମାସରେ ପୁଲିସ ତାଙ୍କୁ ଗିରଫ କରିଥିଲା। ସନ୍ଦେହ ଜନକ କାର୍ଯ୍ୟ ଯୋଗୁଁ ୬୪ ବର୍ଷୀୟ ମୌଲାନ ସୁରକ୍ଷା ଏଜେନ୍ସିର ରାଡାରରେ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ମିରଟରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏବେ ପୁଲିସ ତାଙ୍କୁ ଜେରା କରୁଛି। ସେ ମୁଜାଫରନଗରର ବାସିନ୍ଦା। ତାଙ୍କୁ ବିଦେଶରୁ ମଧ ପାଣ୍ଠି ମିଳୁଥିଲା। ୟୁପିର ଏଡିଜି ପ୍ରଶାନ୍ତ କୁମାର କହିଛନ୍ତି ଯେ ମୌଲାନାଙ୍କ ଟ୍ରଷ୍ଟକୁ ୩ କୋଟି ଟଙ୍କାର ବିଦେଶୀ ପାଣ୍ଠି ମିଳିଛି। ଏଥିରେ ବାହାରିନରୁ ଆସିଥିବା ୧.୫ କୋଟି ଟଙ୍କା ସାମିଲ ରହିଛି। ମାମଲାର ତଦନ୍ତ ଲାଗି ୬ଟି ଟିମ ଗଠନ କରାଯାଇଛି। ଏହି ରାକେଟ ଭାରତରେ ପ୍ରାୟ ହଜାରେ ଲୋକଙ୍କ ଧର୍ମାନ୍ତରୀକରଣ କରିଥିଲେ। ଏହି ସଂଗଠନ ୧୫ ବର୍ଷ ହେଲା ଧର୍ମାନ୍ତରୀକରଣ ଜାରି ରଖିଥିଲା। ଅନ୍ୟପକ୍ଷରେ ମୌଲାନଙ୍କ ଗିରଫକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଆପ ଏବଂ ସମାଜବାଦୀ ପାର୍ଟି ଏହାକୁ ବିରୋଧ କରିଛନ୍ତି।

# ଦିନକରେ ୨୬ ୯ ୬୪ ନୂଆ ସଂକ୍ରମିତ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ଭାରତରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୨୬୯୬୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ୩୮୩ ଆକ୍ରାନ୍ତ ମଧ ପ୍ରାଣ ହରାଇଛନ୍ତି। ଏହା ସହିତ ମୋଟ ମୃତ୍ୟୁସଂଖ୍ୟା ୪୪୫୭୬୮କୁ ଏବଂ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩୫୩୧୪୯୮କୁ ବୃଦ୍ଧି ପାଇଛି। ଏବେ ୩,୦୧,୯୮୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହା ୧୮୬ ଦିନରେ ସର୍ବନିମ୍ନ। ମୋଟ ସଂକ୍ରମଣରେ ସକ୍ରିୟ ରୋଗୀସଂଖ୍ୟା ୦.୯୦ ପ୍ରତିଶତ ରହିଛି। ଏହା ଗତ ବର୍ଷ ମାର୍ଚ୍ଚ ମାସ ପରଠାରୁ ସବୁଠାରୁ କମ। ଏହି ସମୟରେ ୩୪,୧୬୭ ରୋଗୀ ମଧ ସୁସ୍ଥ ହୋଇଛନ୍ତି। ଏବେ ଦୈନିକ ସଂକ୍ରମଣ ହାର ୧.୬୯ ପ୍ରତିଶତ ଏବଂ ସାପ୍ତାହିକ ସଂକ୍ରମଣ ହାର ୨.୦୮ ପ୍ରତିଶତ ରହିଛି।

## ■ ଆମେରିକା ଗଲେ ପ୍ରଧାନମନ୍ତ୍ରୀ

# ଆଫଗାନିସ୍ତାନ ଦେଇ ଗଲାନି ବିମାନ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆମେରିକା ଗସ୍ତରେ ଯାଇଛନ୍ତି। ତେବେ ଆଫଗାନିସ୍ତାନ ବାୟୁସୀମା ଦେଇ ତାଙ୍କ ବିମାନ ଯାଇନାହିଁ। ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆମେରିକା ଯିବା ପାଇଁ ପାକିସ୍ତାନ ବାୟୁସୀମାକୁ



ବ୍ୟବହାର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଏୟାରଫୋର୍ସ ୱାନରେ ଏନଏସଏ ଅଜିତ ଡୋଭାଲ, ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ସମେତ ବରିଷ୍ଠ ଅଧିକାରୀ ଆମେରିକା ଗସ୍ତରେ ଯାଇଛନ୍ତି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ବିମାନ ଲାଗି ପାକିସ୍ତାନ ବାୟୁସୀମା ବ୍ୟବହାର ଲାଗି ଅନୁମତି ମଗା ଯାଇଥିଲା। ଇସଲାମାବାଦ ଏ ନେଇ ମଞ୍ଜୁରୀ ଦେଇଥିଲା। ଭାରତରୁ ଆମେରିକା ଯିବା ପାଇଁ ପାକିସ୍ତାନ କିମ୍ବା ଆଫଗାନ ବାୟୁସୀମା ଦେଇ ଯିବାକୁ ପଡିଥାଏ। ଏହା ପରେ ବିମାନ ତାଜାକିସ୍ତାନ ସୀମା ଦେଇ ଉତ୍ତର ଆଟଲାଣ୍ଟିକ ସାଗର ଉପରେ ଯାଇଥାଏ। ତେବେ ଅନ୍ୟ ଆମେରିକୀୟ ସହରକୁ ଯିବାକୁ ହେଲେ ଯାତ୍ରାପଥରେ ପରିବର୍ତ୍ତନ ହୋଇଥାଏ। ନୂଆଦିଲ୍ଲୀରୁ ଆମେରିକା ପହଞ୍ଚିବା ଲାଗି ପ୍ରଧାନମନ୍ତ୍ରୀଙ୍କ ବିମାନକୁ ୧୫ ଘଣ୍ଟା ଲାଗିବ। ତେବେ ଆଫାଗାନ ଦେଇଗଲେ ଅଧିକ ସମୟ ଲାଗିଥାଏ। ଆଫଗାନକୁ କବ୍‌ଜା କରିବା ପରେ ତାଲିବାନ ଅଗଷ୍ଟ ୧୬ରେ ବାଣିଜ୍ୟିକ ଉଡାଣ ପାଇଁ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। ଭାରତ ସରକାର ମଧ ଏୟାରଲାଇନ କମ୍ପାନୀଗୁଡିକୁ ଆଫଗାନ ବାୟୁସୀମା ବ୍ୟବହାର ନ କରିବାକୁ କହିଥିଲେ। ଏହା ପୂର୍ବରୁ ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନକୁ ନିଜ ବାୟୁସୀମା ବ୍ୟବହାର ପାଇଁ ପାକିସ୍ତାନ ଅନୁମତି ଦେଇନଥିଲା। ଭାରତ ଏହି ପ୍ରସଙ୍ଗ ସିଭିଲ ଆଭିଏସନ ଅର୍ଗାନାଇଜେସନ(ଆଇସିଏଓ)ରେ ଉଠାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଏହି ୪ ଦିନିଆ ଗସ୍ତରେ ଆମେରିକା ରାଷ୍ଟ୍ରପିତ ଜୋ ବାଇଡେନ, ଉପରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ୟୁଏନଜିଏ ବୈଠକକୁ ସମ୍ବୋଧନ କରିବେ। ସେ କ୍ୱାଡ ରାଷ୍ଟ୍ରଗୁଡିକର ସମ୍ମିଳନୀରେ ମଧ ସାମିଲ ହେବେ। ଏହି ଗସ୍ତ ପୂର୍ବରୁ ମୋଦୀ କହିଛନ୍ତି ଯେ ସେ ବାଇଡେନଙ୍କ ଆମନ୍ତ୍ରଣରେ ୨୦୨୧ ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ଏହି ଅବସରରେ ବାଇଡେନଙ୍କ ସହ ଭାରତ-ଆମେରିକା ବ୍ୟାପକ ଅନ୍ତର୍ଜାତୀୟ ରଣନୀତିକ ସହଯୋଗିତା ଓ ପରସ୍ପର ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ସେ ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରି ଉଭୟ ଦେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗର ସମ୍ଭାବନା ଉପରେ ଆଲୋଚନ କରିବେ ।

## ଅନ୍ତର୍ଜାତୀୟ କରୋନା ସମ୍ମିଳନୀକୁ ମୋଦୀଙ୍କ ସମ୍ବୋଧନ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଭର୍ଚୁଆଲ ଭାବେ ଆୟୋଜିତ ଅନ୍ତର୍ଜାତୀୟ କରୋନା ସମ୍ମିଳନୀରେ ସାମିଲ ହୋଇଛନ୍ତି। ସେ କରୋନା ଲଢାଇରେ ଭାରତର ଉପଲବ୍ଧିକୁ ପ୍ରକାଶ କରିବା ସହିତ ସାରା ବିଶ୍ୱକୁ କରୋନା ଟିକା ଦେବା ପାଇଁ ଯୋଗାଣ ଶୃଙ୍ଖଳର ବ୍ୟବହାର କରିବାକୁ କହିଥିଲେ। ଏହା ସହିତ ମୋଦୀ ଟିକା କଞ୍ଚାମାଲ ଯୋଗାଣରେ ବ୍ୟାହତକୁ ନେଇ ଆମେରିକାକୁ ଇଙ୍ଗିତ କରି ସମାଲୋଚନା କରିଥିଲେ। ପରିଶେଷରେ ସେ ମହାମାରୀର ଆର୍ଥିକ ପ୍ରଭାବ ଉଲ୍ଲେଖ କରି ବ୍ରିଟେନକୁ ଭାରତର ଟିକାକରଣ ପ୍ରମାଣପତ୍ରକୁ ମଞ୍ଜୁରି ଦେବା ପାଇଁ ସଙ୍କେତ ଦେଇଥିଲେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏହି ସମ୍ମିଳନୀ ଡାକିଥିଲେ। ମୋଦୀ ଅଭିଭାଷଣ ଦେଇ ବାଇଡେନଙ୍କୁ ପ୍ରଶଂସା କରିଥିଲେ। ଏହା ସହିତ ଅନ୍ତର୍ଜାତୀୟ ଯାତ୍ରାକୁ ସରଳ କରିବା ପାଇଁ ଟିକା ପ୍ରମାଣପତ୍ରକୁ ପାରସ୍ପରିକ ସ୍ୱୀକୃତି ଦେବା ଉଚିତ ବୋଲି କହିଥିଲେ।


## ୟୁଏନ୍‌ଜିଏରେ କାଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

# ସାଇପ୍ରସ୍‌କୁ ନେଇ କଡ଼ା ଜବାବ ଦେଲେ ଜୟଶଙ୍କର

**ନ୍ୟୁୟର୍କ, ୨୨।୯(ଏଜେନ୍ସି)**

ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ୭୬ତମ ଅଧିବେଶନରେ ତୁର୍କୀକୁ କଡ଼ା ଜବାବ ଦେଇଛି ଭାରତ। ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏରୋଡଗାନ ୟୁଏନଜିଏରେ ଅଭିଭାଷଣ ରଖି କାଶ୍ମୀର





ପ୍ରସଙ୍ଗ ଉଠାଇବାରୁ ଏହାର କଡା ଜବାବ ଦେଇଥିଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ସାଇପ୍ରସ ପ୍ରସଙ୍ଗ ଉଲ୍ଲେଖ କରି ତୁର୍କୀକୁ ଘେରିଥିଲେ। ତୁର୍କୀ ଅନେକ ଦଶନ୍ଧି ହେଲା ସାଇପ୍ରସର ସିଂହ ଭାଗକୁ ବେଆଇନ ଭାବେ କବ୍‌ଜା କରିନେଇଛି। ଏହି ପ୍ରସଙ୍ଗରେ ଜାତିସଂଘରେ ମଧ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ତୁର୍କୀ ଏହାକୁ ମାନୁନାହିଁ। ଜୟଶଙ୍କର ନିଜର ସାଇପ୍ରସ ସମକକ୍ଷ ନିକୋସ କ୍ରିଷ୍ଟୋଡୌଲାଇଡ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ସମୟରେ ସେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବ ପାଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଜୟଶଙ୍କର ବୁଧବାର ଟ୍ୱିଟ କରି କହିଛନ୍ତି ଯେ ଉଭୟ ଦେଶ ଆର୍ଥିକ ସମ୍ବନ୍ଧକୁ ଆହୁରି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଜୟଶଙ୍କର କ୍ରିଷ୍ଟୋଡୌଲାଇଡ୍ସଙ୍କ ଆଞ୍ଚଳିକ ଜ୍ଞାନକୁ ପ୍ରଶଂସା କରିଛନ୍ତି। ସମସ୍ତେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବକୁ ପାଳନ କରିବା ଉଚିତ ବୋଲି ସେ କହିଥିଲେ।

ଏରୋଡଗାନ ମଙ୍ଗଳବାର ୟୁଏନଜିଏରେ କହିଥିଲେ ଯେ କାଶ୍ମୀରକୁ ନେଇ ୭୪ ବର୍ଷ ହେଲା ଜାରି ରହିଥିବା ସମସ୍ୟାକୁ ଉଭୟ ରାଷ୍ଟ୍ର ଆଲୋଚନା ତଥା ଜାତିସଂଘର ପ୍ରାସଙ୍ଗିକ ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବା ଉଚିତ। ଏହା ପୂର୍ବରୁ ମଧ ସେ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ତେବେ ଭାରତ ଏହାକୁ କଡା ବିରୋଧ କରିଥିଲା। ସୂଚନାଯୋଗ୍ୟ ଯେ ୧୯୭୪ରେ ୟୁନାନ ସରକାରର ସମର୍ଥନରେ ସେନା କ୍ଷମତା ଦଖଲ କରିବା ପରଠାରୁ ସାଇପ୍ରସରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହା ପରେ ତୁର୍କୀ ୟୁନାନର ଉତ୍ତର ଭାଗରେ ଆକ୍ରମଣ କରିଥିଲା। ଭାରତ ଜାତିସଂଘ ପ୍ରସ୍ତାବ ମାଧ୍ୟମରେ ଏହି ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ ଦାବି କରିଛି। ପାକିସ୍ତାନ ପରେ ତୁର୍କୀ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ବନିଯାଇଛି। ରିପୋର୍ଟ ଅନୁଯାୟୀ କେରଳ ଏବଂ କାଶ୍ମୀର ସମେତ ଦେଶର ଅନେକ ଭାଗରେ ଚାଲିଥିବା ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ତୁର୍କୀ ପାଣ୍ଠି ଯୋଗାଉଛି। ତୁର୍କୀ ଭାରତରେ ମୁସଲମାନଙ୍କ ମଧ୍ୟରେ ଚରମପନ୍ଥୀ ଚିନ୍ତାଧାର ବୃଦ୍ଧି କରୁଛି ଏବଂ ସେମାନଙ୍କୁ ନିଯୁକ୍ତି କରିବାକୁ ପ୍ରୟାସ କରୁଛି। ଦକ୍ଷିଣ ଏସିଆର ମୁସଲମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିବା ପାଇଁ ତୁର୍କୀ ଏପରି କରୁଛି।

## ଜାତିସଂଘ ପ୍ରତିନିଧିଙ୍କ ନାମ ଘୋଷଣା କଲା ତାଲିବାନ

**କାବୁଲ, ୨୨।୯(ଏଜେନ୍ସି):** ଆଫଗାନିସ୍ତାନକୁ କବ୍‌ଜା କରି ସରକାର ଗଠନ କରିବା ପରେ ତାଲିବାନ ବିଶ୍ୱ ସମୁଦାୟର ସ୍ୱୀକୃତି ପାଇବା ଉଦ୍ୟମ ଆରମ୍ଭ କରିଛି। ତାଲିବାନ ଏଥିପାଇଁ ବିଶ୍ୱ ନେତାଙ୍କୁ ସମ୍ବୋଧନ କରିବାକୁ ଚାହୁଁଛି। ମିଳିତ ଜାତିସଂଘ ମହାସଭା(ୟୁଏନଜିଏ)ରେ କହିବା ପାଇଁ ଏହି ଚରମପନ୍ଥୀ ସଂଗଠନ ଅନୁମତି ମାଗିଛି। ତାଲିବାନର ମୁଖପାତ୍ର ସୁହେଲ ସାହିନକୁ ଜାତିସଂଘ ପାଇଁ ରାଷ୍ଟ୍ରଦୂତ ଭାବରେ ଘୋଷଣା କରିଛି। ତାଲିବାନକୁ ବୟକଟ୍ ନ କରିବା ପାଇଁ ବିଶ୍ୱ ନେତାଙ୍କୁ କତାରର ଏମିର(ମୁଖ୍ୟ ଶାସକ) ତମିମ ବିନ ହମଦ ଅଲ ଥାନି ନିବେଦନ କରିଛନ୍ତି। ଏଭଳି କରିବା ଦ୍ୱାରା କୌଣସି ସମାଧାନ ହେବ ନାହିଁ। ବିଶ୍ୱ ତାଲିବାନକୁ ମାନ୍ୟତା ଦେଉ ବୋଲି ସେ ଚାହୁଁଛନ୍ତି। ତେବେ ତାଲିବାନ ସହ ଆଲୋଚନା କରିବାକୁ ଚାହୁଁନଥିବା ରାଷ୍ଟ୍ରମାନଙ୍କ ଉଦେଶ୍ୟରେ ସେ ଏପରି କହିଛନ୍ତି।


ସୋମବାର ତାଲିବାନର ବୈଦେଶିକ ମନ୍ତ୍ରୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସେଙ୍କୁ ଚିଠି ଲେଖି ୟୁଏନଜିଏ ଉଚ୍ଚସ୍ତରୀୟ ବୈଠକରେ ସମ୍ବୋଧନ ଲାଗି ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଏହି ଚିଠି ଗୁତରେସେ ପାଇଥିବା ମଧ କହିଛନ୍ତି। ଆଫଗାନର ପୂର୍ବତନ ରାଷ୍ଟ୍ରଦୂତ ଗୁଲାମ ଏସ ଇସାକଜଇଙ୍କୁ ତାଲିବାନ ହଟାଇବାକୁ ଚାହୁଁଛି। ତେବେ ଏହି ଅନୁରୋଧ ଉପରେ କମିଟି ନିଷ୍ପତ୍ତି ନେବ ବୋଲି ମହାସଚିବଙ୍କ ମୁଖପାତ୍ର କହିଛନ୍ତି।



ସକାଳ
THE SAKALA

# ସଂପାଦକୀୟ

ବିଶ୍ୱ ଇତିହାସରେ ସବୁବେଳେ ସତ୍ତାଧାରୀ ଶକ୍ତି ଓ ସାମାଜିକ ନ୍ୟାୟ ମଧ୍ୟରେ ହିଁ ସଂଘର୍ଷ ହୋଇଆସିଛି
-ବିଶ୍ୱବିଖ୍ୟାତ ଐତିହାସିକ ଆର୍ନଲ୍ଡ ଟୟନବି



## ଓଡ଼ିଶାରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ

# ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପ୍ରଥମ ପାନ

ଓଡ଼ିଶାରେ କରୋନା ସଂକ୍ରମଣ କମିଛି ସତ; କିନ୍ତୁ ଏହା ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣକୁ ଆସିନାହିଁ। ଦୈନିକ ସଂକ୍ରମଣ ସଂଖ୍ୟା କ୍ରମାଗତ ଭାବେ କିଛିଦିନ ଧରି ୫୦୦ ତଳେ ରହୁଛି। ଏବେ କେବଳ ଖୋରଧା ଜିଲ୍ଲାର ସଂକ୍ରମଣସ୍ଥିତି ଚିନ୍ତାଜନକ ଅଛି। ଏଠାରେ ସଂକ୍ରମିତଙ୍କ ହାର ମୋଟ ରାଜ୍ୟ ସଂକ୍ରମିତଙ୍କ ହାରର ପ୍ରାୟ ୪୦ ଶତାଂଶ। ରାଜଧାନୀ ଭୁବନେଶ୍ୱର ଭଳି ଜନବହୁଳ ସହର ପାଇଁ ଖୋରଧା ଜିଲ୍ଲାରେ ଯେ ସଂକ୍ରମଣ ହାର ଅଧିକ ରହୁଛି ଏହା ସ୍ପଷ୍ଟ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେବଳ ଭୁବନେଶ୍ୱର ନଗରୀ ଉପରେ ଦୃଷ୍ଟି କେନ୍ଦ୍ରୀତ କରିନାହାନ୍ତି, ଅନ୍ୟାନ୍ୟ ସଂକ୍ରମଣ ପ୍ରବଣ ଜିଲ୍ଲା ଓ ସହର ଉପରେ ମଧ୍ୟ ଧ୍ୟାନ ଦେଇ କାମ କରୁଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସବୁ ବୟସବର୍ଗର ଲୋକଙ୍କୁ ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ଦେବେ। ସମୟ କମ୍ ଥିବା ଦୃଷ୍ଟିରୁ ଲକ୍ଷ୍ୟ ବଡ଼ ଲାଗୁଛି; କିନ୍ତୁ ଅସମ୍ଭବ ନୁହେଁ। ଆବଶ୍ୟକୀୟ ଦ୍ରୁତ ଟିକାକରଣ ପାଇଁ ରାଜ୍ୟରେ ଯଥେଷ୍ଟ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି ଏବଂ ଏହା ଆଗରୁ ମଧ୍ୟ ଦୈନିକ ରେକର୍ଡ ଟିକାଦାନ ସଂଖ୍ୟା ହାସଲ କରାଯାଇପାରିଛି। ଆଗଭଳି ଏବେ ଆଉ ଟିକା ନେବା ପାଇଁ ଲୋକଙ୍କ ମନରେ ଦ୍ୱିଧା ନାହିଁ।

ଚଳିତବର୍ଷ ଜାନୁଆରୀ ୧୬ ତାରିଖରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ୨.୮୩ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇସାରିଲାଣି। ବ୍ୟକ୍ତି ହିସାବରେ ଗଣନା କଲେ ୨.୦୮ କୋଟି ଲୋକ ରାଜ୍ୟରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ମାତ୍ର ୭୫ ଲକ୍ଷଙ୍କୁ ସମ୍ପୂର୍ଣ୍ଣ (ଦୁଇଡୋଜ୍) ଟିକା ଦିଆଯାଇଛି। ଅବଶ୍ୟ ଆମକୁ ମନେ ରଖିବାକୁ ପଡ଼ିବ ଯେ ଏବେ ମଧ୍ୟ ରାଜ୍ୟର ପ୍ରାୟ ୩ କୋଟି ଲୋକ ପ୍ରଥମ ଡୋଜ୍ ଟିକା ଅପେକ୍ଷାରେ ଅଛନ୍ତି। ଏଥିରେ ୧୮ ବର୍ଷରୁ ତଳ କିଶୋର,କିଶୋରୀ ଓ ଶିଶୁ ସାମିଲ୍ ଅଛନ୍ତି। ରାଜ୍ୟରେ ଯେଉଁ ବେଗ ଓ ଗତିରେ ଟିକାଦାନ ଚାଲିଥିଲା କେନ୍ଦ୍ରରୁ ଟିକା ମିଳିବାରେ ବିଳମ୍ବ ଯୋଗୁଁ ତାହା ଧିମେଇ ଯାଇଥିଲା। ଏବେ ଟିକା ଯୋଗାଣ ବଢ଼ିବା ପରେ ପୁନର୍ବାର ସେ କାମ ତ୍ୱରାନ୍ୱିତ ହେଉଛି। ସଂକ୍ରମଣ ଧିମେଇବା ସତ୍ତ୍ୱେ ଟିକାଦାନ କେନ୍ଦ୍ରରେ ଲୋକଙ୍କର ଅସମ୍ଭବ ଭିଡ଼ ହେଉଛି ଏବଂ କେତେକ ସ୍ଥାନରେ ଗଣ୍ଡଗୋଳ ମଧ୍ୟ ଘଟୁଛି। ତେଣୁ ଏହି ଟିକାଦାନ ପ୍ରକ୍ରିୟାକୁ ଅଧିକ ସୁସଂହତ ତଥା ଶୃଙ୍ଖଳିତ କରିବାର ଆବଶ୍ୟକତା ରହିଛି।

ରାଜ୍ୟ ପାଖରେ ଗତ ମଙ୍ଗଳବାର ସୁଦ୍ଧା ୨୦.୫୧ ଲକ୍ଷ ଡୋଜ୍ କୋଭିସିଲ୍ଡ ଓ ୧.୮୪ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ମହଜୁଦ୍ ଥିଲା। ଟିକାର ଅଭାବ ନଥିବାରୁ ରେକର୍ଡ ୪.୧୬ ଲକ୍ଷ ଲୋକଙ୍କୁ ଗୋଟିଏ ଦିନରେ ଟିକା ପ୍ରଦାନ କରାଯାଇପାରିଛି। ଏହି ହାର ଅବ୍ୟାହତ ରହିଲେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ପୂରଣ ହେବା ଅସମ୍ଭବ ମନେ ହୁଏ ନାହିଁ। ଏହାସହିତ ପିଲାଙ୍କ ପାଇଁ ଯଦି କୋଭିଡ୍ ଟିକା ଶୀଘ୍ର ଆସିଯାଏ, ତା'ହେଲେ ଟିକାଦାନ କ୍ଷେତ୍ରରେ ଏହି ସମୟରେ ଅତିରିକ୍ତ ଚାପ ନିଶ୍ଚିତ ପଡ଼ିବ।

ଟିକା ନେଲେ ଯେ କରୋନା ହେବ ନାହିଁ- ଏ କଥା ନୁହେଁ, କିନ୍ତୁ ଗୋଟିଏ ହେଉ ଅବା ଦୁଇଟି ଡୋଜ୍ ଟିକା ନେଇଥିବା ଲୋକ ସଂକ୍ରମିତ ହେଲେ ରୋଗ ବିଶେଷ ପ୍ରଭାବ ଦେଖାଇ ପାରୁନାହିଁ ଓ ମୃତ୍ୟୁ ଆଶଙ୍କା ଅନେକାଂଶରେ ଦୂର ହେଉଛି। ସେଥିପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଉଛି। ଟିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରସ୍ତରରେ ପହଞ୍ଚିଲାଣି। ଆସନ୍ତା ମାସରୁ କେନ୍ଦ୍ର ସରକାର ବିଦେଶକୁ ଟିକା ରପ୍ତାନୀ କରିବାକୁ ନିଷ୍ପତ୍ତିରୁ ପ୍ରତୀୟମାନ ହେଉଛି ଯେ ଆଉ ରାଜ୍ୟମାନଙ୍କୁ ଟିକା ଯୋଗାଣରେ ଅସୁବିଧା ହେବ ନାହିଁ। ଏବେ ଦୁଇ ଡୋଜ୍ ଟିକା ନେବା ମଧ୍ୟରେ ଯେଉଁ ବ୍ୟବଧାନ ରହିଥିଲା ତାହା ମଧ୍ୟ କମିବା ଉଚିତ୍। ତାହା ହେଲେ ଟିକାଦାନ ପ୍ରକ୍ରିୟାର ଗତି ତ୍ୱରାନ୍ୱିତ ହେବ।

ଗୋଟିଏ ଦିନରେ ରେକର୍ଡ ଚାରିଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ପ୍ରଶଂସା କରି ସେମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ଏହି ସଫଳତା ପ୍ରମାଣିତ କରିଛି ଯେ ଆମର ବହୁ ଅଧିକ ଟିକା ଦେବାର ସାମର୍ଥ୍ୟ ରହିଛି। ତେଣୁ ସମ୍ଭାବ୍ୟ ତୃତୀୟ ଲହର ଆସୁ କି ନ ଆସୁ ଆମେ ସମସ୍ତେ ଯେତେଶୀଘ୍ର ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ନେଇପାରିବା ସେତେ ଭଲ ହେବ।

ଟିକାଦାନ ତ୍ୱରାନ୍ୱିତ ବେଗରେ ଚାଲୁ; ଏଥିସହିତ ସାଧାରଣ କୋଭିଡ୍ ନିୟମ ପାଳନ ମଧ୍ୟ ଜାରି ରହୁ। ଆମେ ଦେଖୁଛନ୍ତି ଯେ ଭିଡ଼, ଗହଳି, ଅସାବଧାନତା ଓ ତ୍ରୁଟିବିଚ୍ୟୁତିର ସୁଯୋଗ ନେଇ କରୋନା ନୂଆ ରୂପରେ ଆକ୍ରମଣ କରୁଛି। ଆସନ୍ନ ପାର୍ବଣ ସମୟ ସେ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସରକାର ଓ ଜନସାଧାରଣ ଉଭୟଙ୍କୁ ବିଶେଷ ସତର୍କ ରହିବାକୁ ପଡ଼ିବ।

## ତାଲିବାନ୍ କବଳରେ ଆଫଗାନିସ୍ତାନ

# ଭାରତୀୟ କୂଟନୀତି ପାଇଁ ଜଟିଳ ପ୍ରଶ୍ନ



ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪

ଆଫଗାନିସ୍ତାନରୁ ମାର୍କିନ ସୈନ୍ୟ ପ୍ରତ୍ୟାହୃତ ହେବା ପରେ ତାଲିବାନ ପୁଣି ଥରେ ସେଠାରେ ଶାସନ କ୍ଷମତା ଦଖଲ କରିଛି। ବିଗତ ୨୦ ବର୍ଷ ଧରି କିଛିଟା ଆଶ୍ୱସ୍ତ ଥିବା ଆଫ୍‌ଗାନିସ୍ତାନବାସୀ ପୁଣି ଥରେ ଆତଙ୍କିତ ଓ ଅସ୍ଥିର ଅବସ୍ଥାରେ ରହିଛନ୍ତି। ଆଫ୍‌ଗାନିସ୍ତାନ ତାଲିବାନୀ ହାତକୁ ଆସିବା ପରେ କେବଳ ସେଠାରେ ଶାନ୍ତି ଓ ସ୍ଥିରତା ବ୍ୟାହତ ହୋଇନାହିଁ, ବରଂ ଦକ୍ଷିଣ-ମଧ୍ୟ-ଏସିଆରେ ରାଜନୀତି ଓ କୂଟନୀତିର ନୂଆ ସମୀକରଣ ସୃଷ୍ଟି ହୋଇଛି।

୨୦୦୧ରେ ଆତଙ୍କବାଦୀ ସଂଗଠନ ଅଲକାଏଦାର ଭୟଙ୍କର ଆକ୍ରମଣରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଦୁଇଟି ନଭଶ୍ଚୁମ୍ବୀ ଅଟ୍ଟାଳିକା ଧୂଳିସାତ ହେବା ପରେ ଆମେରିକୀୟ ଓ ନାଟୋ ମେଣ୍ଟର ମିଳିତ ସେନାବାହିନୀ ଆଫ୍‌ଗାନିସ୍ତାନରେ ଆକ୍ରମଣ କରି ତାଲିବାନକୁ ସେଠାକାର ଶାସନ କ୍ଷମତାରୁ ବିତାଡ଼ିତ କରିଥିଲେ। ଘନଘନ ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ସେତେବେଳେ ଆଫଗାନିସ୍ତାନରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ ସହିତ ରେଳ ଓ ସଡ଼କ ପଥଗୁଡ଼ିକ ଧ୍ୱଂସ ହୋଇଯାଇଥିଲା। ତେଣୁ ଆଫ୍‌ଗାନିସ୍ତାନର ପୁନଃନିର୍ମାଣ ସହିତ ସେଠାରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଥିଲା ମୁଖ୍ୟ ଆହ୍ୱାନ। ଏହାର ଭାର ଆମେରିକା ନେଇଥିଲେ ହେଁ ଆଫ୍‌ଗାନିସ୍ତାନ ପୁନଃନିର୍ମାଣରେ ଭାରତର ଅବଦାନକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଭାରତ ଓ ଆଫଗାନିସ୍ତାନ ସମ୍ପର୍କ ବହୁ ପୁରାତନ। ତେଣୁ ଯୁଦ୍ଧବିଧ୍ୱସ୍ତ ଆଫ୍‌ଗାନିସ୍ତାନରେ କେବଳ ପରିଯୋଜନାର ରୂପରେଖ ପ୍ରସ୍ତୁତ କରିବା କିମ୍ବା ପୁଞ୍ଜି ବିନିଯୋଗରେ ଭାରତର ଭୂମିକା ସୀମିତ ନ ଥିଲା। ତିନି ଶହରୁ ଅଧିକ ଭାରତୀୟ ଯନ୍ତ୍ରୀ ଓ ୧୫୦୦ରୁ ଅଧିକ ଶ୍ରମିକ ଆଫଗାନିସ୍ତାନରେ ଦିବାରାତ୍ର ଅକ୍ଳାନ୍ତ ପରିଶ୍ରମ କରି ଏହାକୁ ଆଧୁନିକ ମାନବ ବାସ ଉପଯୋଗୀ କରିବାକୁ ଚେଷ୍ଟା କରିଥିଲେ। ଭାରତର ରାଷ୍ଟ୍ରଦୂତ ଓ ଉନ୍ନୟନ ଅଧିକାରୀମାନେ ମୁଖ୍ୟତଃ ଆଫ୍‌ଗାନିସ୍ତାନର ଦାରିଦ୍ର୍ୟ ଦୂରୀକରଣ, ଜୀବନ ଶୈଳୀରେ ଉନ୍ନତିକରଣ, ନାରୀଶିକ୍ଷା ଓ ମହିଳାଙ୍କ ସଶକ୍ତୀକରଣ ଦିଗରେ ଅଧିକ ଧ୍ୟାନ ଦେଇଥିଲେ। ଭାରତ ସରକାରଙ୍କ ଏହି ଉଦ୍ୟମ ବେଶ୍ ସଫଳ ମଧ୍ୟ ହୋଇଥିଲା ଏବଂ ଭାରତ-ଆଫ୍‌ଗାନିସ୍ତାନ ଦୁଇପାକ୍ଷିକ ସମ୍ପର୍କ ଅଧିକ ଦୃଢ଼ ହୋଇଥିଲା।

୨୦୨୦, ନଭେମ୍ବର ୨୦୨୦ରେ ଜେନେଭାଠାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତର ବୈଦେଶିକ ମନ୍ତ୍ରୀ ସୁବ୍ରମନ୍ୟମ ଜୟଶଙ୍କର ସୂଚନା ଦେଇଥିଲେ ଯେ ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ଭାରତର ଚାରିଶହରୁ ଅଧିକ ଯୋଜନା ଚାଲିଛି। ଭାରତ ସରକାର ଆଫଗାନିସ୍ତାନର ବିଭିନ୍ନ ଭିତ୍ତିଭୂମି ବିକାଶ ଯୋଜନାରେ ତିନିଶହ କୋଟି ଡଲାରରୁ ଅଧିକ ନିବେଶ କରିଛନ୍ତି। ଅନ୍ୟ ଦେଶର ଭିତ୍ତିଭୂମି ବିକାଶ ପାଇଁ ଏଯାବତ ଭାରତ ସରକାରଙ୍କ ଏହା ସର୍ବବୃହତ୍ ପୁଞ୍ଜି ବିନିଯୋଗ ରୂପେ ପରିଗଣିତ ହୋଇ ଆସୁଛି। ଭାରତ ୨୦୦୩ରୁ ସ୍କୁଲ ବହି ଛାପି ଆଫ୍‌ଗାନିସ୍ତାନରେ ମାଗଣାରେ ବିତରଣ କରିବାଠାରୁ ଆରମ୍ଭ କରି ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାକୁ କୁଣ୍ଠାବୋଧ କରିନାହିଁ। ଆଫଗାନିସ୍ତାନର



ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ତାଲିବାନୀମାନେ ନିଜର ଶିବିର ସ୍ଥାପନ କରି ନିଜ ଅକ୍ତିଆରରେ ରଖିଥିଲେ। ଆମେରିକୀୟ ସୈନିକମାନେ ସେଠାରୁ ତାଲିବାନୀମାନଙ୍କୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେଠାରେ ପୂର୍ବପରି ଶିକ୍ଷାଦାନ ବ୍ୟବସ୍ଥା ବାହଲ କରିବା ସମ୍ଭବ ହୋଇ ପାରି ନ ଥିଲା। କୋଠା, ବେଞ୍ଚ, ଟେବୁଲ, ପରୀକ୍ଷାଗାର ସରଞ୍ଜାମ ସବୁ ନଷ୍ଟ ହୋଇସାରିଥିଲା। ତାଲିବାନୀମାନେ ଶୀତ ଋତୁରେ ନିଜନିଜର କକ୍ଷକୁ ଉଷ୍ମ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ପାଠାଗାରର ପୁସ୍ତକସବୁକୁ ଜାଳି ଦେଉଥିଲେ। ଆଫ୍‌ଗାନିସ୍ତାନର ଧ୍ୱଂସପ୍ରାପ୍ତ ଅନେକ ବିଶ୍ୱବିଦ୍ୟାଳୟର ଅଟ୍ଟାଳିକାକୁ ଭାରତ ସରକାର ପୁନଃନିର୍ମାଣ କରିବା ସହିତ ପରୀକ୍ଷାଗାର ଓ ପାଠାଗାରର ପୁନରୁଦ୍ଧାର କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ର ବୃତ୍ତି ମାଧ୍ୟମରେ ପ୍ରତିବର୍ଷ ଦୁଇହଜାର ଛାତ୍ରଛାତ୍ରୀଙ୍କୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନେକ ବିଷୟରେ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରୁଛନ୍ତି। ସେଠାକାର ଚିକିତ୍ସାଳୟର ପୁନଃନିର୍ମାଣ, ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ପ୍ରଦାନ କରିବାରେ ମଧ୍ୟ ଭାରତ ଉଲ୍ଲେଖନୀୟ ଯୋଗଦାନ କରିଥିଲା। ଏତଦ୍‌ବ୍ୟତୀତ ବିଦ୍ୟୁତ ଶକ୍ତି ଯୋଗାଣ ନିମନ୍ତେ ଗ୍ରୀଡ୍ ଓ ସବ୍‌ଷ୍ଟେସନ ନିର୍ମାଣ, ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶରେ ଭାରତ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା।

୨୦୧୧ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭାଗୀଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଫଳରେ ଭାରତର ଦାୟିତ୍ୱ ଅଧିକ ବଢ଼ି ଥିଲା। ୪୨ ମେଗା ୱାଟ ବିଶିଷ୍ଟ ସଲମା ଡ୍ୟାମ ନିର୍ମାଣ ୨୦୧୬ରେ ସମ୍ପୂର୍ଣ୍ଣ ହୋଇଛି। ଏହି ଡ୍ୟାମଟି ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱ ଡ୍ୟାମ ନାମରେ ପରିଚିତ। ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ସହିତ ଏହି ଡ୍ୟାମ ମାଧ୍ୟମରେ ଜଳସେଚନ ପ୍ରଣାଳୀକୁ ମଧ୍ୟ ଅଧିକ କ୍ରିୟାଶୀଳ କରାଯାଇଛି। ସଡ଼କ ପଥରେ ଗମନାଗମନ ବ୍ୟବସ୍ଥାକୁ ସୁଧାରିବା ପାଇଁ ଭାରତ ଜରଞ୍ଜ ଓ ଡେଲାରାମ ମଧ୍ୟରେ ୨୦୧୮ରେ ୨୧୮ କିଲୋମିଟରର ସୁଗମ୍ୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଜରଞ୍ଜ ଇରାନର ସୀମା ପାଖର ସହର ହୋଇଥିବାରୁ ଭାରତ ଭବିଷ୍ୟତରେ ଚାବାହାର ବନ୍ଦର ଜରିଆରେ ବାଣିଜ୍ୟ କାରବାରକୁ ବୃଦ୍ଧି କରିବାକୁ ସେଠାରେ ୧୧୨୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଥିଲା। ଏଥିସହିତ ଆଫଗାନିସ୍ତାନରେ ସାଧାରଣ ନାଗରିକଙ୍କ ଯାତାୟାତକୁ ସହଜ କରିବା ପାଇଁ ଚାରିଶହ ବଡ଼ ବସ୍ ଓ ୨୦୦ଟି ଛୋଟ ବସ୍ ପର୍ଯ୍ୟାୟକ୍ରମେ ଆଫଗାନିସ୍ତାନକୁ ପ୍ରଦାନ କରିଥିଲା। ସେଠାକାର ବିଭିନ୍ନ ପ୍ରଦେଶରେ ଥିବା ପୌରସଂସ୍ଥାକୁ ଭାରତ ୧୫୦ଟି ବିଭିନ୍ନ ପ୍ରକାର ଯାନବାହନ ପ୍ରଦାନ କରିଥିଲା। ଆଫଗାନ ସୈନିକମାନଙ୍କୁ ମଧ୍ୟ ୨୮୫ଟି ବିଭିନ୍ନ ପ୍ରକାର ଯାନବାହନ ସହିତ ଚାରୋଟି ମି-୨୫ ଲଢୁଆ ବିମାନ ମଧ୍ୟ ଭାରତ ଉପହାର ଭାବେ ଦେଇଛି।

ଦୁଇ ଦେଶ ମଧ୍ୟରେ ସମ୍ପର୍କ କିପରି ଗଭୀର ହେବ ସେ ଦିଗରେ ଭାରତ ଚେଷ୍ଟା ଜାରି କରିଛି। ଆଫ୍‌ଗାନିସ୍ତାନର ପ୍ରାଚୀନ ଐତିହାସିକ ଷ୍ଟୋର ରାଜମହଲକୁ ଆଗା ଖାନ ସଂସ୍ଥା ସହାୟତାରେ ଭାରତ ନବୀକରଣ କରାଇଥିଲା। ସେଠାକାର ସଂସଦ ଭବନକୁ ୯୭୦ କୋଟି ଟଙ୍କା ବ୍ୟୟ କରି ଆଧୁନିକୀକରଣ କରିଥିଲା। ଆଫଗାନିସ୍ତାନରେ ବିମାନ ସେବା ପ୍ରଦାନ କରୁଥିବା ଆରିଆନା ଆଫ୍‌ଗାନ ଏୟାରଲାଇନସକୁ ଏକ ବିମାନ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପୂର୍ବରୁ କେବଳ କାନ୍ଦାହର ସହର ସହିତ ବିମାନ ସେବା ଉପଲବ୍ଧ ଥିବା ବେଳେ କାବୁଲ ଓ ହେରତରେ ମଧ୍ୟ ବିମାନ ବନ୍ଦର ନିର୍ମାଣ କରାଯାଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏଥିରେ ଭାରତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଇଥିଲା। କାବୁଲ ନଦୀ ଉପରେ ଶାହାତୁତ ନଦୀ ବନ୍ଧ ପରିଯୋଜନାରେ ପ୍ରାୟ ୧୭୬୦ କୋଟି ଟଙ୍କା ବ୍ୟୟ କରିବା ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ନଦୀ ବନ୍ଧ ମାଧ୍ୟମରେ ଆଫଗାନିସ୍ତାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଆଧୁନିକୀକରଣ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଥିଲା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗତ ବର୍ଷ ତିନି ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା।

ଆଫଗାନିସ୍ତାନରେ ତାଲିବାନ ଯେ ପୁନର୍ବାର କ୍ଷମତା ଦଖଲ କରିବା ପାଇଁ ଅହରହ ଚେଷ୍ଟା କରି ଆସୁଛି, ଏକଥା ପ୍ରତି ଭାରତ ସରକାର ସଚେତନ ଥିଲେ। ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ପୂର୍ବରୁ ବିଶ୍ୱସମୁଦାୟକୁ ସୂଚାଇ ଦେଇଥିଲେ ଯେ ତାଲିବାନକୁ ପ୍ରତିରୋଧ କରାଯାଉ; ଅନ୍ୟଥା ସେଠାରେ ଭାରତ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବାଧା ପ୍ରାପ୍ତ ହେବ।

ଏହାସତ୍ତ୍ୱେ ଭାରତ ଆଫ୍‌ଗାନିସ୍ତାନରେ ପୁନଃନିର୍ମାଣ ଓ ଭିତ୍ତିଭୂମି ପ୍ରକଳ୍ପ ଜାରି ରଖିଥିଲା। ଏହାର ପ୍ରଥମ କାରଣ ହେଉଛି ସେଠାରେ ଉପଯୁକ୍ତ ସାମାଜିକ ଓ ଆର୍ଥିକ ବିକାଶ ଘଟିଲେ ତାଲିବାନର ପ୍ରତ୍ୟାବର୍ତ୍ତନ ସମ୍ଭବପର ହେବ ନାହିଁ ବୋଲି ଭାରତ ବିଶ୍ୱାସ ରଖିଥିଲା। ଏହାଦ୍ୱାରା କେବଳ ଆଫ୍‌ଗାନିସ୍ତାନରେ ସ୍ଥିରତା ଆସିବ ନାହିଁ, ବରଂ ଦକ୍ଷିଣ-ଏସିଆରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବାର ସମ୍ଭାବନା ଥିଲା। ଦ୍ୱିତୀୟ କାରଣଟି ହେଉଛି ଆଫଗାନିସ୍ତାନ ଦୁର୍ଲ୍ଲଭ ଖଣିଜ ସମ୍ପଦରେ ଭରପୂର। କ୍ରମାଗତ ଗୃହଯୁଦ୍ଧ ଫଳରେ ତାହାର ସଦୁପଯୋଗ ହୋଇପାରୁ ନାହିଁ। ଏହି ଦୁର୍ଲ୍ଲଭ ଖଣିଜକୁ ସଂଗ୍ରହ କରିବା ପାଇଁ ଚୀନ ତାଲିବାନକୁ ପ୍ରସ୍ତାବ ଦେଇଛି। ଏହାପରେ ତାଲିବାନ ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ଭାରତ ଯେଉଁ କଥାକୁ ଡରୁଥିଲା ଶେଷରେ ତାହା ହିଁ ହେବାକୁ ଯାଉଛି। ଭାରତ ଲକ୍ଷ୍ୟ ରଖିଥିଲା ଯେ ଖଣିଜ ଉତ୍ତୋଳନ ଓ ରପ୍ତାନି ଜରିଆରେ ଆଫଗାନିସ୍ତାନ ନିଜର ଆର୍ଥିକ ସ୍ଥିତିକୁ ବିଶ୍ୱବଜାରରେ ଅଧିକ ମଜ୍‌ଭୁତ କରି ପାରିବ। ଏଥିପାଇଁ ଧାନବାଦ ସ୍ଥିତ ଭାରତୀୟ ଖଣିଜ ସଂସ୍ଥାନରେ ପଚାଶ ଜଣ ଆଫଗାନ ଛାତ୍ରଙ୍କୁ ଖଣି ବିଷୟରେ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇଛି।

ଗତ କୋଡ଼ିଏ ବର୍ଷ ଧରି ଆଫଗାନିସ୍ତାନକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଭାରତ ଆପ୍ରାଣ ଚେଷ୍ଟା କରିଆସୁଛି। କିନ୍ତୁ ତାଲିବାନର ପ୍ରତ୍ୟାବର୍ତ୍ତନ ଫଳରେ ଭାରତର ଆର୍ଥିକ କ୍ଷତି ହେବା ସହିତ ରାଜନୈତିକ ଓ କୂଟନୈତିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଭାରତ ପାଇଁ ଅପେକ୍ଷା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପନ୍ଥା ଏବେ ଖୋଲା ନଥିବା ଜଣାପଡୁଛି। ଆଜିର ଆଫ୍‌ଗାନିସ୍ତାନ ଭାରତ ପାଇଁ ପ୍ରକୃତରେ ହୋଇଛି କୂଟନୀତିର ଏକ ଜଟିଳ ପ୍ରଶ୍ନ।

# ପତ୍ନୀ ଧର୍ମ

ସାମ୍ୟବାଦର ପ୍ରବକ୍ତା ହେଉଛନ୍ତି କାର୍ଲମାକ୍ସ। ତାଙ୍କ ଜୀବନର ଅମର କୃତି ହେଉଛି ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ଯାହାର ନାମ ହେଉଛି 'ଦାସ କ୍ୟାପିଟାଲ୍'। ଜର୍ମାନର ଏହି ବିଶିଷ୍ଟ ଦାର୍ଶନିକ ତଥା ସର୍ବକାଳୀନ ମହାନ୍ ଅର୍ଥନୀତିଜ୍ଞ ୧୮୬୭ ମସିହାରେ ଏହି ପୁସ୍ତକଟି ରଚନା କରିଥିଲେ। ବିଚିତ୍ର କଥା ହେଉଛି ଯେ ଏହି ପୁସ୍ତକଟିକୁ ଲେଖିବାକୁ କାର୍ଲମାକ୍ସଙ୍କୁ ପ୍ରାୟ ୩୦ ବର୍ଷ ଲାଗିଥିଲା। ଏଥିରେ ଇତିହାସ, ଅର୍ଥନୀତି ଏବଂ ସାମାଜିକ ବିଜ୍ଞାନକୁ ଭିତ୍ତିକରି ତିନିଟି ବିଭାଗ ଅଛି। 'ଦାସ୍ କ୍ୟାପିଟାଲ୍' ରଚନା କରିବା ପାଇଁ କାର୍ଲମାକ୍ସଙ୍କୁ ଯେତିକି ପରିଶ୍ରମ କରିବାକୁ ନ ପଡ଼ିଛି, ତତୋଧିକ ପରିଶ୍ରମ ଏବଂ ଦୁଃଖ ଭୋଗିବାକୁ ପଡ଼ିଛି ତାଙ୍କ ପତ୍ନୀଙ୍କୁ।

କଥାରେ ଅଛି ଲେଖକଟିଏ ହେବାକୁ ହେଲେ ପ୍ରଥମେ ଜଣେ ପାଠକ ହେବାକୁ ପଡ଼ିବ। ପାଠକ ହୋଇ ପଢୁଥିବାବେଳେ ପୁସ୍ତକ ସହିତ ଏକାକାର ହୋଇଯିବାକୁ ପଡ଼ିବ। ସେତେବେଳେ 'ମୁଁ ଯେ ଲେଖକଟିଏ ହେବି ବା ହେବାକୁ ଯାଉଛି'- ଏ ଭାବନା ମନରୁ ପରିହାର କରିବାକୁ ପଡ଼ିବ। ପାଠକଟିଏ ପଢ଼ିବାର ନିଘାରେ ପଢ଼ିଗଲେ ତା' ଅଜ୍ଞାତରେ ତା' ନିଜ ଭିତରେ ଲେଖକୀୟ ସତ୍ତାଟିର ଅଙ୍କୁରୋଦ୍‌ଗମ ହୋଇଯାଇଥାଏ। ତା'ପରେ ଯେଉଁ ସୃଷ୍ଟିର ସର୍ଜନା ହୁଏ, ତାହା କାଳଜୟୀ ହୋଇଥାଏ। ତେଣୁ ଲେଖକୀୟ ଗୁଣ ହେଉଛି ଏକ ସାଧନା। ତେଣୁ ଲେଖକଟିଏ ହେବାର କଳା ବା ସାଧନା କାର୍ଲମାକ୍ସଙ୍କଠାରୁ ଶିଖିବାକୁ ମିଳେ।

ଜ୍ଞାନାଞ୍ଜନ
ପରିବ୍ରାଜକ

କାର୍ଲମାକ୍ସ ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ। କେତେବେଳେ ପାଠାଗାରରେ ଯାଇ ପଢ଼ନ୍ତି ତ ଆଉ କେତେବେଳେ ଘରେ ପଢ଼ନ୍ତି। ତାଙ୍କର ଦିନ ଆରମ୍ଭ ହୁଏ ପଢ଼ାରୁ ଶେଷ ହୁଏ ମଧ୍ୟ ପଢ଼ାରେ। ଏମିତି କଲେ ପରିବାର କେମିତି ଚାଲିବ? ପିଲାଛୁଆର ପରିବାର ପାଳିତ କିପରି ହେବେ; କିନ୍ତୁ ପଢ଼ାପଢ଼ିରେ ନିମଗ୍ନ କାର୍ଲମାକ୍ସ ପରିବାର କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଏପରି ସ୍ଥିତିରେ ଅନ୍ୟ କେଉଁ ମହିଳା ଥିଲେ ସେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପଳାଇଯାଇଥା'ନ୍ତା। କିନ୍ତୁ କାର୍ଲମାକ୍ସଙ୍କ ପତ୍ନୀ ସେପରି ନଥିଲେ। ପତିଙ୍କର ଏପରି ଅବସ୍ଥା ଏବଂ ପରିବାରର ଦାରିଦ୍ର୍ୟତାକୁ ଦେଖି ପତ୍ନୀ ଜେନି ଘରୁ ଗୋଡ଼ କାଢ଼ିଲେ। ପିଲାଛୁଆ କ'ଣ ଖାଇବେ, କ'ଣ ପିନ୍ଧିବେ, କିପରି ରହିବେ- ଏ ବାବଦରେ ପଦୁଟିଏ ବି ସ୍ୱାମୀଙ୍କୁ କହିଲେନି କି ତାଙ୍କୁ ବିଚଳିତ କରିବାକୁ ଚାହିଁଲେନି। ଜେନି ନିଜେ ଗୋଟିଏ ଛୋଟ ବ୍ୟବସାୟ ଆରମ୍ଭ କଲେ। ତାଙ୍କ ଦେଶର କବାଡ଼ିଆ ଦୋକାନମାନଙ୍କ ପାଖକୁ ଯାଇ ସେଠାରୁ ପୁରୁଣା ଓ ଚିରା କୋଟ୍‌ମାନ ଆଣି ସେଗୁଡ଼ିକୁ ସଫା କରି ସେଥିରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ପୋଷାକ ତିଆରି କରି ବିକ୍ରି କରିବା ଆରମ୍ଭ କଲେ। ଏଥିରୁ ବେଶୀ ଆୟ ନ ହେଉଥିଲେ ବି ପରିବାର ଏକପ୍ରକାର ଚଳିଯାଉଥିଲା। ହୁଏତ ଏମିତି ବି କୁହାଯାଇ ପାରେ ଯେ 'ଦାସ କ୍ୟାପିଟାଲ୍' ପରି ପ୍ରସିଦ୍ଧ ପୁସ୍ତକଟିର ଶ୍ରେୟ ଯେତିକି କାର୍ଲମାକ୍ସଙ୍କୁ ଦିଆଯିବ, ତତୋଧିକ ଶ୍ରେୟ ତାଙ୍କ ପତ୍ନୀଙ୍କ ପାଖକୁ ମଧ୍ୟ ଯିବ। ସେ ଦୁଃଖ କଷ୍ଟ ସହି ନଥିଲେ ଏପରି ପୁସ୍ତକଟିଏ ରଚନା କରିବାକୁ କାର୍ଲମାକ୍ସ ହୁଏତ ସକ୍ଷମ ହୋଇପାରି ନଥା'ନ୍ତେ।

# 'ମୃତ-ସାଗର'ର ସଞ୍ଜୀବନୀ



ଡ. ପ୍ରମୋଦ କୁମାର ମହାପାତ୍ର
କଟକ, ମୋ: ୯୮୬୧୨୪୯୨୦୨

ବିନା ଜଳରେ ଜୀବନ ତିଷ୍ଠିରହିବା ଆଶା କରାଯାଇପାରେ ନାହିଁ। ଆମର ସୌଭାଗ୍ୟ ଯେ ପୃଥିବୀ ଜଳଗର୍ଭା। ଏହାର ପୃଷ୍ଠଦେଶର ତିନି-ଚତୁର୍ଥାଂଶ ଅଞ୍ଚଳରେ ରହିଛି ନୀଳସାଗର। ଏହା ବ୍ୟତୀତ ସ୍ଥଳଭାଗରେ ଅନେକ ନଦୀ, ହ୍ରଦର ଉପସ୍ଥିତି ପୃଥିବୀ ପାଇଁ ଆଣିପାରିଛି ଏକ ସ୍ୱତନ୍ତ୍ର ପରିଚୟ। ତେବେ ଅନେକ ବିସ୍ମୟର କ୍ଷେତ୍ର ପୃଥିବୀ ପୃଷ୍ଠରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ଭଳି ଜଳପୂର୍ଣ୍ଣ ଏକ ସାଗର ରହିଛି ଯେଉଁଠାରେ ଆଦୌ ଜଳଚର ଜୀବ ନାହାନ୍ତି। ଏହି ସାଗରରେ କୌଣସି ଜୀବ ନଥିବାରୁ ଏହାର ନାମ 'ମୃତ ସାଗର' ବା 'ଡେଡ୍ ସି'। ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଜୋର୍ଡାନ୍ ଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଣା ଜଳ ଥିବା ଏହି ସାଗର ଅବସ୍ଥିତ। ଏହାର ଲମ୍ବ ୭୭ କିଲୋମିଟର ହୋଇଥିବା ବେଳେ ପ୍ରସ୍ଥ ବିଭିନ୍ନ ସ୍ଥାନରେ ୫ରୁ ୧୮ କିଲୋମିଟର। ଏହି ସାଗରର ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥା ଉଲ୍ଲେଖନୀୟ ବିଷୟ ହେଉଛି ଏହାର ଜଳସ୍ତର ସାରା ପୃଥିବୀର ସମସ୍ତ ସାଗର, ହ୍ରଦ ଓ ଜଳଭାଗର ସ୍ତରଠାରୁ ସର୍ବନିମ୍ନ ଗଭୀରତାରେ ରହିଛି, ଯାହାକି ସାଧାରଣ ସମୁଦ୍ର ପତ୍ତନଠାରୁ ପ୍ରାୟ ୪୦୦ ମିଟର ବା ୧୩୦୦ ଫୁଟ୍ ଖାଲ ବା ନିମ୍ନରେ।

ଗବେଷକଙ୍କ ମତରେ ପ୍ରାୟ ୧୦ ଲକ୍ଷ ବର୍ଷ ତଳେ ଏହି ମୃତ ସାଗରର ଜଳସ୍ତର ବର୍ତ୍ତମାନର ସ୍ତରଠାରୁ ପ୍ରାୟ ୧୪୦୦ ମିଟର ଉଚ୍ଚତାରେ ରହିଥିଲା। କ୍ରମାଗତ ଅନାବୃଷ୍ଟି ପାଇଁ ଏହି ମୃତ ସାଗରର ଜଳ ଶୁଖିଯାଇ ଏଭଳି ଅବସ୍ଥାରେ ଆସି ପହଞ୍ଚିଛି। ଅନ୍ୟ ଏକ ବିସ୍ମୟ ହେଉଛି କେବଳ ଜୋର୍ଡାନ ନଦୀ ବ୍ୟତୀତ ଅନ୍ୟ କୌଣସି ପ୍ରମୁଖ ଜଳବାହୀ ନଦୀ ଏହି ସାଗରରୁ ସୃଷ୍ଟି ହୋଇନାହାନ୍ତି। ତେବେ ସେ ସମୟରେ ପ୍ରମୁଖଭାବେ ଜୋର୍ଡାନ ନଦୀ ଓ ଅନ୍ୟ କେତୋଟି ଛୋଟ ଜଳଧାରା ଦ୍ୱାରା ଧୋଇ ହୋଇ ଆସିଥିବା ଦ୍ରବୀଭୂତ ଖଣିଜ ପଦାର୍ଥ ଓ କେତେକ ଲବଣ ଇତ୍ୟାଦି ଏଠାରେ ଜମା ହୋଇଛି। ପୃଥିବୀ ପୃଷ୍ଠର ଯେ କୌଣସି ସମୁଦ୍ର ଜଳରେ ଲବଣାଂଶ ସାଧାରଣତଃ ୪ ରୁ ୬ ଭାଗ ରହିଥିବାବେଳେ ମୃତ ସାଗରର ଜଳରେ ଲବଣାଂଶ ଭାଗ ୨୩ରୁ ୨୫ ଭାଗ। ତେଣୁ ଏହି ବହଳିଆ ଜଳରେ



କୌଣସି ଜୀବଜନ୍ତୁ ତ ନାହାନ୍ତି, ପରନ୍ତୁ ଏଠାରେ ଅନ୍ୟ ଜଳାଶୟ ପରି ମଣିଷ ବୁଡ଼ିଯିବାର ଆଶଙ୍କା ମଧ୍ୟ ନାହିଁ। ଯେ କୌଣସି ବ୍ୟକ୍ତି ଏଥିରେ ପଡ଼ିଗଲେ ଭାସି ରହିବ। ଏହି ଜଳରେ ପଟାସ, ମ୍ୟାଗ୍ନେସିୟମ କ୍ଲୋରାଇଡ୍, କ୍ୟାଲସିୟମ କ୍ଲୋରାଇଡ୍, ବ୍ରୋମିନ ଓ ଅନ୍ୟ କେତେକ ଖଣିଜ ପଦାର୍ଥ ଓ ଲବଣ ବହୁଳଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି। ତେବେ ପଟାସର ମାତ୍ରା ଏହି ଜଳରେ ସର୍ବାଧିକ।

ମୃତ ସାଗର ଅଞ୍ଚଳର ତାପମାତ୍ରା ବର୍ଷ ସାରା ୩୮ ଡିଗ୍ରୀ ବା ତା'ଠାରୁ ଅଳ୍ପ କମ୍ ରହୁଥିବାରୁ ଏଠାରେ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହି ସ୍ଥାନର ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଦୃଶ୍ୟ ହେଲା ପଙ୍କ ଚିକିତ୍ସା। ଅଧିକାଂଶ ଗୋରା ପର୍ଯ୍ୟଟକ ହ୍ରଦର କଳା ପଙ୍କ ସାରା ଦେହ, ମୁହଁରେ ବୋଳି ହୋଇ ଚିକିତ୍ସିତ ହେଉଥିବା ଦୃଶ୍ୟ ବାସ୍ତବିକ ବିରଳ। ହ୍ରଦ କୂଳରେ ଅନ୍ୟ ହ୍ରଦ ଭଳି ବାଲି ଭର୍ତ୍ତି ଉପକୂଳ ନଥାଇ ରହିଛି ଜଳକୁ ସ୍ପର୍ଶ କରୁଥିବା କଳା ପଙ୍କ ବା କାଦୁଅର ଉପକୂଳ। ସୂର୍ଯ୍ୟସ୍ନାନ, ପଙ୍କ ସ୍ନାନ ତଥା ବହଳିଆ ଖଣିଜପଦାର୍ଥ ଓ ଲବଣପୂର୍ଣ୍ଣ ଜଳରେ ସମୁଦ୍ର ସ୍ନାନ ହିଁ ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ପାଇଁ ସବୁଠାରୁ ଆକର୍ଷଣୀୟ। ହ୍ରଦଟି ନିମ୍ନ ସ୍ଥଳଭାଗରେ ଥିବାରୁ ସୂର୍ଯ୍ୟରଶ୍ମି ଅନ୍ୟ ସ୍ଥାନ ତୁଳନାରେ ଏଠାରେ ଅଧିକ ସ୍ୱଚ୍ଛ ବା ଛାଣି ହୋଇ ମଣିଷର ଚର୍ମ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ। ହ୍ରଦର ପଙ୍କ ନିଜ ଦେହରେ ବୋଳି ହେବା ମାଧ୍ୟମରେ ଏହା ଶରୀରର ଚର୍ମ ଓ ସମସ୍ତ ଗଣ୍ଠି ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ତେବେ ଅଳ୍ପ ସମୟ ପାଇଁ ଏହି ଜଳରେ ଭାସି ରହିବା ହିଁ ବିଜ୍ଞତାର କାରଣ। ନଚେତ୍ ଅଧିକ ସମୟ ଏହି ଜଳରେ କଟାଇବା ଦ୍ୱାରା ଚର୍ମରେ ଅନେକ ମନ୍ଦା ମନ୍ଦା କଷ୍ଟଦାୟକ କ୍ଷତ ଭଳି ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲୋକମାନଙ୍କୁ ମୃତ ସାଗର ଜଳର ସୁଚିକିତ୍ସା ପ୍ରଦାନ କରିବା ପାଇଁ ଏଠାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଖୋଲିଛି। ହୃଦ୍‌ରୋଗ, ଶ୍ୱାସ ଜନିତ ସମସ୍ୟାର ଆରୋଗ୍ୟ ପାଇଁ ମୃତ ସାଗରର ଜଳ ଉପକାରୀ ବୋଲି କୁହାଯାଏ।

ଡେଡ୍ ସି ବା ମୃତ ସାଗରର ଅବସ୍ଥିତି, ପ୍ରକୃତି ଓ ଏହା ଜଳର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ନିଶ୍ଚିତଭାବେ ପୃଥିବୀ ପୃଷ୍ଠର ଏକ ବିସ୍ମୟ। ଏହା କୂଳରେ ଇଚ୍ଛାକୃତ ଭାବେ କଳା ପାଲଟୁଥିବା ଧଳା ମଣିଷମାନଙ୍କୁ ଦେଖିଲେ ଓ ଏମାନଙ୍କଠାରୁ ବହୁବିଧି ହ୍ରଦଜଳର ଉପକାର ସମ୍ପର୍କରେ ଶୁଣିଲେ ସ୍ୱତଃ ମୃତ ସାଗରର ଗୁରୁତ୍ୱକୁ ଆମେ ଉପଲବ୍ଧି କରିଥାଉ। ଜୀବନର ଧାରକ ଜଳ ଗର୍ଭରେ ଗୋଟିଏ ହେଲେ ଜୀବନ ନଥିବା କଥା ଶୁଣିଲେ ଆମେ ହୁଏତ ପ୍ରଥମେ ବିଶ୍ୱାସ କରିପାରିବା ନାହିଁ, ମାତ୍ର ଲକ୍ଷ ଲକ୍ଷ ଜୀବନଧାତ୍ରୀ ଧରିତ୍ରୀର ଅବିଶ୍ୱସନୀୟ ବୈଚିତ୍ର୍ୟ ସମ୍ପର୍କରେ ଆଲୋଚନା କଲେ ଆମେ ଏହାକୁ ସହଜରେ ବିଶ୍ୱାସକୁ ନେଇ ଏହାର ଉପାଦେୟତାକୁ ନିଶ୍ଚୟ ସ୍ୱୀକାର କରିବା।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

| ମୁଦ୍ରା ବିନିମୟ ମୂଲ୍ୟ | ସୁନାରୁପା ଦର | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (ଟଙ୍କାରେ) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| ● ଡଲାର ୭୩.୧୫ ● ପାଉଣ୍ଡ ୧୦୧.୧ | ● ସୁନା : ୪୫,୨୬୦ (ଭୁବନେଶ୍ୱର) | ● ସେନ୍‌ସେକ୍ସ ୫୮,୯୨୭.୦୦ | ● ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ) |
| ● ୟୁରୋ ୮୬.୯୦ ● ୟେନ୍ ୦.୬୬ | ● ରୁପା : ୬୩,୦୦୦ (କେଜି) | ● ନିଫ୍ଟି ୧୭,୫୪୭.୦୦ | ● ଡିଜେଲ୍ - ୮୮.୬୨ |



## ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି

# ଏଭରଗ୍ରାଣ୍ଡ ସଙ୍କଟ

- ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର
- ମୂଲ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ
- ସର୍ବାଧିକ କ୍ଷତି ସହିଲେ ଏଲନ୍ ମସ୍କ, ବାଦ୍ ପଡ଼ିଲେନି ଜେଫ୍ ବେଜୋସ୍
- ଚାଇନାର ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ
- ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି)

କୋଭିଡ୍ ମହାମାରୀ ଯୋଗୁ ଚାରିଆଡେ ଆର୍ଥିକ କାରବାର ମାନ୍ଦା ରହିଥିବାବେଳେ ଏଭଳି ସମୟରେ ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। ଏଭରଗ୍ରାଣ୍ଡ ହେଉଛି ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଚୀନ୍‌ର ବୈଦେଶିକ ବଣ୍ଡରେ କମ୍ପାନୀର ପ୍ରାୟ ୯ ପ୍ରତିଶତ ଅଂଶଧନ ରହିଛି। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡ଼ିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ। ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ଏଭରଗ୍ରାଣ୍ଡ ଦେବାଳିଆ ପ୍ରଭାବରେ ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ ହୋଇଥିବା ଜଣାଯାଇଛି।

କେତେକ ଆର୍ଥିକ ବିଶେଷଜ୍ଞ ଆଶଙ୍କା କରିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଚାଇନାରେ ୨୦୦୮ ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ସୃଷ୍ଟି କରିପାରେ। ଏହାର ଅର୍ଥ ହେଉଛି ଆର୍ଥିକ ବିଶେଷଜ୍ଞମାନେ ବର୍ତ୍ତମାନ ଲେହମାନ ବ୍ରଦର୍ସ ସଙ୍କଟର ପୁନରାବୃତ୍ତି ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଭେଟେରାନ ବ୍ୟାଙ୍କର ଉଦୟ କୋଟାକ୍ କହିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଲେହମାନ ସଙ୍କଟର ସ୍ମାରକ। ଯଦିଓ କେତେକ ବିଶେଷଜ୍ଞଙ୍କ ମତରେ ଏଭରଗ୍ରାଣ୍ଡ ସଙ୍କଟ ଚୀନ୍ ପାଇଁ ଏକ ବଡ଼ ଏବଂ ଗୁରୁତର ପରୀକ୍ଷା, ଏହା



ଲେହମାନ ସଙ୍କଟ ସହିତ ସମାନ ନୁହେଁ। ଆମେରିକାର ବ୍ୟାଙ୍କିଙ୍ଗ ସଂସ୍ଥା ଲେହମାନ୍ ବ୍ରଦର୍ସ ୧୫ ସେପ୍ଟେମ୍ବର ୨୦୦୮ରେ ଆନୁଷ୍ଠାନିକ ଭାବରେ ଦେବାଳିଆ ଘୋଷିତ ହୋଇଥିଲା। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ଅନୁଭୂତ ହୋଇଥିଲା। ଏହି ଘଟଣାର ଦୀର୍ଘ ୧୩ ବର୍ଷ ପରେ ବର୍ତ୍ତମାନ ଏଭରଗ୍ରାଣ୍ଡ ଜରିଆରେ ଚାଇନାରୁ ଏକ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥାର ପଦଧ୍ୱନୀ ଶୁଣିବାକୁ ମିଳୁଛି। ଏଭରଗ୍ରାଣ୍ଡ କାରଣରୁ ଗୋଟିଏ ଦିନରେ ଦୁନିଆର ୫୦୦ ଧନୀ ବ୍ୟକ୍ତିଙ୍କୁ ୧୩୫ ବିଲିୟନ ଡଲାର ହରାଇବାକୁ ପଡ଼ିଛି। ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୯୨.୨ ବିଲିୟନ ଡ଼ଲାର ରହିଥିବାବେଳେ ୫୦୦ ଧନୀଙ୍କ କ୍ଷତି ପରିମାଣ ଏହାରଦେ଼ଢ଼ଗୁଣରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଇଲେକ୍‌ଟ୍ରିକ୍ କାର ନିର୍ମାତା ଟେସଲା ମାଲିକ ଏଲୋନ୍ ମସ୍କ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିର ୭.୨ ପ୍ରତିଶତ ହରାଇଛନ୍ତି। ଜେଫ୍ ବେଜୋସ୍‌ଙ୍କ ନେଟ୍ ସମ୍ପତ୍ତିରେ ମଧ୍ୟ ସୋମବାର ୫.୬ ବିଲିୟନ ଡ଼ଲାରରେ ହ୍ରାସ ପାଇଛି। ବର୍ତ୍ତମାନ ସେ ୧୯୪ ବିଲିୟନ ଡଲାରର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଭରଗ୍ରାଣ୍ଡ କହିଛି ଯେ, ନଗଦ ଅର୍ଥ ହ୍ରାସ ପାଇଁ ସମାଧାନ ଖୋଜିବାଲାଗି ଏହା ଆର୍ଥିକ ପରାମର୍ଶଦାତାଙ୍କୁ ନିୟୋଜିତ କରିଛି। କିନ୍ତୁ ଏହା ମଧ୍ୟ କହିଛି ଯେ, ଏଭଳି କମ୍ପାନୀର ର ଆର୍ଥିକ ଦାୟିତ୍ୱ ପୂରଣ କରିବାରେ ସକ୍ଷମ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଏଠାରେ ସୂଚନାଯୋଗ୍ୟ, ଚାଇନାର ସମଗ୍ର ସମ୍ପତ୍ତି ବଜାରର ୬.୫ ପ୍ରତିଶତ ଭାଗ ହେଉଛି ଏଭରଗ୍ରାଣ୍ଡର। କମ୍ପାନୀର ଗ୍ରେଣ୍ଡର ଷ୍ଟକ୍ ଚଳିତବର୍ଷ ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇଛି। ୨୦ ସେପ୍ଟେମ୍ବର ୨୦୨୧ରେ ଏହା ୧୧ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିଲା। ଏଭରଗ୍ରାଣ୍ଡର ପ୍ରାୟ ୩୫୫ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତଥାପି କମ୍ପାନୀ ଦେବାଳିଆ ପଥରେ ରହିଛି। ଏହାର ଆକ୍ରମଣାତ୍ମକ ରଣନୀତି ଯୋଗୁଁ ଏଭରଗ୍ରାଣ୍ଡର ଋଣ ଭାର ବୃଦ୍ଧି ପାଇଛି। ବ୍ୟାଙ୍କଗୁଡ଼ିକରୁ ବହୁ ମାତ୍ରାରେ ଋଣ ନେଇ କମ୍ପାନୀ ପ୍ରକଳ୍ପ ସମ୍ପ୍ରସାରଣ ଲକ୍ଷ୍ୟ ରଖି ଋଣ ପରିଶୋଧ କରି ନ ଥିଲା। ତେବେ ଏଭରଗ୍ରାଣ୍ଡ ଚାଲାକି କରି ଚୀନ୍ ସମେତ ବିଶ୍ୱ ବଜାରକୁ କମ୍ପାନୀ ଆଦୌ ଋଣଗ୍ରସ୍ତ ଥିବା ଅନୁଭବ କରିବାକୁ ଦେଇ ନ ଥିଲା। ଯେତେବେଳେ ବଜାର ନିୟମ ପରିବର୍ତ୍ତନ ହେଲା ସେତେବେଳେ ଚୀନ୍ ସରକାର ଏହି ସମ୍ପର୍କର ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ଏଭରଗ୍ରାଣ୍ଡ ଆନୁଷ୍ଠାନିକ ଭାବେ ୩୦୦ ବିଲିୟନ ଡଲାରରୁ ଅଧିକ ଋଣ ଚାପରେ ଥିବା ସ୍ୱୀକାର କରିଛି। ଏଭରଗ୍ରାଣ୍ଡ ଗ୍ରୁପ୍ ଚାଇନାରେ ୧୩୦୦ରୁ ଅଧିକ ସମ୍ପତ୍ତିର ମାଲିକ ଏବଂ ପ୍ରାୟ ୨୮୦୦ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପରିଚାଳନା କରିଥାଏ। କମ୍ପାନୀରେ ପ୍ରାୟ ୨ ଲକ୍ଷ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପ୍ରତିବର୍ଷ ଚାଇନାରେ ପ୍ରାୟ ୩୮ ଲକ୍ଷ ନିଯୁକ୍ତି ସୃଷ୍ଟି କରୁଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭରଗ୍ରାଣ୍ଡର ୮୦୦ ରିଅଲ ଇଷ୍ଟେଟ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଯଦି ଏଭରଗ୍ରାଣ୍ଡ ଦେବାଳିଆ ହୋଇଯାଏ, ଯେଉଁମାନେ ଏହାର ପ୍ରକଳ୍ପରେ ଟଙ୍କା ଖଟାଇଛନ୍ତି ସେମାନଙ୍କୁ ବଡ଼ ଧରଣର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଏଥିରେ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ଯୋଗାଣକାରୀ ଏବଂ ଘର କ୍ରେତା ସମସ୍ତେ ପ୍ରଭାବିତ ହେବେ। ଏହା ବ୍ୟତୀତ, ଏଭରଗ୍ରାଣ୍ଡ ସହ ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟ ବଡ କ୍ଷତି ସହିବା ଆଶଙ୍କା ରହିଛି। ଏହା ସହିତ ଅନ୍ୟ କେତେକ କମ୍ପାନୀ ମଧ୍ୟ ବୁଡ଼ିଯାଇପାରନ୍ତି।

ଭାରତର ଅନେକ କମ୍ପାନୀ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଭରଗ୍ରାଣ୍ଡ ସହିତ ବ୍ୟବସାୟିକ ଦୃଷ୍ଟିରୁ ଜଡିତ। ବିଶେଷକରି ଇସ୍ପାତ, ରାସାୟନିକ ପଦାର୍ଥ ଏବଂ ଧାତୁ କ୍ଷେତ୍ରର କମ୍ପାନୀଗୁଡିକ କମ୍ପାନୀ ସହ ବ୍ୟବସାୟ କରିଥାନ୍ତି। ଏଭରଗ୍ରାଣ୍ଡ ଦେବାଳିଆ ହେବାର ପ୍ରଭାବରେ ଘରୋଇ ଷ୍ଟକ ବଜାର ସେନସେକ୍ସ ଭୁଷୁଡ଼ିଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡିକର ଷ୍ଟକ୍ ମାର୍କେଟ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିବା ଜଣାପଡିଛି।

## ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଜାତୀୟ ସ୍କଲାରସିପ୍ ଏଏନ୍‌ଟିଏଚ୍‌ଇ ୨୦୨୧

ଭୁବନେଶ୍ୱର,୨୨।୯(ସମିସ): ଆକାଶ ନ୍ୟାସନାଲ୍ ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷା (ଏଏନ୍‌ଟିଏଚ୍‌ଇ) ୨୦୨୧, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଏହା ୭ମ-୧୨ଶ ଶ୍ରେଣୀର ଆଶାୟୀ ଡାକ୍ତର ଓ ଇଞ୍ଜିନିୟର ଛାତ୍ରମାନଙ୍କୁ ନିଟ୍ ଓ ଆଇଆଇଟି-ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରସିପ ପ୍ରଦାନ କରିବାକୁ ଯାଉଛି। ଏଏନଟିଏଚଇ ୨୦୨୧ ଉଭୟ ଅନଲାଇନ୍ ଓ ଅଫଲାଇନ ମାଧ୍ୟମରେ ଆସନ୍ତା ଡିସେମ୍ବର ୪ରୁ ୧୨ ମଧ୍ୟରେ ସାରା ଦେଶରେ ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରାଯିବ। ଟ୍ୟୁସନ ଫି'ରେ ସ୍କଲାରସିପ ସହିତ, ଟପ୍ ସ୍କୋରଧାରୀମାନଙ୍କୁ ଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସମସ୍ତ ଗ୍ରେଡର ୫ ଜଣ ପ୍ରତିଭାବାନ ଛାତ୍ରଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ପୁରସ୍କାର ଭାବରେ ପ୍ରଦାନ କରାଯିବ।ଅତିରିକ୍ତ ଲାଭ ଭାବରେ, ଏଏନଟିଏଚଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ। ଏହି ଏକ ଘଣ୍ଟିଆ ପରୀକ୍ଷା ଏଏନଟିଏଚଇ ଅନଲାଇନ୍ ସକାଳ ୧୦ଟା ରୁ ଅପରାହ୍ନ ୭.୦୦ ଘଣ୍ଟା ମଧ୍ୟରେ ସମସ୍ତ ପରୀକ୍ଷା ଦିବସରେ କରାଯିବ। ଏହା ସହିତ ଅଫଲାଇନ୍ ପରୀକ୍ଷା ଡିସେମ୍ବର ୫ ଓ ୧୨ରେ ରେ ଦୁଇଟି ସିଫ୍ଟରେ ସକାଳ ୧୦ଟା ୩୦ ମିନିଟ୍‌ରୁ ୧୧ଟା ୩ରୁ ଓ ଅପରାହ୍ନ ୪ଟାଠାରୁ ୫ଟା ମଧ୍ୟରେ ସାରା ଦେଶରେ ଥିବା ଆକାଶ ଇନଷ୍ଟିଚ୍ୟୁଟର ୨୧୫ରୁ ଅଧିକ ସେଣ୍ଟରରେ କରାଯିବ। ଏହି ସମୟରେ ପ୍ରଯୁଜ୍ୟ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କୋଭିଡ-୧୯ର ଅନୁପାଳନ କରାଯିବ। ଛାତ୍ରମାନେ ସେମାନଙ୍କ ପାଇଁ ଉପଯୋଗୀ ଏକ ଘଣ୍ଟିଆ ସ୍ଲଟ୍‌କୁ ବାଛିପାରିବେ।

## ବିଦେଶୀ ନିବେଶକ ଏଲ୍‌ଆଇସି ଆଇପିଓରେ ୨୦% ଅଂଶଧନ କିଣିପାରିବେ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ଏଣିକି ବିଦେଶୀ ନିବେଶକମାନେ ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ)ର ୨୦% ପର୍ଯ୍ୟନ୍ତ ସେୟାର କିଣିପାରିବେ। କାରଣ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ଏଲ୍‌ଆଇସିର ଅଂଶଧନ ବିକ୍ରୟରୁ ସରକାର ୯୦୦ ବିଲିୟନ ଟଙ୍କା (୧୨.୨ ବିଲିୟନ ଡ଼ଲାର୍) ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଯଦିଓ ବିଦେଶୀ ସଂସ୍ଥାଗତ ନିବେଶକମାନଙ୍କୁ ବେସରକାରୀ ବୀମା କମ୍ପାନୀରେ ୭୪% ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୨୦% ପର୍ଯ୍ୟନ୍ତ ଅଂଶଧନ କ୍ରୟ ଅନୁମତି ଦିଆଯାଇଛି। ଏହାକୁ ସକ୍ଷମ କରିବା ଦ୍ୱାରା ବିଦେଶୀ ପେନ୍‌ସନ୍ ପାଣ୍ଠି, ବୀମା କମ୍ପାନୀ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭାରତର ବୃହତ ଜୀବନ ବୀମାକାରୀଙ୍କ ଆଇପିଓରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବ।

## ସୋନୀ ପିକ୍‌ଚର୍ସ ସହ ଜୀ ଏଣ୍ଟରଟେନ୍‌ମେଣ୍ଟର ହେବ ମିଶ୍ରଣ

ମୁମ୍ବାଇ ୨୨।୯(ଏଜେନ୍ସି): ସୋନୀ ପିକଚର୍ସ ଇଣ୍ଡିଆ ସହ ସହ ଜୀ ଏଣ୍ଟରଟେନମେଣ୍ଟର ହେବ ମିଶ୍ରଣ। ସୋନୀ ଗ୍ରୁପର ଭାରତୀୟ ୟୁନିଟ୍ ଦେଶର ସର୍ବ ବୃହତ ଟେଲିଭିଜନ ନେଟୱାର୍କ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜର୍ସ କ୍ରୟ ଲାଗି ଏକ ରାଜିନାମା ସ୍ୱାକ୍ଷର କରିଛି। ସଂସ୍ଥାର ପ୍ରମୁଖ ଅଧିକାରୀଙ୍କ ଅପସାରଣ ଲାଗି ଅଂଶୀଦାରଙ୍କ ଆଡୁ ଦାବି ହେବାପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ସଂସ୍ଥାର ୫୩ ପ୍ରତିଶତ ଅଂଶଧନ ସୋନୀ ଇଣ୍ଡିଆ ମାଲିକାନାକୁ ଆସିଥିବା ବେଳେ ବଳକା ଅଂଶ ସେୟାରଧାରୀଙ୍କ ଅଧୀନରେ ରହିବ ବୋଲି ବୁଧବାର ଏକ ମିଳିତ ବିବୃତ୍ତିରେ କୁହାଯାଇଛି। ସୋନୀର ଏହି ୟୁନିଟ୍‌ରେ ଅଂଶୀଦାରମାନେ ପୁଞ୍ଜିନିବେଶ କରିବେ। ଫଳରେ ମୋଟ ପୁଞ୍ଜିର ପରିମାଣ ୧.୫୮ ବିଲିୟନ ଡଲାରରେ ପହଞ୍ଚିବ। ତେବେ ବୋର୍ଡର ଅଧିକାଂଶ ପଦପଦବୀ ସୋନୀ ହାତରେ ରହିବ। ରାଜିନାମାରେ ଉଭୟ କମ୍ପାନୀଙ୍କୁ ୯୦ ଦିନିଆ ଅବଧି ଦିଆଯାଇଛି। ଏହି ଅବଧି ଉଭୟ କମ୍ପାନୀ ବାଇଣ୍ଡିଂ ଏଗ୍ରିମେଣ୍ଟ ଲାଗି ସ୍ୱତନ୍ତ୍ର ଆଲୋଚନା କରିବେ। ଏହି ସମୟରେ ୟୁନିଟର ନେତୃତ୍ୱ ଜୀ ଏଣ୍ଟରଟେନମେଣ୍ଟର ସିଇଓ ପୁନିତ ଗୋୟଙ୍କା ନେବେ। ଗତ ସପ୍ତାହରେ ଜୀ ନେଟୱାର୍କରେ ୧୭.୯ ପ୍ରତିଶତ ସେୟାରର ମାଲିକ ଇନଭେସ୍କୋ ଡେଭଲପିଙ୍ଗ ମାର୍କେଟ ଫଣ୍ଡ ଏବଂ ଓଏଫଆଇ ଗ୍ଲୋବାଲ ଚାଇନା ଫଣ୍ଡ ଏଲଏଲସି ଗୋୟଙ୍କାଙ୍କ ସମେତ ଅନ୍ୟ ୨ ଜଣଙ୍କ ବହିଷ୍କାର ଲାଗି ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରିଥିଲେ। ଫଳରେ ସଂକଟଗ୍ରସ୍ତ ଜୀରେ ନୂଆ ମୋଡ ଆସିଛି। ୧୯୯୨ରେ ସ୍ଥାପିତ କମ୍ପାନୀରେ ସୁଭାଷ ଚନ୍ଦ୍ରା ଓ ତାଙ୍କ ପରିବାରଙ୍କ କର୍ତ୍ତୃତ୍ୱ ସମାପ୍ତ କରିବା ଲାଗି ନିବେଶକଙ୍କ ଏହା ଏକ ଉଦ୍ୟମ ଥିବାବେଳେ ବୋର୍ଡର ୨ ଜଣ ସଦସ୍ୟ ତତ୍କାଳ ଇସ୍ତଫା ଦେଇଥିଲେ। ମିଡ଼ିଆ ବାଦ୍‌ଶାହା ଏକଦା ଜୀ ରୁପର୍ଟ ମୋର୍ଡ୍‌କଙ୍କ ଭାରତୀୟ ଅଂଶୀଦାର ରହିଥିଲା।

## ୨୫ରୁ ଆଇଫୋନ୍ ୧୩ ସିରିଜ୍ ବିକ୍ରି ଆରମ୍ଭ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

ଆପଲ୍ ଆଇଫୋନ ୧୩ ସିରିଜ୍‌ର ବିକ୍ରି ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବ। ଯେଉଁ ଗ୍ରାହକମାନେ ଏହାକୁ ପ୍ରି-ବୁକ୍ କରିଥିଲେ ସେମାନଙ୍କ ପାଇଁ କମ୍ପାନୀ ୨୪ ସେପ୍ଟେମ୍ବରରୁ ଡେଲିଭରି ଆରମ୍ଭ କରିବ। ତେବେ କଥା ହେଉଛି କମ୍ପାନୀ ଏହି ସିରିଜ୍‌ର ସ୍ମାର୍ଟଫୋନରେ କୌଣସି ଫ୍ଲାଟ ରିଆତି ଦେଉନାହିଁ। ତଥାପି ଏହାକୁ ଆପଣ ୬୦୦୦ ଟଙ୍କା କ୍ୟାସବ୍ୟାକ୍‌ରେ କିଣାଯାଇପାରିବ। ତେବେ ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ ଆଇଫୋନ ୧୨ ଭଳି ରହିବ। ଗତବର୍ଷ ବଜାରକୁ ଆସିଥିବା ଆଇଫୋନ ୧୨ ତୁଳନାରେ ଚଳିତବର୍ଷ ଆସିଥିବା ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ କମ୍ପାନୀ ପରିବର୍ତ୍ତନ କରିନାହିଁ। ଏହା ସତ୍ତ୍ୱେ ବି ଗ୍ରାହକଙ୍କ ପାଇଁ ଆଇଫୋନ ୧୩ ସିରିଜ୍‌ର ଯେକୌଣସି ବି ଫୋନ କିଣିବା ମହଙ୍ଗା ପଡ଼ିବ।

### କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡରେ ପେମେଣ୍ଟ କଲେ କ୍ୟାସବ୍ୟାକ୍

ଆଇଫୋନ ୧୩ ସିରିଜ୍‌ରେ କମ୍ପାନୀ ୪ଟି ମଡେଲ୍‌ର ସ୍ମାର୍ଟଫୋନ ଯଥା- ଆଇଫୋନ




୧୩, ଆଇଫୋନ ୧୩ ମିନି, ଆଇଫୋନ ୧୩ ପ୍ରୋ, ଆଇଫୋନ ୧୩ ପ୍ରୋ ମାକ୍ସ ବଜାରକୁ ଛାଡିଛି। ଏଥିରୁ କୌଣସି ବି ସ୍ମାର୍ଟଫୋନକୁ ଗ୍ରାହକ ୬୦୦୦ ଟଙ୍କା କ୍ୟାସବ୍ୟାକ ସହିତ କିଣିପାରିବେ। ୬୦୦୦ ଟଙ୍କାର କ୍ୟାସବ୍ୟାକ ପାଇଁ ଆପଣଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବ୍ୟବହାର କରିବା ପାଇଁ ପଡ଼ିବ। ଆଇଫୋନ ୧୩ରେ ମିଳୁଥିବା ଏହି କ୍ୟାସବ୍ୟାକ ପ୍ରି-ବୁକ କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ଏହାର ଶେଷ ତାରିଖ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଆଇଫୋନ ୧୩ ଓ ଆଇଫୋନ ୧୩ ମିନିର ୧୨୮ ଜିବି ଭାରିଆଣ୍ଟର ଫୋନ ପ୍ରି ବୁକିଙ୍ଗ ପାଇଁ ଉପଲବ୍ଧ ନାହିଁ। କମ୍ପାନୀ ବିକ୍ରି ପାଇଁ ଆଇଫୋନ ୧୩ ପ୍ରୋ ଓ ପ୍ରୋମାକ୍ସକୁ ଉପଲବ୍ଧ କରିଛି। କିନ୍ତୁ ଏହି ଦୁଇଟି ମଡେଲ ବର୍ତ୍ତମାନ ଉପଲବ୍ଧ ନାହିଁ। ଏହି ଦୁଇଟି ଫୋନ ବଜାରକୁ ଆସିବା ପାଇଁ ୫ ରୁ ୬ ସପ୍ତାହ ସମୟ ଲାଗିବ।

## ଏୟାର ଇଣ୍ଡିଆ ସିଏମଡି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ସଚିବ



ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସରକାର ବୁଧବାର ରାଜୀବ ବନସଲ୍‌ଙ୍କୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଭାବେ ନିଯୁକ୍ତ କରିଛନ୍ତି। ବନସଲ୍ ବର୍ତ୍ତମାନ ସରକାରୀ ବିମାନ କମ୍ପାନୀ ଏୟାର ଇଣ୍ଡିଆର ସିଏମ୍‌ଡି ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପରାମର୍ଶଦାତା ରହିଥିଲେ। ବନସଲ୍ ପ୍ରଦୀପ ସିଂ ଖରୋଲାଙ୍କ ସ୍ଥାନରେ ସଚିବ ଭାବେ ନିଯୁକ୍ତି ପାଇଛନ୍ତି, ଯେ କି ଚଳିତ ମାସ ଶେଷ ଅବସରରେ ଅବସର ଗ୍ରହଣ କରିବେ। ବନସଲ୍ ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ। ସେ ଏହା ପୂର୍ବରୁ ୨୦୦୬ ରୁ ୨୦୦୮ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରେ କାର୍ଯ୍ୟ କରିଥିଲେ।

## ବିନା ଇଣ୍ଟରନେଟ୍‌ରେ କେମିତି କରିବେ ୟୁପିଆଇ ପେମେଣ୍ଟ




ନୂଆଦିଲ୍ଲୀ ୨୨।୯ (ଏଜେନ୍ସି)

ସ୍ମାର୍ଟଫୋନ୍ ୟୁଜର୍ସଙ୍କ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବା ଏବେ ଏକ ସୁବିଧାଜନକ ମାଧ୍ୟମ। ଏହା ଜରିଆରେ ୟୁଜର୍ସ ଯେକୌଣସି ସ୍ଥାନରେ ପାଖରେ ଟଙ୍କା ନ ଥିଲେ ବି ଟଙ୍କା ପୈଠ କରିପାରୁଛନ୍ତି। ୟୁପିଆଇ ପେମେଣ୍ଟ କରିବାକୁ ହେଲେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ଥିବା ଜରୁରୀ। ଅନେକ ସମୟରେ ଇଣ୍ଟରନେଟ ସଂଯୋଗ ନ ଥିଲେ କିମ୍ବା ମନ୍ଥର ଥିଲେ ଅନ୍‌ଲାଇନ୍ ପେମେଣ୍ଟ କରିବା ମୁସ୍କିଲ ହୋଇଯାଏ। ଯଦି କୌଣସି ସମୟରେ ଆପଣ ଏମିତି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ କିଛି ଖାସ୍ ଟ୍ରିକ୍ ଜାଣିବାକୁ ହେବ। ଏହି ଟ୍ରିକ୍ ଜରିଆରେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥିଲେ ମଧ୍ୟ ଆପଣ ୟୁପିଆଇ ପେମେଣ୍ଟ କରିପାରିବେ।

### *୯୯# ସର୍ଭିସ୍ ମାଧ୍ୟମରେ ୟୁପିଆଇ ପେମେଣ୍ଟ

ୟୁପିଆଇ ପେମେଣ୍ଟ କରିବାକୁ ହେଲେ ସବୁଠୁ ଜରୁରୀ ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ଏବଂ ୟୁପିଆଇ ସହ ଲିଙ୍କ୍ ହୋଇଥିବା ଫୋନ୍ ନମ୍ବର ଦରକାର। ଏହାପରେ ଆପଣଙ୍କ ଫୋନ୍‌ରେ *୯୯# ସର୍ଭିସ୍ ଆକ୍ଟିଭ୍ ଅଛି କି ନାହିଁ ଯାଞ୍ଚ କରିନିଅନ୍ତୁ। *୯୯# ଡାଏଲର କୋଡ୍ ଭାରତରେ ସମସ୍ତ ମୋବଇଲ୍ ୟୁଜର୍ସଙ୍କ ପାଇଁ ଆରମ୍ଭ କରାଯାଇଥିଲା। ଏହାର ଅର୍ଥ ଆପଣ ୟୁପିଆଇ ଇକୋସିଷ୍ଟମର ଏକ ଅଂଶ।

### ବିନା ଇଣ୍ଟରନେଟ୍‌ରେ କିଭଳି କରିବେ ପେମେଣ୍ଟ

- ସର୍ବପ୍ରଥମେ ଫୋନ୍‌ରେ *୯୯# ଡାଏଲ କରନ୍ତୁ।
- ଏହାପରେ ଆପଣଙ୍କୁ ଅନେକ ମେନ୍ୟୁ ଦେଖାଯିବ। ଏଥିରେ ଆପଣ ପ୍ରଥମ ମେନ୍ୟୁ (ସେଣ୍ଡ ମନି) ଉପରେ କ୍ଲିକ୍ କରନ୍ତୁ।
- ଯାହାଙ୍କୁ ଟଙ୍କା ପଠାଇବେ ତାଙ୍କର ସବିଶେଷ ତଥ୍ୟ ଦିଅନ୍ତୁ।
- ୟୁପିଆଇ ଆକାଉଣ୍ଟ ସହ ଲିଙ୍କ୍ ନମ୍ବର ଦିଅନ୍ତୁ।
- କେତେ ଟଙ୍କା ପଠାଇବେ ଟାଇପ୍ କରନ୍ତୁ। ପରେ ସେଣ୍ଡ ଉପରେ କ୍ଲିକ୍ କରନ୍ତୁ।
- ଟ୍ରାଞ୍ଜାକ୍ସନ ପୂରା କରିବାକୁ ଆପଣଙ୍କୁ ୟୁପିଆଇ ପିନ୍ ଦେବାକୁ ହେବ।





# ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର ପାଇବେ ଗଙ୍ଗା ଶରଣ ସିଂହ ପୁରସ୍କାର

ଭୁବନେଶ୍ୱର, ୨୨।୯ (ସମିସ): ଆଗ୍ରାସ୍ଥିତ ଭାରତ ସରକାରଙ୍କ ପ୍ରମୁଖ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା 'କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ' ୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବୀ ସମ୍ମାନ' ପୁରସ୍କାର ଘୋଷଣା କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀ ଭାଷାର ବିକାଶ, ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ କାର୍ଯ୍ୟରତ ୧୨ଟି ଶ୍ରେଣୀର ୨୬ ଜଣ ବିଦ୍ୱାନ ଲେଖକଲେଖିକାଙ୍କୁ ଏଥିରେ ପୁରସ୍କୃତ କରାଯିବ। ତନ୍ମଧ୍ୟରୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପ୍ରଦାନ ଅବସରରେ ରାଷ୍ଟ୍ରପତି ତାଙ୍କୁ ନଗଦ ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିବେ।



ରାଜେନ୍ଦ୍ର ପ୍ରସାଦ ମିଶ୍ର

ଡଃ ପ୍ରସାଦ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଡଃ ମିଶ୍ର ଏନ୍‌ଟିପିସିର ମହାପ୍ରବନ୍ଧକ(ମାନବସମ୍ବଳ-ରାଜଭାଷା) ଭାବେ ମଧ୍ୟ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ସେ ବିଶ୍ୱ ହିନ୍ଦୀ ସଚିବାଳୟ ମରିସସ୍ ପକ୍ଷରୁ ପ୍ରକାଶିତ ତ୍ରୟମାସିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ ସମାଚାର' ଓ ବାର୍ଷିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ'ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାବାଦ୍ ସେ ୯୭ରୁ ଅଧିକ ଓଡ଼ିଆ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଡଃ ମିଶ୍ରଙ୍କୁ 'ସାହିତ୍ୟ ଅକାଦେମୀ', 'ଅଣହିନ୍ଦୀ ଲେଖକ ସମ୍ମାନ', 'ସୌହାର୍ଦ୍ଦ ପୁରସ୍କାର', 'ଫାହ୍ରେ ପୁରସ୍କାର', 'ସେତୁବନ୍ଧ ପୁରସ୍କାର', 'ବଙ୍କିମ ଚନ୍ଦ୍ର ପୁରସ୍କାର' ପ୍ରଭୃତି ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଛି।

ଉଲ୍ଲେଖନୀୟ ଯେ ହିନ୍ଦୀ ସେବୀ ସମ୍ମାନ ଯୋଜନା ୧୯୮୯ ମସିହାରୁ ଆରମ୍ଭ ହୋଇଥିଲା। ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ୨୬ ଜଣ ଲେଖକ ଲେଖିକାଙ୍କୁ ଏହି ସମ୍ମାନରେ ସମ୍ମାନିତ କରି ଆସୁଛି।

# ଝାମ୍ପିନେଲେ ୩.୫୦ ଲକ୍ଷ

ଉଦଳା, ୨୨।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ପୁଣି ରାହାଜାନି। ଉଦଳା ଥାନା ଅଞ୍ଚଳର ଧାନଘେରା ରାସ୍ତାରେ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ୩ ଲକ୍ଷ ୫୦ ହଜାର ଟଙ୍କା। ଧାନଘେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା (୭୩) ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ବାରଟାରେ ଉଦଳା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ନିଜ ଜମା ଅର୍ଥରୁ ୩ଲକ୍ଷ ୫୦ ହଜାର ଟଙ୍କା ଉଠାଇ କରି ନିଜ ଗ୍ରାମକୁ ଏକ କାର ଯୋଗେ ପତ୍ନୀଙ୍କ ସହ ଫେରୁଥିଲେ। ବି.ସି.ପୁର-ଧାନଘେରା ରାସ୍ତାର ଏକ ନିର୍ଜନିଆ ସ୍ଥାନରେ ଏକ ବାଇକରେ ଆସି ଦୁଇଜଣ ଯୁବକ ସାମ୍ନାରେ ଗାଡି ରଖି ରାସ୍ତା ପଚାରିବା ବାହାନାରେ ପଛପଟୁ ଅନ୍ୟ ଜଣେ ସହଯୋଗୀ ଲୁଟେରା ଆସି ରତିକାନ୍ତଙ୍କ ପତ୍ନୀଙ୍କ ହାତରେ ଥିବା ଟଙ୍କା ବ୍ୟାଗଟିକୁ ଝାମ୍ପି ନେଇ ବିସିପୁର ଆଡ଼କୁ ଦ୍ରୁତଗତିରେ ଚମ୍ପଟ ମାରିଥିଲେ। ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ରଣକ୍ଷେତ୍ର ପାଲଟିଲା ଜନଶୁଣାଣି ସ୍ଥଳ

■ ସେମିଳିଗୁଡ଼ା, ୨୨।୯ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ କକଡ଼ାଆମ୍ବ ନିକଟରେ ଥିବା ମାଳି ପର୍ବତ ବକ୍ସାଇଟ୍ ଖନନର ପରିବେଶ ପ୍ରଦୂଷଣ ନେଇ ଜନଶୁଣାଣି ଆୟୋଜନ ହୋଇଥିବା ବେଳେ ବିପକ୍ଷବାଦୀମାନେ ଏହାକୁ ତୀବ୍ର ବିରୋଧ କରି ଚେୟାର, ଟେବୁଲ୍ ପିଟିବା ସହିତ ଜନଶୁଣାଣି ସ୍ଥଳକୁ ମାରଣାସ୍ତ୍ର ଧରି ପଶିବା ଯୋଗୁଁ ଜନଶୁଣାଣି ଫେଲ୍ ମାରିଛି। ଉକ୍ତ ଅଞ୍ଚଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସୂଚନା ଅନୁଯାୟୀ ମାଳି ପର୍ବତ ବକ୍ସାଇଟ୍ ଖନନ ଲିଜ୍ ହିଣ୍ଡାଲ୍କୋ ନେଇଥିବା ବେଳେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦ୍ୱାରା ବୁଧବାର ଏହାକୁ ନେଇ ଏକ ଶିବିର ଆୟୋଜନ ହୋଇଥିଲା। ଉକ୍ତ ଶିବିରରେ ଉପଜିଲ୍ଲାପାଳ ଲଳିତ କୁମାର କରଣ, ଅତିରିକ୍ତ ଜିଲ୍ଲାପାଳ ଦେବେନ୍ଦ୍ର ପ୍ରଧାନ , ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ପ୍ରସନ୍ନ କରଙ୍କ ସହିତ ହିଣ୍ଡାଲ୍କୋ ଓ ମେଟ୍ରାର ଉଚ୍ଚସ୍ତରୀୟ

**ବିପକ୍ଷବାଦୀଙ୍କ ଦ୍ୱାରା ବ୍ୟାପକ ଭଙ୍ଗାରୁଜା**

**ଅଧିକାରୀଙ୍କୁ ଠେଲାପେଲା**

**ଫେଲ୍ ମାରିଲା ଜନଶୁଣାଣି**



ଅଧିକାରୀମାନେ ଯୋଗ ଦେଇଥିଲେ। ୧୧ ଘଟିକା ସମୟରେ ସମାବେଶ ଆରମ୍ଭ ହୋଇଥିବା ବେଳେ ବିପକ୍ଷବାଦୀ ବହୁସଂଖ୍ୟାରେ ସଭାସ୍ଥଳକୁ ପଶି ଅଧିକାରୀମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଚେଷ୍ଟା କରିଥିଲେ। ଯାହାଫଳରେ ଅଧିକାରୀମାନେ ସେଠାରୁ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଶତାଧିକ ବିପକ୍ଷବାଦୀ ଅଧିକାରୀଙ୍କୁ ଧସ୍ତାଧସ୍ତି କରିଥିଲେ ଏବଂ ସଭାସ୍ଥଳରେ ଥିବା ଚେୟାର, ଟେବୁଲ୍, ଟେଣ୍ଟ, ମାଇକ ସେଟ୍ ଆଦିକୁ ଭଙ୍ଗାରୁଜା କରିଥିଲେ। ପୁଲିସ୍ ଉକ୍ତ ଅଧିକାରୀମାନଙ୍କୁ ରକ୍ଷାକରି ସୁରକ୍ଷିତ ଭାବେ କୋରାପୁଟରେ ପହଞ୍ଚାଇଥିଲା। ହିଣ୍ଡାଲ୍କୋର ଉଚ୍ଚସ୍ତରୀୟ ଅଧିକାରୀଙ୍କ ଉପରେ କିଛିଲୋକ ଆକ୍ରମଣ କରିଥିବା ବେଳେ ସେ ଆହତ ହୋଇଥିବା ଜଣାପଡ଼ିଛି। ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ଜନଶୁଣାଣି ବାତିଲ ହୋଇଥିଲା। ଡାଲିଆମ୍ବ ନିକଟରେ ସପକ୍ଷବାଦୀ ଓ ବିପକ୍ଷବାଦୀ କିଛି ସମୟ ମୁହାଁମୁହିଁ ହୋଇଥିବା ବେଳେ ପୋଲିସ ଉଭୟଙ୍କୁ ବୁଝାଶୁଝା କରିଥିଲା। ଅତିରିକ୍ତ ପୋଲିସ ଅଧିକାରୀ ଉତ୍କଳ ରାଜନଙ୍କ ନେତୃତ୍ୱରେ ସେମିଳିଗୁଡା, ପଟାଙ୍ଗି , ନନ୍ଦପୁର , ପଡୁଆ ,ସୁନାବେଡା ,କୋରାପୁଟ ଥାନା ଅଧିକାରୀ ଏବଂ ୭ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ମାଳି ପର୍ବତ ଆଖ ପାଖ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ରହିଥିବାରୁ ପୋଲିସ୍ କଡ଼ା ନଜର ରଖିଛି।

# ବନ୍ଧୁକ ତିଆରି ଅଭିଯୋଗରେ ୨ ଗିରଫ

ସମ୍ବଲପୁର, ୨୨।୯ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧୀନ ବାସୁପାଲି ଗ୍ରାମର ଖମାରପଡ଼ାରୁ ବୁଧବାର ପୁଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିଛି। ଏହି ଘଟଣାରେ ଗାଁର ତରଣୀ ପ୍ରଧାନଙ୍କ ସ୍ତ୍ରୀ ଜନନୀ ପ୍ରଧାନ (୪୨) ଓ ସହଯୋଗୀ କୁମର ପ୍ରଧାନ (୪୫)ଙ୍କୁ ଗିରଫ କରିଛି। ୬ଟି ଷ୍ଟିଲ ବ୍ୟାରେଲ, କାଠ ଫ୍ରେମ, କାଠ ପଟା, ଭାଇସ, ଲୁହା କାଟିବା ଆରିପାତି, କରତ, ଅନ୍ୟାନ୍ୟ ଯନ୍ତ୍ରାଂଶ ଆଦି ଜବତ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ତରଣୀ ଫେରାର ଅଛି। ଏ ନେଇ ଥାନାରେ ୧୨୮/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି କାରଖାନା ତରଣୀଙ୍କ ଘରେ ଚାଲୁଥିଲା। ୪ ବର୍ଷ ହେବ ଏମାନେ ବନ୍ଧୁକ ତିଆରି କରୁଥିଲେ। ସମ୍ବଲପୁର ବିଭିନ୍ନ କବାଡିଖାନାରୁ ଲୁହା ପାଇପ୍ ନେଇ ଏମାନେ ବନ୍ଧୁକ ତିଆରି କରୁଥିଲେ। ଏମାନଙ୍କୁ ବନ୍ଧୁକ ତିଆରି କରିବାକୁ ୮ରୁ ୯ ଦିନସମୟ ଲାଗୁଥିଲା। ଏହାକୁ ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ସମ୍ବଲପୁର ଜିଲ୍ଲାରେ ବେଆଇନ ଭାବେ ବନ୍ଧୁକ ତିଆରି ହେଉଛି। ପୁଲିସ କିନ୍ତୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉନି। ଏହା ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଶୀ ବନ୍ଧୁକ ତିଆରି କାରଖାନା ଚାଲିଛି। ଏଭଳି ସ୍ଥଳେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଯୁଯୁମୁରା ଥାନା ପୁଲିସ ବାଧ ହୋଇ ଚଢଉ କରି ୨ଜଣଙ୍କୁ ଗିରଫ କରିଛି। ତେବେ ବେଆଇନ ବନ୍ଧୁକ ତିଆରି କରୁଥିବା ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି।

**ମୁଖ୍ୟ ଅଭିଯୁକ୍ତ ଫେରାର**

**ସହଯୋଗୀଙ୍କୁ ଗିରଫ କରି ବାହାବାହା ନେଉଛି ପୁଲିସ**

# ଶିକ୍ଷୟିତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ; ସ୍ୱାମୀ ଅଟକ

ବଲାଙ୍ଗିର,୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅର୍ନ୍ତଗତ ଦୁର୍ଗାପାଲି ଗାଁରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଜଣକ ଦୁର୍ଗାପାଲି ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା ବୋଲି ଜଣାପଡ଼ିଛି। ତାଙ୍କୁ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୌତୁକ ନିର୍ଯାତନା ଦେଇ ତାଙ୍କ ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ପଣ୍ଡା ଟିଟିଲାଗଡ଼ସ୍ଥିତ ସିଲୁଁଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଥିବା ସୂଚନା ମିଳିଛି।

ସୂଚନା ଅନୁସାରେ ସଞ୍ଜୁ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅର୍ନ୍ତଗତ ବଣ୍ଡାବାହାଲ ଗାଁର ପ୍ରଦୀପ ପଣ୍ଡାଙ୍କୁ ଏକ ବର୍ଷ ତଳେ ବିବାହ କରିଥିଲେ। ତେବେ ସେ କମ୍ ଯୌତୁକ



ଆଣିଥିବା ଯୋଗୁଁ ବିବାହର ମାତ୍ର ୫ ଦିନ ପରେ ପ୍ରଦୀପ ତାଙ୍କୁ ମାଡ ମାରିଥିଲେ। ବିବାହର ଏକ ବର୍ଷ ମଧ୍ୟରେ ସବୁବେଳେ ତାଙ୍କ ସହିତ ଝଗଡ଼ା କରିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ସ୍କୁଲ ନିକଟରେ ଏକ ଭଡା ଘର ନେଇ ରହୁଥିଲେ। ଅଲଗା ରହିବା ଦିନଠାରୁ ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ଧମକ ଦେଉଥିବା ସେ କହିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦୀପ ଦୁର୍ଗାପାଲି ସ୍କୁଲକୁ ଆସି ସଞ୍ଜୁଙ୍କୁ ସାକ୍ଷାତ କରିବାକୁ କହିଥିଲେ। ସଞ୍ଜୁ କଥା ହେବାକୁ ମନା କରିବାରୁ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଦୀପ ତାଙ୍କ ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ କୌଶଳକ୍ରମେ ସେ ଖସି ପଳାଇଆସିଥିଲେ। ତାଙ୍କ ଗଳାରେ କ୍ଷତ ହୋଇଥିଲା। ପରେ ଗ୍ରାମବାସୀ ପ୍ରଦୀପଙ୍କୁ କାବୁ କରି ପୁଇଁତଲା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପ୍ରଦୀପଙ୍କୁ ଥାନା ଅଟକ ରଖିଛି। ତେବେ ଏହାକୁ ଯୌତୁକଜନିତ ହତ୍ୟା ଉଦ୍ୟମ ହୋଇଥିବାରୁ ତାଙ୍କ ସ୍ୱାମୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ଓ ଦୁଇ...

ଫାଟକପଡ଼ାରେ ରହୁଥିଲେ। ନାରାୟଣ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ସୋନି ଘରେ ରହି ଦୁଇ ସନ୍ତାନଙ୍କ ଯତ୍ନ ନେଉଥିଲେ। ଗତ ରାତି ୯ଟାରେ ଏହି ପରିବାରର ସମସ୍ତ ସଦସ୍ୟ ଖାଇପିଇ ଶୋଇଥିଲେ। ଆଜି ସକାଳେ ଆଜି କ୍ଷୀରବାଲା ଆସି କ୍ଷୀର ନେବାକୁ ଡାକ ପକାଇଥିଲା କିନ୍ତୁ ଘର ଭିତରୁ କୌଣସି ଶବ୍ଦ ଆସି ନଥିଲା। ବାହାର କବାଟ ଖୋଲା ଥିବା ବେଳେ କ୍ଷୀର ନେବାକୁ କେହି ନ ଆସିବାରୁ ସନ୍ଦେହରେ ସେ ଘର ଭିତରକୁ ଦେଖିଥିଲେ। ଘର ଚଟାଣରେ ୩ ଜଣଙ୍କ ମୃତ ଶରୀର ଦେଖି ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘରେ ନାରାୟଣ ନ ଥିବାବେଳେ ମା' ଓ ୨ ଝିଅଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ସେଠ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ଝାରସୁଗୁଡ଼ା ଏସ୍‌ପି ବିକାଶ କୁମାର ଦାଶ, ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ସାଇଣ୍ଟିଫିକ୍ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ୩ ମୃତ ଶରୀରକୁ ଆଜି ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତଦନ୍ତକାରୀ ଥାନା ଆଇଆଇସି ଶ୍ରୀ ସେଠ୍ କହିଛନ୍ତି। ଅନ୍ୟପକ୍ଷ୍ୟରେ ମୃତ ମହିଳାଙ୍କ ମା' ସଙ୍ଗୀତା ମୁଣ୍ଡା କହିଛନ୍ତି ପରିବାର ଲୋକେ ଚକ୍ରାନ୍ତ କରି ତାଙ୍କ ଝିଅକୁ ମାରି ଦେଇଛନ୍ତି। ବିଭିନ୍ନ ସମୟରେ ସ୍ୱାମୀ ଓ ଦିଅର ତାଙ୍କ ଝିଅକୁ ନିର୍ଯ୍ୟାତନା ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମୃତ ମହିଳାଙ୍କୁ ତାଙ୍କ ଦିଅର ଦୁଷ୍କର୍ମ ଉଦ୍ୟମ କରି ଗିରଫ ହୋଇଥିଲେ। ୩ ମାସରୁ ଉର୍ଦ୍ଧ୍ୱ ହେବ ସେ ଖଲାସ ହୋଇ ଘରକୁ ଫେରିଥିଲେ।

### ଆଜି ଅଗ୍ନି-୫ କ୍ଷେପଣାସ୍ତ୍ର...

ହେବା ପରେ ପରମାଣୁ ଅସ୍ତ୍ରଶସ୍ତ୍ରରେ ଲେସ୍ ଇଣ୍ଟର କଣ୍ଟିନେଣ୍ଟାଲ ବାଲିଷ୍ଟିକ ମିସାଇଲ(ଆଇସିବିଏମ) ଥିବା ଏଲଇଟି ଦେଶଗୁଡିକ ମଧ୍ୟରେ ଭାରତ ସାମିଲ ହୋଇଯିବ। ଅଗ୍ନି-୫ ଭାରତର ପ୍ରଥମ ଆଇସିବିଏମ କ୍ଷେପଣାସ୍ତ୍ର। ଏହାକୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ(ଡିଆରଡିଓ) ପ୍ରସ୍ତୁତ କରିଛି। ଏହା ଭାରତର ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ମଧ୍ୟରୁ ଅନ୍ୟତମ। ଏହା ଏକାଥରକେ ଅନେକ ଅସ୍ତ୍ରଶସ୍ତ୍ର ନେବାରେ ସକ୍ଷମ। ଏହି କ୍ଷେପଣାସ୍ତ୍ର ଧ୍ୱନି ଠାରୁ ୨୪ ଗୁଣ ବେଗରେ ଗତି କରିପାରିବ। ଏଥିରେ ମଲ୍ଟିପୁଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବୁଲ ରିଏଣ୍ଟ୍ରି ଭେଇକିଲ(ଏମଆଇଆରଭି) ଲାଗିଛି। ଅର୍ଥାତ୍ ଏହା ଏକାସଙ୍ଗରେ ଅନେକ ନିଶାଣକୁ ଲକ୍ଷ୍ୟଭେଦ କରିପାରିବ। ଅଗ୍ନି-୫ରେ କାନିଷ୍ଟାର ଟେକ୍ନୋଲୋଜି ବ୍ୟବହାର କରାଯାଇଥିବାରୁ ଏହାକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇହେବ। ଏ ପର୍ଯ୍ୟନ୍ତ କ୍ଷେପଣାସ୍ତ୍ରର କରାଯାଇଥିବା ସମସ୍ତ ୭ଟି ପରୀକ୍ଷା ସଫଳ ହୋଇଛି। ୨୦୨୦ରେ ଏହା ସେନାରେ ସାମିଲ ହୋଇଥାନ୍ତା। ତେବେ କରୋନା ଯୋଗୁଁ ଏଥିରେ ବିଳମ୍ବ ହୋଇଥିଲା।

### ଖାଦ୍ୟରେ ବିଷ...

ଉକ୍ତ ଦୋକାନୀ ଅଜୟ (ମିଞ୍ଜା) ସାହୁକୁ ଗିରଫ କରିଛି। ଗୁରୁବାର ତାକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଶଙ୍କରପୁର ଗ୍ରାମର ଜଗନ୍ନାଥ ବଜାରରେ ଥିବା ଏକ ଜଳଖିଆ ଦୋକାନୀ ନାମରେ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଦୋକାନୀ ମିଞ୍ଜା ସାହୁଙ୍କ ଏକ ଜଳଖିଆ ଦୋକାନ ଶଙ୍କରପୁର ବଜାରରେ ରହିଛି। ସେ କୁକୁରମାନଙ୍କୁ ବାସି ଜଳଖିଆ ଖାଦ୍ୟରେ ବିଷ ଦେଇ ମାରିଥିବାର ଜଗନ୍ନାଥ ବଜାର କମିଟିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। କୁକୁରମାନେ ତାଙ୍କ ଦୋକାନ ଆଗରେ ସବୁଦିନ ମଳତ୍ୟାଗ କରୁଥିଲେ। ଚୁଲିରୁ କୋଇଲା ଆଞ୍ଚକୁ କାଢ଼ି ପକାଉଥିଲେ। ସେଥିପାଇଁ ସେ ଗୁଲୁଗୁଲାରେ ଦାନାଦାର ବିଷ ଦେଇ କୁକୁରଙ୍କୁ ମାରିଦେଇଥିବାର ସେ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଆଜି ସକାଳେ ଦୋକାନ ନିକଟରେ କୁକୁରଗୁଡ଼ିକ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ଚୌଦ୍ୱାର ପୁଲିସ ଏହି ଘଟଣାରେ ତାଙ୍କ ପୁଅ ଅରୁଣଙ୍କୁ ଅଟକ ରଖି ସବିଶେଷ ତଥ୍ୟ ହାସଲ ଲାଗି ପଚରାଉଚରା କରୁଛି। ପୁଲିସ ସହାୟତାରେ ୫ଟି ମୃତ କୁକୁରଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଥିବା ବେଳେ ବିଗତ ୩ ଦିନରେ ବଜାର ମଧ୍ୟରେ ଆତଯାତ ହେଉଥିବା ୨୦ରୁ ଉର୍ଦ୍ଧ୍ୱ କୁକୁରଙ୍କ ପତ୍ତା ମିଳୁ ନଥିବାରୁ ଏମାନଙ୍କୁ ବି ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି କରୁଛି। ଘଟଣାରେ ସମ୍ପୃକ୍ତ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପିପୁଲ ଫର ଆନିମଲସ୍ ପକ୍ଷରୁ ଦାବି କରାଯାଇଛି। ଏହି ଘଟଣା ପରେ ଶଙ୍କରପୁର ଗ୍ରାମରେ ଉତ୍ତେଜନା ଲାଗିରହିଛି।

### ପୁରୀ ବେଳାଭୂମିରୁ...

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି ଗତ କିଛିବର୍ଷ ହେବ ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ରତଟରେ ଦେଖିବାକୁ ମିଳୁଛି। ପୁରୀ ହେଉ କି ଗୋପାଳପୁର ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି କରାଯାଉଛି। ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ। ବାଘ, ହାତୀ ଭଳି ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନ କାନୁନ ରହିଛି ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା। ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି। ହେଲେ ଏ ଦିଗରେ ସଚେତନତା କରାଯାଉ ନ ଥିବାରୁ ଶଙ୍ଖ, ଶାମୁକା ଭଳି ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି। ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେ ଧୀରେ ହଜିଯିବାକୁ ବସିଲେଣି। ତେବେ ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଆରମ୍ଭ ହୋଇଥିବା ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସବୁଠୁ ଖୁସିର କଥା ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ବନ ବିଭାଗ ଏବେ ଆଗ୍ରହ ଦେଖାଇଛି। ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ସହ ମିଶି ବିଭାଗୀୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। କେଉଁ ପ୍ରଜାତି କ'ଣ ବୋଲି ତାହା ସେମାନଙ୍କୁ ଚିହ୍ନାଯିବ।

ଗୋପାଳାପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବରିଷ୍ଠ ବୈଜ୍ଞାନିକ ଅନୀଲ ମହାପାତ୍ର କହିଛନ୍ତି, ପୁରୀ ବନ୍ୟପ୍ରାଣୀ ଡିଭିଜନର ଏହା ଏକ ଭଲ ପଦକ୍ଷେପ। ଓଡ଼ିଶାରେ ଏମିତି କୋରାଲ ଜବତ କରିବା ଦିଗରେ ବନ ବିଭାଗ ଆଗ୍ରହ ପ୍ରକାଶ କରିବା ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଏକ ଭଲ ସଙ୍କେତ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଗୋପାଳପୁର ବେଳାଭୂମିରେ ସିଡ୍ୟୁଲ-୧ ଶ୍ରେଣୀର ଗର୍ଗନିଆ ମଧ୍ୟ ଖୋଲାଖୋଲି ବିକ୍ରି କରାଯାଉଛି। ଗୋପାଳପୁର ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବ ବୋଲି ଆଶା କରୁଛୁ। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ବେଳଭୂମିରୁ ଏଭଳି ସାମୁଦ୍ରିକ ଜୀବଙ୍କ ବିକ୍ରି ବନ୍ଦ ହୋଇପାରିବ।

### ବଲାଙ୍ଗିରରେ ବିକାଶର...

ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି। ଏଭଳି ବ୍ୟବସ୍ଥା କରିବାରେ ଓଡ଼ିଶା ସାରା ଦେଶର ଏକମାତ୍ର ରାଜ୍ୟ। ସମଗ୍ର ଓଡ଼ିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ

ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଣ୍ଟ ଦରକାର ନାହିଁ। କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଚିକିତ୍ସା ପାଇଁ କିଏ ସୁନା ବିକେ, କିଏ ଶଙ୍ଖା। ସେଥିପାଇଁ ମତେ ବହୁତ ଦୁଃଖ ଲାଗେ। ଏହି ଦୁଃଖ ଦୂର କରିବାରେ ଏହି କାର୍ଡ ସାହାଯ୍ୟ କରିବ। ସଞ୍ଚୟ କରିଥିବା ଟଙ୍କା ପରିବାରର ବିକାଶ ଓ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରିପାରିବେ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ।

ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ଼ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ। ଟିଟିଲାଗଡ଼-ସଇଁତଳା ବ୍ଲକରେ ସମ୍ପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ଼ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି। ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୁଆ। ସେଥିପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। '୫-ଟି'ରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିହଦେଓ, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ, ଓଟିଡିସିର ଅଧକ୍ଷା ଶ୍ରମତୀ ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ...

ଅବସରରେ ଶ୍ରୀ ସାଲୁଜା ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟତମ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ନିମନ୍ତେ ସରକାର ଯେଉଁ ରୂପରେଖ ପ୍ରସ୍ତୁତ କରିଛନ୍ତି ତାହା ଠିକ୍ ବାଟରେ ଚାଲିଲେ ଯୋଜନା ସଫଳ ହେବ। ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳର ବିକାଶ ପାଇଁ ଆସିଛନ୍ତି ବୋଲି ଉଲ୍ଲେଖ କରି ନରସିଂହ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଦାବି କରିଛନ୍ତି।

### ୨୪ରେ ସୃଷ୍ଟି ହେବ...

ଫଳରେ ଉତ୍ତର ଓଡ଼ିଶା ସମେତ ସାରା ରାଜ୍ୟରେ ସ୍ଥିତି ଉଦବେଗଜନକ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇ ନ ଥିବା ବେଳେ ପୁଣି ଏକ ଲଘୁଚାପ ବନ୍ୟା ଆଶଙ୍କା ବଢ଼ାଇବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ଥିବା ଲଘୁଚାପ ଝାଡ଼ଖଣ୍ଡକୁ ଚାଲିଯାଇଥିବାରୁ ଗୁରୁବାର ଓ ଶୁକ୍ରବାର ପାଇଁ ରାଜ୍ୟର କୌଣସି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇ ନାହିଁ। କିନ୍ତୁ ୨୪ ତାରିଖ ଲଘୁଚାପ ଯୋଗୁଁ ପୁଣି ବର୍ଷା ଥିବାରୁ ୨୫ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ମ୍ୟାଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହା ପ୍ରଭାବରେ ଉତ୍ତରପୂର୍ବ ତତସଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ। ୪୮ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳକୁ ଗତି କରିବାର ସମ୍ଭାବନା ଥିବାରୁ ରାଜ୍ୟରେ ଏହାର ପ୍ରଭାବ ବଢ଼ିବ। ୨୫ ତାରିଖଠାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ଥିବା ବେଳେ ସେହିଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ସେହିପରି ଏହି ଜିଲ୍ଲାଗୁଡ଼ିକ ସମେତ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବ। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୩୬ ମିମି ବର୍ଷା ରେକର୍ଡ କରାଯାଇଛି। ବାରିପଦାରେ ମଧ୍ୟ ୧୭ ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

AFFIDAVIT

By virtue of an affidavit sworn before the Notary Public, Bhubaneswar, in consequence upon my marriage with Binay Charan Dixit, I, Urmila Debi, has changed my surname from Debi to Dixit. Henceforth, I shall be known as **Urmila Dixit** for all purposes.

AFFIDAVIT

By an affidavit before Notary Public, BBSR dt. 21.09.2021, **I Pratham Priyadarshan Mohapatra,** S/o: Bishnu Charan Mohapatra, At-Darakhapatna, Po- Kalyani Nagar, Ps.- Madhupatna, Dist.- Cuttack declared that first name of my son has changed **Debansu Mohapatra to Debanshu Mohapatra** for all purposes.

**DISTRICT EDUCATION OFFICE, MALKANGIRI**

**Notification**

Applications are invited for procurement of materials for Girls' Hostel of Odisha Adarsh Vidyalayas Four Nos. of Odisha Adarsh Vidyalayas i.e. 1. Julunibahal of Mathili Block, 2. Gunduriguda of Kudumulugumma Block and 3. Podaghat of Khairput Block and 4. Gandhipally of Malkangiri Block of Malkangiri district. The application forms and guidelines are available in the district website "**www.malkangiri.nic.in.**

Sd/-
District Education Officer,
Malkangiri

OIPR-15016/11/0003/2122 F-145

**ତହସିଲ କାର୍ଯ୍ୟାଳୟ, ବୋଡେନ, ଜିଲ୍ଲା: ନୂଆପଡା**

F-146 ଇସ୍ତାହାର ସଂଖ୍ୟା ୨୫୮୪ / ତାରିଖ ୨୧.୦୯.୨୦୨୧

**ଲଘୁଖଣିଜ ଉତ୍ସ (ପଥରଖାଦାନ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜମମୁଦ ଟେଣ୍ଡର ଆହ୍ୱାନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବୋଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥରଖାଦାନ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦ ସୂତ୍ରରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ। ଟେଣ୍ଡର ଫର୍ମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ଅନୁଯାୟୀ ନିର୍ଦ୍ଦିଷ୍ଟ ଫର୍ମରେ "M" ଟ. ୨୦୦୦ଙ୍କା ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା.୨୩.୦୯.୨୦୨୧ରିଖ ଠାରୁ ତା.୦୭.୧୦.୨୦୨୧ରିଖ ଘ. ୫.୩୦ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋଡେନ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବସାଇଟ (www.nuapada.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

OIPR-24214/11/0002/2122 ସା/- ତହସିଲଦାର, ବୋଡେନ

**JAN SHIKSHAN SANSTHAN-MAYURBHANJ**
(MINISTRY OF SKILL DEVELOPMENT & ENTREPRENEURSHIP, GOVT. OF INDIA)
Skill India

ADVERTISEMENT

We are working in the field of Literacy linked vocational skill development training to non/neo literates & rudimentary level education. We are looking for dynamic staff.

| Post | Eligible | Minimum Experience | Openings |
|---|---|---|---|
| Director | Graduate & desirable vocational degree/diploma/experience in skill development sector | 7 years | 1 |
| Programme Officer | Graduate & desirable vocational degree/diploma with experience in skill development sector | 5years | 1 |
| Assistant Project Officer | Graduation or Post graduate (NSQF Level-7) with Experience | 3years | 1 |
| Accountant-Cum-Manager | | 3years | 1 |
| Computer Operator | Intermediate/ Diploma/Graduation | 3Years | 1 |
| Field Assistant-Cum-Clerk | Post Graduation course in information Technology/Computer Science (NSQF Level-5) with Experience | 3years | 1 |
| Driver-Cum-Attendance | School Level Education (NSQF Level-2) | 3years | 1 |

Term and condition: the position shall be filled on contract basis for period of ordinarily not exceeding five years out of which the first year of the first term will be the probation period. Applicant exceeding 55 years may not apply. The board of Management may consider renewal of the contract/extension of the contract period of Director for a further period of five years on expiry of each five year tenure or termination of the scheme whichever is earlier. Outstanding candidates call for interview. Interested candidate apply online by Dt. 27.09.2021 and the shortlisted candidate walk an interview on Dt. 29.09.2021 at 11AM at JSS-Mayurbhanj office.

(*) Trainer required in following sector on contractual basis:

| Sl. No. | Name of Sector | Opening |
|---|---|---|
| 1 | Self Employed Tailor | 2 |
| 2 | Taxi Driver | 1 |
| 3 | Assistant Beauty Therapist | 1 |
| 4 | Beekeeper | 1 |
| 5 | Mushroom Grower (small entrepreneur) | 1 |
| 6 | Electrical Technician | 1 |
| 7 | Jam, Jelly and ketchup Processing Technician | 1 |
| 8 | Bamboo Basket Maker | 1 |
| 9 | Frontline health Worker | 1 |
| 9 | Domestic data entry operator | 1 |
| 10 | Hand Spinning Operator (Traditional Charkha/New Model Charkha/Solar Operated New Model Charkha) | 1 |
| 11 | Field Technician-(Home Appliance) | 1 |

- Candidates have experience on skill development sector.
- Candidates have communication skill on writing and oral.
- Interested candidates have send your Bio-Data form in our Mail Id-jssmayurbhanj@gmail.com and also submit your bio-data in our office **Jan Shikshan Sansthan-Mayurbhanj, At Raghunathpur (Near-Tulasi Mandap) , Baripada, Mayurbhanj-757001 (Odisha)**

Chairman
Jan Shikshan Sansthan
Mayurbhanj



# ମନଇଚ୍ଛା ଡ୍ରୋନ୍ ଉଡ଼ାଣ ଉପରେ ଲାଗିବ ପ୍ରତିବନ୍ଧକ

- ରାଜ୍ୟ ପାଇଁ ପ୍ରସ୍ତୁତ ହେବ ଡିଜିଟାଲ ସ୍କାଏ ପ୍ଲାଟଫର୍ମ
- ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାରେ ଯୋଡ଼ିହେବେ ଅଂଶୀଦାର
- 'କ୍ରିଏଟର୍' ଓ 'ଆପ୍ରୁଭର୍' ରହିବେ ଗୃହ ବିଭାଗ ଅଧିକାରୀ
- ଚିହ୍ନଟ ହେବ ଗ୍ରୀନ୍, ୟେଲୋ ଏବଂ ରେଡ୍ ଜୋନ୍
- କେବଳ ଗ୍ରୀନ୍ ଜୋନ୍‌ରେ ଉଡ଼ିବ ଡେଲିଭରୀ ଡ୍ରୋନ୍



ଭୁବନେଶ୍ୱର,୨୨।୯ (ସମିସ): ଏଣିକି ଆଉ ମନଇଚ୍ଛା ଡ୍ରୋନ୍ କିମ୍ବା ମାନବ ବିହୀନ ବିମାନ ଚଳାଇବା ସହଜ ହେବ ନାହିଁ। କାରଣ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳରେ ଡିଜିଟାଲ ସ୍କାଏ ପ୍ଲାଟଫର୍ମ ପ୍ରସ୍ତୁତ ହେବା ସହ ରେଡ୍ ଜୋନ୍ ଚିହ୍ନଟ କରାଯିବ। ଏହି ଅଞ୍ଚଳ ମଧ୍ୟରେ ଡ୍ରୋନ୍ କିମ୍ବା ମାନବ ବିହୀନ ବିମାନ ଚଳାଇବା ବେଆଇନ ବିବେଚିତ ହେବ। ତେବେ ଏହି ଡିଜିଟାଲ ସ୍କାଏ ପ୍ଲାଟଫର୍ମରେ ରେଡ୍ ଜୋନ୍ ଚିହ୍ନଟ ପାଇଁ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ମନୋନୀତ କରିବା ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଦୁଇ ଜଣଙ୍କ ମଧ୍ୟରୁ ଜଣେ 'କ୍ରିଏଟର୍' ଏବଂ ଅନ୍ୟ ଜଣେ 'ଆପ୍ରୁଭର୍' ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏପରିସ୍ଥଳେ ଦୁଇ ବରିଷ୍ଠ ଅଧିକାରୀଙ୍କ ନାମ ସୁପାରିଶ କରିବା ପାଇଁ ଗୃହ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମର୍ମରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗୃହ ବିଭାଗକୁ ପତ୍ର ଲେଖାଯାଇ ଦୁଇ ଅଧିକାରୀଙ୍କ ନାମ ଯଥାଶୀଘ୍ର ସୁପାରିଶ କରିବା ପାଇଁ କୁହାଯାଇଛି।

ଆତଙ୍କବାଦୀ ଆକ୍ରମଣ ହେଉ ଅବା ଅନ୍ୟ କୌଣସି ବେଆଇନ୍ କାର୍ଯ୍ୟରେ ଡ୍ରୋନ୍ ବ୍ୟବହାର ନେଇ ଆଶଙ୍କା ରହିଛି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ବେଆଇନ୍ ଡ୍ରୋନ୍ ଅବା ମାନବ ବିହୀନ ବିମାନ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଡ୍ରୋନ୍ ନୀତି କାର୍ଯ୍ୟକାରୀ କରିଛନ୍ତି। ଚଳିତ ମାସ ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡ୍ରୋନ୍ ନିୟମ-୨୦୨୧ ପ୍ରକାଶ ପାଇଥିବା ଗେଜେଟ୍‌ରେ ବେଆଇନ୍ ବିମାନ ଉଡ଼ାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ବ୍ୟବସ୍ଥା ରହିଛି। ଗେଜେଟ୍ ପ୍ରକାଶନର ୩୦ ଦିନ ମଧ୍ୟରେ ଡିଜିଟାଲ ସ୍କାଏ ପ୍ଲାଟଫର୍ମ ପ୍ରସ୍ତୁତ କରିବା ନିୟମ ରହିଛି। ଏହି ମର୍ମରେ ରାଜ୍ୟରେ ବେଆଇନ୍ ଡ୍ରୋନ୍ ଉଡ଼ାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ଡିଜିଟାଲ ସ୍କାଏ ପ୍ଲାଟଫର୍ମ ପ୍ରସ୍ତୁତ କରାଯିବ। ଏଥିରେ ଗ୍ରୀନ୍ ଜୋନ୍, ୟେଲୋ ଜୋନ୍ ଏବଂ ରେଡ୍ ଜୋନ୍ ଚିହ୍ନଟ କରାଯିବ। ରାଜ୍ୟର ଅତି ସମ୍ବେଦନଶୀଳ ଅଞ୍ଚଳକୁ ରେଡ୍ ଜୋନ୍ ମଧ୍ୟରେ ରଖା ଯାଇଥିବା ବେଳେ ବିମାନବନ୍ଦରର ୧୨ କିମି ପରିଧି ବାହାର ଅଞ୍ଚଳକୁ ୟେଲୋ ଜୋନ୍ ଏବଂ ବିମାନ ଉଡ଼ାଣ ପାଇଁ ସୁରକ୍ଷିତ ଅଞ୍ଚଳକୁ ଗ୍ରୀନ୍ ଜୋନ୍ ମଧ୍ୟରେ ରଖାଯିବ। ଡିଜିଟାଲ ସ୍କାଏ ପ୍ଲାଟଫର୍ମ ଜରିଆରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନଜର ରଖି ପାରିବେ। ଏଥିରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟ ରହିବେ। ଡିଜିଟାଲ ସ୍କାଏ ପ୍ଲାଟଫର୍ମ ଏକ ସିଙ୍ଗଲ୍ ୱିଣ୍ଡୋ ଭାବେ କାର୍ଯ୍ୟ କରିବ। ଫଳରେ କୌଣସି ଜରୁରୀ ପରିସ୍ଥିତିରେ ଉଭୟ ସରକାର ହସ୍ତକ୍ଷେପ କରିପାରିବେ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରିବ। ଏହା ମାଧ୍ୟମରେ ସ୍ୱୟଂକୃତ ଭାବେ ଡ୍ରୋନ୍ ଓ ମାନବ ବିହୀନ ବିମାନ ଉଡ଼ାଣ ପାଇଁ ଅନୁମତି ପ୍ରଦାନ କରାଯିବ ଏବଂ ଏଥିରେ ମାନବ ହସ୍ତକ୍ଷେପ କମିବ। ସେହିପରି ଡ୍ରୋନ୍ ନିର୍ମାତା କମ୍ପାନୀ, ଷ୍ଟାର୍ଟଅପ୍ ତଥା ଉଡ଼ାଣକାରୀ ଡିଜିଟାଲ ପ୍ଲାଟଫର୍ମ ସହ ଯୋଡ଼ି ହୋଇ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ସମ୍ପାଦନ କରି ପାରିବେ। ଡ୍ରୋନ୍ ନିୟମ-୨୦୨୧ ଅନୁଯାୟୀ ଗ୍ରୀନ୍ ଜୋନ୍‌ରେ ଡ୍ରୋନ୍ ଉଡ଼ାଣ ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଗ୍ରୀନ୍ ଜୋନ୍ ଏରୋ ସ୍ପେସ୍‌ରେ ୪୦୦ ଫୁଟ୍ ଅବା ୧୨୦ ମିଟର୍ ଉଚ୍ଚତା ମଧ୍ୟରେ ଡ୍ରୋନ୍ ଉଡ଼ାଇବା ପାଇଁ ଅନୁମତି ମିଳିବ। ବିମାନବନ୍ଦରର ୟେଲୋ ଜୋନ୍‌କୁ ୪୫ କିମିରୁ ୧୨ କିମିକୁ ହ୍ରାସ କରାଯାଇଛି। ବାଣିଜ୍ୟିକ ବ୍ୟବହାର ପାଇଁ ମାଇକ୍ରୋ ଡ୍ରୋନ୍ ଏବଂ ନାନୋ ଡ୍ରୋନ୍ ପାଇଁ ଲାଇସେନ୍ସ ଆବଶ୍ୟକ ରହିବ ନାହିଁ। ସେହିପରି ଜିନିଷ ପତ୍ର ଡେଲିଭରୀ ପାଇଁ ଡ୍ରୋନ୍ କରିଡର୍ ପ୍ରସ୍ତୁତ କରାଯିବ।

## ଜାତୀୟ କୁସ୍ତି କୋଚ୍ ଶିବଚରଣଙ୍କ ପରଲୋକ



କଟକ,୨୨।୯ (ସମିସ): ପୂର୍ବତନ ଜାତୀୟ କୁସ୍ତି କୋଚ୍ ଶିବଚରଣ ବୋଷଙ୍କ ଆଜି ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲେ। କିଛି ଦିନ ହେବ ଅସୁସ୍ଥ ହୋଇ ସେ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ କ୍ରୀଡ଼ା ଜଗତରେ ଶୋକ ଖେଳିଯାଇଛି। ଅନେକ ବରିଷ୍ଠ କ୍ରୀଡ଼ାବିତ, କ୍ରୀଡ଼ା ସଙ୍ଗଠକ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅଂଶୁମାନ ବୋଷ ମୁଖାଗ୍ନି ଦେଇଥିଲେ।

ଶିବଚରଣଙ୍କ ଘର ଗଙ୍ଗାମନ୍ଦିର ଅଞ୍ଚଳରେ। ଜଣେ ଖ୍ୟାତିସମ୍ପନ୍ନ କୁସ୍ତି କୋଚ୍ ଭାବେ ସେ ବେଶ ପରିଚିତ ଥିଲେ। କାହ୍ନୁ ଦାଦା ନାମରେ ତାଙ୍କୁ ସମସ୍ତେ ଜାଣନ୍ତି। ପଟିଆଲାର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସ୍ପୋର୍ଟସରେ ପ୍ରଥମ ଓଡ଼ିଆ ଭାବେ ୧୯୬୯ରୁ ୧୯୭୦ ମସିହା ପର୍ଯ୍ୟନ୍ତ ସେ କୋଚ୍ ଦାୟିତ୍ୱ ବହନ କରିଥିଲେ। ଏହା ପରେ ସେ ଭାରତୀୟ କ୍ରୀଡ଼ା ପ୍ରାଧିକରଣରେ କୁସ୍ତି କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। ୧୯୮୩ ମସିହାରେ ଇସଲାମାବାଦ୍‌ରେ ହୋଇଥିବା ସାଫ ଗେମ୍ସରେ ସେ ଜାତୀୟ ଦଳର କୋଚ୍ ତଥା ମ୍ୟାନେଜର ଭାବେ ରହିଥିଲେ। ପରେ ଶିବଚରଣଙ୍କ ତତ୍ତ୍ୱାବଧାନରେ ଜାତୀୟ ଦଳ ତୁର୍କୀ ଓ ରୁଷିଆ ଗସ୍ତ କରିଥିଲା। ତାଙ୍କ ଠାରୁ ପ୍ରଶିକ୍ଷଣ ହାସଲ କରି ଅନେକ ଜାତୀୟ ଦଳର ଖେଳାଳି ସୃଷ୍ଟି ହୋଇଛନ୍ତି। କାହ୍ନୁ ଦାଦାଙ୍କ ବିୟୋଗରେ ଚାନ୍ଦିନୀଚୌକ ସ୍ଥିତ ବାରବାଟୀ କୁସ୍ତି କ୍ଲବର ସମ୍ପାଦକ ପ୍ରତାପ କିଶୋର ସିଂ ଶୋକପ୍ରକାଶ କରିଛନ୍ତି।

## ପାର୍ବଣ କଟକଣା କୋହଳ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ,୨୨।୯ (ସମିସ): ରାଜ୍ୟ ସରକାର ଶାରଦୀୟ ଦୁର୍ଗାପୂଜା ପାଇଁ ନାନା କଟକଣା ଜାରି କରିଥିବା ବେଳେ ଏହାକୁ କୋହଳ କରିବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ସରୋଜ ସିଂହ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାରେ ଦର୍ଶାଯାଇଛି ଯେ ସରକାର ମୂର୍ତ୍ତି ଉଚ୍ଚତା ୪ଫୁଟ ରଖିବା ଓ ସାଜସଜ୍ଜାରେ ପ୍ରତିବନ୍ଧକ ଲଗାଇବା ନେଇ କଟକଣା କରିଛନ୍ତି। ଏହାଦ୍ୱାରା କାରିଗର, ଡେକୋରେଟର ସଂସ୍ଥା, ତାରକସି ଓ ଜରିମେଢ କାରିଗର ବିଶେଷ ଭାବେ ପ୍ରଭାବିତ ହେବେ। ଆକର୍ଷଣ ନଥିବାରୁ ସେମାନେ ଅଲୋଡା ହୋଇଯିବେ। ଏଣୁ ସରକାର ଏହାକୁ ଦୃଷ୍ଟିରେ ମୂର୍ତ୍ତି ଉଚ୍ଚତା ବୃଦ୍ଧି ସହ ସାଜସଜ୍ଜାକୁ ଅନୁମତି ଦେଇ କଟକଣା କୋହଳ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ପୂଜା ସମୟରେ ୧୪୪ ଧାରା ଜାରି କରନ୍ତୁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

ବିଶେଷକରି ପୁରୀ ରଥଯାତ୍ରା ଯେପରି ୧୪୪ଧାରା ସହ ସମ୍ପନ୍ନ ହେଲା ଚଳିତ ଥର ଶାରଦୀୟ ପୂଜାକୁ ମଧ୍ୟ ଅନୁରୂପ କଟକଣା ସହ କରାଯିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି କୁହାଯାଇଛି। ଏହାଦ୍ୱାରା କାରିଗର ଓ ଶ୍ରମିକମାନେ ସେମାନଙ୍କ ଜୀବିକା ହରାଇବାର ଆଶଙ୍କା ଉପୁଜିବ ନାହିଁ। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଏସଆରସି ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଦିଲ୍ଲୀପ କୁମାର ରାୟ ପରିଚାଳନା କରୁଛନ୍ତି। ପ୍ରକାଶଥାଉକି ନିକଟରେ ମୂର୍ତ୍ତି ଉଚ୍ଚତା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

## ଚିହ୍ନଟ ହେଲେ ୭୩୪ ସଂକ୍ରମିତ, ସୁସ୍ଥ ହେଲେ ୪୪୫

ଭୁବନେଶ୍ୱର,୨୨।୯ (ସମିସ): ଗତ ୨୪ ଘଣ୍ଟା ଭିତରେ ୭୩୪ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରେ ୧୮ ବର୍ଷ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧ ରହିଛି। ଆଜି ବଲାଙ୍ଗିର, ବୌଦ୍ଧ, ଦେବଗଡ଼, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରୁ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡ଼ା, ସୋନପୁର, କନ୍ଧମାଳ ଓ ଗଜପତିରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତକାଲି ୬୯୩୨୬ ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୧.୦୬ ପ୍ରତିଶତ ରିପୋର୍ଟ ପଜିଟିଭ୍ ଆସିଛି। ଖୋର୍ଦ୍ଧାରୁ ଆଜି ୩୩୫ (୨.୭୮%), କଟକରୁ ୯୧ (୧.୭୧%), ମୟୂରଭଞ୍ଜ ୨୭ (୧.୦୬%) ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଆଜି ସଂଧ୍ୟାରେ ଆଉ ୪୪୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଆଜି ସୁଦ୍ଧା ସମୁଦାୟ ୧୦,୨୧,୯୫୦ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୦,୦୮,୬୭୧ ଜଣ ସୁସ୍ଥ ହେଲେଣି। ଆଜି ଆଉ ୪ ଜଣଙ୍କୁ ମିଶାଇ କୋଭିଡ୍ ମୃତକଙ୍କ ସଂଖ୍ୟା ୮୧୫୦ରେ ପହଞ୍ଚିଛି। ରାଜ୍ୟରେ ଏବେ ୫୦୭୬ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ବୌଦ୍ଧ ଜିଲ୍ଲାରେ ଜଣେ ଆକ୍ରାନ୍ତ ଥିବା ବେଳେ ନୂଆପଡ଼ାରେ ୩, ନବରଙ୍ଗପୁରରେ ୭, କେନ୍ଦୁଝର ଓ କନ୍ଧମାଳରେ ୯ ଜଣ ଲେଖାଏଁ ସକ୍ରିୟ ସଂକ୍ରମିତ ଅଛନ୍ତି। ତେବେ ଉପକୂଳ ଜିଲ୍ଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ ରହିଛି।

## ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣା
## ଆଜି ଆଇନଜୀବୀ ଓ ବ୍ୟବସାୟୀଙ୍କୁ ଜେରା

କଟକ,୨୨।୯ (ସମିସ): ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣାକୁ ନେଇ ମଙ୍ଗଳାବାଗ ଥାନା ପୁଲିସ ତଦନ୍ତ ଜାରି ରଖିଛି। ସନ୍ଦେହଘେରରେ ଥିବା ବିଭିନ୍ନ ବର୍ଗର ଲୋକଙ୍କୁ ଡାକି ପଚରାଉଚରା ଚଳାଇଛି। ଇତି ମଧ୍ୟରେ ୩ ଜଣ ୱେବପୋର୍ଟାଲ ସାମ୍ବାଦିକ, ଜଣେ ମେଡ଼ିକାଲ କର୍ମଚାରୀ ଓ ଦୁଷ୍ମନ୍ତଙ୍କ ସମ୍ପର୍କରେ ଆସିଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରି ସାରିଛି। ତେବେ ଗୁରୁବାର ଜଣେ ଆଇନଜୀବୀ ଓ ଜଣେ ବ୍ୟବସାୟୀଙ୍କୁ ଜେରା କରାଯିବ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। ସକାଳ ୧୦ଟାରେ ହାଜର ହେବା ପାଇଁ ଏମାନଙ୍କୁ ନୋଟିସ ଜାରି କରିଛି ମଙ୍ଗଳାବାଗ ଥାନା ପୁଲିସ। ଜଗତସିଂପୁର କୁଜଙ୍ଗ ଅଞ୍ଚଳର ଦୁଷ୍ମନ୍ତ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ତାଙ୍କୁ ଏସ୍‌ସିବି ମେଡ଼ିକାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ହେଲେ ଏଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଆତ୍ମହତ୍ୟାର କାରଣ ସମ୍ପର୍କରେ ବିଭିନ୍ନ ଦିଗକୁ ନେଇ ପୁଲିସ ଅନୁସନ୍ଧାନ ଚଳାଇଛି। ଚାଲି ପାରୁନଥିବା ଦୁଷ୍ମନ୍ତ କିଭଳି ଭୁବନେଶ୍ୱର ବିଧାନସଭା ପର୍ଯ୍ୟନ୍ତ ଗଲେ ଏବଂ ଆତ୍ମହତ୍ୟା ଉଦ୍ୟମ କରିବାକୁ କିଏ ଉସୁକାଇଥିଲା ଏଥି ପୁଲିସ ଖୋଳତାଡ଼ କରୁଛି। ମିଳିଥିବା ସୂଚନା ଅନୁସାରେ ଦୁଷ୍ମନ୍ତ ଆତ୍ମହତ୍ୟା କରିବାର କିଛି ଦିନ ପୂର୍ବରୁ ଜନୈକ ଆଇନଜୀବୀଙ୍କୁ ଭେଟିଥିଲେ। ଆଇନଜୀବୀଙ୍କୁ ଭେଟିବାର କାରଣ? କେଉଁ ପ୍ରସଙ୍ଗରେ ଆଲୋଚନା କରିଥିଲେ ତାହା ଜାଣିବା ପାଇଁ ପୁଲିସ ଚେଷ୍ଟା କରିଛି। ସେହିପରି ତଦନ୍ତ ପ୍ରକ୍ରିୟା ଭିତରକୁ ଆସିଥିବା ବ୍ୟବସାୟୀ ଜଣକ ମଧ୍ୟ ଦୁଷ୍ମନ୍ତଙ୍କ ସହ ଯୋଗସୂତ୍ରରେ ଥିଲେ ବୋଲି କୁହାଯାଉଛି।

**ଉଚ୍ଚତର ଶିକ୍ଷାନୁଷ୍ଠାଗୁଡ଼ିକୁ ୟୁଜିସିର ନିର୍ଦ୍ଦେଶ**

## ଆପ୍ରେଣ୍ଟିସିପ୍ ଶିକ୍ଷା ପାଇଁ ପିଲାଙ୍କୁ ପ୍ରୋତ୍ସାହିତ କର

ଭୁବନେଶ୍ୱର,୨୨।୯ (ସମିସ): ଆପ୍ରେଣ୍ଟିସିପ୍ ବା ଇନଟର୍ଣ୍ଣସିପ୍ ପାଇଁ ଉଦ୍ଦିଷ୍ଟ ଥିବା ପାଠ୍ୟକ୍ରମକୁ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରୋତ୍ସାହନ ଦେବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ସଚିବ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅନୁରୋଧ କରିଛନ୍ତି। ୟୁଜିସିର ସଚିବ ପ୍ରଫେସର ରଜନୀଶ ଜୈନ ଏ ନେଇ ସମସ୍ତ କୁଳପତିଙ୍କୁ ବୁଧବାର ଚିଠି ଲେଖିଛନ୍ତି। ପ୍ରଫେସର ଜୈନ କହିଛନ୍ତି ଯେ, ୨୦୨୦ ଡିସେମ୍ବର ୭ ତାରିଖରେ ୟୁଜିସି ଆପ୍ରେଣ୍ଟିସିପ୍ ବା ଇନଟର୍ନସିପ୍‌ଯୁକ୍ତ ପାଠ୍ୟକ୍ରମ ପାଇଁ ଗାଇଡଲାଇନ୍ ଜାରି କରିଥିଲା। ଏପରିକି ଏ ସମ୍ପର୍କରେ ୨୦୨୦-୨୧ର ବଜେଟରେ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ନାତକ(ୟୁଜି) ଶେଷ କରିବା ମାତ୍ରେ କିଭଳି ନିଯୁକ୍ତି ପାଇବେ ତାହା ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା। ତେଣୁ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ପ୍ରଦାନ କରିବାକୁ ୟୁଜିସି ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

**'ଶିଶୁ ଯୌନ ନିର୍ଯାତନା ପ୍ରତିରୋଧ' ଆଲୋଚନାଚକ୍ର**

## ଅଭିଭାବକମାନେ ପିଲାମାନଙ୍କ ସମସ୍ୟା ଓ ଚିନ୍ତା ବୁଝିବା ଉଚିତ୍

ଭୁବନେଶ୍ୱର,୨୨।୯ (ସମିସ): ନ୍ୟାସନାଲ ଆକ୍ସନ ଆଣ୍ଡ କୋର୍ଡିନେସନ୍ ଗ୍ରୁପ୍ ଫର୍ ଏଣ୍ଡିଂ ଭାଓଲେନ୍ସ ଏଗେନଷ୍ଟ ଚିଲଡ୍ରେନ୍(ଏନ୍‌ଏସିଜି ଇଭିଏସି) ଇଣ୍ଡିଆ, ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ କଲଚରାଲ ସେଣ୍ଟର(ପିକକ୍) ଓ ବିଏମଜେଡ୍ ୱାର୍ଲଡ ଭିଜନ୍ ଇଣ୍ଡିଆର



ମିଳିତ ଆନୁକୂଲ୍ୟରେ 'ଶିଶୁ ଯୌନ ନିର୍ଯାତନା ପ୍ରତିରୋଧ' ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ସୁରକ୍ଷା କମିସନର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ତଥା ଗୋଷ୍ଠୀ ଗୁଡ଼ିକରେ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଏସସିପିସିଆର ଭୂମିକା ବିଷୟରେ ପିଲାମାନଙ୍କୁ କହିଥିଲେ।

ଏନଏସିଜି ଇଭାକ୍ ଇଣ୍ଡିଆର ଅଧ୍ୟକ୍ଷ ରଞ୍ଜନ ମହାନ୍ତି ଯୋଗଦେଇ ପିଲାମାନଙ୍କ ସୁରକ୍ଷା ସହିତ ସେମାନଙ୍କ ପାଇଁ ଏକ ନିରାପଦ ସ୍ଥାନ ସୃଷ୍ଟି କ୍ଷେତ୍ରରେ ବଡ଼ ମାନଙ୍କର ଦାୟିତ୍ୱ ଉପରେ କହିଥିଲେ। ଏହାସହ ଶିଶୁଙ୍କ ପାଇଁ ବଢୁଥିବା ବିପଦ ଏବଂ ସମାଜରେ କିପରି ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିବା ସହ ପିଲାମାନଙ୍କ ସମସ୍ୟା ଓ ଚିନ୍ତା ବୁଝିବା ପାଇଁ ସେ ପିଲାମାନଙ୍କ ଅଭିଭାବକମାନଙ୍କୁ ନବେଦନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଆବାହକ ପ୍ରକାଶ ରଥ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିବା ବେଳେ ୱାଲର୍ଡ ଭିଜନର ପ୍ରୋଗ୍ରାମ୍ ମ୍ୟାନେଜର ନୀତା ମାରିଆ ଉପସ୍ଥିତ ରହି ମତ ପ୍ରଦାନ କରିଥିଲେ। ପିକକ୍‌ର କାର୍ଯ୍ୟ ନିର୍ବାହୀ ଅନୁରାଧା ମହାନ୍ତି ଶିଶୁ ଯୌନ ଶୋଷଣର ମାଧ୍ୟମ ଏବଂ ଏହାର ପ୍ରଭାବ ଉପରେ ସ୍କୋର କାର୍ଡ ଉପସ୍ଥାପନ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାର ବ୍ଲକ ସ୍ତରରେ ୧୫୦ ପିଲା ଯୋଗ ଦେଇଥିଲେ। ଶେଷରେ ପ୍ରକଳ୍ପ ସଂଯୋଜକ ଧର୍ମାନନ୍ଦ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦ୍ୟୋଗ ପାର୍କ ପକ୍ଷରୁ '୨.୦ ଖୋଲା ଚ୍ୟାଲେଞ୍ଜ'ର ଶୁଭାରମ୍ଭ

ଭୁବନେଶ୍ୱର,୨୨।୯ (ସମିସ): ଉଦ୍ୟୋଗ ପାର୍କ ଭୁବନେଶ୍ୱର ଦ୍ୱାରା ଷ୍ଟାର୍ଟଅପ୍ ପାଇଁ ୨.୦ ଖୋଲା ଚ୍ୟାଲେଞ୍ଜକୁ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ମହା ନିର୍ଦ୍ଦେଶକ ଡ. ଓମ୍‌କାର ରାୟଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀମାନଙ୍କ ଦରଖାସ୍ତକୁ ସିଧାସଳଖ ଅନ୍‌ଲାଇନରେ ଆମନ୍ତ୍ରଣ କରାଯାଇ ନୂତନ ଷ୍ଟାର୍ଟଅପ୍, ନବସୃଜନ ଓ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ମନୋନୀତ କରାଯିବ। ଏହି ମନୋନୀତ ଷ୍ଟାର୍ଟଅପ୍ ଗୁଡ଼ିକୁ ପରବର୍ତ୍ତୀ ସମୟରେ ଆବଶ୍ୟକୀୟ ତାଲିମ୍, ମୂଳଧନ ଯୋଗାଇବା, ଉତ୍ପାଦ ପେମେଣ୍ଟ କରାଇବା, ବଜାର ସୃଷ୍ଟି କରିବା ଇତ୍ୟାଦି କାମରେ ସହଯୋଗ ପ୍ରଦାନ କରାଯିବ। ରାଜ୍ୟ ଏମ୍‌ଏସଏମଇ ବିଭାଗ ପ୍ରମୁଖ ଶାସନସଚିବ ସତ୍ୟବ୍ରତ ସାହୁ ଉଦ୍ୟୋଗ ପାର୍କ ନକ୍ସା ପାଠାଗାର ଏବଂ ସମ୍ବଳ କେନ୍ଦ୍ରକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ହାଇସ୍କୁଲ ପାଠ୍ୟକ୍ରମରେ ଔଦ୍ୟୋଗୀକରଣ

**ଉତ୍ପାଦ ନମୁନା ପ୍ରସ୍ତୁତି, ସେନସର୍, ନିୟନ୍ତ୍ରଣ ବୋର୍ଡ ସୁବିଧା ଉପଲବ୍ଧ ହେବ**

ଉପରେ ବିଷୟ ସ୍ଥାନୀତ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଉଲ୍ଲେଖ କରି ଷ୍ଟାର୍ଟଅପ୍ ଓଡ଼ିଶା ଯୁବବର୍ଗଙ୍କ ମଧ୍ୟରେ ଉଦ୍ୟୋଗ ପ୍ରତି ମାନସିକତା ଜାଗ୍ରତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କହିଥିଲେ। ଏଠାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଉତ୍ପାଦ ନମୁନା ପ୍ରସ୍ତୁତି, ସେନସର୍, ନିୟନ୍ତ୍ରଣ ବୋର୍ଡ ଭଳି ସୁବିଧା ଉପଲବ୍ଧ ହୋଇପାରିବ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ ମିଶ୍ର, ସାଇବର ମିଡିଆ ପରିଚାଳନା ନିର୍ଦ୍ଦେଶକ ପି ଗୁପ୍ତା, ଏସଟିପିଆଇ ଭୁବନେଶ୍ୱରରର ନିର୍ଦ୍ଦେଶକ ମାନସ ପଣ୍ଡା, ଏସଟିପିଆଇ ନିର୍ଦ୍ଦେଶକ, ନୂଆଦିଲ୍ଲୀ ସୁବୋଧ ସାଚନ, ନିର୍ଦ୍ଦେଶକ ଟେକସାସ୍ ଇନଷ୍ଟ୍ରୁମେଣ୍ଟସ୍ ରାଜୀବ ଖୁସୁ, ଇନଟେଲ ଉପସଭାପତି ତଥା ସାଧାରଣ ପରିଚାଳକ ସମ୍ପିତ୍ ସାହୁ, ନୂଆଦିଲ୍ଲୀ ଇଲେକ୍ଟ୍ରୋନିକସ ପାର୍କର ମୁଖ୍ୟ ନିର୍ବାହୀ ଅଦକାରୀ ସଞ୍ଜୀବ ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟାରପ୍ଲସ୍‌ରେ ପ୍ରସାରିତ ହେବ 'ବିଦ୍ରୋହ'

**ବକ୍ସି ଜଗବନ୍ଧୁଙ୍କ ସଂଗ୍ରାମକୁ ଦେଖିବେ ଅଗଣିତ ଦର୍ଶକ**




ଭୁବନେଶ୍ୱର,୨୨।୯ (ସମିସ): ପାଇକ ବିଦ୍ରୋହର କାହାଣୀକୁ ନେଇ ଆଧାରିତ ଧାରାବାହିକ 'ବିଦ୍ରୋହ' ଖୁବ୍ ଶୀଘ୍ର ଷ୍ଟାରପ୍ଲସରେ ପ୍ରସାରିତ ହେବାକୁ ଯାଉଛି। ଇଂରେଜଙ୍କ ବିରୁଦ୍ଧରେ ବକ୍ସି ଜଗବନ୍ଧୁଙ୍କ କିଭଳି ଲଢ଼େଇ କରିଥିଲେ ତାହାକୁ ବର୍ଣ୍ଣନା କରାଯାଇଛି। ଭାରତୀୟ ମୁକ୍ତି ସଂଗ୍ରାମର ଆଦ୍ୟ କାଳରେ ବକ୍ସି ଥିଲେ ଜଣେ ଯୋଦ୍ଧା। ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ ବା ପାଇକ ବକ୍ସି ନାମରେ ସେ ଥିଲେ ଜଣାଶୁଣା। ପାଇକ ବିପ୍ଳବୀମାନେ ତାଙ୍କର ନେତୃତ୍ୱରେ ୧୮୧୭ ମସିହାରେ ଫିରିଙ୍ଗି ଶାସନ ବିରୁଦ୍ଧରେ ପାଇକ ବିଦ୍ରୋହ ଆରମ୍ଭ କରିଥିଲେ। କଳିଙ୍ଗର ଏହି ଐତିହାସିକ କାହାଣୀକୁ ଏବେ ହିନ୍ଦୀ ଚ୍ୟାନେଲ ଷ୍ଟାରପ୍ଲସରେ ଦେଖିବେ ଅଗଣିତ ଦର୍ଶକ। ଗାଥା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଧାରାବାହିକରେ ମୁଖ୍ୟ ଭୂମିକାରେ ଶାହରଦ ମାଲୋହୋତ୍ରା, ହେମାଲ ଇଙ୍ଗ୍‌ଲେ ଓ ସୁଲଗ୍ନା ପାଣିଗ୍ରାହୀ ରହିଛନ୍ତି। ବର୍ତ୍ତମାନ ଧାରାବାହିକର ଟ୍ରେଲର ୟୁଟ୍ୟୁବରେ ଦେଖିବାକୁ ମିଳିଥିବାବେଳେ ଆସନ୍ତା ଅକ୍ଟୋବରରେ ଏହା ମୁକ୍ତଲାଭ କରିବ।

## ବ୍ୟବସାୟ ପାଇଁ ନ୍ୟାସନାଲ ସିଙ୍ଗଲ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ




ନୂଆଦିଲ୍ଲୀ,୨୨।୯: ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଶିଳ୍ପପତି ଏବଂ ବ୍ୟବସାୟୀମାନଙ୍କ ଲାଗି ଏକ ନ୍ୟାସନାଲ ସିଙ୍ଗଲ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ, ବୟନଶିଳ୍ପ, ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପୀୟୁଷ ଗୋୟଲ ଏହି ସିଷ୍ଟମ ଆରମ୍ଭ କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ବିଦେଶୀ ତଥା ଭାରତୀୟ ନିବେଶକ, ବ୍ୟବସାୟ ଏବଂ ଷ୍ଟାର୍ଟ ଅପ୍ ଲାଭବାନ୍ ହେବେ। ଏହି ବ୍ୟବସ୍ଥା ସହ ଦେଶର ୧୮ କେନ୍ଦ୍ରୀୟ ବିଭାଗ, ୯ଟି ରାଜ୍ୟ ପୂର୍ବରୁ ଯୋଡି ହୋଇଥିବାବେଳେ ଡିସେମ୍ବର ୨୧ ସୁଦ୍ଧା ୧୪ଟି କେନ୍ଦ୍ରୀୟ ବିଭାଗ ଏବଂ ୫ ଟି ରାଜ୍ୟ ସଂଯୁକ୍ତ ହେବେ। ଏହି ସୁବିଧା ଆରମ୍ଭ କରି ଶ୍ରୀ ଗୋୟଲ କହିଛନ୍ତି ଯେ, ନ୍ୟାସନାଲ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ ଭାରତକୁ ଆତ୍ମନିର୍ଭର କରିବା ଦିଗରେ ଏକ ବୃହତ୍ ପଦକ୍ଷେପ। ଆଜାଦିର ଅମୃତ ମହୋତ୍ସବର ୭୫ ତମ ସପ୍ତାହ ପାଳନ ବେଳେ ଆମେ କେବଳ ଭାରତ ନୁହେଁ ଭାରତ ବାହାରୁ ଆସୁଥିବା ନିବେଶକ,ବ୍ୟବସାୟିକ ସଂସ୍ଥାର ମାଲିକ(ଏମ୍‌ଏସ୍‌ଏମ୍‌ଇ)ଙ୍କୁ ଆଜାଦିର ଅମୃତର ଅଂଶୀଦାର କରିପାରିବା ବୋଲି ଗୋୟଲ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିର୍ଣ୍ଣାୟକ ଏବଂ ନିର୍ଭୀକ ନେତୃତ୍ୱ ଭାରତକୁ ବଡ଼ ସ୍ୱପ୍ନ ଦେଖିବାରେ ସକ୍ଷମ କରିଛି ଏବଂ ଉତ୍ସାହିତ କରିଛି। ଏହି ଅବସରରେ ଶ୍ରୀ ଗୋୟଲ କହିଛନ୍ତି ଯେ, ଏହି ଏକକ ୱିଣ୍ଡୋ ପୋର୍ଟାଲ ଅନୁମୋଦନ ଏବଂ କ୍ଲିୟରାନ୍ସ ପାଇଁ ନିବେଶକଙ୍କ ପାଇଁ ଏକ ଷ୍ଟପ୍-ଶପ୍ ହେବ। 'ଏଣ୍ଡ ଟୁ ଏଣ୍ଡ' ସୁବିଧା ମାଧ୍ୟମରେ ମାଉସର ଗୋଟିଏ କ୍ଲିକରେ ସମସ୍ତ ସମାଧାନ ସେଠାରେ ରହିବ।

ନ୍ୟାସନାଲ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମର ଉନ୍ମୋଚନକୁ ଫିକି ଇଣ୍ଡିଆର ଉପସଭାପତି ଏବଂ ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। ପୁଞ୍ଜି ବିନିଯୋଗକୁ ସୁଗମ କରିବା ପାଇଁ ଫିକି ଇଣ୍ଡିଆ ଏହାକୁ ପ୍ରୋତ୍ସାହିତ କରିଆସୁଛି ଏବଂ ଏହାକୁ ବାସ୍ତବ ରୂପ ଦେଇଥିବାରୁ କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଡିପିଆଇଆଇଟି ମନ୍ତ୍ରାଳୟକୁ ଅଭିନନ୍ଦନ। ସିଙ୍ଗଲ୍ ୱିଣ୍ଡୋ ପଦ୍ଧତିକୁ ଗ୍ରହଣ କରିବାରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ। ଯାହାଦ୍ୱାରା ମହାମାରୀ ସମୟରେ ମଧ୍ୟ ଅନେକ ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ସୃଷ୍ଟି ହେବା ସହ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି। ମୋର ବିଶ୍ୱାସ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମନ୍ୱିତ ଆଭିମୁଖ୍ୟ ନିଶ୍ଚୟ ଏକ ସକରାତ୍ମକ ଫଳାଫଳ ଦେବ ବୋଲି ସେ କହିଛନ୍ତି।

**ପିପିଲିରେ ବଢୁଛି ରାଜନୈତିକ ଉଷ୍ମତା**

## ଅପରାଜେୟ ରେକର୍ଡ଼ ସହ ବିଜୟ ବ୍ୟବଧାନ ବୃଦ୍ଧି ଲକ୍ଷ୍ୟରେ ବିଜେଡି

ଭୁବନେଶ୍ୱର,୨୨।୯ (ସମିସ): ଆସନ୍ତା ବର୍ଷ ସାରା ଦେଶରେ ୟୁପି ସମେତ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଯାହା ଜାତୀୟ ରାଜନୀତିକୁ ସରଗରମ କରିବ। ସେହିକ୍ରମରେ ଓଡ଼ିଶାରେ ଫେବୃୟାରୀ-ମାର୍ଚ୍ଚ ସମୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୨୦୨୨ ମଧ୍ୟଭାଗରେ ସାରା ରାଜ୍ୟରେ ପୌର ନିର୍ବାଚନ ହେବା ଏକପ୍ରକାର ନିଶ୍ଚିତ। ଏହା ପୂର୍ବରୁ ପିପିଲି ଉପନିର୍ବାଚନ ହେଉଛି। ତେଣୁ ପିପିଲି ଫଳାଫଳ ବିଜୟୀ ଦଳକୁ ନିଶ୍ଚିତ ପୌର ଓ ପଞ୍ଚାୟତ ପାଇଁ ଉତ୍ସାହିତ କରିବ। ତେଣୁ ଶାସକ ବିଜେଡି ସହ ବିଜେପି ଓ କଂଗ୍ରେସ ପାଇଁ ଏହି ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପିପିଲି ଉପନିର୍ବାଚନ ବିଭିନ୍ନ ଦଳ ପାଇଁ ଅଗ୍ନିପରୀକ୍ଷା ବୋଲି କୁହାଯାଉଛି।

ଅତୀତରେ ପଞ୍ଚାୟତ ନିର୍ବାଚନର ସଫଳତା ସତ୍ତ୍ୱେ ବିଜେପି ମାତ୍ର ବର୍ଷକରେ ସେହି ରାଜନୈତିକ ବାତାବରଣ ରଖିବାରେ ବିଫଳ ହୋଇଥିଲା। ୨୦୧୮ ବିଜେପୁର ଉପନିର୍ବାଚନରେ ବିଜେଡି ବିଜୟୀ ହୋଇଥିଲା। ଏହି ଫଳାଫଳ ଦଳର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ୨୦୧୯ରେ ଭଲ ଫଳ ପାଇଁ ପ୍ରେରଣା ଦେଇଥିଲା। ତେଣୁ ପିପିଲି ବାଜି ଜିତି ବିଜୟଧାରାକୁ ବଜାୟ ରଖିବାକୁ ବିଜେଡି ନିଶ୍ଚିତ ଚାହିଁବ। ଅନୁରୂପ ଭାବେ ବିରୋଧୀ ପିପିଲିରେ ଭଲ ପ୍ରଦର୍ଶନ କରି ବିଜେଡ଼ି ମୁଡ୍‌କୁ ଅପଲେଟ୍ କରିବାକୁ କୌଣସି ସୁଯୋଗ ହାତଛଡା କରିବେ ନାହିଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

୨୦୧୨ରେ ମାତ୍ର ୩୬ଟି ଜିଲ୍ଲା ପରିଷଦରେ ବିଜୟୀ ହୋଇଥିବା ବିଜେପି ୨୦୧୭ରେ ୨୯୨ରେ ପହଞ୍ଚି ଯାଇଥିଲା। ମାତ୍ର ଏହାର ଠିକ୍ ପରେ ପରେ ବିଜେପିର ଉପନିର୍ବାଚନରେ ଦଳ ପଞ୍ଚାୟତ ନିର୍ବାଚନରେ ଦେଖାଇଥିବା ସଫଳତା ଦୋହରାଇବାକୁ ବ୍ୟର୍ଥ ହୋଇଥିଲା। ବିଜେପୁର ବିଧାନସଭା କ୍ଷେତ୍ରରେ ଜିଲ୍ଲା ପରିଷଦ ଆସନଗୁଡ଼ିକରୁ ବିଜେପି ୯୦ ହଜାରରୁ ଅଧିକ ଭୋଟ ପାଇଥିବାବେଳେ ଫଳାଫଳ ଉପନିର୍ବାଚନ ଫଳାଫଳ ଥିଲା ନୈରାଶ୍ୟଜନକ। ବିଜେପି ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପ୍ରଣୟ ସାହୁଙ୍କ ଉପରେ ଭରସା କରିଥିଲା। ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ସ୍ମୃତି ଇରାନୀ, ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଏବଂ ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ପ୍ରମୁଖ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ହେଲେ 'ଶହେ ପାମ୍ପଡକୁ ଗୋଟେ ବିଧା' ନ୍ୟାୟରେ ମାଳମାଳ କେନ୍ଦ୍ରୀୟ ନେତାଙ୍କ ପ୍ରଚାର ସତ୍ତ୍ୱେ ନବୀନଙ୍କ ଦୁଇ ପଦ କଥା ଉପରେ ବିଜେପୁରବାସୀ ଆଶା ପ୍ରକଟ କରିଥିଲେ। ସେହି ବର୍ଷ ଉପନିର୍ବାଚନରେ ପଡ଼ିଥିବା ମୋଟ ଭୋଟର ୫୬% ବିଜେଡି ପ୍ରାର୍ଥିନୀ ରୀତା ସାହୁ ହାତେଇ ଥିଲେ। ବିଜେପି ୩୩.୫୩% ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମାତ୍ର ୫.୬୫% ଭୋଟ ପାଇଥିଲା। ଶ୍ରୀମତୀ ସାହୁ ୧.୦୨,୮୭୧ ଖଣ୍ଡ ଭୋଟ ପାଇବା ସହ ବିଜେପି ପ୍ରାର୍ଥୀଙ୍କୁ ୪୧,୯୩୩ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ବିଜେଡିର ଏହି ଉପନିର୍ବାଚନ ବିଜୟ ବିଜେପିର ପଞ୍ଚାୟତ ଭୋଟ ଫଳ ଖୁସିରେ ପାଣି ପକାଇ ଦେଇଥିଲା। ରାଜ୍ୟରେ ଅନୁଷ୍ଠିତ ବିଭିନ୍ନ ଉପନିର୍ବାଚନରେ ବିଜେଡି ଏଯାଏ ଅପରାଜେୟ ରହି ଆସିଛି। ତେଣୁ ପିପିଲିରେ ପୁଣି ତାହାର ପୁନରାବୃତ୍ତି ଘଟିବ ବୋଲି ଦଳୀୟ ନେତାମାନେ ଆଶା ବାନ୍ଧିଛନ୍ତି।



ସକାଳ THE SAKALA
ନୟାଗଡ଼

## ମୌଳିକ ସୁବିଧାରୁ ବଞ୍ଚିତ ସଲପଗଣ୍ଡା ଓ ମୁସୁଗୁଡ଼ା ଗାଁ

# ଗ୍ରାମବାସୀଙ୍କୁ ଘାରିଛି ବିସ୍ଥାପନ ଭୟ

**ଗଣିଆ,୨୨।୯ (ସମିସ):**



ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଓ ଗମନାଗମନ ପରି ମୌଳିକ ସୁବିଧା ପାଲଟିଛି ସାତସପନ। କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଜୀବନ ଜିଇଁବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବଡ଼ଶିଲିଙ୍ଗା ପଞ୍ଚାୟତର ଆଦିବାସୀ ଗାଁ ସଲପଗଣ୍ଡା ଓ ମୁସୁଗୁଡ଼ାରେ ଏଭଳି ଚିତ୍ର ଦେଖିବାକୁ ମିଳିଛି।

ବଣଜଙ୍ଗଲ ଘେରା ଏହି ୨ଟି ଆଦିବାସୀ ଗାଁ ମଧ୍ୟରେ ଦୂରତା ମାତ୍ର ୭ଶହ ମିଟର। ମୁସୁଗୁଡ଼ା ଗ୍ରାମରେ ୭ଟି ପରିବାର ଓ ସଲପଗଣ୍ଡା ଗ୍ରାମରେ ୫ଟି ପରିବାର ବସବାସ କରୁଛନ୍ତି। ସ୍ୱଳ୍ପ ଜମିରେ ଚାଷବାସ କରିବା ସହ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଏମାନେ ପରିବାର ଚଳାଇଥାନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୧୭ କିମି ଦୂରରେ ଏହି ଗ୍ରାମ ଅବସ୍ଥିତ। ଗାଁକୁ ଯାତାୟାତ ପାଇଁ ସବୁଦିନିଆ ରାସ୍ତା ନଥିବାରୁ ପାଦଚଲା ରାସ୍ତା ହିଁ ଏକମାତ୍ର ମାଧ୍ୟମ ପାଲଟିଛି। ଫଳରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରତିମାସରେ ଖାଉଟି ସାମଗ୍ରୀ ଓ ଭତ୍ତା ଆଣିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଖରାଦିନେ କୂଅ ଓ ଜଳାଶୟଗୁଡ଼ିକ ଶୁଖି ଯାଉଥିବାରୁ ଗାଁ ଲୋକେ ନିକଟସ୍ଥ ଝରଣାରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରିଥାନ୍ତି। ଗାଁର ପିଲାମାନଙ୍କ ପାଠପଢ଼ା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ କୁନି କୁନି ପିଲାମାନଙ୍କୁ ଅଭିଭାବକମାନେ ଦଶପଲ୍ଲା, ଟାକେରା ଓ ବଡ଼ଶିଲିଙ୍ଗା ଆଶ୍ରମ ବିଦ୍ୟାଳୟରେ ଛାଡ଼ୁଛନ୍ତି।

ସେହିପରି ଗ୍ରାମରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ସନ୍ଧ୍ୟା ହେଲେ ଡିବିରି ଓ ଗାଁ ଦାଣ୍ଡରେ ପଞ୍ଚାୟତ ପକ୍ଷରୁ ଲାଗିଥିବା ସୋଲାର ଲାଇଟ୍ ଲୋକଙ୍କ ଏକମାତ୍ର ଭରସା ପାଲଟିଛି। ଗାଁକୁ ଗମନାଗମନ ସୁବିଧା ନଥିବା ବେଳେ ଗୁରୁତର ରୋଗୀ, ଗର୍ଭବତୀ ମହିଳାମାନଙ୍କୁ ଖଟିଆରେ ବୁହାଯାଇ ଦଶପଲ୍ଲା ଓ ବୌଦ୍ଧ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛନ୍ତି ଲୋକେ। ଆବାସ, ଗମନାଗମନ ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଅନ୍ୟପକ୍ଷରେ, ବ୍ୟାଘ୍ର ସଂରକ୍ଷଣାଞ୍ଚଳ ପାଇଁ ଏହି ୨ ଗ୍ରାମବାସୀଙ୍କୁ ଏବେ ବିସ୍ଥାପନର ଭୟ ଘାରିଛି। ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଗ୍ରାମରେ ପାଦ ପଡୁନଥିବା ଲୋକେ ଅଭିଯୋଗ କରୁଥିବା ବେଳେ ଗ୍ରାମର କିଭଳି ଉନ୍ନତି ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଇ-ଶ୍ରମ କାର୍ଡ ନାଁରେ ଲୋକଙ୍କୁ ଶୋଷଣ

**ନୟାଗଡ଼,୨୨।୯ (ସମିସ):** କେନ୍ଦ୍ର ସରକାର ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ଇ-ଶ୍ରମ କାର୍ଡ ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ ପରିଚୟ ପତ୍ର ଭଳି ସୁବିଧା ଏଥିରେ ନ ଥିବାବେଳେ ନୟାଗଡ଼ ଜିଲ୍ଲାରେ ଲୋକଙ୍କୁ କିଛି ଦଲାଲ ଏବଂ ଜନସେବା କେନ୍ଦ୍ର ମାଲିକ ଭୁଆଁ ବୁଲାଇ ଚାଲିଛନ୍ତି। ଇ-ଶ୍ରମ କାର୍ଡ ଆଳରେ ଲୋକଙ୍କୁ ଶୋଷଣ କରାଯାଉଥିବା ମଧ୍ୟ ଅଭିଯୋଗ ଆସୁଛି। ଏହି ଶ୍ରମ କାର୍ଡ ପାଇଁ କେନ୍ଦ୍ର ସରକାର କୌଣସି ଦେୟ ମୂଲ୍ୟ ରଖି ନ ଥିବାବେଳେ ବିଭିନ୍ନ ଶ୍ରମିକ ସଂଗଠନ, ଦଲାଲ ଏବଂ ଜନସେବା କେନ୍ଦ୍ର ମାଲିକମାନେ ଶହ ଶହ ଟଙ୍କା ମାଗୁଛନ୍ତି। ଗୋଟିଏ ଗୋଟିଏ କାର୍ଡ କରାଇବା ପାଇଁ ୧ ଶହରୁ ଆରମ୍ଭ କରି ୭ ଶହ ଟଙ୍କା ପର୍ଯ୍ୟନ୍ତ ହାତ ଗୁଞ୍ଜା ନେଉଛନ୍ତି। ଜିଲ୍ଲା ପ୍ରଶାସନ କିମ୍ବା ଶ୍ରମ ବିଭାଗ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ସଚେତନ କରିବା ସହ ଦଲାଲ ମୁକ୍ତ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାଯାଇଛି।

ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ରାଜ୍ୟ ସରକାର ଅଣସଂଗଠିତ ଶ୍ରମିକମାନଙ୍କର ପରିଚୟପତ୍ର ଦେବା ସହ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କାର ବୀମା ରାଶି ଘୋଷଣା କରି କାର୍ଯ୍ୟକାରୀ କରୁଥିବାବେଳେ ଇ-ଶ୍ରମ କାର୍ଡ ରାଜ୍ୟରେ ସେଭଳି କୌଣସି ଶ୍ରମିକଙ୍କ ସହାୟକ ହେବ ନାହିଁ ବୋଲି ଆଲୋଚନା ହେଉଛି। ଏହା କେବଳ ଦଲାଲଙ୍କ ଅର୍ଥ ଉପାର୍ଜନର ମାଧ୍ୟମ ବୋଲି ଜନୈକ ସଂଗଠକ ପ୍ରକାଶ କରିଛନ୍ତି। ଇ-ଶ୍ରମ କାର୍ଡ ପାଇଁ ସାଧାରଣ ଗରିବ ତଥା ଅଶିକ୍ଷିତ ଲୋକେ କିଛି ନ ବୁଝି, ଶହ ଶହ ଟଙ୍କା ଗଣି ଦେଉଛନ୍ତି ବୋଲି ସେ କହିଛନ୍ତି। ଶ୍ରମ ବିଭାଗର ଆନ୍ତରିକତା ଅଭାବ ପାଇଁ ଜିଲ୍ଲାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଶ୍ରମିକଙ୍କୁ ଶୋଷଣରୁ ରୋକିବା ବଦଳରେ ଶ୍ରମ ବିଭାଗ ଚୁପ୍ ବସିଛି। ଏନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହସମ୍ପାଦକ ତଥା ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକଙ୍କୁ ପଚାରିବାରେ, କେନ୍ଦ୍ର ସରକାର ଶ୍ରମିକମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଶ୍ରମ ଆଇନ ସଂଶୋଧନ କରି ସଂଗଠନ କରିବା ଅଧିକାର ଅପହରଣ କରିଛନ୍ତି। ରାଜ୍ୟ ସରକାର ସାମାଜିକ ସୁରକ୍ଷା ପାଇଁ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ବୀମା ଅନ୍ତର୍ଭୁକ୍ତ କରି ପରିଚୟ ପତ୍ର ଦେବା ସମୟରେ କେନ୍ଦ୍ର ସରକାର ଶ୍ରମିକ ସାମାଜିକ ସୁରକ୍ଷା ନାଁରେ ଭୋଟ୍ ହାତେଇବା ପାଇଁ ଚକ୍ରାନ୍ତ କରିଛନ୍ତି। ଇ-ଶ୍ରମ କାର୍ଡ କରିବା ଆଳରେ କେନ୍ଦ୍ର ସରକାର ରାଜ୍ୟରେ ଶ୍ରମିକଙ୍କୁ ପଥଭ୍ରଷ୍ଟ କରିବା ପାଇଁ କିଛି ଦଲାଲ ସୃଷ୍ଟି କରି ଶ୍ରମିକମାନଙ୍କୁ ଅନ୍ଧାରକୁ ଠେଲି ଦେଉଛନ୍ତି। ଏ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମ ଆଇନକୁ ଜନସାଧାରଣଙ୍କ ପାଖରେ ସଠିକ୍ ଭାବରେ ଜିଲ୍ଲା ଶ୍ରମ ବିଭାଗ ପହଞ୍ଚାଇବାରେ ବିଫଳ ହୋଇଛି। ଏଥିସହିତ ଶ୍ରମିକଙ୍କୁ ଶୋଷଣରୁ ମୁକ୍ତ କରିବାକୁ ଜିଲ୍ଲାରେ ଶ୍ରମ ବିଭାଗ ଗୁରୁତ୍ୱ ଦେଇନାହିଁ ବୋଲି କହିଛନ୍ତି।

## ଦିନକରେ ୧୪୦୦ ଜଣଙ୍କୁ ଟିକା

**ଖଣ୍ଡପଡ଼ା,୨୨।୯ (ସମିସ):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତରେ ବୁଧବାର ୬ଟି ଟିକାକେନ୍ଦ୍ରରେ ସଫଳତାର ସହିତ ୧୪୦୦ ଜଣଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଥିବା ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତ ବଳିଆରସିଂହ କହିଛନ୍ତି। ସୂଚନା ମୁତାବକ ଉକ୍ତ ପଞ୍ଚାୟତଟି ପୂର୍ବବର୍ଷ ରାଜ୍ୟ ବାହାରେ ଥିବା ପ୍ରବାସୀମାନଙ୍କ ସେବା ଯତ୍ନ କରି ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରି ସମଗ୍ର ନୟାଗଡ଼ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ସେହିଭଳି କୋଭିଡ୍ ଟିକାକରଣ ପାଇଁ ଯୁବ ସରପଞ୍ଚ ଶ୍ରୀ ବଳିଆରସିଂ ବ୍ୟାପକ ପ୍ରସ୍ତୁତି କରି ଶାନ୍ତିଶୃଙ୍ଖଳା ସହ ପଞ୍ଚାୟତବାସୀଙ୍କୁ ଟିକା ପ୍ରଦାନ କରାଇଛନ୍ତି। କୋଭିଡ୍ ଟିକା ଦାୟିତ୍ୱରେ ଥିବା ଡା. ଅଭିସାର ପଣ୍ଡା ଏବଂ ସିଡିଏମ୍‌ଓ ଏହି ମେଗା ଟିକାକରଣ ପାଇଁ ଖୁସି ବ୍ୟକ୍ତ କରିଥିବା ଜଣାପଡ଼ିଛି।

## ଭତ୍ତା ମିଳିବାରେ ବିଳମ୍ବ; ହୋହଲ୍ଲା



**ଚାନ୍ଦପୁର,୨୨।୯ (ସମିସ):** ରଣପୁର ବ୍ଲକ ଅନ୍ତର୍ଗତ ରାଇପଡ଼ା ପଞ୍ଚାୟତରେ ଗତ ମଙ୍ଗଳବାର ଦିନ ମିଳିବାକୁ ଥିବା ଭତ୍ତା ପାଇବା ଆଶାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କ ସହ ଅନେକ ଭିନ୍ନକ୍ଷମ ବ୍ୟକ୍ତି ସକାଳ ୮ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖରାରେ ଅଖିଆ ଅପିଆ ଉପସ୍ଥିତ ଥିଲେ। ମାତ୍ର କୌଣସି ପରିସ୍ଥିତିରେ ଭତ୍ତା ଟଙ୍କା ପାଇ ନ ଥିଲେ। ଫଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୂରଦୂରାନ୍ତରୁ ଗାଡ଼ି ଭଡ଼ା କରି ଆସିଥିବା ବ୍ୟକ୍ତିମାନଙ୍କ ଉପରେ ବିଳମ୍ବ ହେତୁ ଭଡ଼ା ବାବଦରେ ଅଧିକ ଭଡ଼ା ଦେବାକୁ ପଡ଼ିଥିଲା। ଅନେକ ଦିବ୍ୟାଙ୍ଗ ମହିଳା କ୍ଲାନ୍ତ ହୋଇ ପଞ୍ଚାୟତ ପରିସରରେ ବିଶ୍ରାମ ନେଇଥିଲେ। ଏ ସମସ୍ୟା ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ଜେନାଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି ମନ୍ତବ୍ୟ ଦେଇଥିଲେ। ଆଉ ମଧ୍ୟ ବିରକ୍ତ ହୋଇ କହିଲେ ଯେ, ଯେତେବେଳକୁ ଟଙ୍କା ଆସିବ ସେତେବେଳେ ଦିଆଯିବ। ଆପଣମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇପାରନ୍ତି। କର୍ତ୍ତୃପକ୍ଷଙ୍କ ଏ ସୂଚନା ଶୁଣି ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## ନୟାଗଡ଼ ଜିଲ୍ଲା ପରିଷଦର ସାଧାରଣ ଅଧିବେଶନ

**ନୟାଗଡ଼,୨୨।୯ (ସମିସ):** ବୁଧବାର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ସୃଜନଠାରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ବୈଜୟନ୍ତିମାଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲ୍ଲା ପରିଷଦର ୧୦ମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଣପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ବିଧାନଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ, ପୁରୀ ସାଂସଦଙ୍କ ପ୍ରତିନିଧି, ସମସ୍ତ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇ ଅଧିବେଶନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସର୍ବପ୍ରଥମେ ନୟାଗଡ଼ ବନଖଣ୍ଡ ବିଭାଗର ବନୀକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କେଉଁ ଅଞ୍ଚଳରେ କେତେ ବୃକ୍ଷରୋପଣ କରାଯାଇଛି ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ କି କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ଓ ୨ ସମ୍ପର୍କରେ ନୟାଗଡ଼ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ନିର୍ମାଣ ହୋଇଥିବା ଏବଂ ନିର୍ମାଣଧୀନ ଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ହୋଇଥିବା ବିଭିନ୍ନ ରାସ୍ତା ଓ କୋଠାବାଡ଼ି ସମ୍ପର୍କରେ ଆଲୋଚନା କରାଯାଇ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକୁ ତୁରନ୍ତ ଶେଷ କରିବା ପାଇଁ ମତ ପ୍ରକାଶ ପାଇଥିଲା। ନଳକୂପଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍ ଲାଇନ ଦ୍ୱାରା ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଯୋଜନା ପ୍ରସ୍ତୁତ କରିବାକୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ଗାଁକୁ ନାହିଁ ସବୁଦିନିଆ ରାସ୍ତା; ଦୁର୍ଦ୍ଦଶାରେ ଗ୍ରାମବାସୀ



**ଦଶପଲ୍ଲା,୨୨।୯ (ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ଅନେକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଏବେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ଫେଲ ମାରିଛି ପ୍ରଶାସନ। ଅନେକ ଗାଁକୁ ପକ୍କା ରାସ୍ତା ନଥିବାରୁ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗୁଥିବା ଦେଖାଯାଇଛି।

ଟାକରା ପଞ୍ଚାୟତର ବାଙ୍କତଇଲା ଗ୍ରାମକୁ ପକ୍କାରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇ ପାରୁନଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୬୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ସମେତ ମୁଣ୍ଡୁଲି, ନୂଆଗାଁ, ଶିମିଳିସାହି ପ୍ରଭୃତି ଗାଁର ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ବେହାଲ ହୋଇପଡୁଛି। ମନରେଗା ଯୋଜନାରେ ରାସ୍ତାର ଉନ୍ନତିକରଣ ପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ସୁଫଳ ମିଳୁନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବର୍ଷାଦିନେ କାଦୁଅ ପଚପଚ ରାସ୍ତା ପାଇଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ୪ ବର୍ଷ ପରେ ଫେରିଲା ଅପହୃତ ନାବାଳିକା

**ନୟାଗଡ଼,୨୨।୯ (ସମିସ):** ପାଖାପାଖି ୪ ବର୍ଷ ପରେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକା ନିଜ ପରିବାରକୁ ଫେରିଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ

- ରାଜ୍ୟ ବାହାରେ ରଖିଥିଲା ଅପହରଣକାରୀ ଯୁବକ
- ଫେଲ୍ ମାରିଥିଲା ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଛି। ତେବେ ଅପହରଣକାରୀ ଯୁବକଙ୍କ ପରିବାର ଧମକରେ ନାବାଳିକାଙ୍କ ପରିବାର ଭୟଭୀତ ଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୭ ଜୁନ୍ ମାସରେ ନାବାଳିକା ଜଣଙ୍କ ଟ୍ୟୁସନ୍ ଯାଉଥିବାବେଳେ ତାଙ୍କୁ ସ୍ଥାନୀୟ ଅଞ୍ଚଳର ପ୍ରତାପ ଜେନା ନାମକ ଜଣେ ଯୁବକ ଓ ତାଙ୍କ ସହଯୋଗୀ ମୁହଁରେ ରୁମାଲା ବାନ୍ଧି ଅପହରଣ କରିନେଇଥିଲେ। ଏହା ପରେ ତାଙ୍କୁ ଚେନ୍ନାଇରେ ରଖି ଅକଥନୀୟ ନିର୍ଯାତନା ଦେଉଥିଲେ। ଅପହରଣ ନେଇ ନାବାଳିକାଙ୍କ ପରିବାର ଶରଣକୁଳ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ତେବେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଫେଲ୍ ମାରିଥିଲା। ଶେଷରେ ନାବାଳିକାଙ୍କ ବାପା ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

୨୦୨୦ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ତଥାପି ନାବାଳିକାଙ୍କୁ ଉଦ୍ଧାର କରାଯାଇ ପାରିନଥିଲା। ତେବେ କିଛିଦିନ ତଳେ ନୟାଗଡ଼ର ଜଣେ ଯୁବକ ଚେନ୍ନାଇ କାମ କରିବାକୁ ଯାଇଥିଲେ। କୌଣସି ପରିସ୍ଥିତିରେ ସେ ନାବାଳିକାଙ୍କ ସମ୍ପର୍କରେ ଆସିଥିଲେ। ଉକ୍ତ ଯୁବକଙ୍କ ସହଯୋଗରେ ଏହି ନାବାଳିକା ନିଜ ପରିବାର ନିକଟକୁ ଫେରିଥିବା କୁହାଯାଉଛି। ତେବେ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ କ୍ରାଇମବ୍ରାଞ୍ଚ ପୁଲିସ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି।

## ଛେଳିଗୋଠ ଉପରେ ମାଡ଼ିଗଲା ହାଇୱା; ୫୦ ମୃତ

**ଓଡ଼ଗାଁ,୨୨।୯ (ସମିସ):** ମଙ୍ଗଳବାର ବିଳମ୍ବିତ ରାତିରେ ଓଡ଼ଗାଁ-ବାହାଡ଼ାଝୋଲା ରାସ୍ତାର ବାହାଡ଼ାପିଠା ମଶାବାରୀ ଗ୍ରାମ ମଧ୍ୟରେ ଥିବା ଲେଦ ଦୋକାନ ନିକଟରେ ଏକ ବାଲି ବୋଝେଇ ହାଇୱା ମାଡ଼ିଯିବାରୁ ୫୦ରୁ ଅଧିକ ଛେଳିଙ୍କ ମୃତ୍ୟୁ ହୋଇଛି। ତେବେ ୩ ଗୋଠ ଜଗୁଆଳି ଅଳ୍ପକେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

**ଅଳ୍ପକେ ବର୍ତ୍ତିଲେ ୩ ଗୋଠ ଜଗୁଆଳି**

ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଗୌଡ଼ପୁଟ ପଞ୍ଚାୟତ ଚମ୍ପାପାଣ୍ଡେରୀ ଗୋଲାସାହିର ସୁବାସ ପାତ୍ର(୬୦) ନିଜ ପୁଅ ରାଜେନ୍ଦ୍ର ପାତ୍ର ଏବଂ ସହଯୋଗୀ ଗୋଜା ସହାୟତାରେ ଶୁଳିଆ ଜଙ୍ଗଲ ପାଦଦେଶରୁ ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ଛେଳିଗୋଠକୁ ନେଇ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ଓଡ଼ଗାଁ ସିନେମାହଲ ଛକ ନିକଟ ବାହାଡ଼ାପିଠା-ମଶାବାରୀ ଲେଦ ପାଖରେ ଗୋଟିଏ ବାଲି ବୋଝେଇ ହାଇୱା ସମ୍ମୁଖରୁ ଦ୍ରୁତ ଗତିରେ ଆସି ଛେଳିଗୋଠ ଉପରେ ମାଡ଼ି ଯାଇଥିଲା। ଖବର ପାଇ ଓଡ଼ଗାଁ ପଲିସ ଭୋର ପ୍ରାୟ ୫ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଜବତ କରିବା ସହ ସୁବାସଙ୍କ ଅଭିଯୋଗ କ୍ରମେ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଡିକି ଭାଙ୍ଗି ଲକ୍ଷେ ଟଙ୍କା ଲୁଟ୍

**ଭାପୁର,୨୨।୯ (ସମିସ):** ଡିକି ଭାଙ୍ଗି ଟଙ୍କା ଲୁଟିନେଲା ଦୁର୍ବୃତ୍ତ। ବ୍ୟାଙ୍କରେ ସୁନା ବନ୍ଧକ ଦେଇ ଲକ୍ଷେ ଟଙ୍କା ନେଇ ଜଣେ ଯୁବକ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ବଜାରରେ ଔଷଧ କିଣିବା ସମୟରେ ତାଙ୍କ ବାଇକ୍ ଡିକି ଭାଙ୍ଗି କୌଣସି ଦୁର୍ବୃତ୍ତ ଟଙ୍କା ଲୁଟ୍ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଫତେଗଡ଼ ଥାନା ଶାସନ ପଞ୍ଚାୟତ ଟିକିରିପଡ଼ା ଗ୍ରାମର ଗୋବିନ୍ଦ ପରିଡ଼ା(୨୫) କିଛି ମାସ ପୂର୍ବରୁ ବିବାହ କରିଥିଲେ। ବିବାହ ସମୟରେ କରିଥିବା ଋଣ ଶୁଝିବା ପାଇଁ ସୁନା ଅଳଙ୍କାର ଆଜି ବ୍ୟାଙ୍କରେ ବନ୍ଧକ ଦେଇ ଏକ ଲକ୍ଷ ଟଙ୍କା ନେଇ ଘରକୁ ଫେରୁଥିଲେ। ତେବେ ବ୍ୟାଙ୍କ ନିକଟରେ ଥିବା ଔଷଧ ଦୋକାନରୁ ଔଷଧ କିଣିବା ସମୟରେ ତାଙ୍କ ବାଇକ୍ ଡିକି ଭାଙ୍ଗି ଲୁଟେରା ଟଙ୍କା ନେଇ ଫେରାର ହୋଇଯାଇଥିଲା। ଖବର ପାଇ ଭାପୁର ଫାଣ୍ଡି ଅଧିକାରୀ ଶଚ୍ଚିଦାନନ୍ଦ ସାମନ୍ତରାୟ ଓ ଫତେଗଡ଼ ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



**ଚାନ୍ଦପୁର,୨୨।୯ (ସମିସ):** ରଣପୁର ବ୍ଲକ ଶିଶୁବିକାଶ ପ୍ରକଳ୍ପ ଅନ୍ତର୍ଗତ ମୟୂରଝଲିଆ ଅଙ୍ଗନବାଡି କେନ୍ଦ୍ରରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପରିଦର୍ଶିକା ବିଜୟଲକ୍ଷ୍ମୀ ମୁଦୁଲି ଉଦ୍‌ଘାଟନ କରିବା ସହ ସୁସ୍ଥ ସମାଜ ଗଠନ ପାଇଁ ଗର୍ଭବତୀ ମହିଳା ମାନେ ପ୍ରତିଦିନ ଘରେ ବ୍ୟବହୃତ ହେଉଥିବା ଡାଲି, ସବୁଜ ପନିପରିବାରେ ପୋଷଣ ଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି ଖାଇବା ଏବଂ ସରକାରଙ୍କ ତରଫରୁ ମିଳୁଥିବା ସୁଜି ହାଲୁଆ, ବାଦାମ ଲଡୁ, ଅଣ୍ଡା, ଛତୁଆ ତଥା ମମତା ଯୋଜନାରେ ଗର୍ଭବତୀମାନଙ୍କୁ ମିଳୁଥିବା ଆର୍ଥିକ ସହାୟତାର ସଠିକ୍ ଉପଯୋଗ କରିବା ପାଇଁ ମତ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଛବିରାଣୀ ବିଶୋଇଙ୍କ ଅଧ୍ୟକ୍ଷତାରେ ମହିଳାମାନଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଙ୍ଗନବାଡ଼ି କର୍ମୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଚିନ୍ତା ବଢ଼ାଇଲାଣି ଧଳାଜହର; ଖୋର୍ଦ୍ଧାରୁ ଲମ୍ବିଛି ଚେର

**ନୟାଗଡ଼,୨୨।୯ (ସମିସ):**



**ନିଶା ପାଇଁ ଜିଲ୍ଲାରେ ବଢୁଛି ଅପରାଧ**

**ନିରବଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ**

ବ୍ରାଉନ୍‌ସୁଗର ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି ଖୋର୍ଦ୍ଧା। ଖୋର୍ଦ୍ଧାର ବିଭିନ୍ନ ବସ୍ତି ଅଞ୍ଚଳରୁ ନୟାଗଡ଼କୁ ଚାଲାଣ ହେଉଛି ଧଳାଜହର। ନୟାଗଡ଼ ଜିଲ୍ଲାରେ ଦିନକୁ ଦିନ ଧଳାଜହର କାରବାର ବଢୁଥିବା ବେଳେ ଖୋର୍ଦ୍ଧାରୁ ଏହା ନିୟନ୍ତ୍ରଣ ହେଉଛି। ଖୋର୍ଦ୍ଧାରୁ ନୟାଗଡ଼ ପର୍ଯ୍ୟନ୍ତ ଚେର ଲମ୍ବି ଥିବା ବେଳେ ନିଶା ଜାଲରେ ଛନ୍ଦି ହେଇ ଯାଉଛନ୍ତି ଯୁବପିଢ଼ୀ।

ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼ର କିଛି ନିଶା ମାଫିଆଙ୍କ ଛତ୍ରଛାୟା ତଳେ ଏପରି ଘୃଣ୍ୟ କାର୍ଯ୍ୟ ଚାଲିଛି। ଗୋଟିଏ ପୁଡ଼ିଆକୁ ୫ ଶହରୁ ୭ ଶହ ଟଙ୍କାରେ ବିକ୍ରି କରି ମାଲାମାଲ ହେଉଛନ୍ତି ନିଶା ମାଫିଆ। ଜିଲ୍ଲାରେ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ଯେତେ ଚେଷ୍ଟା କରାଗଲେ ବି ନୂଆ ନୂଆ ନିଶା ବେପାରୀ ସୃଷ୍ଟି ହେବା ଦ୍ୱାରା ପରିସ୍ଥିତିରେ ସୁଧାର ଆସୁନାହିଁ। ଜିଲ୍ଲା ପୁଲିସ ପ୍ରମୁଖ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବା ପରେ ଏବେ ଖୋର୍ଦ୍ଧା ଜିଲ୍ଲାରୁ ପ୍ରତ୍ୟେକ ଦିନ କିଛି ଯୁବକ ନୟାଗଡ଼ ଆସି ବ୍ୟବସାୟ କରୁଥିବା ଦେଖାଯାଇଛି। ବିଗତ ଦିନରେ ଖୋର୍ଦ୍ଧା ଜିଲ୍ଲାର କିଛି ଯୁବକଙ୍କୁ ପୁଲିସ ଗିରଫ ମଧ୍ୟ କରିଛି। ତଥାପ ନିଶା କାରବାର ଉପରେ ଅଙ୍କୁଶ ଲାଗି ପାରୁନାହିଁ। ନିଶା କବଳରେ କବଳିତ ହୋଇ ଅନେକ ପରିବାର ଛାରଖାର ହେବାକୁ ବସିଥିବା ବେଳେ ଏହାକୁ ରୋକିବାରେ ପୁଲିସ ବିଫଳ ହୋଇଛି। ନିଶା ମାଫିଆଙ୍କୁ ସାବାଡ଼ କରିବା ପାଇଁ ପ୍ରତ୍ୟେକ ଥାନାରେ ସ୍ୱତନ୍ତ୍ର ଟିମ୍ ଗଠନ କରାଗଲେ କିଛିଟା ସୁଧାର ଆସନ୍ତା ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି। ନୟାଗଡ଼ ଜିଲ୍ଲା ପୁଲିସ ଗତ କିଛିମାସ ହେବ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ଯଥେଷ୍ଟ ଚେଷ୍ଟା କରିଛି। ବ୍ରାଉନସୁଗର ବେପାରୀଙ୍କୁ ସାବାଡ଼ କରିବାକୁ ଉଦ୍ୟମ କରିଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟରିଆଙ୍କ ନେତୃତ୍ୱରେ ଗଠନ ହୋଇଥିବା ସ୍ପେଶାଲ ଟିମ୍ ଏ ଦିଗରେ ଉଦ୍ୟମ କରିଥିଲେ ମଧ୍ୟ ଆଖିଦୃଶିଆ ସଫଳତା ପାଇପାରୁ ନାହିଁ। ଗତ ୯ ମାସ ମଧ୍ୟରେ ଜିଲ୍ଲାରେ ୫ ଶହ ଗ୍ରାମରୁ ଅଧିକ ବ୍ରାଉନସୁଗର ଜବତ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ମଧ୍ୟ ଗିରଫ ହୋଇଛନ୍ତି। ତଥାପି ପରିସ୍ଥିତିରେ ସୁଧାର ଆସୁନାହିଁ। ଚଳିତ ମାସରେ ବିଭିନ୍ନ ଥାନା ପୁଲିସ ଜବତ କରିଥିବା ବ୍ରାଉନସୁଗରର ପରିମାଣର ୧୦୦ ଗ୍ରାମରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୦ରୁ ଅଧିକ। ତଥାପି ବ୍ରାଉନସୁଗର କାରବାର କରୁଥିବା ବ୍ୟକ୍ତିଙ୍କ ଉପରେ କୌଣସି ପ୍ରଭାବ ପଡ଼ିବା ଭଳି ଲାଗୁ ନାହିଁ। ଅନ୍ୟପକ୍ଷରେ ନୟାଗଡ଼ ଜିଲ୍ଲାର ଗାଁ ଗାଁରେ ବ୍ରାଉନସୁଗର କାରବାର କାୟା ମେଲାଇ ସାରିଲାଣି। ବିଗତ ଦିନରେ ଗଞ୍ଜେଇ, ଭାଙ୍ଗ, ଚୁରୁମା ଖାଉଥିବା ନିଶାଡ଼ି ଏବେ ବ୍ରାଉନସୁଗର ମୁହାଁ ହୋଇସାରିଲେଣି। ଏପରିକି ସ୍କୁଲ ପଢୁଆ ଛାତ୍ରଛାତ୍ରୀ ଏବେ ଲୁଚା ଛପାରେ ନିଶା ଖାଇଲେଣି। ପୁଲିସ ବ୍ରାଉନସୁଗର ବ୍ୟବସାୟୀଙ୍କୁ ଗିରଫ କରିବା ପରେ ସେମାନଙ୍କ ପତ୍ନୀମାନେ ଏହି କାରବାର କଲେଣି। ଅବକାରୀ ବିଭାଗର ନିଷ୍କ୍ରିୟତାର ଫାଇଦା ନେଉଛନ୍ତି ନିଶା ବେପାରୀ। ନୟାଗଡ଼ ପୁଲିସ କିଛି ମାତ୍ରାରେ ଧରପଗଡ଼ କରୁଥିବା ବେଳେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ ଉଠିଲାଣି। ଅନ୍ୟପକ୍ଷରେ, ଜିଲ୍ଲାରେ ଏଭଳି ନିଶା କାରବାରକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ ଗତ ସାମ୍ବାଦିକ ସମ୍ମିଳନୀରେ ସ୍ୱୀକାର କରିଛନ୍ତି। ଏହାକୁ ରୋକିବାକୁ ସ୍ପେଶାଲ୍ ସ୍କ୍ୱାଡ୍ ଗଠନ ହୋଇଥିବା ସେ କହିଛନ୍ତି। ମାତ୍ର ଜିଲ୍ଲାରେ ନିଶା କାରବାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ପ୍ରତି ଥାନାରେ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ସାଧାରଣରେ ଦାବି ହେଉଛି।

## ପୁସ୍ତକ ‘କିଛି ଲେଖା’ ଉନ୍ମୋଚିତ

**ଖୋର୍ଦ୍ଧା,୨୨।୯ (ସମିସ):** ବେଗୁନିଆ ସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠର ସଭାଗୃହ ଠାରେ “ମା ବେଗୁନିଆ ପରିବାର’ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ପ୍ରମୋଦ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ‘କିଛି ଲେଖା’ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ଉପଜିଲ୍ଲାପାଳ ସୁଧାକର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଳିଚରଣ ଜଗସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚିତ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଡ. ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କାଳନ୍ଦୀ ଚରଣ ସାହୁ ଓ ଡ. ପ୍ରତିମା ଷଡ଼ଙ୍ଗୀ ଯୋଗଦେଇ ସାହିତ୍ୟ ବିନା ସଂସ୍କୃତି ଓ ସମାଜ ତିଷ୍ଠି ରହିବା ଅସମ୍ଭବ ବୋଲି ମତ ରଖିଥିଲେ। ଆବାହକ ସୋମନାଥ ବିଷୋୟୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ, ବ୍ୟବସ୍ଥାପକ ବାସୁଦେବ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ସମ୍ପାଦନା ମଣ୍ଡଳୀର ରାମ ମାନସ ପଣ୍ଡା ଓ ବିଶ୍ୱରଞ୍ଜନ ମିଶ୍ର ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ସଭା ପରିଚାଳନାରେ ସହାୟତା କରିଥିଲେ। ଅଧ୍ୟାପକ ନବକିଶୋର ବିଶୋଇ ଧନ୍ୟବାଦ ଦେଇଥିଲେ।

## ବନ୍ୟାବିପନ୍ନଙ୍କୁ ଖାଦ୍ୟସାମଗ୍ରୀ ବଣ୍ଟନ

**ନିରାକାରପୁର,୨୨।୯ (ସମିସ):** ଖୋର୍ଦ୍ଧା ସଦର ଡ୍ରାଇଭର ମହାସଂଘ ପକ୍ଷରୁ ଖୋର୍ଦ୍ଧା ବ୍ଲକ ଓରବରସିଂହ ହିରିମୂଳ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଡ୍ରାଇଭର ମହାସଂଘର ସଭ୍ୟମାନେ ଡିହଖୋଲା ଗ୍ରାମଠାରୁ ଡଙ୍ଗା ଦ୍ୱାରା ହିରିମୂଳ ଗ୍ରାମକୁ ଆସି ୩୦ରୁ ଊର୍ଦ୍ଧ୍ୱ ପରିବାରକୁ ଚୁଡ଼ା,ଚିନି, ବିସ୍କୁଟ୍ ସହ ବିଭିନ୍ନ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ନିଜିଗଡ଼ ତାପଙ୍ଗର ଭାଲୁ ଭାଇ, ଝିଙ୍କିଝାରୀର ପ୍ରଶାନ୍ତ ଦାସ, ତରାବୋଇର ରାଜେଶ ସାମନ୍ତସିଂହାର, ବିଭୂତିଭୂଷଣ ବେହେରା, ଗୋଡ଼ିପଡ଼ାର ସଞ୍ଜୟ ବେହେରା, ଅକ୍ଷୟ ବେହେରା ଓ ସୁବାଷ ବେହେରା, ଅଠରଙ୍ଗର ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ଝିଙ୍କିଝାରୀର ସୁଶାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ।

## ଖାଲରୁ ଷଣ୍ଢ ଉଦ୍ଧାର କଲେ ଲୋକେ

**ଖୋର୍ଦ୍ଧା,୨୨।୯ (ସମିସ):** ଗଭୀର ଖାଲରୁ ଏକ ଷଣ୍ଢକୁ ଉଦ୍ଧାର କଲେ ଲୋକେ। ଗତ କିଛିଦିନ ଧରି ପ୍ରବଳ ବର୍ଷା ଯୋଗୁଁ ଖୋର୍ଦ୍ଧା ସହରର ଶ୍ରୀରାମ ନଗରରେ ଏକ ବିରାଟ ଖାଲରେ ପ୍ରାୟ ଆଠ ଫୁଟର ପାଣି ଭର୍ତ୍ତି ହୋଇ ରହିଥିଲା। ଏହା ଚାରିପଟେ ସ୍ଥାନୀୟ ଲୋକେ ଅଳିଆ ଆବର୍ଜନା, ପରିବା ଚୋପା ପକାଇଥିଲେ। ଷଣ୍ଢଟି ଖାଦ୍ୟ ଖୋଜୁ ଖୋଜୁ ଏହି ଖାଲରେ



ଖସି ପଡ଼ିଥିଲା। ଖାଲରୁ ଉଠିବା ପାଇଁ ଚେଷ୍ଟାକରି ବିଫଳ ହେବାରୁ ନିସ୍ତେଜ ହୋଇପଡ଼ିଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଷଣ୍ଢକୁ ଉଦ୍ଧାର କରିଥିଲା।

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## କେସ୍ ରେକର୍ଡ ସ୍ଥାନାନ୍ତର ଦାବି

**ଟାଙ୍ଗୀ,୨୨।୯ (ସମିସ):** ଟାଙ୍ଗୀ ଗ୍ରାମ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କାର୍ଯ୍ୟାଳୟକୁ ଟାଙ୍ଗୀ ବ୍ଲକ ଅଧୀନ କମାଗୁରୁ, ସରପାରି, ଛଣଗିରି, ଓଳସିଂହ, ଅଚ୍ୟୁତପୁର, ଟାଙ୍କୋଳ ଆଦି ପଞ୍ଚାୟତର ମୋକଦ୍ଦମା ସମ୍ପର୍କିତ କାଗଜପତ୍ର ଦୀର୍ଘ ବର୍ଷ ଧରି ସ୍ଥାନାନ୍ତର କରାଯାଉନଥିବା ପ୍ରତିବାଦରେ ଆଜିଠୁ ଟାଙ୍ଗୀ ଲୟର୍ସ ବାର୍ ଆସୋସିଏସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ସୂଚନାଯୋଗ୍ୟ, ଗ୍ରାମ ନ୍ୟାୟାଳୟ ଆଇନ ଅନୁସାରେ ଏହି ୬ଟି ପଞ୍ଚାୟତ ଟାଙ୍ଗୀ ପଞ୍ଚାୟତ ସମିତିରେ ଅନ୍ତର୍ଭୁକ୍ତ। ମାତ୍ର ଟାଙ୍ଗୀ ଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ସ୍ଥାପନ ହେବାର ୮ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ପଞ୍ଚାୟତଗୁଡ଼ିକର ମୋକଦ୍ଦମା ରେକର୍ଡ ସ୍ଥାନାନ୍ତର କରାଯାଇନଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତଗଡ଼ିକର ମୋକଦ୍ଦମା ସମ୍ପର୍କୀୟ କାଗଜପତ୍ର ଖୋର୍ଦ୍ଧା ଏସ୍‌ଡିଜେଏମ୍, ଜେଏମ୍‌ଏଫ୍‌ସି, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ, ଜେଏମ୍‌ଏସ୍‌ସିଙ୍କ ପରିସରଭୁକ୍ତ ରହିଥିବା ଜଣାପଡ଼ିଛି। ଲୟର୍ସ ବାର ଆସୋସିଏସନର ସଭାପତି ବୈକୁଣ୍ଠନାଥ ଉଦୟସିଂ, ସମ୍ପାଦକ ପିତବାସ ନାୟକ, ପୂର୍ବତନ ସଭାପତି ଭାସ୍କର ପ୍ରସାଦ ମହାନ୍ତି, ପୂର୍ବତନ ସଭାପତି ନକୁଳ ନାୟକ, ବରିଷ୍ଠ ଆଇନଜୀବୀ ହମିଦ ମିରା, କାର୍ଯ୍ୟକାରୀ ସଦସ୍ୟ ମନୋଜ କୁମାର ପଟ୍ଟନାୟକ, ତପନ କୁମାର ମହାନ୍ତି, ଅଶ୍ୱନି କୁମାର ମହାନ୍ତି, ରାମଚନ୍ଦ୍ର ପାତ୍ର, ସହ ସମ୍ପାଦକ ମଙ୍ଗରାଜ ମହାପାତ୍ର ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ଗ୍ରାମ ନ୍ୟାୟାଳୟର ସମସ୍ତ କାର୍ଯ୍ୟ ଅଚଳ ହୋଇପଡ଼ିଛି।

## ବାଲୁଗାଁ-ବାଣପୁର ରାସ୍ତାରେ କମିଲା ବନ୍ୟାଜଳ

**ବାଲୁଗାଁ,୨୨।୯ (ସମିସ):** ବାଲୁଗାଁ-ବାଣପୁର ରାସ୍ତାରେ ବନ୍ୟାଜଳ କମିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ଲଗାତାର ତିନି ଦିନ ଧରି ଲଘୁଚାପ ଜନିତ ବର୍ଷା ବିପ୍ଳାତ ଯୋଗୁଁ ଶାଳିଆ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ବାଣପୁର ଉପର ମୁଣ୍ଡାରେ ଥିବା ଶାଳିଆ ଡ୍ୟାମରେ ଜଳସ୍ତର ବୃଦ୍ଧି ଘଟିଥିôଲା। ଜଳ ନିଷ୍କାସନ ପାଇଁ ଡ୍ୟାମର ଗେଟ୍ ଖୋଲା ହେବାରୁ ଶାଳିଆ ନଦୀରେ ପ୍ରବଳ ପାଣି ଆସି ବାଲୁଗାଁ-ବାଣପୁର ମୁଖ୍ୟ ରାସ୍ତାରେ ଅବସ୍ଥିତ ମା’ ମେଘାମ୍ବରୀଙ୍କ ମନ୍ଦିର ଠାରୁ ନନ୍ଦପୁର ଛକ ପର୍ଯ୍ୟନ୍ତ ଆଣ୍ଠୁଏ ଉଚ୍ଚରେ ପାଣିର ସୁଅ ଛୁଟିଥିଲା। ଫଳରେ ନିକଟରେ ଥିବା ଘରମାନଙ୍କ ଭିତରେ ପାଣି ପଶିବା ସହ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିôଲେ। ଏପରିକି ଦୀର୍ଘ ଦିନ ହେବ ସେଠାରେ ବର୍ଷାଜଳର ସୁଅ ଛୁଟିଥିବାରୁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ରାସ୍ତା ଖାଇ ଗର୍ତ୍ତ ହୋଇଯାଇଥିବାରୁ ପଥଚାରୀମାନେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଟି ବାଲୁଗାଁ-ବାଣପୁର ମଧ୍ୟରେ ଯାତାୟାତ ପାଇଁ ମୁଖ୍ୟ ରାସ୍ତା ହୋଇଥିବାରୁ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହାନ ଏହି ରାସ୍ତାରେ ଯାତାୟାତ କରିଥାଏ। ମାତ୍ର ଏହି ପରିସ୍ଥିତିରେ ଦୀର୍ଘ ଚାରିଦିନ ହେବ ବାଲୁଗାଁ-ବାଣପୁରକୁ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଥିôଲା। ଏପରିକି ମା’ ମେଘାମ୍ବରୀ ମନ୍ଦିର ନିକଟରେ ଥିବା ଏକ ଅସ୍ଥାୟୀ ଟିକାଦାନ କେନ୍ଦ୍ରରେ ମଧ୍ୟ ପାଣି ପଶିଯିବା ଫଳରେ ଟିକାଦାନରେ ମଧ୍ୟ ବାଧା ସୃଷ୍ଟି ହୋଇଥିôଲା। ତେବେ ବର୍ଷା ଦିନେ ଦୀର୍ଘ ବର୍ଷ ଧରି ଏହି ସ୍ଥାନରେ ଏଭଳି ଅବସ୍ଥା ଉପୁଜୁଥିବା ନେଇ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଅଭିଯୋଗ କରିଆସୁଥିଲେ ହେଁ ଏଯାବତ ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ସରିଲା ମାସିକିଆ ଡିଲ୍; ଗଡ଼ିଲା ବେଧଡ଼କ ପଥର ବୋଝେଇ ଗାଡ଼ି

# ବାଡ଼ ଯେବେ ଫସଲ ଖାଏ...

**ନିରାକାରପୁର,୨୨।୯ (ସମିସ)**

କଥା ଅଛି ବାଡ଼ ଯେବେ ଫସଲ ଖାଏ ଦୋଷ ଦେବା କାହାକୁ ନ୍ୟାୟରେ ଏଠି ଯଦି ଜଗିବା ଲୋକ ମାସିକିଆ ବଟି ଡିଲ୍ କରି ବେଆଇନ କାର୍ଯ୍ୟ କରିବାକୁ ପ୍ରଶ୍ରୟ ଦିଅନ୍ତି ତେବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ନିଶ୍ଚିତ। ଏଭଳି ଘଟଣା ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି।

ଟାଙ୍ଗୀ ତହସିଲ୍ ଅଧୀନସ୍ଥ ନିରାକାରପୁର ରାଜସ୍ୱ ନିରୀକ୍ଷକ, ଅଚ୍ୟୁତପୁର ରାଜସ୍ୱ ନିରୀକ୍ଷକ, ଖୋର୍ଦ୍ଧା ତହସିଲ ଜଙ୍କିଆ ଓ ଗୋଳବାଇ ରାଜସ୍ୱ ନିରୀକ୍ଷକଙ୍କ ଅଧୀନସ୍ଥ ଅଞ୍ଚଳରୁ ବେଧଡ଼କ ବେଆଇନ ପଥର କଟାଯାଇ ଚୋରା ଚାଲାଣ କରାଯାଉଛି। ପ୍ରଶାସନ କିନ୍ତୁ ନାମକୁ ମାତ୍ର କିଛି ଗାଡ଼ି ଓ ଖଣି ଉପରେ ଲୋକ



ଦେଖାଣିଆ ଚଢ଼ଉ କରି କେଉଁଠି ଧମକାଇ କୋହଳ ଦଫା ଲଗାଇ ଛାଡ଼ି ଦେଉଛି ତ କେଉଁଠି ମୋଟା ଅଙ୍କର କାରବାରରେ ମୁଣ୍ଡକୁ ତଳମୁହାଁ କରି ବେଶ୍ ହାତ ଚିକ୍କଣ କରୁଛି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଥିଲେ ବି ସେମାନଙ୍କ ଯାଏ କେତେ ଆସେ କେତେ ନିଜ ପକେଟ୍ ଗରମ ହେଲେ ଗଲା। ଗତ କିଛିଦିନ ହେବ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ସ୍ଥାନୀୟ ପ୍ରଶାସନର କଡ଼ା ଚଢ଼ଉ ଆଉ ଜଗାରଖା ଯୋଗୁଁ ବେଆଇନ ପଥରବୋଝେଇ ଗାଡ଼ି ଯାତାୟାତ କରିପାରୁ ନ ଥିଲା। ଯଦି କେବେ ଯାଉଥିଲା ତେବେ ଧରାପଡ଼ିଲେ ଗାଡ଼ି ଜବତ ହେଉଥିଲା ଆଉ ଗାଡ଼ିବାଲା କେସ୍ ଖାଉଥିଲା। କିନ୍ତୁ ଶୁଣିବାକୁ ମିଳୁଛି କୁଆଡ଼େ ମାସିକିଆ ଡିଲ୍ ଛିଡ଼ିବା ପରେ ଏବେ ଆଜିଠାରୁ ପଥରବୋଝେଇ ଗାଡ଼ି ବେଧଡ଼କଭାବେ ପ୍ରଶାସନର ଛାତି ଉପରେ ଦମ୍ଭର ସହ ଯାତାୟାତ ଆରମ୍ଭ କରିଦେଇଛନ୍ତି। ଭୋରୁ ଏହି ଗାଡ଼ିଗୁଡ଼ିକ ନିରାକାରପୁର ଅତିକ୍ରମ କରି ଯାଉଥିବାବେଳେ ଏମାନଙ୍କ ଉପରେ ଆଉ ଲଗାମ ନ ଥିବା ଭଳି ମନେ ହେଉଛି। ଅନ୍ୟ ପଟେ ଏହି ପଥରବୋଝେଇ ଗାଡ଼ିଗୁଡ଼ିକ ଯାତାୟାତ ଫଳରେ ଗ୍ରାମାଞ୍ଚଳରୁ ଆରମ୍ଭ କରି ବଜାରଘାଟର ରାସ୍ତା ଖରାପ ହେଉଥିବାରୁ ପ୍ରଶାସନ କିପରି ଏହାକୁ ସବୁ ଜାଣିଶୁଣି ପ୍ରଶ୍ରୟ ଦେଉଛି ତାହା ବୁଝାପଡୁନାହିଁ। ଆଗକୁ ଆଉ କେଉଁ କେଉଁ ଚୋରା ବେପାର ଡିଲ୍‌ରେ ଚାଲୁଛି ତାହା ଦେଖିବାକୁ ବାକି ରହିଲା।

## ଆନ୍ତର୍ଜାତିକ ଶାନ୍ତି ଦିବସରେ ଚାରାରୋପଣ

**ଟାଙ୍ଗୀ,୨୨।୯ (ସମିସ):** କନ୍ଧନୟାଗଡ଼ ପଞ୍ଚାୟତ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଣପୁର ବ୍ଲକ ସ୍କାଉଟସ୍ ଆଣ୍ଡ ଗାଇଡସ୍‌ର ଛାତ୍ରଛାତ୍ରୀ ମାନେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ପାଇକରା, ଦେବଦାରୁ ଓ ବଉଳ ଗଛ ସମେତ ପ୍ରାୟ ୫୦ଟି ଗଛ ଲଗାଯାଇଥାଲା। ଛାତ୍ରଛାତ୍ରୀ ମାନେ କରୋନା ସଚେତନତାର ବାର୍ତ୍ତା ଦେବା ସହ ପ୍ଲା କାର୍ଡ ଧରି ରଘୁଦିବାକର ହାଇସ୍କୁଲ ଠାରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ବୃକ୍ଷରୋପଣ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି, ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ, ଗାଇଡ କ୍ୟାପଟେନ୍ ବିନୋଦିନୀ ସୁନ୍ଦରାୟ, ୱାର୍ଡସଭ୍ୟ ଶ୍ରୀକାନ୍ତ କୁମାର ଜେନା, ରୂପେନ୍ଦ୍ର ଖମାରି, ସୁଧାଂଶୁ ଶେଖର ପ୍ରଧାନ, ଲକ୍ଷ୍ମୀଧର ବେହେରା, ଭଗବାନ ଗୁରୁ ପ୍ରମୁଖ ସହାୟତା କରିଥିଲେ।

### ଶାଳିଆ ନଦୀରେ ବୃଦ୍ଧ ଭାସିଯିବା ଘଟଣା

## ୨ ଦିନ ପରେ ମୃତଦେହ ଉଦ୍ଧାର

**ବାଣପୁର/ବାଲୁଗାଁ,୨୨।୯ (ସମିସ):** ଦୀର୍ଘ ୪୮ ଘଣ୍ଟାର ପରିଶ୍ରମ ପରେ ଶାଳିଆ ନଦୀରେ ଭାସି ଯାଇଥିବା ଚରଣ ବେହେରାଙ୍କ ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ଆଜି ପୂର୍ବାହ୍ନରେ ବାଣପୁର ଓ ବାଲୁଗାଁ ଅଗ୍ନିଶମ ବାହିନୀ ମିଳିତ ଭାବେ ମାଣିକପୁର ଗ୍ରାମଠାରୁ ପ୍ରାୟ ତିନି କିଲୋମିଟର ଦୂର ବେଙ୍ଗରାଜପଲ୍ଲୀ ଗ୍ରାମ ବରସାହି ନିକଟସ୍ଥ ନଦୀରୁ ଚରଣଙ୍କ ମୃତଦେହ ଉଦ୍ଧାର କରିଛି। ପୁଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାଯୋଗ୍ୟ ଯେ, ସୋମବାର ସକାଳେ ବାଣପୁର ଥାନା ମାଣିକପୁର ଗ୍ରାମର ଚରଣ ବେହେରା ଗାଧୋଇବା ପାଇଁ ଶାଳିଆ ନଦୀକୁ ଯାଇଥିବା ବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଦୁଇ ଦିନ ହେବ ବାଣପୁର ଓ ବାଲୁଗାଁ ଅଗ୍ନିଶମ ବାହିନୀ, ସ୍ଥାନୀୟ ଜନସାଧାରଣ ଏବଂ ପୁଲିସ ଅକ୍ଳାନ୍ତ ପରିଶ୍ରମ କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନଥିଲା। ଆଜି ପୂର୍ବାହ୍ନରେ ବେଙ୍ଗରାଜପଲ୍ଲୀ ଗ୍ରାମ ବରସାହି ନିକଟସ୍ଥ ନଦୀରୁ ଚରଣଙ୍କ ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଚରଣଙ୍କ ମୃତ୍ୟୁ ସମ୍ପର୍କରେ ଏକ ବିବରଣୀ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚରଣଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ପାଢୀ ପ୍ରତିଶ୍ରୁତି ଦେଇଛନ୍ତି।




## କୃଷି ଓ କୃଷକଙ୍କ ପାଇଁ ସଚେତନତା ରଥ

**ଖୋର୍ଦ୍ଧା,୨୨।୯ (ସମିସ):** ଧାନ ଚାଷ ଓ ରୋଗପୋକ ନିୟନ୍ତ୍ରଣ ପାଇଁ ଖୋର୍ଦ୍ଧା ଓ ଜଟଣୀ ବ୍ଲକର ବିଭିନ୍ନ ଅଚଂଳରେ ସଚେତନତା ରଥ ପରିକ୍ରମା କରାଯାଇଛି। ଏହି ରଥକୁ ଆଜି ଜିଲ୍ଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣା, ସହକାରୀ କୃଷି ଅଧିକାରୀ ନାରାୟଣ ସେଠୀ, ସନ୍ତୋଷ କୁମାର ବିଶ୍ୱାଳ, ରାଧାଶ୍ୟାମ ଦାସ ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗୋଷ୍ଠୀ ସଂଯୋଜକ କ୍ଷୀରୋଦ କୁମାର ପଣ୍ଡା ପ୍ରମୁଖ ସଚେତନତା ରଥରେ ଯାଇ ଧାନଚାଷରେ ରୋଗପୋକ ନିୟନ୍ତ୍ରଣ ସହ ସାରର ବ୍ୟବହାର ଓ ଉନ୍ନତମାନର ଚାଷକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ।

## ୩୫୦୦ ଲିଟର ପୋଚ ନଷ୍ଟ; ୨ ଗିରଫ

**ବାଲୁଗାଁ,୨୨।୯ (ସମିସ):** ଚିଲିକା ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ଆଜି ସକାଳେ ଖୋର୍ଦ୍ଧା, ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ଏବଂ ବାଣପୁର ପୁଲିସ ମିଳିତ ଭାବେ ଚଢ଼ଉ କରି ବାଣପୁର ଥାନା ପୋଡ଼ାସାହି ଓ ସାଳିଆ ଡ୍ୟାମ୍ ନିକଟରୁ ୧୩୩ ଲିଟର ଦେଶୀ ମଦ ଜବତ କରିଛି। ଦେଶୀମଦ ପାଇଁ ପ୍ରସ୍ତୁତ ହୋଇଥିବା ୩୫୦୦ ଲିଟର ପୋଚକୁ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପୋଡ଼ାସାହିର ହେମନ୍ତ ଘଡ଼ାଇ(୫୫) ଓ ପଟ ନାୟକ(୫୨)।



ପ୍ରକାଶ ଯେ, ବୁଧବାର ସକାଳେ ଚିଲିକା ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡାଙ୍ଗୁଆଙ୍କ ନେତୃତ୍ୱରେ ଖୋର୍ଦ୍ଧା, ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ସହ ବାଣପୁର ପୁଲିସ ମିଳିତ ଚଢ଼ଉ କରିଥିଲା। ଚଢ଼ଉବେଳେ ବାଣପୁର ଥାନା ଶାଳିଆ ଡ୍ୟାମ ନିକଟରୁ ୩୫୦୦ ଲିଟର ପୋଚ ନଷ୍ଟ କରାଯିବା ସହ ପୋଡ଼ାସାହି ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରୁଥିବା ଦେଶୀ ମଦ ବ୍ୟବସାୟୀ ହେମନ୍ତଠାରୁ ୧୦୬ ଲିଟର ଓ ପଟ ନାୟକ ଠାରୁ ୨୭ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେମାନଙ୍କ ବିରୋଧରେ ବାଲୁଗାଁ ଅବକାରୀ ବିଭାଗ ଓ ବାଣପୁର ପୁଲିସ ପକ୍ଷରୁ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ସହଅଧୀକ୍ଷକ ସୁମିତ୍ରା ଓରାମ, ଅବକାରୀ ଅଧିକାରୀ ଭୈରବ ସାହୁ, ଟାଙ୍ଗୀ ଅବକାରୀ ବିଭାଗ ନିରୀକ୍ଷକ ଆଲୋକ ପ୍ରଧାନ, ବାଲୁଗାଁ ଅବକାରୀ ଉପନିରୀକ୍ଷକ ମନୋଜ ବାରିକ, ବାଣପୁର ପୁଲିସ ଏବଂ ଅବକାରୀ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଯୁବ ଚାଷୀଙ୍କୁ କିଷାନ ଯବାନ ସମ୍ମାନ

**ଜଟଣୀ,୨୨।୯ (ସମିସ):** ଯୁବ ଚାଷୀଙ୍କୁ କିଷାନ ଯବାନ ସମ୍ମାନ। ଜଟଣୀ ବ୍ଲକ ହରିପୁର ପଞ୍ଚାୟତ ଅରୁଗୁଲୁ ବରଅରା ଗ୍ରାମର ଜିତେନ୍ଦ୍ର ନାଥ ପ୍ରଧାନଙ୍କ ବଡ଼ ପୁଅ ଯଯାତି କେଶରୀ ପ୍ରଧାନ ଜୈବିକ ପଦ୍ଧତିରେ ଉତ୍ତର-ପୂର୍ବ ଭାରତୀୟ ଅଞ୍ଚଳର କଳାବତୀ ଧାନ ଚାଷ କରି ଏହି ସଫଳତା ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମଦିନ ଅବସରରେ ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି। କଳାବତୀ ଧାନରେ ବହୁ ଔଷଧୀୟ ଗୁଣ ଭରି ରହିଥିବାରୁ ଭାରତୀୟ ବଜାରରେ ଏହାର ଚାହିଦା ଅଧିକ। ଯଯାତି ଏହି ଚାଷ କରି ଭଲ ରୋଜଗାର କରିବା ସହ ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। କଳାବତୀ ଧାନ ବ୍ୟତିତ ଜୈବିକ ପଦ୍ଧତିରେ ଛତୁ ଚାଷ, ନିମ୍ବପତ୍ର ଦ୍ୱାରା କୀଟନାଶକ ଔଷଧ ପ୍ରସ୍ତୁତ କରି ପ୍ରୟୋଗ କରିବା ଏବଂ ଜୈବିକ ସାର ପ୍ରୟୋଗ କରି ବିଭିନ୍ନ ପ୍ରକାର ପନିପରିବା ଚାଷ କରି ସେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି।

## ସର୍ବଭାରତୀୟ ରେଳ ଚାଳକ ସଂଘ ପକ୍ଷରୁ ବିକ୍ଷୋଭ

**ଜଟଣୀ,୨୨।୯ (ସମିସ)**

ସର୍ବଭାରତୀୟ ରେଳ ଚାଳକ ସଂଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀର ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ରୋଡ୍ ପୂର୍ବତଟ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଚାଳକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରେଳବାଇରେ ଘରୋଇକରଣ ବନ୍ଦ କରିବା, ରେଳ ଚାଳକଙ୍କ ଦୈନିକ ଅତି କମରେ ୧୨୦ କିମି ମାଇଲେଜ ଭତ୍ତା ପ୍ରଦାନ କରିବା, ଖୋର୍ଦ୍ଧା ମଣ୍ଡଳରେ ରେଳ ଚାଳକଙ୍କ ବକେୟା ପାଉଣା ଅତିଶୀଘ୍ର ପ୍ରଦାନ କରିବା, ରେଳବାଇର ନିୟମ ଅନୁସାରେ ୯ ଘଣ୍ଟା କାର୍ଯ୍ୟସମୟ ନିର୍ଦ୍ଧାରଣ କରିବା, ଚାଳକ ବିଶ୍ରାମ ଗୃହର ମାନବୃଦ୍ଧି, ରାତ୍ରିକାଳୀନ ଭତ୍ତାରେ ଲାଗିଥିବା ସୀମାକୁ ହଟାଇବା, ପୁରାତନ ପେନସନ ହଟାଇ ନୂତନ ପେନସନ ବ୍ୟବସ୍ଥା ଲାଗୁ କରିବା, ଖାଲିଥିବା ପଦବୀକୁ ଶୀଘ୍ର ପୂରଣ କରିବା, କରୋନାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରକୁ ୫୦ ଲକ୍ଷ ପ୍ରଦାନ, ପାନୀୟ ଜଳ ବ୍ୟବସ୍ଥା କରିବା ଆଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତଟ ଜୋନ୍ ସଭାପତି ଶରତ ପଟ୍ଟନାୟକ, ମଣ୍ଡଳ ସଚିବ ଜୟପ୍ରକାଶ ଦଣ୍ଡପାଟ, ମଣ୍ଡଳ କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ପଟ୍ଟନାୟକ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ସାହୁ, ଯୁଗ୍ମ ସଚିବ ଚିତ୍ତରଞ୍ଜନ ପତି, ତାଳଚେର ଶାଖା ସଚିବ ମହମ୍ମଦ ଆଲାମ, ଖୋର୍ଦ୍ଧା ଶାଖା ସଭାପତି ପ୍ରଦୀପ ମହାନ୍ତି, କଟକ ଶାଖା ସଚିବ ପ୍ରଶାନ୍ତ ନାୟକ, ଯଖପୁରା ଶାଖା ସଚିବ ସଞ୍ଜୀବ ସାହୁ, ଭଦ୍ରକ ଶାଖା ସଚିବ ଅନୟ ବେହେରା, ପାରାଦୀପ ଶାଖା ସଚିବ ବାଘାଇ ସୋରେନ, ଅରବିନ୍ଦ ନିରାଲା, ରବି ରଞ୍ଜନ ପ୍ରକାଶ, ଶାଲ କୁମାର, ବୀରୁ କୁମାର, କେ. ଶ୍ରୀନିବାସ ରାଓ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ରୋଟାରୀ କ୍ଲବ୍ ପକ୍ଷରୁ ଜେଲ୍ ସଂସ୍କାର କାର୍ଯ୍ୟକ୍ରମ

**ବାଲୁଗାଁ,୨୨।୯ (ସମିସ)**

ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ବାଣପୁର ସ୍ଥିତ ଉପ-କାରାଗାରରେ ଦୁଇ ଦିନ ବ୍ୟାପି କଏଦୀମାନଙ୍କ ମଧ୍ୟରେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାରାଗାର ଅଧୀକ୍ଷକ କୋଶଲ ପଦ୍ମିନୀ ଦଳବେହେରା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କଏଦୀମାନଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା କଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ରୋଟାରିଆନ୍ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲବର ସଭାପତି ନମିତା ଝା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମା’ ଭଗବତୀ




ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ସଂଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗୀତ ଗୁରୁ ମାଧବ ଚନ୍ଦ୍ର ପଲାଇ ସଂଯୋଜନା କରିଥିଲେ। ସେହିପରି କାରାଗାରର ଅନ୍ତେବାସୀମାନେ ମଧ୍ୟ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମହିଳା ଅନ୍ତେବାସୀମାନେ ଝୋଟି ପ୍ରଦର୍ଶନ କରିଥିବା ବେଳେ ପୁରୁଷ ଅନ୍ତେବାସୀଙ୍କ ମଧ୍ୟରେ ଭଲିବଲ, ବ୍ୟାଡ୍‌ମିଣ୍ଟନ, ଚେସ୍, କ୍ୟାରମ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଅନ୍ତେବାସୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ରୋଟାରିଆନ୍ ପ୍ରଫେସର ସୁଜାତା ପ୍ରଧାନ, ପୂର୍ବତନ ସଭାପତି ନୀରଜ ଝା, ସୁରେନ୍ଦ୍ର ସ୍ୱାଇଁ, ଭାଗୀରଥି ସ୍ୱାଇଁ, ପୁଷ୍ପାଞ୍ଜଳି ବାରିକ, ସମ୍ପାଦକ ଗଜେନ୍ଦ୍ର ସେଠୀ, ଏସ୍ କେ ନାଇଡୁ, ଫାର୍ମାସିଷ୍ଟ ମୀରାବାଈ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାରାଗାର ସହ-ନୀରିକ୍ଷକ ରମେଶ ସେଠୀ, କାରାଗାର କକ୍ଷ ରକ୍ଷକ ଜୟକୃଷ୍ଣ ସାହୁ, ଆରକ୍ଷୀ ବନମାଳି ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

## ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ

**ଖୋର୍ଦ୍ଧା,୨୨।୯ (ସମିସ):** ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଶ୍ରୀ ରାଧାବଲ୍ଲଭ ଦେବଙ୍କ ପ୍ରାଙ୍ଗଣରେ ୩୬ତମ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରବଚକ ଶ୍ରୀପାଦ ନମଚର୍ଯ୍ୟ ଦାସ ବ୍ରହ୍ମଚାରୀ ପ୍ରବଚନ ଦେଇଥିଲେ। ସମିତିର କାର୍ଯ୍ୟ ସଭାପତି ଅମୂଲ୍ୟ କୃଷ୍ଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପସଭାପତି ରବିନାରାୟଣ ମହାପାତ୍ର ଓ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମିତି ପକ୍ଷରୁ ସନାତନ ମିଶ୍ର, ଶିବସୁନ୍ଦର ପଟ୍ଟନାୟକ, ଖୁକି ଦେଇ ଓ ଏସ୍ ନାଗେଶ୍ୱର ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଅନ୍ତର୍ଜାତୀୟ କ୍ରିକେଟ୍

# ବିରାଟଙ୍କଠାରୁ ଅଧିକ ବେତନ ପାଉଥିବା କ୍ରିକେଟର୍

ଯେତେବେଳେ ଆମେ ବିଶ୍ୱରେ ସର୍ବାଧିକ ରୋଜଗାର କରୁଥିବା କ୍ରିକେଟର୍ କିମ୍ବା ଅନ୍ୟ ଆଥ୍‌ଲେଟ୍‌ଙ୍କ ବିଷୟରେ ଆଲୋଚନା କରୁ ସେତେବେଳେ ଏହି ତାଲିକାରେ ବିରାଟ କୋହଲି ନିଶ୍ଚୟ ରହିଥାନ୍ତି। ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରହିଥିବା କୋହଲି ଦେଶର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଫୋର୍ବସ୍ ପକ୍ଷରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ-୧୦୦ ଧନୀ କ୍ରୀଡ଼ାବିତ୍ (୨୦୨୦) ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସେ ୬୬ତମ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକ ଚୁକ୍ତି ତାଲିକାରେ ମଧ୍ୟ ତାଙ୍କୁ ଏ+ ଗ୍ରେଡ୍ ମିଳିଛି। ଅର୍ଥାତ୍ ବିସିସିଆଇ ନିକଟରୁ ସେ ବାର୍ଷିକ ୭ କୋଟି ଟଙ୍କା ବେତନ ପାଇଥାନ୍ତି।

ସେହିଭଳି ବିଶ୍ୱର ସବୁଠାରୁ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ଆଇପିଏଲ୍‌ରେ ମଧ୍ୟ କୋହଲି ସର୍ବାଧିକ ବେତନ ପାଉଥିବା କ୍ରିକେଟର୍। ୨୦୧୮ରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କୁ ବାର୍ଷିକ ୧୭ କୋଟି ଟଙ୍କା ପ୍ରଦାନ କରୁଛି। ଏତଦ୍ ବ୍ୟତୀତ ଅପାର ଲୋକପ୍ରିୟତା ତଥା ଯୁବଗୋଷ୍ଠୀଙ୍କ ପ୍ରିୟ କ୍ରିକେଟର୍ ହୋଇଥିବାରୁ ବିରାଟ ମଧ୍ୟ ଅନେକ ବ୍ରାଣ୍ଡ ସହ ଡିଲ୍ କରିଛନ୍ତି। ତେବେ ଅନେକ ହୁଏତ ଜାଣି ନ ଥିବେ ବିଶ୍ୱରେ ଏମିତି ୫ଜଣ କ୍ରିକେଟର୍ ରହିଛନ୍ତି ଯେଉଁମାନେ ବିରାଟଙ୍କଠାରୁ ଅଧିକ ବେତନ ସେମାନଙ୍କ ବୋର୍ଡ ନିକଟରୁ ପାଇଥାନ୍ତି। ଆଇପିଏଲ୍ ଓ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କାରଣରୁ ଭାରତୀୟ ଦଳର ଅଧିନାୟକ ଅଧିକ ରୋଜଗାର କରିପାରନ୍ତି, କିନ୍ତୁ ଏମିତି କିଛି କ୍ରିକେଟର୍ କେବଳ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି କୋହଲିଙ୍କଠାରୁ ଅଧିକ ବେତନ ପାଉଛନ୍ତି। ସେହି ୫ ଜଣ କ୍ରିକେଟର୍‌ଙ୍କ ଉପରେ ସଂକ୍ଷେପରେ।

### ଷ୍ଟିଭ ସ୍ମିଥ୍ (ଅଷ୍ଟ୍ରେଲିଆ)

ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପରି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଟେଷ୍ଟ କ୍ରିକେଟ୍‌କୁ ବେଶ୍ ଗୁରୁତ୍ୱ ପ୍ରଦାନ କରିଥାଏ। ସ୍ମିଥ୍ ଅଷ୍ଟ୍ରେଲିଆର ଶୀର୍ଷ ମାନ୍ୟତାପ୍ରାପ୍ତ ଟେଷ୍ଟ ବ୍ୟାଟ୍ସମ୍ୟାନ। ସେହିଭଳି ବର୍ତ୍ତମାନ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି। ରିପୋର୍ଟ ମୁତାବକ, ସିଏ ବାର୍ଷିକ ୪ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୯ କୋଟି ୫୪ ଲକ୍ଷ ଟଙ୍କା) ସ୍ମିଥ୍‌ଙ୍କୁ ପ୍ରଦାନ କରିଥାଏ। ସ୍ମିଥ୍ ୩ଟି ଯାକ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ବେତନ ବ୍ୟତୀତ ସ୍ମିଥ୍ ମଧ୍ୟ କୋହଲିଙ୍କ ପରି ବିଭିନ୍ନ ବିଜ୍ଞାପନରୁ ଆଖିଦୃଷ୍ଟିଆ ରୋଜଗାର କରିଥାନ୍ତି। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ଘଟଣାରେ ବିବାଦୀୟ ହେବାପରେ ସ୍ମିଥ ତାଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତ କରିପାରିଛନ୍ତି।



### ବେନ୍ ଷ୍ଟୋକ୍ସ (ଇଂଲଣ୍ଡ):

ତୃତୀୟ ଇଂଲଣ୍ଡର କ୍ରିକେଟର୍ ଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଆର୍ଚରଙ୍କ ପରି ଷ୍ଟୋକ୍ସ ମଧ୍ୟ ଜାତୀୟ ଦଳ ପକ୍ଷରୁ ସମସ୍ତ ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ବୋଲର୍ଡ଼ ନିକଟରୁ ବିପୁଳ ରୋଜଗାର କରିଥାନ୍ତି। ୨୦୧୩ରୁ ଇଂଲଣ୍ଡ ଦଳର ନିୟମିତ ସଦସ୍ୟ ପାଲଟିଥିବା ୩୦ ବର୍ଷୀୟ ଷ୍ଟୋକ୍ସ ଭାରତୀୟ ମୁଦ୍ରାରେ ବାର୍ଷିକ ପ୍ରାୟ ୮.୭୫ କୋଟି ଟଙ୍କା ବେତନ ଆକାରରେ ଇସିବି ନିକଟରୁ ପାଉଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଷ୍ଟୋକ୍ସ ଗତ ୩ ବର୍ଷ ମଧ୍ୟରେ ବେତନରେ ୪୦ ପ୍ରତିଶତ ବୃଦ୍ଧି କରିପାରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଇସିବି ବେତନ ପ୍ରଣାଳୀରେ ପରିବର୍ତ୍ତନ କରିବାକୁ ଥିବାରୁ ଷ୍ଟୋକ୍ସଙ୍କ ବାର୍ଷିକ ବେତନ ବୃଦ୍ଧି ପାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।



### ଜୋସ୍ ବଟଲର୍ (ଇଂଲଣ୍ଡ):

ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ପରି ଜୋସ୍ ବଟଲର୍ ମଧ୍ୟ ୩ଟି ଯାକ ଫର୍ମାଟ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଗତ ୨ ବର୍ଷ ହେବ ସେ ଟେଷ୍ଟ ଦଳକୁ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିପୋର୍ଟ ମୁତାବକ ବଟଲର୍ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ନିକଟରୁ ବାର୍ଷିକ ବେତନ ଆକାରରେ ୧୯ କୋଟି ଟଙ୍କା ପାଉଛନ୍ତି। ଆଇପିଏଲ୍ ଖେଳି ମଧ୍ୟ ସେ ବିପୁଳ ପରିମାଣର ରୋଜଗାର କରିଥାନ୍ତି।



### ଜୋଫ୍ରା ଆର୍ଚର (ଇଂଲଣ୍ଡ):

ଇଂଲଣ୍ଡ ଦଳର ତାରକର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୯-୨୦ ସିଜନ ଆର୍ଚରଙ୍କ ପାଇଁ ବେଶ୍ ସଫଳମୟ ରହିଥିଲା। ଯେଉଁଥି ପାଇଁ ସେ ଇଂଲଣ୍ଡର ୩ଟି ଯାକ ଫର୍ମାଟ୍‌ରେ ଜଣେ ନିୟମିତ ସଦସ୍ୟ ହୋଇପାରିଥିଲେ। ସଂକ୍ଷିପ୍ତ କ୍ୟାରିୟର ମଧ୍ୟରେ ଆର୍ଚର ଅଧିନାୟକଙ୍କ ବେଶ୍ ଭରସାଯୋଗ୍ୟ ହୋଇପାରିଛନ୍ତି। ଯେଉଁଥି ପାଇଁ ୨୦୧୯ ଆଇସିସି ଏକଦିବସୀୟ ବିଶ୍ୱକପ୍ ଫାଇନାଲ ସୁପର୍ ଓଭରରେ ମଧ୍ୟ ଅଧିନାୟକ ତାଙ୍କୁ ବୋଲିଂ ଭାର ପ୍ରଦାନ କରିଥିଲେ ଏବଂ ସେ ୧୫ ରନକୁ ରୋକିପାରିଥିଲେ। ଗତ ଆସେସ୍ ସିରିଜରେ ପ୍ରଭାବୀ ବୋଲିଂ କରିବା ପରେ ଆର୍ଚରଙ୍କ ବାର୍ଷିକ ବେତନ ରୁଟ୍‌ଙ୍କ ସହିତ ସମାନ କରିଦିଆଯାଇଥିଲା। କିନ୍ତୁ ସେ ୩ଟି ଯାକ ଫର୍ମାଟ୍ ଖେଳୁଥିବାରୁ ବାର୍ଷିକ ସେ ଇସିବି ନିକଟରୁ ୯.୩୯ କୋଟି ଟଙ୍କା ବେତନ ପାଉଥିବା ରିପୋର୍ଟରୁ ଜଣାପଡ଼ିଛି। ରୁଟ୍ ଟେଷ୍ଟ ଓ ଏକଦିବସୀୟ କ୍ରିକେଟ୍ ଖେଳୁଥିବାବେଳେ ୱେଷ୍ଟଇଣ୍ଡିଜ ଜନ୍ମିତ ଆର୍ଚର ୩ଟି ଯାକ ଫର୍ମାଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି।



### ଜୋ ରୁଟ୍ (ଇଂଲଣ୍ଡ):

ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଜୋ ରୁଟ୍ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। ତାଲିକାର ସର୍ବାଗ୍ରେ ରୁଟ୍‌ଙ୍କ ନାମକୁ ଦେଖି ଅନେକ ହୁଏତ ଚକିତ ହୋଇପାରନ୍ତି। କିନ୍ତୁ ଯେଉଁମାନେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଘରୋଇ ଖେଳାଳି ଚୁକ୍ତି ପ୍ରଣାଳୀ ଅନୁସରଣ କରନ୍ତି ତେବେ ବେତନ ପ୍ରସଙ୍ଗରେ ସେମାନେ ବିଭିନ୍ନ ଚୁକ୍ତିନାମା ବ୍ୟବସ୍ଥା ରଖିଛନ୍ତି। ଟେଷ୍ଟ କ୍ରିକେଟ୍‌କୁ ଗୁରୁତ୍ୱ ଦେଉଥିବା ଇସିବି ଅଧିନାୟକ ରୁଟ୍‌ଙ୍କୁ ବାର୍ଷିକ ବେତନ ଆକାରରେ ପାଖାପାଖି ୭.୨୨ କୋଟି ଟଙ୍କା ପ୍ରଦାନ କରିଥାଏ। ଯାହାକି ବିରାଟ କୋହଲି (୭ କୋଟି)ଙ୍କ ବାର୍ଷିକ ପାଉଣାଠାରୁ ଅଧିକ। ଏହି ବେତନ ରୁଟ୍‌ଙ୍କୁ ବିଶ୍ୱର ସର୍ବାଧିକ ବେତନ ପାଉଥିବା ଟେଷ୍ଟ ଅଧିନାୟକ ମାନ୍ୟତା ପ୍ରଦାନ କରିଛି। କୋହଲି ବିଜ୍ଞାପନ ଆଦିରୁ ଅଧିକ ରୋଜଗାର କରୁଥିଲେ ମଧ୍ୟ ବେତନ ଦୃଷ୍ଟିରୁ ରୁଟ୍ ତାଙ୍କୁ ପଛରେ ପକାଇ ଦେଇଛନ୍ତି।



# ଜାତୀୟ ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୯ (ସମିସ): ଚଳିତ ମାସ ୨୬ରୁ ମଧ୍ୟପ୍ରଦେଶର ଦେୱାସଠାରେ ଜାତୀୟ ସିନିଅର ସଫ୍ଟ ଟେନିସ ପ୍ରତିଯୋଗିତା ଆରମ୍ଭ ହେବ। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ବୁଧବାର ମଧ୍ୟପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଆୟୋଜିତ ରାଜ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘର ସମ୍ପାଦକ ମହମ୍ମଦ ଆଜାମ ସୂଚନା ଦେଇଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶକ ଶଶାଙ୍କ ଚୂଡ଼ାମଣି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶଚନ୍ଦ୍ର ପଟ୍ଟନାୟକ, ମୋନାଲିସା ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, କୃଷ୍ଣଚରଣ ପଣ୍ଡା, ନୀମାଧବ ଦେଓ, ଶକ୍ତିରଞ୍ଜନ ମହାନ୍ତି, ବିଶ୍ୱଜିତ୍ ସ୍ୱାଇଁ, ଅଜୟ ନିସାନ ପ୍ରମୁଖ ମଧ୍ୟ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।



**ଓଡ଼ିଶା ଦଳ:**

**ପୁରୁଷ:** ମାନସ ରଞ୍ଜନ ସିଂହ (ଅଧିନାୟକ), ମହମ୍ମଦ ଅନମ (ଉପ-ଅଧିନାୟକ), ଅଜିତ୍ ସବାର, ରଜତ କୁମାର ରଇତା, ବିକାଶ କୁମାର ମହାପାତ୍ର, ଦାସରଥୀ ମୁଦୁଲି, ମହମ୍ମଦ ଆଜାମ (ପ୍ରଶିକ୍ଷକ) ଓ ଭଗବାନ ସେଠୀ (ମ୍ୟାନେଜର)।

**ମହିଳା:** ଅନୁସୟା ବାରିକ (ଅଧିନାୟିକା), ପୁପରନ୍ ଓରାମ (ଉପ-ଅଧିନାୟିକା), ମନୀଷା ଓରାମ, ହେମନ୍ତି ବିଲୁଙ୍ଗ।

# ଡୁରାଣ୍ଡ କପ୍: ଆଜିଠୁ କ୍ୱାର୍ଟର ଫାଇନାଲ

କୋଲକାତା, ୨୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୦ତମ ସଂସ୍କରଣର କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ମହମ୍ମଦାନ ଓ ଗୋକୁଲମ୍ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଗୁରୁବାର ଖେଳାଯିବ। ସେହିଭଳି ଶୁକ୍ରବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଆର୍ମି ରେଡ୍ ଓ ବେଙ୍ଗାଲୁରୁ ୟୁନାଇଟେଡ୍ ମଧ୍ୟରେ ୨ୟ ଏବଂ ଗୋଆ ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଶନିବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଆର୍ମି ଗ୍ରୀନ୍ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ବୁଧବାର ଖେଳାଯାଇଥିବା ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହୋଇଥିଲେ।

ୱିଲିସ୍ ପ୍ଲାଜାଙ୍କ ଗୋଲ୍ ବଳରେ ଦିଲ୍ଲୀ ଏଫ୍‌ସି ଦଳ ପ୍ରଥମଥର ଲାଗି ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ ଏଫ୍‌ସି ୧-୦ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୫-୩ ଗୋଲରେ ଇଣ୍ଡିଆନ୍ ନେଭିକୁ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛି। ବେଙ୍ଗାଲୁରୁ ପକ୍ଷରୁ ମଧ୍ୟ ହର୍‌ମନପ୍ରୀତ୍ ୨ଟି ଗୋଲ୍ ଦେଇଥିଲେ।

# ରାଜସ୍ଥାନ-ଛତିଶଗଡ଼, ମଧ୍ୟପ୍ରଦେଶ-ତେଲଙ୍ଗାନା ଫାଇନାଲ

## ଜାତୀୟ ସଫ୍ଟବଲ

କଟକ,୨୨।୯ (ସମିସ) ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ ୩ୟ ଦିନର ଖେଳ ଶେଷ ହୋଇଛି। ବୁଧବାର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବାଳକ ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼, ବାଳିକା ବିଭାଗରେ ମଧ୍ୟପ୍ରଦେଶ ଓ ତେଲଙ୍ଗାନା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଫାଇନାଲ ମୁକାବିଲା ହେବା ସହିତ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ।

ବାଳକ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନ ୮-୦ ପଏଣ୍ଟରେ ପଞ୍ଜାବକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ ୫-୦ ପଏଣ୍ଟରେ ଉତ୍ତରାଖଣ୍ଡକୁ ହରାଇଥିଲା। ସେହିଭଳି ବାଳିକା ବର୍ଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୨ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ଓ ତେଲଙ୍ଗାନା ୫-୦ ପଏଣ୍ଟରେ ରାଜସ୍ଥାନକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଖେଳାଯାଇଥିବା ବାଳକ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ରାଜସ୍ଥାନ ୭-୦ ପଏଣ୍ଟରେ ତେଲଙ୍ଗାନାକୁ, ପଞ୍ଜାବ ୧-୦ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଛତିଶଗଡ଼ ୮-୧ ପଏଣ୍ଟରେ ମହାରାଷ୍ଟ୍ରକୁ, ଉତ୍ତରାଖଣ୍ଡ ୩-୧ ପଏଣ୍ଟରେ କେରଳକୁ ପରାସ୍ତ କରିଥିଲା। ବାଳିକା ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୪-୨ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଆନ୍ଧ୍ରପ୍ରଦେଶ ୫-୪ରେ ଛତିଶଗଡ଼କୁ, ତେଲଙ୍ଗାନା ୧-୦ରେ ଦିଲ୍ଲୀକୁ ଓ ରାଜସ୍ଥାନ ୯-୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇଥିଲା।



# କୋକନଟ୍ ଗ୍ରେଭି ପନିର୍



ମୋ ହାଣ୍ଡିଶାଳରୁ...

## ଆବଶ୍ୟକ ସାମଗ୍ରୀ


ପନିର୍: ୫୦୦ ଗ୍ରାମ୍, ନଡ଼ିଆ ରସ: ଏକ କପ୍, ପିଆଜ: ୨ଟା, ଟମାଟୋ ପ୍ୟୁରି: ଅଧା କପ୍, ଗରମ ମସଲା: ଏକ ଚାମଚ, ଜିରା: ଅଧା ଚାମଚ, ଲଙ୍କା ଗୁଣ୍ଡ: ଏକ ଚାମଚ, ହଳଦୀ ଗୁଣ୍ଡ: ଏକ ଚାମଚ, ଅଦା ଓ ରସୁଣ ପେଷ୍ଟ: ୨ ଚାମଚ, ଧନିଆ ଗୁଣ୍ଡ: ଏକ ଚାମଚ, ଲୁଣ: ସ୍ୱାଦ ଅନୁସାରେ, ଧନିଆ ପତ୍ର: ସଜାଇବା ପାଇଁ, ତେଲ: ଆବଶ୍ୟକତା ଅନୁସାରେ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲା ଲଗେଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ଅଳ୍ପ ତେଲ ଦିଅନ୍ତୁ। ଏହାପରେ ଜିରା ଓ ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଯିବା ପରେ ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହାକୁ କିଛି ସମୟ କଷିବା ପରେ ଟମାଟୋ ପ୍ୟୁରି ପକାନ୍ତୁ। ସେଥିରେ ଲୁଣ, ଗରମ ମସଲା, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଭଲ ଭବେ କଷନ୍ତୁ। ମସଲା କଷି ହୋଇଯିବା ପରେ ନଡ଼ିଆ ରସ ଓ ଅଳ୍ପ ପାଣି ଦେଇ ଢ଼ାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ପନିର୍ ଓ ଗରମ ମସଲା ପକାଇ ଦୁଇ ତିନି ମିନିଟ୍ ଫୁଟାନ୍ତୁ। ଏକ ପାତ୍ରକୁ କାଢ଼ି ଧନିଆ ପତ୍ରରେ ସଜାନ୍ତୁ କୋକନଟ୍ ଗ୍ରେଭି ପନିର୍। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷନ୍ତୁ।

# କେଶ ସଫାର ନୂଆ ଟ୍ରେଣ୍ଡ

## ରିଭର୍ସ ହେୟାର୍ ୱାସ୍



**କେଶ ସଫା କରିବାର ନୂଆ ଏକ ଟ୍ରେଣ୍ଡ ହେଉଛି 'ରିଭର୍ସ ହେୟାର୍ ୱାସ୍'। ଯାହା ସାଧାରଣ କେଶ ଧୋଇବା ପ୍ରକ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ।**

### କ'ଣ ଏହା

ସାଧାରଣତଃ କେଶ ସଫା ସମୟରେ ପ୍ରଥମେ ସାମ୍ପୁ ଓ ପରେ କଣ୍ଡିସନର ବ୍ୟବହାର କରାଯାଏ। କିନ୍ତୁ ଏହାର ପ୍ରକ୍ରିୟା ଓଲଟା। ଅର୍ଥାତ୍ ଏଥିରେ ପ୍ରଥମେ କଣ୍ଡିସନର ଓ ପରେ ସାମ୍ପୁ କରାଯାଉଥିବାରୁ ଏହାକୁ କୁହାଯାଉଛି 'ରିଭର୍ସ ହେୟାର୍ ୱାସ୍'।

### କିଭଳି କରିବେ

- ପ୍ରଥମେ କେଶ ଓଦା କରି କଣ୍ଡିସନର ବ୍ୟବହାର କରନ୍ତୁ।
- କଣ୍ଡିସନର ଲଗାଇବାର ୧୦ ମିନିଟ୍ ପରେ କେଶ ଧୋଇ ଦିଅନ୍ତୁ।
- ଏହା ପରେ ସାମ୍ପୁ ଲଗାଇ କେଶ ଧୁଅନ୍ତୁ। ଅବଶ୍ୟ ଏଥିରେ ସାମ୍ପୁ ଥରେ ବ୍ୟବହାର କରାଯାଏ।
- ପରେ କେଶରେ ସିରମ୍ ବ୍ୟବହାର କରନ୍ତୁ।

### ଉପକାରିତା

ଏହା ଦ୍ୱାରା କେଶ ମୂଳରୁ ମଇଳା ଭଲ ଭାବେ ସଫା ହୋଇଥାଏ। କେଶ ଭଲ ବଢ଼େ ଓ ସୁସ୍ଥ ରହେ। ଏହା ସହ କେଶରେ ଚମକ ଆସିଥାଏ। ତୈଳାକ୍ତ, ପତଳା ତଥା ଶୁଷ୍କ କେଶ ଲାଗି ଉପଯୋଗୀ ରିଭର୍ସ ହେୟାର ୱାସ୍। ଅନ୍ୟପଟେ ବାହାରେ ଅଧିକ ବୁଲାବୁଲି ବା ଜଗିଂ କରୁଥିଲେ ଏହି ପ୍ରକ୍ରିୟାକୁ ଆପଣାଇବା ଦରକାର। ଅବଶ୍ୟ ସପ୍ତାହକୁ ଥରେ ଏହାକୁ କରିବା ଉଚିତ।

# ଏପାଖେ ଯନ୍ତ୍ରଣା, ସେପାଖେ ହସ





**ମୁହଁ ହେଉଛି ମନର ଆଇନା। ଆମ ମନ ମଧ୍ୟରେ ଚାଲୁଥିବା ପ୍ରତିଟି ଭାବନା ତଥା ବ୍ୟକ୍ତିତ୍ୱକୁ ଏହା ସମସ୍ତଙ୍କ ସାମ୍ନାରେ ଆଣି ରଖି ଦିଏ। ସେଥିପାଇଁ ଘରୁ ବାହାରିବା ମାତ୍ରେ ଦୁଃଖକୁ ହସର ମୁଖା ଭିତରେ ଚୁଲାଇବାକୁ ପଡ଼ିଥାଏ। ତେବେ ପ୍ରଫେସନାଲ ଜୀବନରେ ମନୋଭାବକୁ ଲୁଚାଇ ମାହୋଲକୁ ଖୁସି ରଖିବା କ'ଣ ସହଜ କଥା ! ଏ ନେଇ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କେତେକ ମହିଳା କି ପ୍ରକାର ପ୍ରଚେଷ୍ଟା କରନ୍ତି, ତାହାକୁ ନେଇ ଏ ଉପସ୍ଥାପନା...**

ସାଧାରଣତଃ ହସୁଥିବା ତଥା ହସାଉଥିବା ଲୋକଙ୍କୁ ସମସ୍ତେ ଭଲପାଆନ୍ତି। ଏହା ସହ ସାମାଜିକ ଜୀବନରେ ମଧ୍ୟ ଏମାନଙ୍କର ଏକ ସୁନ୍ଦର ଛବି ବଜାୟ ରହିଥାଏ। ସେଥିପାଇଁ କିଛି ଜୀବିକା ଏଭଳି ଅଛି, ମନରେ ଯେତେ ଚିନ୍ତା କି ଦୁଃଖ ଥିଲେ ସେସବୁର ଝଲକ ସେମାନଙ୍କ ବ୍ୟକ୍ତିତ୍ୱରେ କେବେ ବି ଦେଖିବାକୁ ମିଳି ନ ଥାଏ। ମୁଖ୍ୟତଃ ଲୋକସମ୍ପର୍କ ସହ ଜଡ଼ିତ ଲୋକଙ୍କ ପାଇଁ ଖୁସି ଦେଖାଯିବା ନିହାତି ଜରୁରୀ। ଅର୍ଥାତ୍ ଅଜଣା, ଅଚିହ୍ନା ଲୋକଙ୍କ ସହ କଥାବାର୍ତ୍ତା ବେଳେ ବ୍ୟକ୍ତିତ୍ୱରେ ଆତ୍ମୀୟତା ପ୍ରତିଫଳିତ ହେବା ଉଚିତ୍। ପ୍ରତିକୂଳ ପରିସ୍ଥିତିରେ ଶାଳୀନତା ସହ ହସିବାରେ ଏମାନେ ଥାନ୍ତି ବେଶ ପାରଙ୍ଗମ।

କୌଣସି କମ୍ପାନିରେ ଫ୍ରଣ୍ଟ ଅଫିସରେ ବସିଥିବା ରିସେପନିଷ୍ଟ, ଡାକ୍ତର, ନର୍ସ, ଏୟାର ହୋଷ୍ଟେସ୍, ଶିକ୍ଷୟିତ୍ରୀ, କଳାକାର ଆଦି ବହୁ ଲୋକ ଏମିତି ଅଛନ୍ତି, ଯେଉଁମାନଙ୍କ ପ୍ରଫେସନାଲ କାମ ହେଉଛି ନିଜେ ହସି ଅନ୍ୟର ଯତ୍ନ ତଥା ସେମାନଙ୍କୁ ଭଲ ସେବା ପ୍ରଦାନ କରିବା। ସେମାନଙ୍କ ସୌମ୍ୟ ହସ ପଛରେ ବି ବହୁ କଷ୍ଟ, ଯନ୍ତ୍ରଣା ଲୁଚି ରହିଥାଏ। କହିବାକୁ ଗଲେ ହସୁଥିବା ପ୍ରତ୍ୟେକ ମଣିଷ ପଛରେ କଷ୍ଟର ଅନେକ ଅକୁହା କାହାଣୀ ଥାଏ। ମାତ୍ର ଜିଇବା ଲାଗି ଏମାନଙ୍କୁ ହସିବାକୁ ପଡ଼ିଥାଏ।

## ନକଲି ହସ ଲାଗେ ସତ

ଜରୁରୀ ନୁହେଁ ସବୁବେଳେ ହସୁଥିବା ମଣିଷର ବ୍ୟକ୍ତିଗତ ଜୀବନ ସୁଖମୟ ହୋଇଥିବ। ନକଲି ହସ କାରଣରୁ ମିଳୁଥିବା ପ୍ରଶଂସା ମଣିଷକୁ ସତ ଖୁସି ଦେଇଥାଏ ବୋଲି କହନ୍ତି ଭୁବନେଶ୍ୱରର ମମତା ମହାନ୍ତି। ସେ ଏକ ଘରୋଇ କମ୍ପାନିରେ ରିସେପନିଷ୍ଟ ଭାବେ କାର୍ଯ୍ୟରତ। ଶାଶୂ ଘର ଲୋକେ କି ସ୍ୱାମୀ ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ତିନି ବର୍ଷ ବୟସ ଝିଅ ସହ ବାପ ଘରେ ରହୁଛନ୍ତି। ସୁବବେଳେ କିଛି ନା କିଛି ଚିନ୍ତା ତଥା ଦୁଃଖ ତାଙ୍କ ଜୀବନରେ ଲାଗି ରହିଥାଏ। ମାତ୍ର ସେସବୁକୁ ଆଡ଼ କରି ତାଙ୍କୁ ଅଫିସରେ ବସିବାକୁ ହୋଇଥାଏ। ଅଜଣା ଲୋକଙ୍କ ସହ ପଦୁଟିଏ ହସି କଥା ହେବାକୁ ପଡ଼ିଥାଏ। ଅନେକ ସମୟରେ ନିଜକୁ ଏଭଳି ଉପସ୍ଥାପନା କରିବା ସହଜ ହୋଇ ନ ଥାଏ, ତଥାପି ଜୀବିକା ଓ ଜୀବନ ପାଇଁ କିଛି ସମୟ ଖୁସି ରହିବା ଅଭ୍ୟାସରେ ପରିଣତ ହୋଇଯାଏ।

## ସେମାନଙ୍କ ମୁହଁରୁ

"

### କଳାକାରଠାରୁ ଦୁଃଖୀ ଆଉ କେହି ନୁହନ୍ତି



କଳାକାର ଜୀବନରେ ବହୁତ ଦୁଃଖ ଓ କଷ୍ଟ ଥାଏ। ଏହା ସତ୍ତ୍ୱେ ମଧ୍ୟ ସେ ଅଭିନୟ କରେ। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରେ। ସେଥିପାଇଁ କଳାକାର ସବୁବେଳେ ହସୁଥାଏ। ଏପରିକି ସେ କେବେ ବି ତା' କଷ୍ଟ କାହା ପାଖରେ ଦେଖାଇବାକୁ ଚାହେଁ ନାହିଁ କି କେହି ତା' ଦୁଃଖ ବୁଝି ପାରନ୍ତି ନାହିଁ। ଦର୍ଶକଙ୍କୁ ହସାଇବା, କନ୍ଦାଇବା ତଥା ରଗାଇବା ସବୁ ଆମ ଉପରେ ନିର୍ଭର କରେ। ଆଉ ସେଥିରୁ ମିଳୁଥିବା ପ୍ରଶଂସା ଆମ ପାଇଁ ଗୁରୁତ୍ୱ ରଖେ। ଯେଉଁଥିପାଇଁ କଷ୍ଟ ଲାଗିଲେ ବି କାହା ସାମ୍ନାରେ ସେସବୁ ଦେଖାଇ ନ ଥାଉ। ଅନ୍ୟପଟେ ଷ୍ଟାଇଲିସ୍ ଦେଖାଯାଉଥିବା କାରଣରୁ ଅଭିନେତା କି ଅଭିନେତ୍ରୀ ଦୁଃଖ କଷ୍ଟରେ ରହୁଥିବେ ବୋଲି ସାଧାରଣରେ କେହି ଭାବନ୍ତି ନାହିଁ। ସେ ବି ସଂଘର୍ଷ କରି ଆଗକୁ ବଢ଼େ। ହସ ହସ ମୁହଁରେ ନଜର ଆସୁଥିବା କଳାକାରଠାରୁ ଦୁଃଖୀ ଆଉ କେହି ନୁହେଁ।

- ସବିତା ସାହୁ, ଅଭିନେତ୍ରୀ

### ସବୁବେଳେ ଖୁସି ରହିବା ସହଜ ନୁହେଁ



ରୋଗୀଟିଏ ଯେଭଳି ଉପଯୁକ୍ତ ସେବା ପାଇ ଖୁସି ମନରେ ଘରକୁ ଫେରିବ ତାହା ଉପରେ ଗୁରୁତ୍ୱ ଦେଇଥାଉ। ତେଣୁ ସବୁବେଳେ ନିଜକୁ ଖୁସି ଦେଖାଇ ସେମାନଙ୍କ ସେବା କରିବାକୁ ହୋଇଥାଏ। ଅବଶ୍ୟ ସର୍ବଦା ନିଜକୁ ଏଭଳି ଉପସ୍ଥାପନା କରିବା ସେତେଟା ସହଜ ହୋଇ ନ ଥାଏ। କଷ୍ଟ ହେବା ତ ସ୍ୱାଭାବିକ କଥା। ମୋର କୋଭିଡ୍ ଡ୍ୟୁଟି ସମୟରେ ଜଣେ ୮୩ ବର୍ଷ ବୟସର ରୋଗୀ ସୁସ୍ଥ ହୋଇ ଘରକୁ ଯାଇଥିଲେ। ସେ ସେବାରେ ଖୁସି ହୋଇ ଆଶୀର୍ବାଦ କରିଥିଲେ। ବହୁତ ଖୁସି ଲାଗିଥିଲା। ରୋଗୀ ତଥା ହସପିଟାଲ ପ୍ରତି ଆମ ଦାୟିତ୍ୱକୁ ସାମ୍ନା ଲୋକ ବୁଝି ନ ପାରିଲେ ବିରକ୍ତ ଲାଗେ। ସେହିପରି ନିଜେ ଟ୍ରେନିଂ ନେବା ସହ ଜୁନିଅରମାନଙ୍କୁ ଖୁସିରେ ଟ୍ରେନିଂ ଦେବାକୁ ପଡ଼ିଥାଏ। ପିଲାମାନେ ନ ବୁଝିପାରିଲେ ବି ଚିଡ଼ା ଲାଗେ। କିନ୍ତୁ ହସି ହସି ସେମାନଙ୍କୁ ସବୁ କିଛି ବାରମ୍ବାର ବୁଝେଇବାକୁ ପଡ଼ିଥାଏ।

- ଶତରୂପା ପଟ୍ଟଯୋଶୀ, ଇନଫେକସନ କଣ୍ଟ୍ରୋଲ ନର୍ସ, ସମ୍ ହସପିଟାଲ

# ଫେବ୍ରିକ୍ ହେଡ୍‌ବ୍ୟାଣ୍ଡ

ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ

ହେୟାର୍ ଷ୍ଟାଇଲକୁ ନୂଆ ଲୁକ୍ ଦେଉଛି ଏବେ ହେୟାର୍ ବ୍ୟାଣ୍ଡ। ତେବେ ଏବେ ଫେବ୍ରିକ୍ ବା କପଡ଼ା ହେୟାର ବ୍ୟାଣ୍ଡର ଚାହିଦା ଟିକେ ବେଶି। ବିଭିନ୍ନ ଡିଜାଇନ ତଥା ଷ୍ଟାଇଲ୍‌ରେ ଏହା ଉପଲବ୍ଧ। ବିଶେଷକରି କାଜୁଆଲ ଲୁକ୍‌କୁ ଭଲ ମାନିଥାଏ ଏହି ବ୍ୟାଣ୍ଡ। ସେହିପରି ଡେନିମ୍ ତଥା ହ୍ୱାଇଟ୍ ସାର୍ଟ ଲାଗି ଫେବ୍ରିକ୍ ନଟ୍ ଷ୍ଟାଇଲ ବ୍ୟାଣ୍ଡ ଖୁବ୍ ଆକର୍ଷଣୀୟ ଲାଗେ।



ନାଇଟ୍ ପାର୍ଟି ତଥା ଫଙ୍କି ଲୁକ୍ ପାଇଁ ବୋ-ହେୟାର ବ୍ୟାଣ୍ଡ ପିନ୍ଧି ପାରିବେ। ଯେକୌଣସି ଉତ୍ସବରେ ଷ୍ଟାଇପ୍ ପ୍ରିଣ୍ଟେଡ୍ ତଥା ୱାନପିସ୍ ଡ୍ରେସ୍‌କୁ ଦୁଇ ରଙ୍ଗ ବିଶିଷ୍ଟ ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ସୁନ୍ଦର ଲାଗିଥାଏ। ଅନ୍ୟପଟେ ଜଗିଂ ସମୟରେ କେଶକୁ ଭଲ ଭାବେ କଭର୍ କରିଥାଏ ହେଡ୍ ଗିୟର୍। ଫଳରେ କେଶ ଧୂଳି ତଥା ମଇଳା ସଂସ୍ପର୍ଶରେ ଆସି ନ ଥାଏ। ଅନେକ ସେଲିବ୍ରିଟିଙ୍କର ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ଏବେ ଷ୍ଟାଇଲ ଷ୍ଟେଟମେଣ୍ଟ ସାଜିଛି।

# ସେଲିବ୍ରିଟି ସିକ୍ରେଟ୍



ଲୋକପ୍ରିୟ କଣ୍ଠଶିଳ୍ପୀ **ସୋହିନୀ ମିଶ୍ର** ସୁନ୍ଦର ତ୍ୱଚା ଓ ଫିଟ୍ ରହିବା ପାଇଁ କ'ଣ କରନ୍ତି ଜାଣନ୍ତୁ ତାଙ୍କ ମୁହଁରୁ...

## ଡାଏଟ୍ ଉପରେ ଗୁରୁତ୍ୱ ଦିଏ

- **ତ୍ୱଚାର ଯତ୍ନ ଲାଗି କ'ଣ କରନ୍ତି?**

ମୁଖ୍ୟତଃ ନାଚୁରାଲ ଜିନିଷ ବ୍ୟବହାର କରିବାକୁ ଭଲପାଏ। ଫେସ୍ ୱାସ୍ ଖୁବ୍ କମ୍ ବ୍ୟବହାର କରେ। ବେସନ, ହଳଦୀ, କ୍ଷୀର ଲଗାଏ।

- **ଆପଣଙ୍କ ବିୟୁଟି ସିକ୍ରେଟ୍ କ'ଣ?**

ଯଦିଓ ସେମିତି କିଛି ନାହିଁ, ତଥାପି ପ୍ରଚୁର ପାଣି ପିଏ।

- **ପ୍ରିୟ ଖାଦ୍ୟ?**

ଷ୍ଟ୍ରିଟ୍ ଫୁଡ୍। ଅର୍ଥାତ୍ ଗୁପଚୁପ୍, ଦହିବରା ଆଳୁଦମ୍ ପସନ୍ଦ।

- **ମେକ୍‌ଅପ୍ ନେବାକୁ ଭଲ ଲାଗେ?**


ମେକ୍‌ଅପ୍ ନେବା ସେତେଟା ପସନ୍ଦ ନୁହେଁ। କମ ମେକ୍‌ଅପ୍ ନିଏ।

- **ଫିଟ୍ ରହିବା ପାଇଁ କ'ଣ କରନ୍ତି?**

ଏକ୍ସରସାଇଜ୍ କରେ। କିନ୍ତୁ ସବୁଦିନ କରିପାରେ ନାହିଁ। ଡାଏଟ୍ ଉପରେ ବେଶି ଗୁରୁତ୍ୱ ଦିଏ। ତେଲ ତଥା ମସଲାଯୁକ୍ତ ଖାଦ୍ୟ ପଦାର୍ଥ ଖାଏ ନାହିଁ। ଖାଦ୍ୟରେ ସବୁଦିନ ସାଲାଡ୍ ସାମିଲ କରିଥାଏ।

**ସେ କୌଣସି ସଂସ୍ଥା ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର ମଧ୍ୟ ସଂଗଠନ ନାହିଁ। ନିଜସ୍ୱ ଉଦ୍ୟମରେ ପାଣ୍ଠି ସଂଗ୍ରହ କରି କନ୍ୟା ସନ୍ତାନଙ୍କୁ ଶିକ୍ଷିତ କରାଉଛନ୍ତି ଗୁଜରାଟର ନିଶିତା ରାଜପୁତ୍।**

# ଶିକ୍ଷାର ଆଲୋକବର୍ତ୍ତିକା ନିଶିତା







ମଧ୍ୟବିତ୍ତ ପରିବାରର ହୋଇଥିବାରୁ ନାରୀ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ବୁଝନ୍ତି ନିଶିତା। ଏପରିକି ସେ ଶିକ୍ଷିତ ବୋଲି ୩୪,୫୦୦ କନ୍ୟା ସନ୍ତାନଙ୍କ ଲାଗି ତିନି କୋଟିରୁ ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିଛନ୍ତି। ସାଧାରଣତଃ ଝିଅକୁ ସରକାରୀ ସ୍କୁଲ ଓ ପୁଅକୁ ଘରୋଇ ସ୍କୁଲରେ ପଢ଼ାଯାଉଥିବା ସେ ପିଲା ବେଳୁ ଦେଖି ଆସୁଥିଲେ। ମାତ୍ର ସେ ଝିଅମାନଙ୍କ ସହ ହେଉଥିବା ଏ ପ୍ରକାର ବାଛବିଚାରରେ ସନ୍ତୁଷ୍ଟ ନ ଥିଲେ। ସେଥିପାଇଁ ନିଜ ଉଦ୍ୟମରେ ସେମାନଙ୍କୁ ସ୍କୁଲରେ ପଢ଼ାଇବାକୁ ଚାହିଁଲେ। ତା'ସହ ସ୍କୁଲ ଫି' ଲାଗି ପାଣ୍ଠି ସଂଗ୍ରହ ଆରମ୍ଭ କଲେ ନିଶିତା।

ନିଶିତା ଏ ନେଇ କୌଣସି ସଂଗଠନ ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର କିଛି ସଂସ୍ଥା ବି ନାହିଁ। ତେବେ ତାଙ୍କ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ଶିକ୍ଷିତ କରାଇବା। ଅନ୍ୟପଟେ ସେ ଚଳିତ ଜାନୁଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କିନ୍ତୁ ସେ ବାହାଘରରେ ଅଯଥା ଖର୍ଚ୍ଚ ନ କରି ସେହି ଟଙ୍କାକୁ ୨୫୧ ଝିଅଙ୍କ ସ୍କୁଲ ଫି' ପାଇଁ ଜମା କରିଛନ୍ତି। କେବଳ ଏତିକି ନୁହେଁ, ୨୧ ଝିଅଙ୍କ ନାଁରେ ୫ ହଜାର ଟଙ୍କାର ସ୍ଥାୟୀ ଜମା ମଧ୍ୟ କରିଛନ୍ତି।


ନିଶିତା ଏ କାମ ୧୧ ବର୍ଷ ତଳେ ୧୫୧ ପିଲାଙ୍କଠାରୁ ଆରମ୍ଭ କରିଥିଲେ। ଅବଶ୍ୟ ଏନେଇ ସେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରନ୍ତି। ଆଉ ସେବେଠୁ ଏଯାବତ୍ ୩୪,୫୦୦ କନ୍ୟାଙ୍କ ଲାଗି ୩ କୋଟି ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିସାରିଛନ୍ତି। ଏ କ୍ଷେତ୍ରରେ କିଏ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ତ ଆଉ କିଏ ମୁହଁକୁ ଚାହିଁ ନ ଥାନ୍ତି। ତେବେ ଯେଉଁମାନେ ବି ସାହାଯ୍ୟ କରିଛନ୍ତି, ସେମାନେ ଏଯାବତ୍ ତାଙ୍କ ସହ ଯୋଡ଼ି ହୋଇ ରହିଥିବା କହିଛନ୍ତି ନିଶିତା। ସେ ତାଙ୍କ ବାପା ଓ ମା'ଙ୍କୁ ନେଇ ଏ କାମ କରୁଛନ୍ତି। ତାଙ୍କ ମତରେ ମଣିଷ ନିଜ ପାଇଁ ସବୁକିଛି କରିପାରେ। କିନ୍ତୁ ଅନ୍ୟପାଇଁ କିଛି କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ।

## ସାମସନ୍‌ଙ୍କୁ ୧୨ ଲକ୍ଷ ଜରିମାନା



ଦୁବାଇ, ୨୨।୯ (ଏଜେନ୍ସି): ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ଜରିମାନା କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଦଳ ମନ୍ଥର ବୋଲିଂ କରିଥିବାରୁ ସାମସନଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ହୋଇଛି। ସାମସନଙ୍କ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର ପୂରଣ କରିପାରି ନ ଥିଲା। ତେବେ ଉକ୍ତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୨ ରନ୍‌ର ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ଶେଷ ଓଭରରେ ପଞ୍ଜାବକୁ ବିଜୟୀ ହେବାକୁ ମାତ୍ର ୪ ରନ୍ ଆବଶ୍ୟକ ହେଉଥିବାବେଳେ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ବୋଲିଂ କରିବାକୁ ଆସି ନିକୋଲାସ ପୁରନ ଓ ଦୀପକ ହୁଦାଙ୍କୁ ଆଉଟ୍ କରିବା ସହ ମାତ୍ର ଗୋଟିଏ ରନ୍ ଦେଇଥିଲେ। ଫଳରେ ପଂଜାବ ହାତରୁ ନିଶ୍ଚିତ ବିଜୟ ଛଡ଼ାଇ ଆଣିଥିଲା ରାଜସ୍ଥାନ।

## କୋଚ୍‌ଙ୍କୁ ଛାଡ଼ିଲେ ହାଲେପ



ବୁଚାରେଷ୍ଟ, ୨୨।୯ (ଏଜେନ୍ସି): ବିଶ୍ୱ ମାନ୍ୟତାର ପୂର୍ବତନ ଏକନମ୍ବର ଖେଳାଳି ରୋମାନିଆର ସିମୋନା ହାଲେପ ଓ କୋଚ୍ ଡାରେନ କାହିଲଙ୍କ ମଧ୍ୟରେ ବିଚ୍ଛେଦ ଘଟିଛି। ଉଭୟ ୬ ବର୍ଷ ଧରି କାମ କରୁଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ୨୯ ବର୍ଷୀୟ ହାଲେପ ୨୦୧୮ ଫ୍ରେଞ୍ଚ ଓପନ ଜିତ ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ତେବେ ଏହି ସିଜିନ ଶେଷରେ କାହିଲ ନିଜ ପରିବାର ସହ ଅଧିକ ସମୟ ଦେବାକୁ ଅଷ୍ଟ୍ରେଲିଆନ୍ କୋଚ୍ କାହିଲ ହାଲେପଙ୍କ ହାତ ଛାଡ଼ିଥିଲେ। ପରେ ୨୦୧୯ ଡବ୍ଲ୍ୟୁଟିଏ ଫାଇନାଲ୍ସ ପୂର୍ବରୁ ଉଭୟ ଏକତ୍ର ହୋଇଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ହାଲେପ ପ୍ରଥମ ତିନିବର୍ଷର ଦୁଇଟି ସିଜିନରେ ବିଶ୍ୱ ମାନ୍ୟତାର ଏକନମ୍ବର ଓ ୨୦୧୮ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ।

# ଶୀର୍ଷକୁ ଉଠିଲା ଦିଲ୍ଲୀ କ୍ୟାପିଟାଲ୍ସ

**ଦୁବାଇ, ୨୨।୯ (ଏଜେନ୍ସି)**

ଆଇପିଏଲ୍ ୧୪ତମ ସଂସ୍କରଣ ୩୩ତମ ମୁକାବିଲାରେ ବୁଧବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ପୂର୍ବରୁ ୧୪ତମ ସଂସ୍କରଣ ୨ୟ ପର୍ଯ୍ୟାୟର ପ୍ରଥମ କରୋନା କେସ୍ ସାମ୍ନାକୁ ଆସିଥିଲା। ହାଇଦରାବାଦ୍‌ର ଯୁବ ଦ୍ରୁତ ବୋଲର୍ ଟି. ନଟରାଜନଙ୍କ ରିପୋର୍ଟ କରୋନା ପଜିଟିଭ ବାହାରିଥିଲା। ଏହାସତ୍ତ୍ୱେ ମ୍ୟାଚ୍‌ରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୪ ରନ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଦୁଇ ଡାହାଣହାତୀ ଦ୍ରୁତ ବୋଲର କାଗିସୋ ରବାଡା ଓ ଏନ୍‌ରିଚ ନୋର୍ଜେ ପ୍ରଭାବୀ ବୋଲିଂ କରିଥିଲେ। ସେହିଭଳି ସ୍ପିନର ଅକ୍ଷର ପଟେଲ ମଧ୍ୟ ୨ଟି ୱିକେଟ୍ ନେଇ ହାଇଦରାବାଦ୍‌କୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ। ଜବାବରେ ୧୩୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୧୭.୫ ଓଭରରେ ଦୁଇଟି ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଶ୍ରେୟସ ଆୟାର ୪୭ ଓ ପନ୍ତ ୩୫ ରନ୍‌ର ଅପରାଜିତ ଇନିଂସ ଖେଳି ଦିଲ୍ଲୀକୁ ସହଜ ବିଜୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ପୃଥ୍ୱୀ ସ ୧୧ ଓ ଶିଖର ଧାୱନ ୪୨ ରନ କରି ଆଉଟ୍ ହୋଇଥିଲେ। ହାଇଦରାବାଦ ପକ୍ଷରୁ ଖଲିଲ ଅହମ୍ମଦ ଓ ରଦିଦ ଖାନ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ନୋର୍ଜେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏଥିସହ ୯ ମ୍ୟାଚ୍‌ରୁ ସପ୍ତମ ବିଜୟ ହାସଲ କରି ୧୪ ପଏଣ୍ଟ ସହ ଦିଲ୍ଲୀ ଟେବ୍‌ଲ ତାଲିକାର ଶୀର୍ଷକୁ ଉଠିଛି। ହାଇଦରାବାଦ ଅଷ୍ଟମ ମ୍ୟାଚ୍‌ରୁ ସପ୍ତମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଅଧିନାୟକ କେନ୍ ୱିଲିୟମସନ୍‌ଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଥିଲା। ଦଳ ଖାତା ଖୋଲିବା ପୂର୍ବରୁ ଦୁର୍ଦ୍ଧର୍ଷ ଓପନର୍ ଡେଭିଡ୍ ୱାର୍ଣ୍ଣରଙ୍କ ୱିକେଟ୍ ହରାଇଥିଲା। ଏନ୍‌ରିଚ୍ ନୋର୍ଜେ ଏହି ୱିକେଟ୍ ନେଇ ଦିଲ୍ଲୀକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ୱିକେଟ୍‌କିପର ଋଦ୍ଧିମାନ ଶାହ (୧୮ ରନ, ୧୭ ବଲ୍) ମଧ୍ୟ କ୍ରିଜରେ ସେଟ୍ ନେଇ ଆସୁଥିବାବେଳେ ରବାଦାଙ୍କ ବଲରେ ଶିଖର ଧାୱନଙ୍କ ହାତରେ କ୍ୟାଚ ହୋଇ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ଅଧିନାୟକ ୱିଲିୟମସନ୍ ଓ ମନୀଷ ପାଣ୍ଡେ ମଧ୍ୟ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇ ନେବାକୁ ପ୍ରଚେଷ୍ଟା କରିଥିଲେ। ଉଭୟ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରାଇବାରେ ବିଫଳ ହୋଇଥିଲେ। ମାତ୍ର ୨ଟି ବଲ୍ ଅନ୍ତରରେ ୱିଲିୟମସନ୍ (୧୮ ରନ) ଓ ପାଣ୍ଡେ (୧୭)ଙ୍କୁ ଆଉଟ୍ କରି ଦିଲ୍ଲୀ ବଡ଼ ସଫଳତା ପାଇଥିଲା। ତେବେ ମଧ୍ୟ-ନିମ୍ନକ୍ରମରେ ଅବଦୁଲ ସାମାଦ୍ ଓ ରସିଦ୍ ଖାନ୍ କିଛିଟା ଉଲ୍ଲେଖନୀୟ ପାଳି ଖେଳିବାରୁ ହାଇଦରାବାଦ୍ ୯ ୱିକେଟ୍‌ରେ ୧୩୪ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ସାମାଦ୍ ୨୮ ଓ ରସିଦ୍ ୨୨ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ରବାଡା ୩ଟି ଏବଂ ନୋର୍ଜେଓଅକ୍ଷର୨ଟିଲେଖାଏଁୱିକେଟ୍‌ନେଇଥିଲେ।

### ଆଜିର ମ୍ୟାଚ୍

ଆଇପିଏଲ୍ ୨୦୨୧

**ମୁମ୍ବଇ**
ବନାମ
**କୋଲକାତା**

ଭେନ୍ୟୁ-**ଆବୁଧାବି**
ଖେଳ ଆରମ୍ଭ-**ରାତି ୭ଟା ୩୦**
ପ୍ରସାରଣ- **ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
ଷ୍ଟ୍ରିମିଂ- **ଡିସ୍‌ନୀ ହଟ୍‌ଷ୍ଟାର**

### ଆଇପିଏଲ୍ ପଏଣ୍ଟ ଟେବ୍‌ଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ନେଟ୍ ରନ୍ |
|---|---|---|---|---|---|
| ଦିଲ୍ଲୀ | ୯ | ୭ | ୨ | ୧୪ | +୦.୬୧୩ |
| ଚେନ୍ନଇ | ୮ | ୬ | ୨ | ୧୨ | +୧.୨୨୩ |
| ବାଙ୍ଗାଲୋର | ୮ | ୫ | ୩ | ୧୦ | -୦.୭୦୬ |
| ମୁମ୍ବଇ | ୮ | ୪ | ୪ | ୮ | -୦.୦୭୧ |
| ରାଜସ୍ଥାନ | ୮ | ୪ | ୪ | ୮ | -୦.୧୫୪ |
| କୋଲକାତା | ୮ | ୩ | ୫ | ୬ | ୦.୧୧୦ |
| ପଞ୍ଜାବ | ୯ | ୩ | ୬ | ୬ | -୦.୩୪୫ |
| ହାଇଦରାବାଦ | ୮ | ୧ | ୭ | ୨ | -୦.୬୮୯ |

### ସଂକ୍ଷିପ୍ତ ସ୍କୋର

**ହାଇଦରାବାଦ୍: ୧୩୪/୯**, ୨୦ ଓଭର (ସମଦ୍-୨୮, ରସିଦ୍-୨୨, ୱିଲିୟମସନ୍-୧୮, ରିଦ୍ଧିମାନ-୧୮, ପାଣ୍ଡେ-୧୭, ରବାଡା-୩/୩୭, ନୋର୍ଜେ- ୨/୧୨)।
**ଦିଲ୍ଲୀ କ୍ୟାପିଟାଲ୍ସ: ୧୩୯/୨**, ୧୭.୫ ଓଭର (ଶିଖର-୪୨, ଶ୍ରେୟାସ ଆୟାର- ୪୭*, ପନ୍ତ-୩୫*, ପୃଥ୍ୱୀ ସ-୧୧, ଖଲିଲ ଅହମ୍ମଦ-୧/୩୩, ରସିଦ ଖାନ୍-୧/୨୬)।



## ଟି. ନଟରାଜନ୍ କରୋନା ଆକ୍ରାନ୍ତ



ଦୁବାଇ, ୨୨।୯(ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ସନରାଇଜର୍ସ ହାଇଦରାବାଦ୍ ପେସ୍ ବୋଲର ଟି. ନଟରାଜନ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କର କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ନଟରାଜନଙ୍କ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା। ତାହା ପଜିଟିଭ ଆସିଛି। ସେ ଏବେ ପୃଥକବାସରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ୫ଜଣ ସଦସ୍ୟ ମଧ୍ୟ ଆଇସୋଲେସନରେ ରହିଛନ୍ତି। ସେମାନେ ହେଲେ ବିଜୟ କୁମାର (ଟିମ୍ ମ୍ୟାନେଜର), ଜେ. ଶ୍ୟାମସୁନ୍ଦର (ଫିଜିଓଥେରାପିଷ୍ଟ), ଅଞ୍ଜନ ଭାନ୍ନନ (ଡାକ୍ତର), ତୁଷାର ଖେଦକର (ଲଜିଷ୍ଟିକ୍ସ ମ୍ୟାନେଜର) ଓ ପେରିୟାସାମି ଗଣେଶନ (ନେଟ୍ ବୋଲର)ଙ୍କ ବୁଧବାର କୋଭିଡ୍ ଟେଷ୍ଟ କରାଯାଇଥିଲେ ହେଁ ଏହା ନେଗେଟିଭ ଆସିଛି। ପୂର୍ବରୁ କରୋନାଜନିତ ମାମଲା ଲାଗି ଚଳିତ ୧୪ତମ ସଂସ୍କରଣ ମେ ମାସରେ ଅଧାରୁ ସ୍ଥଗିତ କରିଦିଆଯାଇଥିଲା।

## ଜାତୀୟ ଜୁନିଅର ଖୋ ଖୋ ଉଦ୍‌ଘାଟିତ

# ଓଡ଼ିଶା ବାଳକ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୯ (ସମିସ)**

ଓଡ଼ିଶା ଖୋ ଖୋ ଆସୋସିଏସନ୍ ଆସୋସିଏସନ୍, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବୁଧବାର ୪୦ତମ ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ତଥା ଅଲିମ୍ପିଆନ୍ ଦିଲ୍ଲୀପ୍ ତିର୍କୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର କମ୍ପ୍ଲେକ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଖୋ ଖୋ ମହାସଂଘର ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ୍‌ର ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳକ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା (୨୮) ୨୨ ପଏଣ୍ଟରେ ମଧ୍ୟପ୍ରଦେଶ (୬)କୁ ପରାସ୍ତ କରିଛି। ବାଳକ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ପୁଡୁଚେରୀ ୯ ପଏଣ୍ଟରେ ହିମାଚଳପ୍ରଦେଶକୁ, ମହାରାଷ୍ଟ୍ର ୨୬ ପଏଣ୍ଟରେ ନାଗାଲାଣ୍ଡକୁ, ଆନ୍ଧ୍ରପ୍ରଦେଶ ୧୨ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ରାଜସ୍ଥାନ ୭ ପଏଣ୍ଟରେ ଉତ୍ତରାଖଣ୍ଡକୁ, କେରଳ ୨୧ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଝାଡ଼ଖଣ୍ଡ ୨୬ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୨୩ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ପଞ୍ଜାବ ୩୪ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଉତ୍ତରାଖଣ୍ଡ ୭ ପଏଣ୍ଟରେ ବିହାରକୁ, ତେଲେଙ୍ଗାନା ୨ ପଏଣ୍ଟରେ ଆସାମକୁ ମାତ୍ ଦେଇଛି। ଏହି ୫ ଦିନିଆ ପ୍ରତିଯୋଗିତାରେ ୫୩ ଟିମ୍ (ବାଳକ ଓ ବାଳିକା)ର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ଗ୍ରୁପ୍-ଡି'ରେ କର୍ଣ୍ଣାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହ ସ୍ଥାନ ପାଇଛି। ସେହିଭଳି ଆନ୍ଧ୍ରପ୍ରଦେଶ, ମଣିପୁର, ଜାମ୍ମୁ ଆଣ୍ଡ କଶ୍ମୀର ସହ ଓଡ଼ିଶା ବାଳିକା ଦଳ ଗ୍ରୁପ୍-ଇ'ରେ ରହିଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଆସନ୍ତାବର୍ଷ ହରିୟାଣାର ପଞ୍ଚକୁଲାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଜଣାପଡ଼ିଛି।







ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ। ବାଳିକା ବିଭାଗର ଏକ ମ୍ୟାଚ୍‌ର ରୋମାଞ୍ଚକ ଦୃଶ୍ୟ

## ଅଡୁଆରେ ମାର୍ଲନ ସାମୁଏଲ୍ସ



ଦୁବାଇ, ୨୨।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ପ୍ରାକ୍ତନ ଅଲ୍‌ରାଉଣ୍ଡର ମାର୍ଲନ ସାମୁଏଲ୍ସଙ୍କ ଉପରେ ଗମ୍ଭୀର ଆରୋପ ଲାଗିଛି। ରିପୋର୍ଟ ମୁତାବକ ଏକ ଟି-୧୦ ଲିଗ୍ ସମୟରେ ସାମୁଏଲ୍ସ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଯାହାର ସୂଚନା ସେ ସଠିକ୍ ସମୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିକୁ ଅବଗତ କରି ନ ଥିଲେ। ଯେଉଁଥି ପାଇଁ ସେ ଆଇସିସିର ଦୁର୍ନିତୀ ନିବାରଣ ନିୟମର ଧାରା ୨.୪.୨, ୨.୪.୩, ୨.୪.୬ ଉଲ୍ଲଂଘନ କରିଛନ୍ତି। ଅଭିଯୋଗର ଜବାବ ଦେବା ଲାଗି ଆଇସିସି ତାଙ୍କୁ ୧୪ ଦିନର ସମୟ ଦେଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ସାମୁଏଲ୍ସ ୱେଷ୍ଟଇଣ୍ଡିଜ ପକ୍ଷରୁ ୭୧ ଟେଷ୍ଟ, ୨୦୭ ଏକଦିବସୀୟ ଓ ୬୭ ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମୋଟ୍ ଉପରେ ୧୧ ହଜାର ୧୩୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ତାଙ୍କ ନାମରେ ୧୫୨ ୱିକେଟ୍ ଲିପିବଦ୍ଧ ରହିଛି। ୨୦୧୮ରେ ସାମୁଏଲ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

MAHAVIR COLLEGE OF NURSING
Recognised by: Health & Family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED:
1. ANM- 2 Yrs (+2 any Stream), 2. GNM- 3 Yrs. (+2 any Stream)
3. DMLT- 2 Yrs. (+2 Science), 4. B.Sc Nursing- 4 Yrs. (+2 Science-PCB)
5. Diabetes Assistant- 1 Yr. (+2 Any Stream)
6. Dental Assistant- 1 Yr. (+2 any Stream)
100% Placement | Spot Admission | Hostel Facility Available
Address & Contact
Campus1: Mahapatra Complex, Gobindpali Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No.: 9937292549 | 9937578179 | 898491095 | 9692675005
Mail: mahavircollegeofnursing@gmail.com | mahavirschoolofnursing@gmail.com
Website: www.mahavircollegeofnursing.org

# ରୌପ୍ୟ ବିଜୟୀ ଭାରତୀୟ ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୨।୯ (ସମିସ)**

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ବୁଧବାର ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଭାରତୀୟ ରଗ୍‌ବୀର ସହପ୍ରାୟୋଜକ ରହିଥିବା ଓଡ଼ିଶା ସରକାରଙ୍କ ସମେତ ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟ ମହିଳା ରଗ୍‌ବୀ ଦଳର ଖେଳାଳିଙ୍କ ସମେତ ସହାୟକ ଷ୍ଟାଫ୍‌ଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ଅବସରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଭାରତୀୟ ଦଳର ସଫଳତାକୁ ନେଇ ପ୍ରଶଂସା କରିଛନ୍ତି।

ଲୋକସେବା ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଂସଦ ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ବିକ୍ରମ ଆହୁଜା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଦସ୍ୟ ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। 'ଭାରତୀୟ ଦଳ ପ୍ରଦର୍ଶନ ଆମ ସମସ୍ତଙ୍କୁ ଗର୍ବିତ କରିଛି। ଏତେ କମ୍ ବୟସରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ପ୍ରଶଂସା କରୁଛି। ଏହି ପ୍ରଦର୍ଶନ ସେମାନଙ୍କୁ ପରବର୍ତ୍ତୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସହାୟକ କରିବା ଲାଗି ଏକ ସୁଯୋଗ। ସବୁଥର ଭଳି ଓଡ଼ିଶା ରଗ୍‌ବୀ ଦଳର ଯାତ୍ରାରେ ସମର୍ଥନ ଜାରି ରଖିବ' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ କହିଛନ୍ତି।

ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

### ୧୫ ଲକ୍ଷ ପୁରସ୍କାର





ସକାଳ THE SAKALA
SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15
ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।
BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT ASHIRBAD PRAKASHAN PVT. LTD., PLOT- 45, SEC.-A, ZONE-D, M.I. ESTATE, P.O-RASULGARH, BHUBANESWAR-10
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର